# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ସ୍ୱସ୍ତି ନିବାସର ଭୂମିପୂଜନ କଲେ | ୬



କଲାମଙ୍କ ଚରିତ୍ରରେ ଅଭିନୟ କରିବେ ଧନୁଷ | ୮


RNI Regd. No.ORI ORI 2004/12956  Postal Regd. No. BN/294/21-232  Published Simultaneously from Bhubaneswar, Angul & Berhampur.  www.odishabhaskar.com

ଦ୍ୱାବିଂଶତମ ବର୍ଷ  ସଂଖ୍ୟା-୫୬  Vol. 22  No-56  27 MAY 2025 TUESDAY, BHUBANESWAR  ମଙ୍ଗଳବାର, ୨୭ ମଇ ୨୦୨୫  ପୃଷ୍ଠା-୮  ମୂଲ୍ୟ: ୭.୦୦


## ଆମେରିକାର ଗୁଇନ୍ଦା ରିପୋର୍ଟ

# ଭାରତ ପାଇଁ ବଡ଼ ବିପଦ ଚୀନ୍



**ଚୀନ୍‌ର ବିସ୍ତାରବାଦ ନୀତି ଭାରତ ପାଇଁ ଚାଲେଞ୍ଜ**

**ସାମରିକ ସାମର୍ଥ୍ୟ ବୃଦ୍ଧି ଉପରେ ଭାରତର ଗୁରୁତ୍ୱ**

**ତିନି ରାଷ୍ଟ୍ରରେ ପିଏଲଜିର ସାମରିକ ଘାଟି ସ୍ଥାପନ ଉଦ୍ୟମ**



ନୂଆଦିଲ୍ଲୀ, ୨୬।୫: ଚୀନ୍‌ର ବିସ୍ତାରବାଦ ନୀତି ଏବଂ ଭାରତ ପ୍ରତି ରଣନୈତିକ ଚାଲେଞ୍ଜକୁ ନେଇ ଆମେରିକାର ଗୁଇନ୍ଦା ରିପୋର୍ଟ ପ୍ରକାଶ ପାଇବା ପରେ ପୁଣିଥରେ ଚିନ୍ତାପ୍ରକଟ କରାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିରକ୍ଷା ନୀତି ଭାରତର ବୈଶ୍ୱିକ ନେତୃତ୍ୱକୁ ସୁଦୃଢ କରିବା, ଚୀନ୍‌ର ମୁକାବିଲା କରିବା ଏବଂ ଭାରତର ସାମରିକ ସାମର୍ଥ୍ୟ ଉପରେ ଗୁରୁତ୍ୱ ଦେଉଛି। ଭାରତ ଚୀନ୍‌କୁ ନିଜର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିବେଚନା କରୁଥିବାବେଳେ ଚୀନର ବିସ୍ତାରବାଦ ନୀତି ଭାରତ ପାଇଁ ବଡ଼ଧରଣର ଚାଲେଞ୍ଜ ସୃଷ୍ଟି କରିଛି। ଏହି ଗୁଇନ୍ଦା ରିପୋର୍ଟରେ ମିଆଁମାର, ପାକିସ୍ତାନ ଏବଂ ଶ୍ରୀଲଙ୍କାଭଳି ଦେଶରେ ଚୀନ୍ ନିଜର ପିପୁଲ୍ସ ଲିବରେସନ ଆର୍ମିର ସାମରିକ ଘାଟି ସ୍ଥାପନ ପାଇଁ ଯୋଜନା କରୁଛି। ଯଦି ଏପରିକିଛି ଚୀନ୍ କରେ ତେବେ ଏହା ଭାରତ ପାଇଁ ଗମ୍ଭୀର ରଣନୈତିକ ବିପଦ ପାଲଟିବ। ଏହି ଦେଶଗୁଡ଼ିକ ଭାରତର ପ୍ରତ୍ୟକ୍ଷ ସମୁଦ୍ର ଓ ସ୍ଥଳସୀମା ନିକଟରେ ରହୁଛନ୍ତି। ଚୀନ ଭାରତ ମହାସାଗରରେ ନିଜର ପ୍ରଭାବ ବୃଦ୍ଧି କରିବାକୁ ଯୋଜନା କରିଛି। ସାମରିକ ଅଭ୍ୟାସ, ପ୍ରଶିକ୍ଷଣ, ଅସ୍ତ୍ରଶସ୍ତ୍ର ବିକ୍ରୟ ଏବଂ ସୂଚନା ଆଦାନ ପ୍ରଦାନ ସମେତ ଚୀନ୍‌ର ପ୍ରଭାବକୁ ସନ୍ତୁଳିତ କରିବା ଏବଂ ନିଜର ବିଶ୍ୱସ୍ତରୀୟ ନେତୃତ୍ୱ ଭୂମିକାକୁ ସୁଦୃଢ ପାଇଁ ଭାରତ ଅହରହ ପ୍ରୟାସ ଜାରି ରଖିଥିବାବେଳେ ଚୀନ୍‌ର ଶକ୍ତି ଓ ସାମର୍ଥ୍ୟ ଭାରତ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ୨୦୨୪ ଅକ୍ଟୋବର ଶେଷ ଭାବରେ ଭାରତ ଏବଂ ଚୀନ୍ ପୂର୍ବ ଲଦାଖରେ ପ୍ରକୃତ ନିୟନ୍ତ୍ରଣ ରେଖାର ଦୁଇଟି ବିବାଦୀୟ ଅଞ୍ଚଳରୁ ହଟିବାକୁ ରାଜି ହୋଇଥିଲେ। ଯଦିଓ ଏହି ପଦକ୍ଷେପ ଦ୍ୱାରା ସୀମାରେ ଉତ୍ତେଜନା କିଛିମାତ୍ରାରେ ହ୍ରାସ ପାଇଛି ତେବେ ବିବାଦର ସଂପୂର୍ଣ୍ଣ ସମାଧାନ ହୋଇପାରି ନାହିଁ। ସୂଚନାଯୋଗ୍ୟ ଯେ ୨୦୨୦ରେ ଗଲୱାନ ଅଞ୍ଚଳରେ ଦୁଇ ସେନାଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଚଳିତବର୍ଷ ଏପ୍ରିଲ ୨୨ରେ ଜାମ୍ମୁକାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ଭିତରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏହାବ୍ୟତୀତ ସୀମାରେ ମଧ୍ୟ ପ୍ରବଳ ଗୁଳି ବିନିମୟ ହୋଇଥିଲା। ପରେ ଉଭୟପକ୍ଷ • ପୃଷ୍ଠା ୫ ଦେଖନ୍ତୁ

## ପାକିସ୍ତାନକୁ ମୋଦୀଙ୍କ ଚେତାବନୀ

# ମା' ଭଉଣୀଙ୍କ ସିନ୍ଦୂର ପୋଛିଲେ ବିନାଶ ନିଶ୍ଚିତ



ଗାନ୍ଧୀନଗର, ୨୬।୫: ଆଜି ଦେଶ ହତାଶାରୁ ବାହାରି ଆସିଛି। ଆତ୍ମବିଶ୍ୱାସର ଆଲୋକରେ ତ୍ରିରଙ୍ଗା ଉତ୍ତୋଳନ କରୁଛି। ଏହାସହ ପାକ୍ ତାଲିମପ୍ରାପ୍ତ ଆତଙ୍କବାଦୀଙ୍କୁ ଚେତାବନୀ ଦେଇ ମୋଦୀ କହିଛନ୍ତି ଯେ ଯିଏ ଆମର ମା' ଭଉଣୀଙ୍କ ସିନ୍ଦୂର ପୋଛିବାକୁ ଚେଷ୍ଟା କରିବ ସେ ନିଶ୍ଚିତ ଭାବରେ ବିନାଶ ହେବ। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ଦାହୋଦରେ ବହୁ ପ୍ରକଳ୍ପର ଉଦ୍‌ଘାଟନ କରିବା ପରେ ଆୟୋଜିତ ଏକ ସାଧାରଣ ସଭାରେ ଏହି ମନ୍ତବ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜାମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ କ'ଣ କଲେ ତାହା ଆପଣମାନେ ଚିନ୍ତା କରନ୍ତୁ। ଏ କ୍ଷେତ୍ରରେ ଭାରତ କିମ୍ବା ପ୍ରଧାନମନ୍ତ୍ରୀ କ'ଣ ଚୁପ୍ ରହିପାରିବେ କି ବୋଲି ସେ ପ୍ରଶ୍ନ କରିଥିଲେ। ଯଦି ଆମ ମା ଭଉଣୀଙ୍କର ସିନ୍ଦୂର ପୋଛିବାକୁ କେହି ଅପଚେଷ୍ଟା କରନ୍ତି ତେବେ ତାଙ୍କୁ ପୋଛିଦେବା ନିଶ୍ଚିତ। ଅପରେସନ ସିନ୍ଦୂର କେବଳ ଏକ କାର୍ଯ୍ୟାନୁଷ୍ଠାନ ନୁହେଁ, ଏହା ଆମ ଭାରତର ମୂଲ୍ୟବୋଧ ଏବଂ ଆମ ଭାବନାର ପରିପ୍ରକାଶ। ଆତଙ୍କବାଦୀମାନେ ୧୪୦ କୋଟି ଭାରତୀୟଙ୍କୁ ଚାଲେଞ୍ଜ କରିଥିଲେ। ଆମେ ଏହାର ଉଚିତ ଜବାବ ଦେଇଛୁ। ଯେଉଁମାନେ ଆତଙ୍କବାଦ ବିସ୍ତାର କରୁଥିଲେ, ସେମାନେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିଲେ ଯେ ମୋଦୀଙ୍କ ସହ ଲଢିବା ଏତେ କଷ୍ଟକର। ସେମାନେ ୨୨ ତାରିଖରେ ଯେଉଁ ଖେଳ କରିଥିଲେ, ଆମେ ତାକୁ ବିଫଳ କରିଛୁ। ଆମର ସେନା ପାକିସ୍ତାନ ସେନାଙ୍କୁ ପରାସ୍ତ କରିଛି। ଦେଶର ସେନାର ଏହି ସାହସକୁ ଆମେ ସମସ୍ତେ ସଲାମ କରୁଛୁ ବୋଲି ସେ କହିବା ସହ କହିଥିଲେ, ପଡ଼ୋଶୀ ଦେଶର ଏକମାତ୍ର କାମ ହେଉଛି ଭାରତ ପ୍ରତି ଶତ୍ରୁତା। ଦେଶର ପ୍ରଗତି ପାଇଁ ଯାହା ଆବଶ୍ୟକ ଆମେ ତାହାକୁ ଭାରତରେ ହିଁ ତିଆରି କରିବା ଉଚିତ। ଏହା ସମୟର ଆବଶ୍ୟକତା। ଆଜି ଆମେ ଖେଳଣାଠାରୁ ଆରମ୍ଭ କରି ସାମରିକ ଅସ୍ତ୍ରଶସ୍ତ୍ର ପର୍ଯ୍ୟନ୍ତ ସବୁକିଛି ବିଶ୍ୱର ବିଭିନ୍ନ ଦେଶକୁ ରପ୍ତାନୀ କରୁଛୁ। ଆଜି ହେଉଛି ମଇ ୨୬ ତାରିଖ। ୨୦୧୪ ମସିହାର ଏହି ଦିନରେ ମୁଁ ପ୍ରଥମ ଥରପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲି। ଗୁଜରାଟବାସୀ ମୋତେ ପ୍ରଚୁର ଆଶୀର୍ବାଦ ଦେଇଛନ୍ତି। ତେଣୁ ଆଜି ଆମେ ଦେଶବାସୀଙ୍କ ସେବାରେ ନିୟୋଜିତ ହୋଇପାରିଛୁ। ଆପଣମାନଙ୍କ ଯୋଗୁ ଆମେ ଦେଶରେ ଅନେକ ବଡ଼ ନିଷ୍ପତ୍ତି ନେଇଛୁ। ଦେଶ ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି କରୁଛି ବୋଲି ମୋଦୀ କହିଥିଲେ।

## ସଂକ୍ଷେପରେ...

### ଡିଆରଡିଓ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ବର୍ଷେ ବୃଦ୍ଧି

ନୂଆଦିଲ୍ଲୀ, ୨୬।୫: ଡିଆରଡିଓ ଅଧ୍ୟକ୍ଷ ଡକ୍ଟର ସମୀର ଭି କାମାଥଙ୍କ କାର୍ଯ୍ୟକାଳ ଏକବର୍ଷ ବୃଦ୍ଧି କରାଯାଇଛି। ଏହି ବୃଦ୍ଧିକୁ କ୍ୟାବିନେଟ ଆପଏଣ୍ଟମେଣ୍ଟ କମିଟି ମଞ୍ଜୁରି ଦେଇଛି। ଫଳରେ ଶ୍ରୀ କାମାଥ ଆଉ ଏକବର୍ଷ ତାଙ୍କ ପଦବୀରେ ରହିବେ।

### ବିଦ୍ୟୁତ ଆଘାତରେ ମା-ପୁଅ ମୃତ

ଭବାନୀପାଟଣା, ୨୬।୫(ଭାସ୍କର ନ୍ୟୁଜ): ସୋମବାର ଅପରାହ୍ନରେ କଳାହାଣ୍ଡି ଜିଲ୍ଲା ବିଜେପୁର ଥାନା ପୋଇଗୁଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଘର ଭିତରେ ଛିଣ୍ଡିପଡ଼ିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୭ ବର୍ଷର ପୁଅ ସହ ମାଆ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ୧୪ ଦିନିଆ ନ୍ୟାୟିକ ହେପାଜତରେ ଜ୍ୟୋତି

ହିସାର, ୨୬।୫: ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତିକରି ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ହିସାରର ଏକ କୋର୍ଟ ୧୪ ଦିନପାଇଁ ନ୍ୟାୟିକ ହେପାଜତକୁ ପଠାଇଛନ୍ତି। ୫ ଦିନିଆ ରିମାଣ୍ଡ ଶେଷ ହେବାପରେ ତାଙ୍କୁ ଅଦାଲତରେ ହାଜର କରାଯାଇଥିଲା। ଜ୍ୟୋତି ସହ ୧୨ଜଣଙ୍କୁ ମଧ୍ୟ ପଞ୍ଜାବ, ହରିଆଣା ଓ ଉତ୍ତରପ୍ରଦେଶରୁ ଗିରଫ କରାଯାଇଛି।

### ବଜ୍ରପାତରେ ୨ ମୃତ

ମାହାଙ୍ଗା, ୨୬।୫(ଭାସ୍କର ନ୍ୟୁଜ): ସୋମବାର ଅପରାହ୍ନରେ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ବଜ୍ରାଘାତରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

ସେନ୍‌ସେକ୍ସ: ୮୨,୧୭୬.୪୫

ସର୍ବାଧିକ: ୩୩.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

**୨୬।୫।୨୦୨୫ ର ମତାମତ**

ସରକାରଙ୍କ ସମସ୍ତ ଉଦ୍ୟମ ଫଳରେ ଚଳିତବର୍ଷର ରଥଯାତ୍ରା ଶାନ୍ତିପୂର୍ଣ୍ଣ ହେବ କି?

| ହଁ | ନା |
|---|---|
| ୭୫% | ୨୫% |

**ଆଜିର ପ୍ରସଙ୍ଗ**

ଓଡ଼ିଶାର ମନ୍ଦିରଗୁଡ଼ିକରେ ଅଣହିନ୍ଦୁଙ୍କ ପ୍ରବେଶକୁ ରୋକାଯାଇ ପାରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ୮ ରାଜ୍ୟସଭା ଆସନରେ ନିର୍ବାଚନ ପାଇଁ ତାରିଖ ଘୋଷଣା


# ଜୁନ୍ ୧୯ରେ ମତଦାନ




ନୂଆଦିଲ୍ଲୀ, ୨୬।୫: ରାଜ୍ୟସଭାର ୮ଟି ଆସନ ନିମନ୍ତେ ଦ୍ୱିବାର୍ଷିକ ନିର୍ବାଚନର ତାରିଖ ସୋମବାର ଘୋଷଣା ହୋଇଛି। ଆସାମର ୨ ଏବଂ ତାମିଲନାଡୁର ୬ ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ଜୁନ୍ ଓ ଜୁଲାଇରେ ସମାପ୍ତ ହେଉଥିବାରୁ ଏହି ନିର୍ବାଚନ ତାରିଖ ଘୋଷଣା କରାଯାଇଛି। ଆସନ୍ତା ଜୁନ୍ ୧୯ରେ ମତଦାନ ଅନୁଷ୍ଠିତ ହେବ। ଜୁନ୍ ୨ ତାରିଖରେ ଅଧିସୂଚନା ଜାରି କରାଯିବ। ୯ ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ। ଜୁନ୍ ୧୦ ପ୍ରାର୍ଥିପତ୍ର ଯାଞ୍ଚ, ୧୨ ପ୍ରାର୍ଥିପତ୍ର ପ୍ରତ୍ୟାହାରର ତାରିଖ ରଖାଯାଇଛି। ଜୁନ୍ ୧୯ ତାରିଖ ଅପରାହ୍ନ ୫ଟାରେ ଭୋଟଗଣତି କରାଯିବ। ଖାଲି • ପୃଷ୍ଠା ୫ ଦେଖନ୍ତୁ

## ଆଇଏମ୍‌ଡିର ସୂଚନା

# ସଅଳ ଓଡ଼ିଶା ଛୁଇଁବ ମୌସୁମୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୬।୫ (ବ୍ୟୁରୋ): ଓଡ଼ିଶାରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ। ଓଡ଼ିଶାରେ ଏଥିପୂର୍ବରୁ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ସାଧାରଣତଃ ଓଡ଼ିଶାରେ ମୌସୁମୀ ଜୁନ୍ ୧୨ରୁ ୧୪ ଭିତରେ ପ୍ରବେଶ କରିଥାଏ। କିନ୍ତୁ ଚଳିତବର୍ଷ ଏହା ଖୁବ୍‌ଶୀଘ୍ର ଆସିବ। ଓଡ଼ିଶାରେ ଏବେ ପ୍ରାକ୍ ମୌସୁମୀ ଓ ତା ସହ ଲଘୁଚାପ ଯୋଗୁ ବର୍ଷା ଜାରି ରହିଛି। ଖୁବ୍‌ଶୀଘ୍ର ଓଡ଼ିଶାରେ ମୌସୁମୀ ପ୍ରବେଶ ପାଇଁ ପାଗ ଅନୁକୂଳ ହେବ ବୋଲି ସୋମବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉକି ସୋମବାର ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୬ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ପଶ୍ଚିମ କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ଭଲ ଧରଣର ବର୍ଷା ଲାଗି ରହିବ। କିଛି ସ୍ଥାନରେ ଭାରିବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ବିଭାଗ • ପୃଷ୍ଠା ୫ ଦେଖନ୍ତୁ

## ଭୁଶୁଡ଼ିଲା ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ୍ ଟନେଲ୍



ବୌଦ୍ଧ/ଭୁବନେଶ୍ୱର, ୨୬।୫(ଭାସ୍କର ନ୍ୟୁଜ): ସୋମବାର ଅପରାହ୍ନରେ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନରେ ନିର୍ମାଣ କରାଯାଉଥିବା ଏକ ଟନେଲ ଭୁଶୁଡ଼ି ପଡ଼ିଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡେଣିଗଡ଼ ପଞ୍ଚାୟତ କଖାରୁଫାଳ ନିକଟ ଜଙ୍ଗଲ ଭିତରେ ଏହି ଅଘଟଣ ଘଟିଛି। ଏଥିରେ ରେଳବାଇର ଏକ ବଡ଼ ଧରଣର କ୍ଷତି ହୋଇଛି। ତେବେ ଏଥିରେ କୌଣସି ଧନଜୀବନ ହାନୀ ଘଟିନାହିଁ। ୪ କିଲୋମିଟର ବିଶିଷ୍ଟ ଅଡେଣିଗଡ଼ ନିକଟରେ କୌଣସି କାରଣରୁ ଭୁଶୁଡ଼ି ପଡ଼ିଥିବାବେଳେ ସେଠାରେ ଏକ ୩୦ ମିଟରର ଗର୍ତ୍ତ ହୋଇଛି। ଏହି ରେଳ ପ୍ରକଳ୍ପ ଉପରେ ବଲାଙ୍ଗୀର, ସୁବର୍ଣ୍ଣପୁର, • ପୃଷ୍ଠା ୫ ଦେଖନ୍ତୁ

**ଏସ୍‌ଓପି ଠିକ୍‌ଭାବେ ପାଳନ ହୋଇନଥିବା ଅଭିଯୋଗ ଆଣିଲେ ଭକ୍ତ**

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସୂଚନା

# ରଥ ଉପରକୁ ମୋବାଇଲ ନେଲେ ଫୌଜଦାରୀ ମାମଲା

ପୁରୀ, ୨୬।୫(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଆଉମାତ୍ର ମାସେ ବାକି। ଚଳିତବର୍ଷ ଘୋଷଯାତ୍ରାକୁ ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ନିଯୋଗ ସହ ସମନ୍ୱୟ ରକ୍ଷାକରି କାମ କରୁଥିବାବେଳେ ରଥଯାତ୍ରା ସମୟରେ ନୀତିକାନ୍ତି ଶୃଙ୍ଖଳିତ କରିବାକୁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ କହିଛନ୍ତି। ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ଶ୍ରୀ ପାଢୀ ସୂଚନାଦେଇ କହିଥିଲେ ଯେ ଘୋଷଯାତ୍ରାବେଳେ ଅଣ ସେବାୟତମାନେ ରଥ ଉପରକୁ ଚଢି ପାରିବେ ନାହିଁ। କୌଣସି ଅନଧିକୃତ କାର୍ଯ୍ୟକଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ବ୍ୟକ୍ତି ରଥ ଉପରକୁ ମୋବାଇଲ ଫୋନ ନେଲେ ଫୋନ ଜବତ କରାଯିବା ସହ ସେମାନଙ୍କ ବିରୁଦ୍ଧରେ • ପୃଷ୍ଠା ୫ ଦେଖନ୍ତୁ



## ଦୀଘାରୁ ହଟୁ 'ଧାମ': ଗଜପତି ମହାରାଜା

ପୁରୀ, ୨୬।୫(ଭାସ୍କର ନ୍ୟୁଜ): ଦୀଘା ଜଗନ୍ନାଥ ଧାମ ନାମକରଣ ପରମ୍ପରା ବିରୁଦ୍ଧ। ଶ୍ରୀମନ୍ଦିର ପରିଚାଳନା କମିଟିର ଉଚ୍ଚସ୍ତରୀୟ ବୈଠକ ପରେ ପ୍ରତିକ୍ରିୟା ରଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସେ କହିଛନ୍ତି, ଜଗନ୍ନାଥ ଧାମ କହିଲେ କେବଳ ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ରକୁ ବୁଝାଏ। ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଏଭଳି ନାମକରଣକୁ ନେଇ ଆମେ ଆଶ୍ଚର୍ଯ୍ୟ ଚକିତ। ଗଜପତି କହିଥିଲେ, ବିଶ୍ୱରେ ଅନେକ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଛି। କିନ୍ତୁ ଏଭଳି ନାମକରଣ କେହି କରିନାହାନ୍ତି। କେବଳ ଶ୍ରୀକ୍ଷେତ୍ର ପୁରୀ ହେଉଛି ଜଗନ୍ନାଥ ଧାମ ବୋଲି ପୂର୍ବରୁ ମୁଁ ଓ ଜଗଦ୍‌ଗୁରୁ କହିସାରିଛୁ। ପଶ୍ଚିମବଙ୍ଗ ସରକାରଙ୍କ ନିର୍ଦ୍ଦେଶରେ ହିଁ ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣ କରାଯାଇଛି। ଜଗନ୍ନାଥ ଧାମ ଶବ୍ଦ ଯେଭଳି ତୁରନ୍ତ ଦୀଘା ମନ୍ଦିରରୁ ହଟିବ ସେ ନେଇ ରାଜ୍ୟ ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ଚିଠିଲେଖି ଅବଗତ କରାଇଛନ୍ତି। ସେ ଆହୁରି • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



କରୋନା ଆସୁଛି ଶୁଣିଲା ବେଳଠୁଁ
ଲାଗିଲାଣି ଭାରି ଡର,
ଏବେଠୁଁ ସତର୍କ ନ ହୋଇବା ଯଦି
ଦହଗଞ୍ଜ ହେବା ସାର ।
ପୁଣି ୱାର୍କ ଫ୍ରମ୍ ଘର,
ପୁଣି ଆଉଥରେ ଡିଷ୍ଟାନ୍ସ ମେଣ୍ଟେନ
ସାନିଟାଇଜେସନ କର !






ଫୁଲନଖରା (ଭାସ୍କର ନ୍ୟୁଜ) : କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଠାରେ ସ୍ଥିତ ରିଜୋନାଲ୍ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅଭିଭାବକମାନେ ଯୋଗଦେଇ ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଚଳିତବର୍ଷ ବିଦ୍ୟାଳୟର ଟପ୍ପର ଇତିଶ୍ରୀ ସାହୁ ୫୪୯ ମାର୍କ ରଖିଥିବା ସ୍ଥଳେ, ଦ୍ୱିତୀୟ ସ୍ଥାନରେ ଦିବ୍ୟଜିତ ମୁଦୁଲି ୫୪୮ ଓ ତୃତୀୟ ସ୍ଥାନରେ ୫୪୨ ନମ୍ବର ରଖି ଲିଜା ରାଣୀ ଶତପଥି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟରେ ୮୨.୮% ଛାତ୍ରୀ ଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ, ଦ୍ୱିତୀୟ ଶ୍ରେଣୀରେ ୧୭% ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ନାୟକ ଛାତ୍ରୀ ଛାତ୍ର ମାନଙ୍କର ଆଗାମୀ ସମୟର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଦୀପ୍ତା ମୁଲିଆ, ଅଧ୍ୟାପକ ସ୍ୱରାଜ କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କୁ ନୂତନ ମାର୍ଗ ବିଷୟରେ ପରିଦର୍ଶନ କରାଇଥିବାବେଳେ ବିଦ୍ୟାଳୟର ଅଧକ୍ଷ ଧନେଶ୍ୱର ବେହେରା ପରିଚାଳନା କରିଥିଲେ। ଅଧ୍ୟାପକ କେଶବ ଚନ୍ଦ୍ର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟପୁର ସହରରୁ ହଟିଲା ବେନିୟମ ବିଜ୍ଞାପନ ପୋଷ୍ଟର



କୋରାପୁଟ, (ଭାସ୍କର ନ୍ୟୁଜ) ଜୟପୁର ସହର ମଧ୍ୟରେ ବେନିୟମ ଭାବେ ଲାଗିଥିବା ବିଜ୍ଞାପନ ପୋଷ୍ଟର ଗୁଡ଼ିକୁ ପୌର ପ୍ରଶାସନ ତରଫରୁ ହଟାଇ ଦିଆଯାଇଛି। ଜୟପୁର ଉପ ଜିଲ୍ଲାପାଳ ତଥା ଜୟପୁର ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆକବରାମ ସସ୍ୟା ରେଡ୍ଡିଙ୍କ ଉପସ୍ଥିତିରେ ବିଜ୍ଞାପନ ପୋଷ୍ଟର ଗୁଡ଼ିକୁ ହଟାଇ ଦିଆଯାଇଛି। ଚଳିତ ବର୍ଷ ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ସରକାରଙ୍କ ନିୟମକୁ ଉଲ୍ଲଘନ କରି ସରକାରୀ ସ୍ଥାନ ଏବଂ ସର୍ବସାଧାରଣଙ୍କ ଘରର କାନ୍ଥ ବାଡ ସହିତ ବିଦ୍ୟୁତ ଖୁଣ୍ଟରେ ମଧ୍ୟ ପୋଷ୍ଟର ଏବଂ ହୋଡିଂ ମାରିବାକୁ ପଛେଇ ନାହାନ୍ତି। ନିଜ ପ୍ରଚାର ପ୍ରସାର ନିମନ୍ତେ ମନ ଇଚ୍ଛା ବିଭିନ୍ନ ସ୍ଥାନରେ ନିଜ ଅନୁଷ୍ଠାନର ପୋଷ୍ଟର ବ୍ୟବହାର କରି ସହରର ସୌନ୍ଦର୍ଯ୍ୟ ନଷ୍ଟ କରୁଛନ୍ତି। ଏହି କ୍ଷେତ୍ରରେ ଜୟପୁର ପୌର ପ୍ରଶାସନ ଟିକସ ହରାଉଛନ୍ତି । ସରକାରଙ୍କ ନିୟମ ଅନୁସାରେ ବିଭିନ୍ନ ଅନୁଷ୍ଠାନ ଗୁଡିକ ନିଜ ପ୍ରଚାର ପ୍ରସାର ନିମନ୍ତେ ପୌର ପରିଷଦର ଅନୁମତି ସହକାରେ ଟିକସ ଦେଇ ଏବଂ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମରେ ବିଜ୍ଞାପନ ଦେବାରେ ନିୟମ ରହିଛି। ଏଥିପ୍ରତି ଜୟପୁର ପୌର ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବେସରକାରୀ ଅନୁଷ୍ଠାନ ଗୁଡିକ ପୌର ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇ ବେନିୟମ ପୋଷ୍ଟର ବ୍ୟବହାର କରିଥିବା ଶିକ୍ଷାନୁଷ୍ଠାନ ଗୁଡିକରୁ ଜୋରିମାନା ଆଦାୟ କରାଯାଇଛି । ଆଗାମୀ ଦିନରେ ଯଦି ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡିକ ଏହିଭଳି ବେନିୟମ ହୋଡିଂ ପୋଷ୍ଟର ବ୍ୟବହାର କରିବେ ତାହେଲେ ଏଥି ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜୟପୁର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଆକବରାମ ସସ୍ୟା ରେଡି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ସ୍ୱାମୀର ମଙ୍ଗଳ ମନାସୀ ବ୍ରତ ପାଳୁଛନ୍ତି ସଧବା

## ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପବିତ୍ର ସାବିତ୍ରୀ ଅମାବାସ୍ୟା। ଓଡ଼ିଆ ଘରର ପରମ୍ପରା ଅନୁସାରେ ବିବାହିତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳନ କରନ୍ତି। ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ କାମନା କରି ସଧବା ନାରୀମାନେ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ସାବିତ୍ରୀ ବ୍ରତ ପାଳନ କରନ୍ତି। ହିନ୍ଦୁ ମହିଳାମାନେ ପ୍ରତିବର୍ଷ ଏହି ଦିନକୁ ବଡ଼ ଉତ୍ସାହର ସହିତ ଅପେକ୍ଷା କରିଥାନ୍ତି। ପରମ୍ପରା ଅନୁସାରେ ଓଷା ପାଇଁ ମହିଳାମାନେ ନୂଆ ଶାଢ଼ୀ, ଚୁଡ଼ି, ଫଳମୂଳ, ପୂଜା ସାମଗ୍ରୀ ଧରି ମନ୍ଦିର ଯାଇ ପୂଜାର୍ଚ୍ଚନା କରନ୍ତି। କେହି କେହି ଘରେ ବ୍ରାହ୍ମଣଙ୍କୁ ଡାକି ପୂଜା କରନ୍ତି। ହାତରେ ଭୋଗ ମନରେ ଉତ୍ସାହ। ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୁର ଓ ଅଳତା ଧରି ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଦେବାଳୟ ଆଗରେ ସଧବା ମହିଳାଙ୍କ ଭିଡ଼। ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ସାବିତ୍ରୀ ପାଳୁଛନ୍ତି ମହିଳା। ହିନ୍ଦୁ ଶାସ୍ତ୍ର ପୌରାଣିକ କଥା ବସ୍ତୁ ଆଧାର ରେ ବିଭିନ୍ନ ମନ୍ଦିରରେ ପୂଜା କରି ମନାସୁଛନ୍ତି ସ୍ୱାମୀର ମଙ୍ଗଳ। ଆଜୀବନ ସଧବା ରହିବାକୁ ନାରୀ ମାନେ ସାବିତ୍ରୀ, ସତ୍ୟବାନ ଓ ଯମ ଦେବଙ୍କୁ ପୂଜା କରିଥାନ୍ତି। ଆଜି ସାବିତ୍ରୀ ବ୍ରତଧାରୀ ମହିଳା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମୁଦୁଗଲ ଗ୍ରାମର ସିଧେଶ୍ୱର ମନ୍ଦିର ପରିସରରେ ଥିବା ସତ୍ୟବାନ ସାବିତ୍ରୀ ମନ୍ଦିରରେ ସକାଳୁ ସକାଳୁ ମହିଳାଙ୍କ ପ୍ରବଳ ଭିଡ଼ ଜମିଥିଲା। ମନ୍ଦିର ପୂଜାର୍ଚ୍ଚନା କରିବା ସହ ଘରେ ସ୍ୱାମୀଙ୍କୁ ପୂଜା କରି ଦିନ ତମାମ ଫଳଆହାର କରି ସ୍ୱାମୀର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରୁଛନ୍ତି ସଧବା ମହିଳା। ସ୍ୱାମୀର ମଙ୍ଗଳ ମନାସୀ ବ୍ରତ ପାଳୁଛନ୍ତି ସଧବା। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଦେବାଳୟ ଯାଇଥିଲେ ସଧବା ମହିଳା ମାନେ। ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୁର ଅଳତା ବିଭିନ୍ନ ପ୍ରକାର ଫଳ ନେଇ ପୂଜାର୍ଚ୍ଚନା କରିଥିଲେ। ଘରେ ଘରେ ବି ସାବିତ୍ରୀଙ୍କ ପ୍ରତିମା ଗଢି ବ୍ରତ କଥା ଗାଇ ପୂଜା କରିଛନ୍ତି ସଧବା ନାରୀ। ବିଶେଷ କରି ଆମ୍ବ, ପଣସ, ନଡ଼ିଆ, କାକୁଡି ଆଦି ଦେଶୀ ଫଳ ପୂଜା କରିଛନ୍ତି। ଏ ବ୍ରତ କଥା ବାର୍ତ୍ତା ହେଉଛି ଜ୍ୟେଷ୍ଠ ଅମାବାସ୍ୟା ଦିନ ଯିଏ ସାବିତ୍ରୀ ନାମ ସ୍ମରଣ କରି ବ୍ରତ କରିବ ସେ ଜନ୍ମେ ଜନ୍ମେ ସଧବା ରହିବ ବୋଲି ବିଶ୍ୱାସରହିଛି। ସାବିତ୍ରୀ ପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ପତିବ୍ରତା ମହିଳା

କରଞ୍ଜିଆ (ଭାସ୍କର ନ୍ୟୁଜ) : ଆଜି ପବିତ୍ର ସାବିତ୍ରୀ ଅମାବାସ୍ୟା ନିଜ ନିଜ ସ୍ୱାମୀ ମାନଙ୍କ ଦୀର୍ଘାୟୁ କାମନା କରି କରଞ୍ଜିଆର ବିଭିନ୍ନ ମନ୍ଦିରରେ ପୂଜାକଲେ ପତିବ୍ରତା ମହିଳା ମାନେ। କିମ୍ବଦନ୍ତି ଅନୁଯାୟୀ ମାତା ସାବିତ୍ରୀ ଆଜିର ଦିନରେ ନିଜର ସ୍ୱାମୀଙ୍କୁ ଯମଦେବତାଙ୍କ ଠାରୁ ମରଣ ମୁହଁରୁ ଫେରାଇ ଆଣିଥିଲେ ତେଣୁ ଆଜିର ଦିନରେ ସଧବା ନାରୀ ମାନେ ନିଜର ସ୍ୱାମୀ ମାନଙ୍କ ଦୀର୍ଘାୟୁ କାମନା କରି ମାତା ସାବିତ୍ରୀଙ୍କ ପୂଜା ଓ ବ୍ରତ ଧାରଣ କରିଥାନ୍ତି। ତେବେ ଆଜି କରଞ୍ଜିଆ ଅଞ୍ଚଳର ବିଭିନ୍ନ ମନ୍ଦିର ମାନଙ୍କରେ ସଧବା ନାରୀ ମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲେ ଏପରି ଗ୍ରାମାଞ୍ଚଳରେ ମଧ ଭିଡ ପରିଲକ୍ଷିତ ହୋଇଥିଲା। କରଞ୍ଜିଆ ବ୍ଲକ ଶରଧା ଗ୍ରାମରେ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରରେ ଆଜି ସକାଳୁ ସକାଳୁ ଦେଖିଥିଲୁ ସଧବା ମହିଳାଙ୍କ ପ୍ରବଳ ଭିଡ଼ ସମସ୍ତଙ୍କ ହାତରେ ବିଭିନ୍ନ ପ୍ରକାର ଫଳ ମୂଳରେ ସଜା ହୋଇଥିବା ପୂଜା ଥାଳି ଓ ସମସ୍ତେ ପିନ୍ଧିଥାନ୍ତି ନୂତନ ଶାଢ଼ୀ ସାଙ୍ଗକୁ ନୂଆ ଚୁଡ଼ି, ସିନ୍ଦୁର ଓ ଅଳତା। ସମସ୍ତଙ୍କ ମୁହଁରେ ହସ ଫୁଟୁଥାଏ। ସେହିପରି ପୂର୍ଣ୍ଣେଶ୍ୱର ଶୈବ ପୀଠ, ବାଉନ୍ସର ମନ୍ଦିର, ମାତା ପାର୍ବତୀ ମନ୍ଦିର ମାନଙ୍କରେ ଭିଡ ରହିଥିଲା କେତେକାଂଶରେ ବର ଗଛ ମୂଳେ ମହିଳା ମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜା କରିଥିଲେ। ସରଧାରେ ଅବିନାଶ ଶତପଥି ପୂଜାପାଠ କରିବା ପରେ ମହିଳା ମାନେ ବର ଗଛରେ ବସ୍ତ୍ର ଦାନ କରିଥିଲେ। ବିଶ୍ୱାସ ଅଛି ଏହି ଦିନ ବରଗଛକୁ ପୂଜାକଲେ ସ୍ୱାମୀଙ୍କ ଆୟୁଷ ବଢିଥାଏ। ସମସ୍ତ ମହିଳା ଆନନ୍ଦ ଉଲ୍ଲାସରେ ପାଳନ କରିଥିଲେ ସାବିତ୍ରୀ ବ୍ରତ ଓ ସ୍ୱାମୀ ମାନଙ୍କ ଦୀର୍ଘାୟୁ କାମନା କରିଥିଲେ।

## ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଏ୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଜଳେଶ୍ୱର ବ୍ଲକର ୩୭ଜଣ ଛାତ୍ରଛାତ୍ରୀ ଏ୧ (୯୦%ରୁ ଅଧିକ) ପାଇଥିବାରୁ ସେମାନଙ୍କୁ ଆଜି ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ଜଳେଶ୍ୱର ଓଷ୍ଟାର ବ୍ଲକ ସଭାପତି ସୁକୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନେ ମେଧାବୀ ହେବା ସହିତ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଗୋଷ୍ଠି ଶିକ୍ଷାଧିକାରୀ ଜଗବଂଧୁ ଜେନା ଯୋଗଦେଇ ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ ସହିତ ଜୀବନର ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ଓଷ୍ଟାର ଜିଲା ସଭାପତି ମନୋରଂଜନ ଦାସ, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ ଓ ସୁଶାନ୍ତ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ କୁଂଜବିହାରୀ ପ୍ରଧାନ, ଓଷ୍ଟାର ରାଇବଣିଆ ମଣ୍ଡଳ ସଂପାଦକ ହରମୋହନ ମହନ୍ତି, ଅର୍ଜୁନ ଜେନା ଓ ପରିଚାଳନା କମିଟି ସଭାପତି ଜୟନାରାୟଣ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଓଷ୍ଟ ବ୍ଲକ ସଂପାଦକ ହରେକୃଷ୍ଣ ଜେନା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସରୋଜ ପାଣିଗ୍ରାହୀ ମଂଚ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ହଜିତ୍ କୁମାର ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ସୁନିଲ ନାୟକ, ସୁଦର୍ଶନ ପ୍ରଧାନ, ମୁରଲୀ ପ୍ରଧାନ, ଶଶିକାନ୍ତ ପ୍ରଧାନ, ପ୍ରାଣକୃଷ୍ଣ ଗିରି, ମନୋଜ ମହାନ୍ତି, ସଚିଦାନନ୍ଦ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏ୧ ଘୋଷିତ ହୋଇଥିବା ୩୭ଜଣ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପୋଟଲାମପୁରରେ ବିଜେପିର ମିଶ୍ରଣ ପର୍ବ



ଛତ୍ରପୁର, (ଭାସ୍କର ନ୍ୟୁଜ) : ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ପୋଟଲାମପୁର ପଞ୍ଚାୟତ ସରପଞ୍ଚ ନିରଞ୍ଜନ ପ୍ରଧାନ ଏବଂ ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁଙ୍କ ସମେତ ବହୁ ବିଜେଡି, ନେତା ଓ କର୍ମୀ, ଯୁବ ସଂଗଠନ, ମହିଳା ସଙ୍ଘ, ୱାର୍ଡ ମେମ୍ବର ବିଜେପି ରେ ଯୋଗ ଦେଇଥିଲେ । ବିଜେପିର ନୀତି ଆଦର୍ଶ ଏବଂ ଜସସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟଶୈଳୀ, ଲୋକପ୍ରିୟ ପ୍ରିୟ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶ ଓ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ଲୋକପ୍ରିୟତା ରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଥିବା ସେମାନେ କହିଛନ୍ତି। ଏହି ଅବସରରେ ପୋଟଲାମପୁର ସ୍ଥିତ ବାଣଲିଙ୍ଗେଶ୍ୱର ମନ୍ଦିର ଠାରେ ଏକ ବିଶାଳ ସଭା ଆୟୋଜିତ ହୋଇଥିଲା। ଏହି ମିଶ୍ରଣପର୍ବରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା,ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସମସ୍ତ ନବାଗତଙ୍କୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳରେ ସାମିଲ କରିଥିଲେ। ଏହି ମିଶ୍ରଣ ପର୍ବରେ ମଣ୍ଡଳ ସଭାପତି ପଦ୍ମଚରଣ ପରିଡା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ପଦ୍ମ ଚରଣ ସାହୁ, ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ପ୍ରଦୀପ ପାଢ଼ୀ, ବସନ୍ତ ବେହେରା, ଧର୍ମାରେଡି, ବନୋଜ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

## ଲାଇଫ୍ ଗାର୍ଡ ପ୍ରଶିକ୍ଷଣ ଶିବିର



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତ ପୀରଜାହାନିଆ ନିକଟସ୍ଥ କଲ୍ୟାଣୀ ମଣ୍ଡପରେ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ୍ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ୍) ପକ୍ଷରୁ ଜୀବନ ରକ୍ଷାକାରୀ (ଲାଇଫ୍ ଗାର୍ଡ) ପ୍ରଶିକ୍ଷଣ ଶିବିର ଉଦଘାଟନ ହୋଇଯାଇଛି। ଅତିଥି ଭାବେ କୋଣାର୍କ ପର୍ଯ୍ୟଟନ ବିଭାଗ ଅଧିକାରୀ ଅମୀୟ କୁମାର ସେଠୀ, ଆଇଆଇଟିଟିଏମ୍ ପ୍ରଫେସର ଡ଼ଃ. ସ୍ୱଜନ ଶ୍ରୀୟନ, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ବରିଷ୍ଠ ସାମ୍ବାଦିକ ଧୁଶାସନ ନାୟକ ଓ ନନ୍ଦିଘୋଷ ଟିଭି ସାମ୍ବାଦିକ ମାନସ ଖଣ୍ଡୁଆଳ ମଞ୍ଚାସିନ ଅତିଥି ଭାବେ ଉପସ୍ଥିତ ଥିଲେ।ଏହି ପ୍ରଶିକ୍ଷଣ ଶିବିର ଟି ଚଳିତ ମାସ ୨୬ତାରିଖ ରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶିବିରରେ ସ୍ଥାନୀୟ ଅଞ୍ଚଳର ୫୦ଜଣ ଲାଇଫ ଗାର୍ଡ ଅଂଶ ଗ୍ରହଣ କରିଥିଲେ।ପୀରଜାହାନିଆ ବେଳାଭୂମି ସମେତ ବିଭିନ୍ନ ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା, ବୁଡ଼ି ଯାଉଥିବା ପର୍ଯ୍ୟଟକ ଙ୍କୁ ଉଦ୍ଧାର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜେ ସଚେତନ ରହି ଅନ୍ୟକୁ ସାହାଯ୍ୟ କରିବା, ବିଭିନ୍ନ କୌଶଳ ସମ୍ପର୍କ ରେ ପ୍ରଶିକ୍ଷଣ ଦିଆଯିବ। ତାଲିମ୍ ଦିନଗୁଡିକ କୁ ପ୍ରଶିକ୍ଷକ ଭାବେ ଗଣେଶ ବାରିକି ପ୍ରଶିକ୍ଷଣ ଦେବେ। ଏହି ଶିବିର ୫ଦିନ ଧରି ଚାଲିବ।ଶେଷରେ ପ୍ରଶିକ୍ଷଣ ଶିବିରରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହ ପରିଚାଳନା କରୁଥିବା ବ୍ୟକ୍ତି ବିଶେଷ ମାନଙ୍କୁ ବାବୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକଙ୍କ ବ୍ୟାଗ ସହିତ କ୍ୟାମେରା ଚୋରି

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଅଞ୍ଚଳର ସାମ୍ବାଦିକ ସମରେନ୍ଦ୍ର ମାହାଲାଙ୍କର କ୍ୟାମେରା ବ୍ୟାଗ ସହିତ ନଗଦ ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇ ଯାଇଥିବା ନେଇ ବଡଚଣା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଶ୍ରୀ ମାହାଲା ଖବର ସଂଗ୍ରହ ପାଇଁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଛାତିଆକୁ ଯାଉଥିଲେ। ଏହି ସମୟରେ ପ୍ରବଳ ବର୍ଷା ହେବାରୁ ସେ ବନ୍ଧାଳ ନିକଟସ୍ଥ ଜାତୀୟ ରାଜପଥ ଗଳିପୋଲ ତଳେ ନିଜ ବାଇକ ରଖି ଆଶ୍ରୟ ନେଇଥିଲେ। ଏହି ସମୟରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ମୋବାଇଲ କଲ୍ ଆସିବାରୁ ସେ ବାଇକ ଠାରୁ କିଛି ଦୂରକୁ ଯାଇ ଫୋନରେ କଥା ହେଉଥିବା ବେଳେ ତାଙ୍କ ବାଇକରେ ଟଙ୍ଗା ହୋଇଥିବା ବ୍ୟାଗଟି ନଥିଲା। ଉକ୍ତ ବ୍ୟାଗରେ ତାଙ୍କର ପରିଚୟ ପତ୍ର, କ୍ୟାମେରା ଓ ଅଫିସ ବୁମ ସହିତ ନଗଦ ୫ ହଜାର ଟଙ୍କା ଥିଲା ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏତଲା ପାଇବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀଣୀ କହିଛନ୍ତି। ଏ ସମ୍ପର୍କରେ ପୋଲିସ ତଦନ୍ତ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରେସକ୍ଲବ ଚଣ୍ଡିଖୋଲର ସାମ୍ବାଦିକମାନେ ଦାବି କରିଛନ୍ତି ।

## ବିଜ୍ଞାନ +୨ରେ ଓଡ଼ିଶା ଟପ୍ପର ବିନୀତଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା

ରଘୁନାଥପୁର (ଭାସ୍କର ନ୍ୟୁଜ) : ବିଜ୍ଞାନ+୨ପରୀକ୍ଷାରେ ଓଡିଶା ଟପ୍ପର ହୋଇଥିବା ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ପଞ୍ଚାୟତ ହୁରାସାହିର ବିଜୟାନନ୍ଦ ମହାନ୍ତି ଓ ଶୈଳବାଳା ମହାନ୍ତିଙ୍କ ପୁତ୍ର ବିନୀତ ମହାନ୍ତିଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନାର ସୁଅ ଛୁଟିଛି। ହୁରାସାହି ବାସଭବନରେ ବିଜେପି ଯୁବନେତା ଅଶୋକ ମହାରଣାଙ୍କ ନେତୃତ୍ୱରେ ରଘୁନାଥପୁର ବିଜେପି ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ରଘୁନାଥପୁର ବିଷୁବ ସଂସଦ ପକ୍ଷରୁ ସଭାପତି ବରିଷ୍ଠ ଶିଶୁବିଶେଷଜ୍ଞ ଡା. ରାଜକିଶୋର ବରାଳଙ୍କ ନେତୃତ୍ୱରେ ହେମନ୍ତ କୁମାର ସାହୁ, ବ୍ରଜେନ୍ଦ୍ର କୁମାର ମହାନ୍ତି, ଶୁକଦେବ ପରିଡା, ସରିତ ମହାପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ଭବିଷ୍ୟତର ଉତ୍ତରୋତ୍ତର କାମନା କରିଥିଲେ। ସେହିପରି ରଘୁନାଥପୁର ପ୍ରାଥମିକ ଶିକ୍ଷକ ସଂଗଠନ ପକ୍ଷରୁ ସଂଗଠନର ସଭାପତି କୁଶ ମଲ୍ଲିକଙ୍କ ନେତୃତ୍ୱରେ ସମ୍ପାଦକ ଉମେଶ କୁମାର ନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଶନିବାର ବିନୀତ ଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ରାଢି ନିହାରି ମହାସଂଘର କାର୍ଯ୍ୟକାରୀ ବୈଠକ




ଭଦ୍ରକ (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲାର ବନ୍ତ୍ ଛକ ଠାରେ ଥିବା ଆଖଣ୍ଡମଣି ଅତିଥି ଭବନରେ ରାଜ୍ୟ ନିଆରି ରାଡି ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ଚଳିତ ବର୍ଷ ପାଇଁ ନୂତନ ରାଜ୍ୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇ ଥିଲା କ୍ଷ, ଏଥିରେ ସଭାପତି ଗୋରାଚାନ୍ଦ ମାଝୀ ସଭାପତିତ୍ୱ କରିଥିଲେ। ରାଢ଼ି ନିଆରି ଜାତୀ ଆଜି ଅବ ହେଳିତ । ଦୀର୍ଘ୍ ୩୦ ବର୍ଷ ହେଲା ରାଢ଼ି, ନିଆରୀ ଜାତିକୁ ରାଜ୍ୟ ଓ କେନ୍ଦ୍ର ସରକାର ଏସ ସି ଜାତିରୁ ବାଦ ଦିଆଯାଇଛି। ରାଢି , ନୀଆରି ଓ କେଉଟ ଏକ ସମ୍ପ୍ରଦାୟ । ସେ ଜାତିକୁ ସରକାର ଅଗ୍ର। ଧିକାର ଦେଇଚନ୍ତି କିନ୍ତୁ ଏ ମାନେ ଦୁଃଖ କଷ୍ଟରେ ରହୁଛନ୍ତି ଏ ବିଷୟରେ ମୁଖ୍ୟ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେବାପାଇଁ ବୈଠକରେ ସ୍ଥିର କରାଯାଇଥିଲା।ଅନେକ ବକ୍ତା ନିଜର ମତ ରଖି ଥିଲେ। ଅତିଥି ମାନକର ପରିଚୟ ଓ ସ୍ୱ।ଗତ ଭାଷଣ ପୂର୍ବତନ ରାଜ୍ୟ ଉପସଭାପତି ନିତ୍ୟା ନନ୍ଦ ମହାଳିକ ଦେଇ ଥିଲେ। ପରେ ନୂତନ ରାଜ୍ୟ କମିଟି ଗଠନ୍ କରାଯାଇଥିଲ। ଏଥିରେ ଉପଦେଷ୍ଟା ଭାବେ ବିଶ୍ୱନାଥ ବେହେରା ସଭାପତି କୃପା ସିନ୍ଧୁ ଦଳେଇ, କାର୍ଯ୍ୟ କାରୀ ସଭାପତି ଅକ୍ଷୟ କୁମାର ବେହେରା, ଉପସଭାପତି ନିତ୍ୟାନନ୍ଦ ମହାଳିକ, ଗୋରା ଚାନ୍ଦ ମାଝୀ, ସାଧାରଣ ସମ୍ପାଦକ୍ ସନାତନ ମଣ୍ଡଳ, କାର୍ଯ୍ୟ କାରୀ ସମ୍ପାଦକ ନିରାକାର୍ ଦଳେଇ, ଦାମୋ ଦର୍ ରାଉତ ସଂଗଠନ ସମ୍ପାଦକ ,ସହ ସମ୍ପାଦକ୍ ବିଜୟ କୁମାର ସାହୁ, ପରେଶ୍ କୁମାର ବେହେରା, କୋଷାଧ୍ୟକ୍ଷ ଅଜୟ କୁମାର ବେହେରା, କାର୍ଯ୍ୟ କାରୀ ସଦସ୍ୟ ଭାବେ ପୂର୍ଣ୍ଣ ଚନ୍ଦ୍ର ବେହେରା, ଭରତ ଚନ୍ଦ୍ର ବେହେରା, ମନୋଜ ବେହେରା, ଅତୁଳ ବେହେରା,ବସନ୍ତ ବେହେରା, ଧୀରେନ୍ଦ୍ର ବେହେରା, ରମାକାନ୍ତ ନ ।ୟକ୍,ଅନିରୁଦ୍ଧ ମଙ୍ଗଳ,ଜଗନ୍ନାଥ ବାବୁ, ମହେଶ୍ୱର ସାହୁ,ଧନେଶ୍ୱର ବେହେରା, ନିବେଦିତା ବେହେରାଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ଭରତ ଚନ୍ଦ୍ର ବେହେରା ଧନ୍ୟବାଦ୍ ଦେଇଥିଲେ ।

## ପରଜଙ୍ଗ ବିଦ୍ୟୁତ୍ ଉପଭୋକ୍ତାଙ୍କ ବୈଠକ

ପରଜଙ୍ଗ (ଭାସ୍କର ନ୍ୟୁଜ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମର ଚାରି ଶହରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ମାନଙ୍କୁ ନେଇ ସ୍ଥାନୀୟ ପାଣି ପଞ୍ଚାୟତ ସଭାଗୃହରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ଗ୍ରାମରେ ଦୀର୍ଘ ବର୍ଷ ଧରି ସ୍ୱତନ୍ତ୍ର ବିଦ୍ୟୁତ୍ କ୍ରିୟାନୁଷ୍ଠାନ କମିଟି ରହିଥିବା ବେଳେ, ପରଜଙ୍ଗ ବିଦ୍ୟୁତ୍ ଡିଭିଜନରେ କେତେ କମ୍ପାନୀ ଆସି କେତେ କମ୍ପାନୀ ଗଲେଣି କିନ୍ତୁ ଏହି କମିଟି ମାଧ୍ୟମରେ ପରଜଙ୍ଗରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ସଠିକ୍ ଭାବେ ଉପଭୋକ୍ତା ପାଇ ଆସୁଥିଲେ। ବର୍ତ୍ତମାନ ଟାଟା ପାୱାର କମ୍ପାନୀ ଅଞ୍ଚଳକୁ ଆସିବା ଦିନଠାରୁ ଅଞ୍ଚଳରେ ବିଦ୍ୟୁତ୍ ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବା, ୩୩ କେଭି ମୁଖ୍ୟ ଲାଇନ୍ ଉପରେ ଆବଶ୍ୟକ କର୍ମଚାରୀ ନିୟୋଜିତ କରିବା, ଉପଭୋକ୍ତା ମାନଙ୍କୁ ସଠିକ୍ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦେବା, ବର୍ତ୍ତମାନ କମ୍ପାନୀର ଏସଡିଓ ଓ ଜେଇ ଉଭୟଙ୍କୁ ବଦଳି କରିବା ଏହିପରି କେତେକ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇ ନିଜ ନିଜର ମତ ରଖିଥିଲେ। ପରଜଙ୍ଗ ବିଦ୍ୟୁତ୍ କ୍ରିୟାନୁଷ୍ଠାନ କମିଟି କୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ସୁବ୍ରତ କୁମାର ପରିଡ଼ାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଶ୍ରୀନିବାସ ବେହେରାଙ୍କୁ ଉପସଭାପତି ଭାବେ, ସମ୍ପାଦକ ଦୁର୍ଗା ଚରଣ ପାତ୍ର, ସହ ସମ୍ପାଦକ ଲୋକେଶ ଦଳବେହେରା, କୋଷାଧ୍ୟକ୍ଷ ଦିବ୍ୟଜ୍ୟୋତି ସାମନ୍ତଙ୍କୁ ମନୋନୀତ କରାଯାଇଛି। ସେହିପରି ସାମ୍ବାଦିକ ନିର୍ମଳ ଗଡ଼ ନାୟକ ଓ ନିଗମାନନ୍ଦ ଦଳବେହେରା, ଆଇନଜୀବୀ ପ୍ରଦୀପ କୁମାର ସାମନ୍ତ ଓ ବେଣୁଧର ସାହୁ କମିଟିର ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ, ଅନ୍ୟ ସହଯୋଗୀ ଉପଦେଷ୍ଟା ଭାବେ ଗୌରହରି ଦାସ, ହେମନ୍ତ କୁମାର ସାମଲ, ରବି ନାରାୟଣ ଦେହୁରୀ, ଅଶୋକ କୁମାର ସୁବାହୁସିଂହ, ନଗେନ ବିନାୟକ, ବସନ୍ତ କୁମାର ସେଠ, ଶାନ୍ତନୁ କୁମାର ସାମଲ (ଜିତୁ), ଛବି ନାରାୟଣ ସାମଲ, ଅନ୍ତର୍ଯ୍ୟାମୀ ସାମଲ, ବିନୟ କୁମାର ଦଳବେହେରା, ସୁବ୍ରତ କୁମାର ଦାସ (ପିଣ୍ଟୁ), ବିଭୂତି ଭୂଷଣ ସାମଲ, ରିଣ୍ଟୁ ଦାସ ପ୍ରମୁଖ ନାମ ଘୋଷଣା କରାଯାଇଛି। ନୂତନ ଭାବେ ଦାୟିତ୍ୱ ନିର୍ବାହ କରିଥିବା କାର୍ଯ୍ୟକର୍ତ୍ତା ମାନଙ୍କୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।


### ‘କିଶୋର ସ୍ୱାକ୍ଷର’ର ରୌପ୍ୟ ଜୟନ୍ତୀ ପାଳିତ

## ପ୍ରବାସୀ ଓଡିଆ ଅଞ୍ଚଳରେ ଓଡିଆ ସଂସ୍କୃତିର ପ୍ରଚାର ପ୍ରସାରକୁ ପ୍ରଶଂସା



ଭଦ୍ରକ (ଭାସ୍କର ନ୍ୟୁଜ) : ଭଦ୍ରକ ଜିଲ୍ଲାର ଅଗ୍ରଣୀ ଶିଶୁ କିଶୋର ସୃଜନଶୀଳ ସାହିତ୍ୟ ପତ୍ରିକା “କିଶୋର ସ୍ୱାକ୍ଷର”ର ୨୫ବର୍ଷ ପୂର୍ତ୍ତି ରୌପ୍ୟ ଜୟନ୍ତୀ ସମାରୋହ ଜିଲ୍ଲା ସଂସ୍କୃତି ଭବନ ଭଦ୍ରକ ଠାରେ ଆଜି ମହାସମାରୋହରେ ପାଳିତ ଯାଇଛି। ଏହି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ ଓ ସମ୍ବର୍ଦ୍ଧନା ସଭାରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା, ଉଦ୍‌ଘାଟକ ଭାବେ ଭଦ୍ରକର ମାନ୍ୟବର ବିଧାୟକ ସୀତାଂଶୁ ସେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ମାନନୀୟ ଭଦ୍ରକ ଜିଲ୍ଲାପାଳ ଦିଲୀପ କୁମାର ରାଉତରାଏ, ପାରାଦ୍ୱୀପ ଫସ୍‌ପେଟ ଲିମିଟେଡର କମ୍ପାନୀ ବ୍ୟାପର ମୁଖ୍ୟ ସୁଧିରଞ୍ଜନ ମିଶ୍ର, ବିଶିଷ୍ଟ ପ୍ରବକ୍ତା ପଣ୍ଡିତବୀରେନ୍ଦ୍ର କୁମାର ପଣ୍ଡା, ଶିଶୁ ସାହିତ୍ୟିକ ଶରତକୁମାର ନାୟକ ପ୍ରମୁଖ ଯୋଗ ଦେଇ “କିଶୋର ସ୍ୱାକ୍ଷର” ଦୀର୍ଘ ୨୫ ବର୍ଷ ଧରି ନିଜ ଜନ୍ମଭୂମି ଓଡିଶା ତଥା ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ପ୍ରବାସୀ ଓଡିଆ ଅଞ୍ଚଳରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପ୍ରଚାର ପ୍ରସାର କରିବା ଦିଗରେ ପ୍ରତିଷ୍ଠାତା ସମ୍ପାଦକ ଶଶଧର ମହନୀଙ୍କ ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ପରେ ଶିକ୍ଷକ ନିର୍ମଳ କୁମାର ମିଶ୍ର ବେଦ ପାଠ କରିଥିଲେ । କୁନିକୁନି ବାଳିକା ମାନେ ସ୍ୱାଗତ ସମ୍ବର୍ଦ୍ଧନା ଓ ସମ୍ପାଦକ ଶଶଧର ମହନୀ ୨୫ ବର୍ଷର ସଂକ୍ଷିପ୍ତ ଇତିହାସ ପଠନ କରିଥିଲେ। ଦୀର୍ଘ ବର୍ଷ ଧରି ପତ୍ରିକା ସହିତ ଜଡିତ ସାରାରାଜ୍ୟରୁ ସାରସ୍ୱତ ସାଧକ ମଧ୍ୟରୁ ଖୋର୍ଦ୍ଧାରୁ ସେବତୀ ପରିଡା, କଟକ ରୁ ଜଫର ଅକ୍‌ବରୀ, ଭଦ୍ରକରୁ ନାରାୟଣ ଚନ୍ଦ୍ର ଲେଙ୍କା, ଚତୁର୍ଭୁଜ ପହି, ନୀରବକୁମାର ଦାସ, ମାନସକୁମାର ସାହୁ, ଡଃ ଜୟନ୍ତୀ କରଶର୍ମା,ସୁକାନ୍ତ କୁମାର ବେହେରା, ଡ଼ଃ ମନୀନ୍ଦ୍ର ମହାନ୍ତି, ତୁଳସୀ ମଞ୍ଜରୀ ନାୟକ, ନିତ୍ୟାନନ୍ଦ ପାଣିଗ୍ରାହୀ, ଶ୍ରୀକାନ୍ତ ପତି, ଜଗନ୍ନାଥ ମଲ୍ଲିକ, ଝରଣା ମଲ୍ଲିକଙ୍କ ସମେତ ପାରାଦ୍ୱୀପ ଫସ୍‌ପେଟ ଲିମିଟେଡର ମୁଖ୍ୟ ସୁଧିରଞ୍ଜନ ମିଶ୍ର ପ୍ରମୁଖଙ୍କୁ “କିଶୋର ସ୍ୱାକ୍ଷର” ରୌପ୍ୟଜୟନ୍ତୀ ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶଶଧର ମହନୀଙ୍କର ବୟସ ଆଧିକ୍ୟ ଯୋଗୁ ସେ ଉତ୍ତରପିଢ଼ୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସଭାପତି ଭାବେ ରଣଜିତ୍ କୁମାର ଶୁକ୍ଳ ଓ ସମ୍ପାଦକ ଭାବେ ସାଇସତ୍ୟ ମହନୀ ମନୋନୀତ ହୋଇଥିଲେ । କିଶୋର ସ୍ୱାକ୍ଷର କର୍ମକର୍ତ୍ତାମାନଙ୍କ ମଧ୍ୟରେ ହେମନ୍ତ କୁମାର ସିଂହ, ଦୀପିକାରାଣୀ ଶୁକ୍ଳ, ମାନସ କୁମାର ସାହୁ, ନମିତା ଶୁକ୍ଳ, ଗୌତମ ମହାରଣା ଓ ତପନ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କବି ଶ୍ରୀକାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକ୍ତନ ସରପଞ୍ଚଙ୍କ ପରଲୋକ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ) : ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଓ ନେମାଳ ଗ୍ରାମପଂଚାୟତର ପ୍ରାକ୍ତନ ସରପଂଚ ସୋମନାଥ ମହାପାତ୍ରଙ୍କ ତାଙ୍କ ବାସ ଭବନରେ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବରିଷ୍ଠ କଂଗ୍ରେସ ନେତା ତଥା ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଇଂ ଆକାଶ ଭୂୟାଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦାନ କରି ସ୍ୱର୍ଗତ ମହାପାତ୍ରଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ଶବକୁ କାନ୍ଧରେ ନେଇ ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲେ। ତାଙ୍କର ମରଶରୀରକୁ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

### କଙ୍ଗାରୁ କୋର୍ଟ ନିଷ୍ପତି

## ନିଆଁ, ପାଣି ଓ ବିଦ୍ୟୁତ ବାଛନ୍ଦ

କଣାସ,(ଭାସ୍କର ନ୍ୟୁଜ୍ ) : କଣାସ ବ୍ଲକ ବଡାଲ ପଞ୍ଚାୟତ ଓଗାଳପୁର ଗ୍ରାମରେ ପ୍ରେମ ଜନିତ ବ୍ୟାପର ନେଇ ଅଦାଲତରେ ମକଦମା ଚାଲିଥିବା ବେଳେ ପୁଅ ପକ୍ଷକୁ କଙ୍ଗାରୁ କୋର୍ଟ ନିଷ୍ପତି ଅନୁଯାୟୀ ନିଆଁ, ପାଣି ବିଦ୍ୟୁତ ଦୋକାନ ସୌଦା ମନ୍ଦିର ବାଛନ୍ଦ କରାଯାଇଥିବା ପୁଅର ପିତା ଲକ୍ଷ୍ମୀଧର ପଲାଇ ଗଡିଶାଗୋଦା ଥାନାରେ ଅଭିଯୋଗ କରିବା ସହିତ ପୂର୍ବରୁ ଏ ସଂପର୍କରେ ଏସଡିପିଅ ପୁରୀଙ୍କୁ ଲକ୍ଷ୍ମୀଧର ଝିଅ ସାକ୍ଷାତ କରି ବାସନ୍ଦ ସଂପର୍କରେ ଜଣାଇଥିଲେ । ଏତଲାରୁ ପ୍ରକାଶ ଯେ ଓଗାଳପୁର ଗ୍ରାମର ଦୀପା ମହାପାତ୍ର ଏହି ଗ୍ରାମର ମନୋଜ ପଲାଇଙ୍କୁ ୫ ବର୍ଷ ଧରି ଭଲ ପାଇ ଆସୁଥିଲେ ଓ ମନୋଜ ଦୀପାଙ୍କୁ ବିବାହ ପାଇଁ ପ୍ରତିଶ୍ରୃତି ଦେଇଥିଲେ ଶେଷରେ ବିବାହ ହେବା ପାଇଁ ମନା କରିବାରୁ ମନୋଜଙ୍କ ଦୁଆରେ ଦୀପା ବସି ରହିଥିଲେ । ଏତଲା ପାଇବା ପରେ ଗଡିଶାଗୋଦା ପୂର୍ବତନ ଆଇଆଇସି ଏକ ମକଦମା ରୁଜ କରି ମନୋଜ ପଲାଇ ପିତା ଲକ୍ଷ୍ମୀଧର ପଲାଇ ମାତା ଖୁଲଣା ପଲାଇ ନାମରେ ମକଦମା କରିଥିଲେ। ପିତା ଓ ମାତା ଓଡିଶା ଉଚ୍ଚ ନ୍ୟାୟଳୟକୁ ଜାମିନ ପାଇଁ ଆବେଦନ କରି ଜାମିନରେ ଆସିଥିବାବେଳେ ପୁତ୍ର ମନୋଜ କୁ ପୁଲିସ ଗିରଫ କରି କୋର୍ଟକୁ ଚାଲଣ କରିଥିଲେ। ମନୋଜ ୨୨ ଦିନ ଧରି ଜେଲରେ ରହିବା ପରେ ଜିମିନିରେ ଆସିଥିବା ବେଳେ ଅଦାଲତରେ ମକଦମା ଚାଲୁ ରହିଛି । ଗ୍ରାମବାସୀମାନେ ତା୨୨/୪/୨୦୨୫ ରିଖରେ ଆଖପାଖ ଅଞ୍ଚଳର କେତେକ ଭଦ୍ରବ୍ୟକ୍ତିଙ୍କୁ ଡକାଇ ଏକ ଆପୋସ ସମାଧାନ କରିବା ପାଇଁ ହାଡି ବନ୍ଧୁଙ୍କ ସଭାପତିତ୍ୱରେ ଗଡିଶାଗୋଦା ଥାନା ନିକଟରେ ଏକ ବୈଠକ ବସିଥୀଲା। ମନୋଜ ଦିପା ସହିତ କୌଣସି ସଂପର୍କ ନଥିବା ଦର୍ଶାଇ ବିବାହ କରିବ ନାହିଁ ବୋଲି ମନାକରିଦେଇଥିଲା। ଦୀପା ତା୯/୬/୨୪ ରିଖରେ ଏତଲା ଦେଇଥିବାବେଳେ ସେହିଦିନଠାରୁ ମନୋଜ ପଲାଇ ପରିବାରଙ୍କୁ ନିଅଁ, ପାଣି, ମନ୍ଦିର, ଦୋକାନରୁ ସୌଦା କିଣିବା ଗ୍ରାମବାସୀମାନେ ବାରଣ କରିଦେଇଛନ୍ତି। ମଝିରେ ମଧ୍ୟ ବିଦ୍ୟୁତ କାଟି ଦେଇଥିଲେ। ଆଜି ବିଦ୍ୟୁତ କାଟି ଦେବା ପରେ ଅବସରପ୍ରାପ୍ତ ସୈନ୍ୟ ବିଭାଗ ଲକ୍ଷ୍ମୀଧର ପଲାଇ ଗଡିଶାଗୋଦା ଥାନାରେ ଏକ ଅଭିଯୋଗ କରିବା ପରେ ଗଡିଶାଗୋଦା ଥାନା ଅଧିକାରୀ ଏକ ମକଦମା ରୁଜ କରିଛନ୍ତି । ବିଦ୍ୟୁତ ସରବରାହ ଯୋଗାଇବା ପାଇଁ କଣାସ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଲକ୍ଷୀଧରଙ୍କୁ ପଠାଇଛନ୍ତି । ଖବର ପାଇ କନିଷ୍ଠ ଯନ୍ତ୍ରୀ ବିଦ୍ୟୁତ ସରବାରାହ ଚାଲୁ କରିଥିଲେ । ଦୀର୍ଘ ୧୧ ମାସ ହେଲା ମକଦମା ଚାଲୁଥିବାବେଳେ ପୁଅର ପରିବାରକୁ ସମସ୍ତ ବାସନ୍ଦ କରାଯାଇଥିବାରୁ ଲକ୍ଷ୍ମୀଧରଙ୍କ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ପ୍ରେମ ଜନିତ ମକଦମା ଅଦାଲତରେ

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ସମିତି ବୈଠକ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ପରିଷଦର ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭିଏସ୍ଏସ୍ ନଗରରେ ଥିବା ପୁରୁଣା ସମସ୍ୟା ମଧ୍ୟ ସମାଧାନ ହୋଇ ପାରି ନାହିଁ ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହା ହାଉସିଂ ବୋର୍ଡ କଲୋନୀ ହୋଇଥିବା ବେଳେ ହାଉସିଂବୋର୍ଡର ମାଷ୍ଟର ପ୍ଲାନ ଅନୁସାରେ କୌଣସି କାମ ହେଉନାହିଁ । ଭିଏସ୍ଏସ୍ ନଗରରେ ବହୁ ସରକାରୀ ଜମି ଥିବା ବେଳେ ୱାର୍ଡ ଅଫିସ୍, ପୋଷ୍ଟ ଅଫିସ୍, ଫାଣ୍ଡି, କମ୍ୟୁନିଟି ସେଣ୍ଟର, ଡେକେୟାର ସେଣ୍ଟର ଓ ମହିଳା ଗୃହ ଆଦି ବହୁ ସ୍ଥାୟୀ କାର୍ଯ୍ୟାଳୟ ସ୍ଥାନ ଅଭାବରୁ ହୋଇ ପାରୁନାହିଁ । ହାଟ ପାଇଁ ପାର୍କି ବ୍ୟବସ୍ଥା ନଥିବାରୁ ଗାଡି ସବୁ ରାସ୍ତା ଉପରେ ରହୁଛି । ଜରୁରୀ କାଳିନ ପରିସ୍ଥିତିରେ ଆମ୍ବୁଲାନସ୍ ଯିବା ପାଇଁ ରାସ୍ତା ରହୁନାହିଁ ।



## ଟ୍ୱିନ୍‌ସିଟିରେ ସାବିତ୍ରୀ ବ୍ରତ ପାଳିତ

# ସତ୍ୟବାନଙ୍କ ଦୀର୍ଘାୟୁ କାମନା କଲେ ସାବିତ୍ରୀ







ସୋମବାର ଥିଲା ଜ୍ୟେଷ୍ଠ ଅମାବାସ୍ୟା । ଏହାକୁ ସାବିତ୍ରୀ ଅମାବାସ୍ୟ ବୋଲି ବିବେଚନା କରାଯାଏ । ଏହିଦିନ ଯମରାଜାଙ୍କାଠାରୁ ପତି ସତ୍ୟବାନ୍‌ଙ୍କୁ ଉଦ୍ଧାର କରିଥିଲେ ପତ୍ନୀ ସାବିତ୍ରୀ । ତେଣୁ ଏହିଦିନ ପ୍ରତ୍ୟେକ ହିନ୍ଦୁ ସଧବା ନାରୀମାନେ ମହାସତୀ ସାବିତ୍ରୀଙ୍କ ପତିଭକ୍ତିକୁ ମନେ ପକାଇ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି । ସକାଳୁ ସକାଳୁ ସଧବା ମହିଳାମାନେ ଟ୍ୱିନ୍‌ସିଟିର ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପାଇଁ ଭିଡ ଜମାଇଥିଲେ । ଏପରିକି ଅପରାହ୍ନ ପର୍ଯ୍ୟନ୍ତ ମହିଳାମାନେ ପୂଜାର୍ଚ୍ଚନା କରି ଘରକୁ ଫେରିବା ପରେ ନବବସ୍ତ୍ର ପରିଧାନ କରି ଗୁରୁଜନମାନଙ୍କୁ ପ୍ରଣାମ କରି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଥିଲେ । ଏହିଭଳି ଢଙ୍ଗରେ ଟ୍ୱିନ୍‌ସିଟିରେ ପ୍ରତ୍ୟେକ ପରିବାରରେ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି ।

ଭୁବନେଶ୍ୱର/କଟକ(ଭାସ୍କର ନ୍ୟୁଜ୍): ପବିତ୍ର ଜ୍ୟେଷ୍ଠ ଅମାବାସ୍ୟା ଅର୍ଥାତ୍ ସାବିତ୍ରୀ ଅମାବାସ୍ୟାରେ ଟ୍ୱିନ୍‌ସିଟି ଚଳଚଞ୍ଚଳ ହୋଇପଡ଼ିଥିଲା । ଏକ ଆଧାତ୍ମିକ ପରିବେଶ ମଧ୍ୟରେ ହିନ୍ଦୁ ସଧବା ମହିଳାମାନେ ମହାସତୀ ସାବିତ୍ରୀଙ୍କ ପତିଭକ୍ତିକୁ ମନେ ପକାଇ ସାବିତ୍ରୀ ବ୍ରତ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି । ଏପରିକି କିଛି ମହିଳା ଘରକୁ ପୂଜକଙ୍କୁ ଡାକି ପୂଜାର୍ଚ୍ଚନା କରିବା ସହ କେହି କେହି ବଟବୃକ୍ଷ ମୂଳରେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି । ପୂଜାର୍ଚ୍ଚନା କରିବା ପରେ ମହିଳାମାନେ ନବବସ୍ତ୍ର ପରିଧାନ କରି ଗୁରୁଜନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହିପରି ଭାବରେ ସାରା ରାଜ୍ୟରେ ଆଜି ସଧବା ନାରୀମାନେ ଶ୍ରଦ୍ଧା ଓ ଭକ୍ତିର ସହ ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ଏହି ପବିତ୍ର ଦିନ ବିବାହିତା ମହିଳାଙ୍କ ପାଇଁ ବେଶ୍ ସ୍ୱତନ୍ତ୍ର ଅଟେ । ଆଜିର ଦିନରେ ସେମାନେ ସ୍ୱାମୀଙ୍କ ଦୀର୍ଘାୟୁ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରି ଦେବୀ ସାବିତ୍ରୀଙ୍କ ପୂଜା କରିବା ସହ ବ୍ରତ ରଖିଥାନ୍ତି । ସକାଳ ହେବା ମାତ୍ରେ ମହିଳାମାନେ ପାରମ୍ପରିକ ବସ୍ତ୍ରରେ ନୂଆ ଶାଢ଼ୀ, ଚୁଡ଼ି, ସିନ୍ଦୂର ଓ ଆଭୂଷଣରେ ସଜେଇ ହୋଇ ମନ୍ଦିରକୁ ଯାଇଥାନ୍ତି । କିଛି ମହିଳା ନିଜ ଘରେ ବିଧିବଧ ଭାବେ ପୂଜା କରିଥାନ୍ତି । ମନ୍ଦିରରେ ମହିଳାଙ୍କ ପ୍ରବଳ ଭିଡ ହୋଇଥାଏ, ସେମାନେ ଶ୍ରଦ୍ଧା ଓ ଭକ୍ତିର ସହ ପୂଜାର୍ଚ୍ଚନା କରିଥାନ୍ତି । ସାବିତ୍ର ବ୍ରତକୁ ନେଇ ଏକ ପୌରାଣିକ କଥା ମଧ୍ୟ ରହିଛି । ସାବିତ୍ରୀ ତାଙ୍କ ସ୍ୱାମୀ ସତ୍ୟବାନଙ୍କ ଜୀବନ ରକ୍ଷା ନିମନ୍ତେ ଯମରାଜଙ୍କ ସହ ସଂଘର୍ଷ କରିଥିଲେ । ସଧବା ନାରୀମାନେ ଏହି ବ୍ରତ କରି ସାବିତ୍ରୀଙ୍କ ପରି ଅତୁଟ ନିଷ୍ଠା ଓ ସମର୍ପଣକୁ ଆପଣାଇବାର ପ୍ରେରଣା ନେଇଥାନ୍ତି । ସାବିତ୍ରୀ ବ୍ରତର ପୂଜାରେ ମହିଳାମାନେ ଆଜି ଦିନସାରା ଉପବାସ ରହିଥାନ୍ତି । ସାବିତ୍ରୀଙ୍କ ଆଶୀର୍ବାଦ ପାଇଁ କାମନା କରିବା ସହ ଏହି ପର୍ବ ମହିଳାଙ୍କ ଗଭୀର ଆସ୍ଥା ଓ ସାଂସ୍କୃତି ପରମ୍ପରାର ପରିଚୟ ଅଟେ ।

# ମାଟ୍ରିକ୍ ଟପର ସମ୍ବର୍ଦ୍ଧିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ ବରଂ ଭବିଷ୍ୟତରେ ଦାୟିତ୍ୱବାନ ନାଗରିକ ଭାବେ ମାଟ୍ରିକ ଟପରମାନେ ଉତ୍କର୍ଷ ହାସଲ କରିବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ସୋମବାର ଦିନ ରାଜଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ୨୦୨୫ ମସିହା ବୋର୍ଡ୍ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସ୍ଇ), ସେଣ୍ଟ୍ରାଲ୍ ବୋର୍ଡ୍ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍ଇ) ଏବଂ କାଉନସିଲ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକଜାମିନେସନ (ଆଇସିଏସ୍ଇ) ଦ୍ୱାରା ଅନୁଷ୍ଠିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ରାଜ୍ୟରେ ସର୍ବୋଚ୍ଚ ନମ୍ବର ରଖି ଟପର ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ଅବସରରେ ଟପରମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏତଦବ୍ୟତୀତ ପିତା ମାତାଙ୍କର ନିରନ୍ତର ସମର୍ଥନ, ତ୍ୟାଗ ଓ ସ୍ନେହ ପାଇଁ ତଥା ଶିକ୍ଷକମାନଙ୍କର ମାର୍ଗଦର୍ଶନ ଏବଂ ପରାମର୍ଶ ପାଇଁ କୃତୀ ଛାତ୍ରଛାତ୍ରୀମାନେ ସଫଳତାର ଶୀର୍ଷକ ସାଜିଥିବାରୁ ସେମାନଙ୍କୁ ମଧ୍ୟ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, କୃତୀ ଟପରମାନେ ଶୃଙ୍ଖଳା, ପ୍ରତିବଦ୍ଧତା ଏବଂ ନିଷ୍ଠା ଦ୍ୱାରା କିପରି ସଫଳତା ହାସଲ କରାଯାଏ ତାହା ଦେଖାଇଛନ୍ତି । ଟପରମାନଙ୍କୁ 'ଉଜ୍ଜ୍ୱଳ ତାରକା' ଭାବେ ଅଭିହିତ କରି ରାଜ୍ୟପାଳ କହିଥିଲେ ଯେ ସେମାନଙ୍କ ସଫଳତା କେବଳ ବ୍ୟକ୍ତିଗତ ଉତ୍କର୍ଷତା ଓ ସ୍ଥିରତା ନୁହେଁ, ବରଂ ପିତାମାତା ଓ ଶିକ୍ଷକଙ୍କ ଅଟଳ ପ୍ରୟାସକୁ ପ୍ରତିଫଳିତ କରେ । ଜ୍ଞାନର କରିଡର ଦେଇ ଆପଣଙ୍କ ସଫଳ ଯାତ୍ରା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ରାଜ୍ୟପାଳ କହିଥିଲେ । ଏହି ସମ୍ବର୍ଦ୍ଧନା ସମାରୋହରେ ଓଡ଼ିଶାର ମାନ୍ୟବର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଯୋଗଦେଇ ଟପର ଏବଂ ତାଙ୍କ ପିତାମାତା ଓ ଶିକ୍ଷକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରି କୃତୀ ଛାତ୍ରଛାତ୍ରୀ, ପିତାମାତା ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ସୂଚନାଯୋଗ୍ୟ ଯେ ବିଏସ୍ଇ, ସିବିଏସ୍ଇ ଓ ଆଇସିଏସ୍ଇର ମୋଟ ୨୫ ଜଣ ଟପରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଚାରି ଜଣ ରେଳ କର୍ମଚାରୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ ଟ୍ରେନ ପରିଚାଳନାର ନିରାପତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ଚାରି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ଟିଟିଲାଗଡରେ କାର୍ଯ୍ୟରତ ଟ୍ରାକ ରକ୍ଷଣାବେକ୍ଷଣକାରୀ ପୂଜନ କୁମାର; ମତଗଜପୁର ଷ୍ଟେସନରେ କାର୍ଯ୍ୟରତ ଟ୍ରାକ ରକ୍ଷଣାବେକ୍ଷଣକାରୀ ଦୀନେଶ କୁମାର; କେନ୍ଦୁଝରଗଡ଼ରେ କାର୍ଯ୍ୟରତ ଲୋକୋ ପାଇଲଟ୍ ଜଗଦୀଶ ସାମଲ ଏବଂ ବିଶାଖାପାଟଣାରେ କାର୍ଯ୍ୟରତ ଟ୍ରେନ ପ୍ରବନ୍ଧକ (ମ୍ୟାନେଜର) ବୋଡାନି ଶ୍ରୀ ନିବାସ ରାଓ ସେମାନଙ୍କ ନିୟମିତ କର୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ବୁଦ୍ଧିର ଉପସ୍ଥିତି ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି । କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ । ବିଶେଷକରି ରେଳ କର୍ମଚାରୀ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି । ରେଳ ସେବାର ନିରାପତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ଅପରେଟରଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ପୂର୍ବତଟ ରେଳପଥ କର୍ମଚାରୀଙ୍କ ପ୍ରୟାସକୁ ସ୍ୱୀକୃତି ଦେବା, ସମସ୍ତ କାର୍ଯ୍ୟରେ ଉତ୍କର୍ଷତା ଏବଂ ନିରାପତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ।

## ଆବାସ କାର୍ଯ୍ୟାଦେଶ ଦେବାକୁ ଦାବି

କଟକ(ଭାସ୍କର ନ୍ୟୁଜ୍): ବର୍ଷା ଦିନ ପୂର୍ବରୁ କଟକ ସହରର ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରିବାକୁ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି । କଂଗ୍ରେସ ପକ୍ଷରୁ କୁହାଯାଇଛଇ ଯେ ବର୍ତମାନ ମେ ମାସ ଶେଷ ହେବାକୁ ବସିଲାଣି । ଏଯାଏ କଟକ ସହରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ । ମେ ଶେଷ ଓ ଜୁନ୍ ମାସ ଆରମ୍ଭରୁ ବର୍ଷା ଆରମ୍ଭ ହେଇଯିବ । ଯଦି ଜୁନ ମାସରେ ହିତାଧିକାରୀ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଏ ତାହେଲେ ତେବେ ବର୍ଷା ସମୟରେ କିପରି ଗୃହ ନିର୍ମାଣ କରିବେ ବୋଲି ପ୍ରଶ୍ନ କରାଯାଇଛି । ବିଶେଷ କରି ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ଉପକରଣ ଇଟା, ବାଲି, ଗୋଡ଼ି, ସିମେଣ୍ଟ ଆଦି ନେବା ଆଣିବା କରିବାରେ ଅସୁବିଧା ଉପୁଜିବ । ବର୍ଷା ଲାଗି ରହିଲେ ଗୃହ ନିର୍ମାଣ ମଧ୍ୟ ହୋଇପାରିବ ନାହିଁ । ସରକାରଙ୍କ ନିୟମ ଅନୁଯାୟୀ ହିତାଧିକାରୀ ଗୃହ ନିର୍ମାଣ କରିବାର ପ୍ରଥମ କିସ୍ତି ଅର୍ଥ ପାଇବାର ୧୨୦ଦିନ ମଧ୍ୟରେ ଯଦି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରେ ତାହେଲେ ହିତାଧିକାରୀଙ୍କୁ ଅଧିକ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।ସେହିପରି ଯେଉଁ ହିତାଧିକାରୀ ପ୍ରଥମ କିସ୍ତି ଟଙ୍କା ପାଇବାର ୯୦ଦିନ ମଧ୍ୟରେ ଆବାସ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ତାଙ୍କୁ ୨୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିପାରିବ । ଯଦି ଜୁନ ଶେଷ ଆଡ଼କୁ ଯଦି ଆବାସ କାର୍ଯ୍ୟାଦେଶ ମିଳେ ତେବେ ବର୍ଷା ସମୟରେ ହିତାଧିକାରୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିବ ନାହିଁ କି ପ୍ରୋତ୍ସାହନ ରାଶି ପାଇପାରିବ ନାହିଁ । ଏନେଇ କଟକ ସହରରେ ଆବାସ ଯୋଜନା ରେ ଆବେଦନ କରିଥିବା ହିତାଧିକାରୀମାନେ ଆଶା ଆଶଙ୍କାରେ ଅଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଲଗାଣ ବର୍ଷା ପୂର୍ବରୁ କାର୍ଯ୍ୟାଦେଶ ବଣ୍ଟନ କରିବାକୁ କଂଗ୍ରେସ ପକ୍ଷରୁ କଟକ ନଗର (ଜିଲ୍ଲା) କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା ଦାବି କରିଛନ୍ତି ।

## ଚନ୍ଦନ ପୋଖରୀରେ ଶହ ଶହ ଭାସୁଛି ମଲା ମାଛ

କଟକ(ଭାସ୍କର ନ୍ୟୁଜ୍): ଚୌଧୁରୀ ବଜାର ଅଞ୍ଚଳରେ ଥିବା ଚନ୍ଦନ ପୋଖରୀରେ ସୋମବାର ସକାଳୁ ଶହ ଶହ ସଂଖ୍ୟାରେ ମଲା ମାଛ ଭାସୁଥିବାର ଦେଖିବାକୁ ମିଳିଛି । ଏହି ଖବର ପ୍ରଚାରିତ ହେବା ପରେ ପୋଖରୀ ନିକଟରେ ଲୋକଙ୍କ ଭିଡ଼ ଜମିବା ସହ ଅସନ୍ତୋଷ ଦେଖାଦେଇଛି । କେହି ବିଷ ଦେଇ ମାଛ ମାରିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ସେହିଭଳି ବାରମ୍ବାର ଏହି ପୋଖରୀର କୌଣସି ସୁରକ୍ଷା ବ୍ୟବସ୍ଥା ନଥିବା କାରଣରୁ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିମାନେ ଏଠାରେ ନିଶା ସେବନ କରନ୍ତି । ତେଣୁ ସେହି ଅସାମାଜିକ ବ୍ୟକ୍ତିମାନେ ଏହିଭଳି କାର୍ଯ୍ୟ କରିଥାଇପାରନ୍ତି ବୋଲି ସାଧାରଣର ସନ୍ଦେହ କରାଯାଉଛି । କଟକ ମହାନଗର ନିଗମ ଓ ପୋଲିସ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ବାସିନ୍ଦା ବାଦି କରିଛନ୍ତି ।



କଟକ ରୋଡ୍ ବୁଦ୍ଧେଶ୍ୱରୀ ମନ୍ଦିରରେ ବିହାରୀ ସମ୍ପ୍ରଦାୟର ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି

## ସ୍କୁଟି ଚାଳକଙ୍କୁ ଧକ୍କା ଦେଲା ଆମ ବସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବୀନ୍ଦ୍ର ମଣ୍ଡପ ରାସ୍ତାରେ ଆମ ବସ ଦୁର୍ଘଟଣା । ସ୍କୁଟି ଚାଳକଙ୍କୁ ଧକ୍କା ଦେଲା ଆମ ବସ । ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ଖାରବେଳ ନଗର ଥାନା ପୋଲିସ ପହଞ୍ଚି ଖୋଳତାଡ କରୁଛି । ସେପଟେ ଦୁର୍ଘଟଣା ଘଟାଇଥିବା ଆମ ବସ ଏବଂ ସ୍କୁଟିକୁ ଜବତ କରିଛି ପୋଲିସ ।

## ଏଲ୍ଆଇସି ପ୍ରିମିୟମ୍ କେନ୍ଦ୍ରରେ ଲୁଟ୍

କଟକ(ଭାସ୍କର ନ୍ୟୁଜ୍): ଲିଙ୍କରୋଡ ସ୍ଥିତ ଏଲ୍ଆଇସି ପ୍ରିମିୟମ ସେଣ୍ଟରେ ଲୁଟେରା କଳାକନା ବୁଲାଇ ଦେଇଛନ୍ତି । ଲୁଟରେ ଦୁଇ ଲକ୍ଷ ପଚାଶ ହଜାର ନଗଦ ଟଙ୍କା ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଲୁଟ୍ ହୋଇଥିବାର ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ସୂଚନା ଯୋଗ୍ୟ ଯେ, ସୋମବାର ସକାଳ ସମୟରେ କଟକ ଲିଙ୍କ ରୋଡ୍‌ରେ ଥିବା ଏଲ୍ଆଇସି ପ୍ରିମିୟମ୍ ସେଣ୍ଟରରୁ ବଡ଼ଧରଣର ଲୁଟ୍ ହୋଇଥିବା ଜଣାପଡିଛି । ଶନିବାର କାର୍ଯ୍ୟାଳୟ ବନ୍ଦ କରିଯିବା ପରେ ଶନିବାର କିମ୍ବା ରବିବାର ରାତିରେ ଲୁଟ୍ ହୋଇଥିବା ଜଣାପଡିଛି । ଲକର ତାଲା ଭାଙ୍ଗି ପ୍ରାୟ ଲୁଟେରାମାନେ ୨.୫ ଲକ୍ଷ ଟଙ୍କା ସହ କିଛି ଚେକ୍ ଲୁଟି ନେଇଛନ୍ତି । ସେପଟେ ଲୁଟ୍ ସଂପର୍କରେ ଖବର ପାଇ ପାଇ କଟକ ବାଦାମ ବାଡ଼ି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଲୁଟ ହୋଇଥିବା ସଂସ୍ଥାର ସିସି କ୍ୟାମେରା ନଥିବା ଯୋଗୁ ନିକଟସ୍ଥ ସମସ୍ତ ଦୋକାନର କ୍ୟାମେରା ଯାଞ୍ଚ କରାଯାଉଥିବା ପୋଲିସ ଠାରୁ ପ୍ରକାଶ ।

## ସତ୍ୟବାନଙ୍କ ଘର ଆଗରେ ସାବିତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାବତ୍ରୀରେ ସତ୍ୟବାନଙ୍କ ଘର ଆଗରେ ସ୍ତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ସ୍ତ୍ରୀକୁ ଛାଡି ସ୍ୱାମୀ ଅନ୍ୟ ଜାଗାରେ ବାହା ହୋଇଯାଇଥିଲେ । ଏହା ଜାଣିବା ପରେ ସ୍ତ୍ରୀ ସ୍ୱାମୀ ଘରକୁ ଆସି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଭୁବନେଶ୍ୱର ଏୟାରପୋର୍ଟ ଥାନାରେ ଅଭିଯୋଗ ପରେ ପୋଲିସ ଛାନବିନ ଆରମ୍ଭ କରିଛି । ୨ ବର୍ଷ ହେବ ଅଭିଯୋଗ କାରିଣୀଙ୍କୁ କୋର୍ଟ ପରେ ମନ୍ଦିରରେ ବିବାହ କରିଥିଲେ । ଯଦି ମୋ ସ୍ୱାମୀ ମୋତେ ଘରକୁ ନ ନିଅନ୍ତି ତେବେ ଆଉ ଥରେ ଆତ୍ମହତ୍ୟା କରିବାକୁ ଚେତାବନି ଦେଇଛନ୍ତି ଅଭିଯୋଗକାରିଣୀ ।

## ୨୯ରୁ ବିକଶିତ କୃଷି ସଂକଳ୍ପ ଅଭିଯାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ କୃଷି ପଦକ୍ଷେପ ଗୁଡିକୁ ତୃଣମୂଳସ୍ତରରେ ପହଂଚାଇ କୃଷିରେ ନବସୃଜନ ସୃଷ୍ଟି କରିବା ଲକ୍ଷ୍ୟରେ ଆରମ୍ଭ ହେବାକୁ ଯାଉଛି ବିକଶିତ କୃଷି ସଂକଳ୍ପ ଅଭିଯାନ । ଆସନ୍ତା ୨୯ରୁ ୧୨ ଜୁନ ପର୍ଯ୍ୟନ୍ତ ଏହି ଅଭିଯାନ ସାରା ଦେଶରେ ଚାଲିବ । ଏହି ବିକଶିତ କୃଷି ସଂକଳ୍ପ ଅଭିଯାନ ଓଡ଼ିଶାର ଐତିହ୍ୟ ସହର ପୁରୀରୁ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଅଭିଯାନର ଶୁଭାରମ୍ଭ କରିବେ । କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସାଫଲ୍ୟ ମଣ୍ଡିତ କରିବେ । ଏନେଇ କୃଷି ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ । ଆସନ୍ତା ୨୯ରୁ ଆରମ୍ଭ ହେବାକୁ ଥିବା ବିକଶିତ କୃଷି ସଂକଳ୍ପ ଅଭିଯାନ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଡ଼ ପାଢ଼ୀ କହିଛନ୍ତି । କେନ୍ଦ୍ର କୃଷିମନ୍ତ୍ରୀଙ୍କ ସମେତ ଅତିଥିବୃନ୍ଦ ପ୍ରଥମେ ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ପରେ ତ୍ରିରଙ୍ଗାଯାତ୍ରାରେ ସାମିଲ ହେବେ । ସାକ୍ଷୀଗୋପାଳସ୍ଥିତ ବୀରଗୋବିନ୍ଦପୁର କୃଷି ବିଜ୍ଞାନ କେନ୍ଦ୍ରରେ ଅଭିଯାନର ଶୁଭାରମ୍ଭ କରାଯିବ । ଏହି ସମୟରେ କୃଷି ରଥର ଶୁଭାରମ୍ଭ ମଧ୍ୟ କରାଯିବ । ପରେ ସିଆଇଏଫ୍ଏ କାର୍ଯ୍ୟକ୍ରମରେ ଯୋଗଦାନ କରିବେ । ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଓୟୁଏଟି କୁଳପତି ଡ଼ ପ୍ରଭାତ କୁମାର ରାଉଳ, ଡ଼ାଇରେକ୍ଟର ସିଫା ପି କେ ସାହୁ, ଡ଼େପୁଟି ଡ଼ାଇରେକ୍ଟର ଜେନେରାଲ ଆଇସିଏଆର, କେନ୍ଦ୍ରୀୟ ଉଦ୍ୟାନକୃଷି ପରୀକ୍ଷଣ କେନ୍ଦ୍ର ଓୟୁଏଟି ଡିନ, କୃଷି ବିଜ୍ଞାନ କେନ୍ଦ୍ର ପ୍ରମୁଖରୁ ବରିଷ୍ଠ ଅଧିକାରୀବୃନ୍ଦ ଯୋଗ ଦେଇଥିଲେ ।

## ସାଇବର ଅପରାଧ ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ

# ଖୋଲିବ ସାଇବର କ୍ରାଇମ୍ କମାଣ୍ଡ ସେଣ୍ଟର: ଡିଜିପି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଖୋଲିବ ସାଇବର କ୍ରାଇମ କମାଣ୍ଡ ସେଣ୍ଟର । ପୋଲିସ୍ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆ ଏହି ସୂଚନା ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ସାଇବର କମ୍ପ୍ଲେକ୍ସ ଠାରେ ରାଜ୍ୟ କ୍ରାଇମବ୍ରାଂଚ ଆନୁକୂଲ୍ୟରେ 'ସାଇବର ଅପରାଧର ତଦନ୍ତ ଏବଂ ସାଇବର ବୁଦ୍ଧିମତା' ସମ୍ପର୍କିତ ଏକ କର୍ମଶାଳା ଉଦଘାଟିତ ହୋଇଯାଇଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କର୍ମଶାଳାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଆଗାମୀ ଦିନରେ ସାଇବର ଅପରାଧକୁ ରୋକିବାକୁ ରାଜ୍ୟର ସମସ୍ତ ରେଞ୍ଜ ଏବଂ ଜିଲ୍ଲା ସ୍ତରରେ 'ସାଇବର ଅପରାଧ ତଦନ୍ତ' ସମ୍ପର୍କିତ କର୍ମଶାଳାର ଆୟୋଜନ କରାଯିବ ଏବଂ ଏଥିରେ କନଷ୍ଟେବଳ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଅଧିକାରୀମାନେ ଅଂଶଗ୍ରହଣ କରିବେ । ଅଳ୍ପ ସମୟ ମଧ୍ୟରେ ଅଧିକାରୀଙ୍କୁ ସାଇବର ଅପରାଧର ସଠିକ ତଦନ୍ତ ଏବଂ ନିଜର ଦକ୍ଷତା ପ୍ରତିପାଦିନ କରିବାରେ ଏହି କର୍ମଶାଳା ସେମାନଙ୍କୁ ବିଶେଷ ସହାୟକ ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଛନ୍ତି । ଭିତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା ର ପ୍ରୟୋଗ ଦ୍ୱାରା ଅଦୃଶ୍ୟ ଅପରାଧୀଙ୍କୁ ମୁକାବିଲା କରିବାକୁ ହେଲେ ପୋଲିସକୁ ନିଜର ଦକ୍ଷତା ବିକାଶ ଏବଂ ନିରନ୍ତର ତାଲିମ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ କର୍ମଶାଳା ଆୟୋଜନ କରାଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି । ସାଇବର ଅପରାଧକୁ ମୁକାବିଲା କରିବାକୁ ହେଲେ ଜ୍ଞାନ, ଦକ୍ଷତା ଏବଂ ତଦନ୍ତ କୌଶଳକୁ ସଶକ୍ତ କରିବାର ଆବଶ୍ୟକତା ରହିଛି ଏବଂ ଏହାକୁ କାର୍ଯ୍ୟ କ୍ଷେତ୍ରରେ ସଠିକ ବିନିଯୋଗ କରିବାକୁ କର୍ମଶାଳାରେ ସାମିଲ ହୋଇଥିବା ଅଧିକାରୀଙ୍କୁ ଡିଜିପି ଉପଦେଶ ଦେଇଥିଲେ । ଏକ ନୂତନ ଆତ୍ମବିଶ୍ୱାସ ଏବଂ ଦକ୍ଷତା ସହିତ ସାଇବର ଅପରାଧ ବିରୋଧରେ ଲଢ଼ି ଓଡ଼ିଶାବାସୀଙ୍କ ସେବା କରିବାକୁ ଡ଼ିଜିପି ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡିଜିପି, କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କ୍ରାଇମବ୍ରାଂଚ, ଆଇଜି ଡ଼. ସାର୍ଥକ ଷଡ଼ଙ୍ଗୀ କର୍ମଶାଳା ଆୟୋଜନ ଓ ପରିଚାଳନା କରିଥିଲେ । ଡିଆଇଜି (ଏସ୍‌ଟିଏଫ୍) ପିନାକ ମିଶ୍ର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସାଇବର ବିଶେଷଜ୍ଞ ଡ଼. ରକ୍ଷିତ ଟଣ୍ଡନ ବିଭିନ୍ନ ଜିଲ୍ଲାରୁ ଆସିଥିବା ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ଅକୃତଜ୍ଞ ପଡ଼ୋଶୀର ଶତ୍ରୁତା

# ଭାରତ-ବାଂଲାଦେଶ ସମ୍ପର୍କରେ ଅବନତି

ବିଗତ ଶତାବ୍ଦୀର ସପ୍ତମ ଦଶକରେ ଭାରତର ଆର୍ଥିକ ଓ ସାମରିକ ସହାୟତାରେ ଜନ୍ମଲାଭ କରିଥିଲା ଏକର ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ବାଂଲାଦେଶ। ପୂର୍ବରୁ ପାକିସ୍ତାନର ଅଂଶବିଶେଷ ଥିବା ଏହି ଦେଶର ମୁକ୍ତି ସଂଗ୍ରାମକୁ ଭାରତ କେବଳ ପୂର୍ଣ୍ଣ ସମର୍ଥନ ଜଣାଇନଥିଲା, ଆମର ବୀର ଯବାନମାନେ ପ୍ରତ୍ୟକ୍ଷ ଯୁଦ୍ଧରେ ଅଂଶଗ୍ରହଣ କରିବା ସହିତ ପାକ୍ ସେନାକୁ ପରାଜିତ କରି ସ୍ୱାଧୀନ ବାଂଲାଦେଶ ସୃଷ୍ଟି କରିଥିଲେ। ଏଥିପାଇଁ ବହୁ ସଂଖ୍ୟକ ଭାରତୀୟ ଯବାନଙ୍କୁ ପ୍ରାଣବଳୀ ଦେବାକୁ ପଡ଼ିଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ ବାଂଲାଦେଶ ଏଥିପାଇଁ କୃତଜ୍ଞ ରହିବା ତ ଦୂରର କଥା, ଏବେ ଭାରତର ପୂର୍ବ ସୀମାରେ ଏକ ଶତ୍ରୁ ରାଷ୍ଟ୍ର ରୂପେ ଉଭା ହୋଇଛି। ବାଂଲାଦେଶ ମୁକ୍ତି ସଂଗ୍ରାମର ଜନକ ବଙ୍ଗବନ୍ଧୁ ମୁଜିବୁର ରହମାନଙ୍କ କନ୍ୟା ଶେଖ ହାସିନା ଦେଶର ପ୍ରଧାନମନ୍ତ୍ରୀ ଥିବା ପର୍ଯ୍ୟନ୍ତ ଭାରତ ସହିତ ଏହାର ସମ୍ପର୍କ ବେଶ୍ ସ୍ୱାଭାବିକ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଥିଲା। ମାତ୍ର ଗତବର୍ଷ ମୁଣ୍ଡ ଟେକିଥିବା ଛାତ୍ର ଆନ୍ଦୋଳନର ପ୍ରଭାବରେ ଶେଖ ହାସିନା କ୍ଷମତାଚ୍ୟୁତ ହେବା ସଙ୍ଗେ ସଙ୍ଗେ ଦେଶରୁ ବିତାଡ଼ିତ ହୋଇ ଏବେ ଭାରତରେ ଆଶ୍ରୟ ଗ୍ରହଣ କରିଛନ୍ତି। ସାମରିକ ବାହିନୀର ସହାୟତାରେ ନୋବେଲ୍ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍ଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର ବାଂଲାଦେଶରେ କ୍ଷମତାସୀନ ହୋଇଛନ୍ତି। ଦେଶବାସୀଙ୍କୁ ସୁଶାସନ ଦେବାକୁ ପ୍ରତିଶ୍ରୁତି ଦେଇ ଶାସନ ଗାଦି ଦଖଲ କରିଥିବା ଏହି ଅନ୍ତରୀଣ ସରକାର ଏବେ ସବୁକ୍ଷେତ୍ରରେ ବିଫଳ ହେବା ସହିତ ରାଜନୈତିକ ଅସ୍ଥିରତା ଦିନକୁ ଦିନ ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ଶେଖ ହାସିନାଙ୍କ ରାଜନୈତିକ ଦଳ ଆୱାମୀ ଲିଗ୍କୁ ଇତିମଧ୍ୟରେ ବେଆଇନ୍ ଘୋଷଣା କରାଯାଇଛି। ମହମ୍ମଦ ୟୁନୁସ୍ଙ୍କ ଅନ୍ତରୀଣ ସରକାର ତୀବ୍ର ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରିବା ସଙ୍ଗେସଙ୍ଗେ ଆମର ପାରମ୍ପରିକ ଶତ୍ରୁ ଚୀନ୍ ଓ ପାକିସ୍ତାନ ସହ ସୁସମ୍ପର୍କ ସ୍ଥାପନ କରିଛନ୍ତି। ଭାରତ ବିରୋଧରେ କୂଟନୈତିକ ରଣନୀତି ଆପଣାଇ ଏକ ଚକ୍ରବ୍ୟୂହ ରଚନା କରିବାକୁ ସେ ପ୍ରଚେଷ୍ଟା ଚଳାଇଛନ୍ତି। ଏହାରି ଭିତରେ ଆମ ଗୁଇନ୍ଦା ବିଭାଗର ଏକ ରିପୋର୍ଟ ଚିନ୍ତାର କାରଣ ସାଜିଛି। ବାଂଲାଦେଶ ପଟୁ ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ କରାଯିବାର ସମ୍ଭାବନା ରହିଛି ବୋଲି ଗୁଇନ୍ଦା ରିପୋର୍ଟରେ ଦର୍ଶାଯାଇଛି। ଏହି ରିପୋର୍ଟ ମିଳିବା ପରେ ପୂର୍ବ ସୀମାରେ ଏହି ପଡ଼ୋଶୀ ଦେଶ ସହ ଜଳ, ସ୍ଥଳ ଓ ଆକାଶ ମାର୍ଗରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ଭାରତୀୟ ସେନାକୁ ନିର୍ଦ୍ଦେଶ ଦିଆଯାଇଛି। ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜମାତ୍-ଉଲ୍-ମୁଜାହିଦ୍ଦିନ୍ର କାର୍ଯ୍ୟକଳାପ ବାଂଲାଦେଶରେ ଦିନକୁ ଦିନ ବଢୁଥିବାର ଲକ୍ଷ୍ୟ କରାଯାଉଛି। ନିକଟରେ ରାଜଧାନୀ ଢ଼ାକାରେ ଅନୁଷ୍ଠିତ ଏକ ରାଲିରେ ଏହି ସଂଗଠନ ଖୋଲାଖୋଲି ନିଜର ପତାକା ପ୍ରଦର୍ଶନ କରିଥିଲା। ଦୁର୍ବଳ ଓ ଦିଗହରା ସ୍ଥିତିରେ ଥିବା ୟୁନୁସ୍ଙ୍କ ଅନ୍ତରୀଣ ସରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବାରେ କେତେଦୂର ସକ୍ଷମ ହେବେ, ତାହା ସନ୍ଦେହଜନକ। ଏପଟେ ଭାରତରେ ଆଶ୍ରୟ ନେଇଥିବା ଶେଖ ହାସିନାଙ୍କ ବିସ୍ଫୋରକ ବୟାନ ଦେଇ ବର୍ତ୍ତମାନ ବାଂଲାଦେଶକୁ ଆତଙ୍କବାଦୀମାନେ ହିଁ ଚଳାଉଛନ୍ତି ଏବଂ ୟୁନୁସ୍ ସରକାର ଦେଶକୁ ଯୁକ୍ତରାଷ୍ଟ୍ର ଆମେରିକା ପାଖରେ ବିକ୍ରି କରିଦେଇଛନ୍ତି ବୋଲି କହିଛନ୍ତି। ବାଂଲାଦେଶରେ ନିର୍ବାଚନ କରାଯାଇ ଏକ ଲୋକପ୍ରିୟ ସରକାର ଗଠିତ ହେବ ବୋଲି ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ପ୍ରହେଳିକା ଭଳି ମନେହେଉଛି। ବାଂଲାଦେଶର ସ୍ଥିତି ବେଳକୁ ବେଳ ରସାତଳଗାମୀ ହେଉଥିବା ବେଳେ ଭାରତ ସହ ସମ୍ପର୍କରେ ମଧ୍ୟ ଅବନତି ଘଟି ଚାଲିଛି।

# 'ସିନ୍ଦୁର'ର ଅପମାନ ପରେ ପାକିସ୍ତାନ କାହିଁକି ମୁନୀରଙ୍କୁ ପଦୋନ୍ନତି ଦେଲା



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ଅତି ଆକସ୍ମିକ ଭାବରେ ପାକିସ୍ତାନ ତା'ର ସେନାମୁଖ୍ୟ ଜେନେରାଲ ଅସିମ ମୁନୀରଙ୍କୁ ଫିଲ୍ଡ ମାର୍ଶଲ ଉପାଧିରେ ମନୋନୀତ କରିଛି। ଅନେକ ଲୋକ ଏଥିରେ ଆଶ୍ଚର୍ଯ୍ୟ ହୋଇଥିବେ ଯଦିଓ ପାକିସ୍ତାନ ଗତ ପହେଲଗାମ୍ ଆକ୍ରମଣ ପରେ ଭାରତ ତରଫରୁ ଅତିଅପମାନଜନକ ପ୍ରତିଆକ୍ରମଣ କରାଯାଇଛି ତଥାପି କାହିଁକି ଏପରି ପଦୋନ୍ନତି ଦିଆଗଲା। କାରଣ ପାକିସ୍ତାନ ହେଉଛି ସୀମାପାର୍ ଆତଙ୍କବାଦର କର୍ତ୍ତା। ଯେଉଁମାନେ ପାକିସ୍ତାନରେ ବର୍ତ୍ତମାନ ଅବସ୍ଥାକୁ ଲକ୍ଷ୍ୟ କରୁଛନ୍ତି ସେମାନେ ଜାଣିଛନ୍ତି ଯେ, କେମିତି ଗୋଟିଏ ରାଷ୍ଟ୍ରବାଦର ଉନ୍ମାଦନା ଭାରତରେ ଗତ ମେ' ୧୦ ତାରିଖରୁ ଖେଳିଯାଇଛି ଏ ବିଷୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ କହିଛନ୍ତି ଯେ, ସେ ଏହି ବିବାଦ ମଧ୍ୟକୁ ପଶିଛନ୍ତି ଓ ମଧ୍ୟସ୍ଥତା କରିଥିବାରୁ ଯୁଦ୍ଧବିରତି ଘୋଷଣା ହୋଇଛି। ସାଧରଣତଃ ଡୋନାଲ୍ଡ ଟ୍ରମ୍ପ୍ଙ୍କ ପରି ଲୋକମାନେ ଏପରି କହିଥାନ୍ତି। ଭାରତ ହାତରେ ଏପରି ଅପମାନ ପାଇଥିଲେ ମଧ୍ୟ ପାକିସ୍ତାନର ସେନା ଓ ବେସାମରିକ ପ୍ରତିଷ୍ଠାନ ନାନା ପ୍ରକାର ମିଥ୍ୟ କହି ଚାଲିଛନ୍ତି ଓ ଭାରତ ହାତରେ ପାକିସ୍ତାନ ଯେଉଁ ଅପମାନ ମାନ ପାଉଛି ତାହାକୁ ଲୁଚାଇ ରଖିଛନ୍ତି। ସେଥିପାଇଁ ଜେନେରାଲ ଅସୀମ ମୁନୀରଙ୍କୁ ଗୋଟିଏ ସର୍ବୋଚ୍ଚ ନାଗରିକ ସମ୍ମାନ ଦେଇଛନ୍ତି ଯାହା ବ୍ରିଟିଶ ସରକାରଙ୍କ ବେଳରୁ ଅସାଧାରଣ ବୀରତ୍ୱ ପାଇଁ ଦିଆଯାଇ ଆସିଛି। ବର୍ତ୍ତମାନ ଭାରତ ବିରୁଦ୍ଧରେ ପାକିସ୍ତାନରେ ବିଜୟ ହୋଇଛି ବୋଲି ଏହି କଥା କୁହାଯାଉଛି।

### ପାକିସ୍ତାନରେ ସେନାର ଗୋଟିଏ ଦେଶ ଅଛି

ଜେନେରାଲ ଅସୀମ ମୁନୀରଙ୍କ ଫିଲ୍ଡ ମାର୍ଶଲ ପଦକୁ ପଦୋନ୍ନତି ଏଇଥି ପାଇଁ କରାଯାଇଛି ଯେ, ଅସିମ ମୁନୀରଙ୍କର ଭାରତ ପ୍ରତି ଗୋଟିଏ ଅତ୍ୟନ୍ତ ଘୃଣା ରହିଛି। ଏହାର ଆଉ ଗୋଟିଏ ବଡ଼ କାରଣ ହେଲା ଯେତେବେଳେ ଅନ୍ୟ ଦେଶମାନଙ୍କର ଗୋଟିଏ ସେନାବାହିନୀ ଅଛି ପାକିସ୍ତାନରେ ସେନାବାହିନୀର ଗୋଟିଏ ଦେଶ ଅଛି। ଜେନେରାଲ ଅସିମ ମୁନୀର ହେଉଛନ୍ତି ପାକିସ୍ତାନ ଇତିହାସରେ ଦ୍ୱିତୀୟ ସେନାମୁଖ୍ୟ ଯିଏକି ଫିଲ୍ଡ ମାର୍ଶଲ ପଦ ପାଇଛନ୍ତି। ଏହି ପଦ ପ୍ରଥମେ ଦିଆଯାଇଥିଲା ଆୟୁବ ଖାଁଙ୍କୁ ଯିଏକି ୧୯୫୮ର ସାମରିକ ବିଦ୍ରୋହ ପରେ କ୍ଷମତା ଦଖଲ କରି ନିଜକୁ ନିଜେ ଏହି ପଦ ଦେଇଥିଲେ। ସେତେବେଳେ ଥିବା ଚାଟୁକାର ସରକାର ଏହି ପଦକୁ ସ୍ୱୀକାର କରିଥିଲା ଏବଂ ପଞ୍ଚତାରକା ସମ୍ମାନ ଆୟୁବ ଖାଁଙ୍କୁ ଦେଇଥିଲା। ସେତେବେଳେ ଆୟୁବ ଖାଁ ନିଜକୁ ନିଜେ ରାଷ୍ଟ୍ରପତି ବୋଲି ଘୋଷଣା କରିଥିଲେ। କିନ୍ତୁ ଅସିମ ମୁନୀର ରାଷ୍ଟ୍ରପତି ପଦ ବୋଲି ନିଜକୁ ଘୋଷଣା ନକରି ସେନାମୁଖ୍ୟ ହୋଇ ବର୍ତ୍ତମାନ ମଧ୍ୟ ରହିଛନ୍ତି।

### ଅସିମ ମୁନୀର ବହୁ ଅଧିକ ଶକ୍ତିଶାଳୀ

ଏଠାରେ ସନ୍ଦେହ କରିବାରେ କିଛି ନାହିଁ ଯେ, ପେହଲଗାମ୍ ସଙ୍କଟ ପରେ ପାକିସ୍ତାନରେ ଜେନେରାଲ ଅସିମ ମୁନୀର ଅଧିକରୁ ଅଧିକ ଶକ୍ତିଶାଳୀ ହୋଇଛନ୍ତି। ପାକିସ୍ତାନର ଜନସାଧାରଣ ଏହି ସଙ୍କଟରେ ତାଙ୍କୁ ବହୁତ ସମ୍ମାନ ଦେବା ଆରମ୍ଭ କରିଛନ୍ତି। ଗଣମାଧ୍ୟମ ମଧ୍ୟ ତାଙ୍କୁ ବହୁ ସମ୍ମାନ ଦେଉଛି କାରଣ ସେ ଭାରତ ବିରୁଦ୍ଧରେ ମୁଣ୍ଡ ଟେକି ଉଠିଛନ୍ତି। ଯେପର୍ଯ୍ୟନ୍ତ ଯୁଦ୍ଧବିରତି ଘୋଷଣା ହୋଇନଥିଲା ସେପର୍ଯ୍ୟନ୍ତ ସେ ଭାରତ ବିରୁଦ୍ଧରେ ଲଢ଼ିପାରିଥିଲେ ବୋଲି ସେଠାକାର ଲୋକଙ୍କର ଧାରଣା। ଟ୍ରମ୍ପ ଇତିମଧ୍ୟରେ ଦାବି କରିଛନ୍ତି ଯେ, ସେ ମିଳାମିଶା କରି ଏହି ଯୁଦ୍ଧବିରତିକୁ ଆଣି ପାରିଛନ୍ତି, କିନ୍ତୁ ଭାରତ କହୁଛି ଏହା ସତ୍ୟ ନୁହେଁ। ଏହା ହେଉଛି ଅଉ ଏକ କାରଣ କାହିଁକି ପାକିସ୍ତାନର ପ୍ରଧାନମନ୍ତ୍ରୀ ସେହୱାଜ ସରିଫ ଅସିମ ମୁନୀରଙ୍କୁ ଏଭଳି ପଦୋନ୍ନତି ଦେଇଛନ୍ତି। ସରିଫ କହିଛନ୍ତି ଫିଲ୍ଡ ମାର୍ଶଲ ପଦକୁ ଅସିମ ମୁନୀରଙ୍କୁ ଉଠାଇବା ହେଉଛି କେବଳ ତାଙ୍କରି ନିଷ୍ପତ୍ତି। ତେବେ ବିଶ୍ଳେଷକମାନେ କହିଛନ୍ତି, ଅସିମ ମୁନୀରଙ୍କୁ ଏଭଳି ସମ୍ମାନ ଦିଆଯିବାର କାରଣ ହେଉଛି ଯେ, ତାଙ୍କର ସବୁଠାରୁ ବଡ଼ କୌଶଳ ଓ ସାହସିକ ନେତୃତ୍ୱ ଭାରତ ବିରୁଦ୍ଧରେ। ଏହା ପ୍ରମାଣିତ କରୁଛି ଯେ, କ୍ଷମତା ଉପରେ ତାଙ୍କର କେତେ ନିୟନ୍ତ୍ରଣ ଅଛି ଓ ଭାରତ ସହିତ ସେ ଲଢୁଥିବାରୁ ପାକିସ୍ତାନର ମର୍ଯ୍ୟଦା ବଢ଼ିଛି ବୋଲି ସେଠାରେ ଗୋଟିଏ ଧାରଣା ସୃଷ୍ଟି ହୋଇଛି। କିନ୍ତୁ ବାସ୍ତବ ସତ୍ୟ ହେଉଛି ଯେତେବେଳେ ରାଓଲପିଣ୍ଡିରେ ଥିବା ନରୁ ଖାନ୍ ବିମାନ ଘାଟୀ ଉପରେ ଭାରତୀୟ ବାୟୁସେନା ଦ୍ୱାରା ଆକ୍ରମଣ ହେଲା ତାହା ଘଟିଥିଲା ରାତି ଅଢ଼େଇଟା ବେଳେ ଓ ସେ ବଙ୍କର ମଧ୍ୟରେ ଯାଇ ଲୁଚିଥିଲେ ବୋଲି ସମ୍ବାଦମାନ ପ୍ରକାଶ ପାଇଛି। ଏହାଫଳରେ ପାକିସ୍ତାନର ଲୋକଙ୍କର ମାନସିକତା ସେନାବାହିନୀ ପାଖରେ ଏକଜୁଟ ହୋଇଯାଇଛି। ତେବେ ଜେନେରାଲ ଅସିମ ମୁନୀର ତାଙ୍କର ସମସ୍ତ ଶକ୍ତି ମୁଖ୍ୟତଃ ସେନାବାହିନୀର ମୁଖ୍ୟ ପଦରୁ ପାଇବେ।

### ସ୍ୱଳ୍ପକାଳ ପାଇଁ ଆଇଏସ୍ଆଇର ମୁଖ୍ୟ

ଅସିମ ମୁନୀର ୧୯୮୬ ଏପ୍ରିଲ ମାସରେ ସେଠାକାର ୨୩ତମ ବାଟାଲିୟନ ମଧ୍ୟକୁ ପ୍ରବେଶ କରିଥିଲେ ଯିଏକି ଫ୍ରଣ୍ଟିୟର ଫୋର୍ସ ରେଜିମେଣ୍ଟରେ ଥିଲା। ୨୦୧୪ରେ ତାଙ୍କୁ ମେଜର ଜେନେରାଲ ପଦକୁ ପଦୋନ୍ନତି ଦିଆଯାଇଥିଲା: ପାକିସ୍ତାନର ଉତ୍ତରାଞ୍ଚଳରେ ସେ ସେତିକିବେଳେ ସେନାବାହିନୀର କମାଣ୍ଡର ହିସାବରେ କାମ କରିଥିଲେ। ୨୦୧୬ରେ ମିଲିଟାରୀ ଇଣ୍ଟେଲିଜେଣ୍ଟସ(ସାମରିକ ଗୁଇନ୍ଦା ବିଭାଗ)ରେ ସେ ମହାନିର୍ଦ୍ଦେଶକ ହିସାବରେ କାମ କରିଥିଲେ।

### ଆଇଏସ୍ଆଇର ମୁଖ୍ୟ

୨୦୧୮ ଅକ୍ଟୋବରରେ ତାଙ୍କୁ ଆଇଏସ୍ଆଇ (ବୈଦେଶିକ ଗୁଇନ୍ଦା ସଂସ୍ଥା)ର ମୁଖ୍ୟ ହିସାବରେ ନିର୍ବାଚିତ ହୋଇଥିଲେ। ତେବେ ତଦାନୀନ୍ତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ସହିତ ତାଙ୍କର ମନୋମାଳିନ୍ୟ ହେତୁ ତାଙ୍କୁ ସେ ପଦ ଛାଡ଼ିବାକୁ ପଡ଼ିଥିଲା। ଏହାଫଳରେ ସେ ସବୁଠାରୁ କମ୍ ସମୟ ପାଇଁ ଏହି ପଦରେ ମନୋନୀତ ହୋଇଥିଲେ। ନଭେମ୍ବର ୨୦୨୨ରେ ଅସିମ ମୁନୀରଙ୍କୁ ସେନାବାହିନୀର ଚିଫ୍ ଅଫ୍ ଷ୍ଟାଫ୍ ପଦରେ ମନୋନୀତ କରାଯାଇଥିଲା ଯେତେବେଳେ ଇମ୍ରାନ୍ ଖାଁଙ୍କୁ କ୍ଷମତାଚ୍ୟୁତ କରାଗଲା ଏବଂ ବର୍ତ୍ତମାନ ୨୦୨୫ ମେ' ୨୦ରେ ସେ ଫିଲ୍ଡ ମାର୍ଶଲ ପଦ ପାଇଛନ୍ତି।

### ମୁନୀରଙ୍କ ସାମ୍ନାରେ ବିପଦ

ଏହାସତ୍ୟ ଯେ, ବର୍ତ୍ତମାନ ଜେନେରାଲ ଅସିମ ମୁନୀର ପାକିସ୍ତାନରେ ତାଙ୍କର ଶକ୍ତିକୁ ସୁଦୃଢ଼ କରିଛନ୍ତି। କିନ୍ତୁ ଯେତେ ଦେଢ଼େଇ ବଂକେଇ କହିଲେ ମଧ୍ୟ ମେ' ୧୦ର ଘଟଣା ତାଙ୍କୁ ସାହାଯ୍ୟ କରୁଛି ଆଭ୍ୟନ୍ତରୀଣ ଓ ବାହାରର ବିପଦଗୁଡ଼ିକ ମୁକାବିଲା କରିବା ପାଇଁ। ପାକିସ୍ତାନରେ ବର୍ତ୍ତମାନ ବ୍ୟାପକ ଅର୍ଥନୈତିକ ଦୁର୍ବଳତା ଅଛି। ସେଠାରେ ଅସଫଳ ପାକିସ୍ତାନର ଆତଙ୍କବାଦ ବିରୋଧୀ ଆନ୍ଦୋଳନ ଚାଲିଛି। ଏହାର ଅର୍ଥନୀତି ଦୁର୍ବଳ ହୋଇପଡ଼ିଲାଣି। ପାକିସ୍ତାନ, ତାଲିବାନ ଓ ବେଲୁଚିସ୍ତାନ ମୁକ୍ତିସେନା ମୁଣ୍ଡଟେକି ଉଠିଲେଣି ଯେଉଁମାନେ ସିଧାସଳଖ ରାଜନୈତିକ ଅସ୍ଥିରତାକୁ ସୃଷ୍ଟି କରୁଛନ୍ତି। ସବୁଠାରୁ ଲୋକପ୍ରିୟ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କୁ କ୍ଷମତାଚ୍ୟୁତ କରି ଜେଲ୍ରେ ରଖାଯାଇଛି। ଏପରିକି ସେନାବାହିନୀ ମଧ୍ୟରେ ମଧ୍ୟ ବର୍ତ୍ତମାନ ଗୋଷ୍ଠୀକନ୍ଦଳ ଚାଲିଛି। ଏହାର ଗୋଟିଏ କାରଣ ହେଲା ଭାରତ ବିରୁଦ୍ଧରେ ଅସିମ ମୁନୀର ବିବାଦକୁ ଆରମ୍ଭ କରିଛନ୍ତି। ମୁଣ୍ଡ ଟେକି ଉଠିଥିବା ଏହି ସେନା ମୁଖ୍ୟଙ୍କୁ ଏବେ ଏହି ଶକ୍ତି ବିରୁଦ୍ଧରେ ଲଢ଼ିବାକୁ ପଡ଼ିବ।

ଅସିମ ମୁନୀର ଜାଣିଛନ୍ତି ଯେ, ବର୍ତ୍ତମାନ ଆନ୍ତର୍ଜାତିକ ସ୍ତରରେ ଧୈର୍ଯ୍ୟ ପାକିସ୍ତାନ ପାଇଁ ବହୁତ କମ୍ ଅଛି। ଏପରିକି ଅଫଗାନିସ୍ତାନ ମଧ୍ୟ ଏବେ ପାକିସ୍ତାନ ବିରୁଦ୍ଧରେ ଲାଗିଛି। ବର୍ତ୍ତମାନ ଯାହା କୁହାଯାଉଛି ଯେ, ଭଲ ଆତଙ୍କବାଦୀ ଓ ଖରାପ ଆତଙ୍କବାଦୀଙ୍କ ମଧ୍ୟରେ ଲଢ଼େଇ ଚାଲିଛି । ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏହି ଭୟ ସୃଷ୍ଟି କରାଯାଉଛି ଯେ, ପରମାଣୁ ବୋମାର ପ୍ରୟୋଗ ଦରକାର ପଡ଼ିଲେ ପାକିସ୍ତାନ ପ୍ରୟୋଗ କରିବ । ପାକିସ୍ତାନର ଯୁକ୍ତି ହେଲା ଦୁଇ ପ୍ରକାର ଆତଙ୍କବାଦୀ ହେଉଛନ୍ତି ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଭଲ ଆତଙ୍କବାଦୀ ଓ ଖରାପ ଆତଙ୍କବାଦୀ। ତେବେ ପରମାଣୁ ବୋମାର ପ୍ରୟୋଗ ପାଇଁ ପାଶ୍ଚାତ୍ୟ ଶକ୍ତିମାନେ କିଛିଟା ବିଚଳିତ ହୋଇଥିଲେ ମଧ୍ୟ ଭାରତ ସେମିତି ବିଚଳିତ ନୁହେଁ। ଯେତେବେଳେ ଚୀନ ଏହି ଯୁଦ୍ଧ ବିରତିକୁ ଘୋଷଣା କରିଛି ସେତେବେଳେ ପାକିସ୍ତାନ ଯୁଦ୍ଧବିରତି ପାଇଁ ଆମେରିକାର ସାହାଯ୍ୟ ନେବା ଚୀନକୁ ସନ୍ତୁଷ୍ଟ କରିନାହିଁ। ପାକିସ୍ତାନ ଏ କ୍ଷେତ୍ରରେ ଯୁଦ୍ଧବିରତି ପାଇଁ ଆମେରିକାର ହସ୍ତକ୍ଷେପ ଖୁବ୍ ଚାହିଁଛି। ପାକିସ୍ତାନ ଏବେ ଚାହୁଁଛି ଭାରତ ସହିତ ବିବାଦ ମେଣ୍ଟେଇବା ପାଇଁ ଆମେରିକାର ହସ୍ତକ୍ଷେପ। ଏହାଫଳରେ ଭାରତ ସହିତ ବିବାଦ ସମାପ୍ତ ହେବ। ସେଥିପାଇଁ ଯୁଦ୍ଧବିରତି କ୍ଷେତ୍ରରେ ଆମେରିକାର ଭୂମିକାକୁ ପାକିସ୍ତାନ ସମର୍ଥନ କରିଛି ।

ଏସବୁ ଛଡ଼ା ଅସିମ ମୁନୀରଙ୍କୁ ଗୋଟିଏ ନୂଆ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ ଯାହା ଭାରତ କହୁଛି। ଅର୍ଥାତ୍ ଯାହାକୁ କୁହାଯାଏ 'ନିୟ ନର୍ମାଲ'। ଭାରତର ସେନାବାହିନୀ ସ୍ପଷ୍ଟ ଭାବରେ ଆତଙ୍କବାଦୀମାନଙ୍କୁ ଦୂର କରିବାକୁ ଚେଷ୍ଟା କରିବେ। ଯେଉଁମାନେ କି ଭାରତ ଉପରେ ଆକ୍ରମଣ କରୁଛନ୍ତି ଏବଂ ପାକ୍ ଅଧିକୃତ କାଶ୍ମୀର ତଥା ପାକିସ୍ତାନରେ ଘୂରି ବୁଲୁଛନ୍ତି । ପରମାଣୁ ବୋମା ସମ୍ପର୍କରେ ଯେତେ କହିଲେ ମଧ୍ୟ ଭାରତ ଏବେ ବିଚଳିତ ହେଉନାହିଁ । ଅସିମ ମୁନୀର ଏବେ ଜାଣିବେ ଯେ , ଯଦି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଯାଆନ୍ତି, ସମାଧନ ପାଇଁ ତାଙ୍କୁ ସାହାଯ୍ୟ କରିବ ।

### ଭାରତ ଏହାକୁ ଯେମିତି ଦେଖୁଛି

ଭାରତର ଧାରଣା ହେଉଛି ଅସିମ ମୁନୀର ହେଉଛନ୍ତି ପହେଲଗାମ୍ ଆକ୍ରମଣର ମୁଖ୍ୟ କାରଣ । ଏପ୍ରିଲ ୧୬ରେ ସେ ଯେଉଁ ଭାଷଣ ଦେଇଥିଲେ ଯେଉଁଥିରେ ସେ ଯେପରି କଥା କହିଲେ ଏଥିରେ ସେ ଜଣେ ଜିହାଦୀ ଜେନେରାଲ ହିସାବରେ ପରିଗଣିତ ହୋଇଥିଲେ। ସେ ତାଙ୍କର ଧର୍ମାନ୍ଧତା ପାଇଁ ପରିଚିତ ହୋଇଥିଲେ। ସେ ଦ୍ୱିଜାତୀୟ ତତ୍ତ୍ୱକୁ ବଢ଼ାଇଥିଲେ ଏବଂ ହିନ୍ଦୁ ଓ ମୁସଲମାନଙ୍କ ଭିତରେ ପୂରା ପ୍ରଭେଦ ଅଛି ବୋଲି କହିଥିଲେ। ଏଥିରୁ ପ୍ରମାଣିତ ହେଉଛି ଯେ, ତାଙ୍କର ଭାରତ ପ୍ରତି ପ୍ରଚଣ୍ଡ ଘୃଣା ଆସୁଛି। ମୁନୀରଙ୍କ ମନ୍ତବ୍ୟ କେବଳ ଜେନେରାଲ ପରଭେଜ ମୁସାରଫଙ୍କର ୧୯୯୯ର ଭୂମିକା ସହିତ ତୁଳନୀୟ। ସେତେବେଳ କାର୍ଗିଲ ମଧ୍ୟକୁ ପାକିସ୍ତାନ ସୈନ୍ୟମାନେ ଅନୁପ୍ରବେଶ କରିଥିଲେ ଓ ଭାରତ ସହିତ ଗୋଟିଏ ଛୋଟ ଧରଣର ଯୁଦ୍ଧ କରିବାକୁ ଚାହିଁଥିଲେ। ସେତେବେଳ ସେ କହିଥିଲେ ଯେ ଭାରତ ସହିତ ପାକିସ୍ତାନର ବିବାଦ ଏତେ ବେଶୀ ଅଛି ଯେ, କାଶ୍ମୀର ସମସ୍ୟାର ସମାଧାନ ହେଲେ ମଧ୍ୟ ତାହା ଅନ୍ୟବାଟରେ ପୁଣି ମୁଣ୍ଡ ଟେକି ଉଠିବ। ମୁଖ୍ୟତଃ ଏହି କାରଣ ପାଇଁ ପାକିସ୍ତାନ ଆତଙ୍କବାଦୀମାନଙ୍କୁ ଏକ ଅସ୍ତ୍ର ହିସାବରେ ସବୁବେଳେ ବ୍ୟବହାର କରିଚାଲିଛି। ତେଣୁ ସବୁ ପୁରୁଣା ବିବାଦକୁ ମେଣ୍ଟେଇଲେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି କୁହାଯାଉଛି।

ଅସିମ ମୁନୀର ଭାରତ ସମ୍ପର୍କରେ ଗୋଟିଏ କଠୋରପନ୍ଥୀ ମନୋଭାବ ଗ୍ରହଣ କରିଛନ୍ତି ଏବଂ କ୍ଷମତା ଉପରେ ତାଙ୍କର ଦଖଲ ଭବିଷ୍ୟତରେ କେତେ ଅଧିକ ରହିବ ତାହା ଉପରେ ତାଙ୍କର ଭୂମିକା ନିର୍ଭର କରୁଛି। ବାସ୍ତବରେ କହିବାକୁ ଗଲେ ଅସିମ ମୁନୀର ହେଉଛନ୍ତି ଦେଶର ଅସଲ ଶାସକ। କିନ୍ତୁ ସେ ଆହୁରି ଏକ ବଡ଼ ଭୂମିକା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଯେମିତି ପରଭେଜ ମୁଶରଫ ଗ୍ରହଣ କରିଥିଲେ। ଅର୍ଥାତ ସେ ହୁଏତ ରାଜନୈତିକ କ୍ଷମତା ଦଖଲ କରିପାରନ୍ତି। ତେଣୁ ଭାରତ ପାଇଁ ବହୁତ ଗୁଡ଼ିଏ ଆହ୍ୱାନ ରହିଛି ଯଦ୍ଦ୍ୱାରା କି ଭାରତ ସୀମା ପାର୍ ଆତଙ୍କବାଦ୍ ଉପରେ ସାରା ପୃଥିବୀକୁ କିଛି ନିର୍ଦ୍ଦେଶ ଦେଇପାରିବ। ଆନ୍ତର୍ଜାତିକ କ୍ଷେତ୍ରରେ ଭାରତ ଠିକ୍ ଭାବରେ ବୁଝାଇପାରିଲେ ତା'ର ଲକ୍ଷ୍ୟ ସାଧିତ ହେବ। ବର୍ତ୍ତମାନ ଭାରତର ସାଂସଦମାନେ ପୃଥିବୀର ବିଭିନ୍ନ ଦେଶକୁ ବୁଲି ସେମାନଙ୍କୁ ବୁଝାଇବାରେ ଲାଗିଛନ୍ତି ଯେ ବାସ୍ତବ ସ୍ଥିତି କ'ଣ। ଏହାଫଳରେ ପାକିସ୍ତାନର ପରମାଣୁ ଅସ୍ତ୍ର ପ୍ରୟୋଗ କଥାର ମିଥ୍ୟା ପ୍ରମାଣିତ ହୋଇପାରିବ। ପାଶ୍ଚାତ୍ୟ ରାଷ୍ଟ୍ରମାନେ ପାକିସ୍ତାନର ଏହି ଧମକକୁ ସହଜରେ ଗ୍ରହଣ କରିବେ ନାହିଁ । ଅସିମ ମୁନୀର ନିଜକୁ ବଡ଼ ପଦବୀରେ ମଣ୍ଡିତ କରିଥିଲେ ମଧ୍ୟ ତାହାକୁ କେହି ବିଶ୍ୱାସ କରିବାକୁ ରାଜି ନୁହନ୍ତି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଅସିମ ମୁନୀରଙ୍କୁ ଫିଲ୍ଡ ମାର୍ଶଲ ପଦ ଦେଇ ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି ଯେ, ସେ ଲୋକଙ୍କ ସାଂଗରେ ଅଛନ୍ତି ଏବଂ ଲୋକ ଯାହା ଚାହୁଁଛନ୍ତି ତାହା ସେ କରୁଛନ୍ତି। କିନ୍ତୁ ସାରା ପୃଥିବୀ ବୁଝିପାରୁଛି ପାକିସ୍ତାନର ମିଥ୍ୟା। କେବଳ ପାକିସ୍ତାନରେ ଭାରତ ବିରୋଧୀ ମନୋଭାବକୁ ସନ୍ତୁଷ୍ଟ କରିବା ପାଇଁ ଏପରି କଥା କରାଯାଉଛି ଏଥିରେ କୌଣସି ମିଥ୍ୟା ନାହିଁ।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଶିଶୁ ଯୌନ ନିର୍ଯାତନା



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

'ଦି ଲନସେଟ' ପତ୍ରିକାରେ ନିକଟରେ ପ୍ରକାଶିତ ଏକ ସଦ୍ୟ ଅନୁଧାନକାରୀ ରିପୋର୍ଟରେ ଦେଶରେ ୧୮ବର୍ଷର କମ ଅପ୍ରାପ୍ତ ବୟସ୍କା ନାବାଳିକା ଏବଂ ନାବାଳକ ସହ ହୋଇଥିବା ଯୌନ ନିର୍ଯାତନା, ହିଂସା ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଯେତିକି ଉଦ୍‌ବେଗଜନକ, ସେତିକି ଚିନ୍ତାଜନକ ବୋଲି ସ୍ୱୀକାର କରିବାକୁ ହେବ। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ପ୍ରାୟ ପ୍ରତି ୩ଜଣରେ ଜଣେ ବାଳିକା ଏବଂ ପ୍ରତି ୭ଜଣରେ ଜଣେ ବାଳକ ଅନିଚ୍ଛାକୃତ ଯୌନକ୍ରିୟା ତଥା କାର୍ଯ୍ୟକଳାପର ଶିକାର ହେଉଛନ୍ତି। ପାଖାପାଖି ଅର୍ଦ୍ଧେକ ଯୌନ ଉତ୍ପୀଡନ ୧୫ ବା କମ୍ ବୟସରୁ ଆରମ୍ଭ ହୋଇଥାଏ। ୟୁନିଭରସିଟି ଅଫ୍ ୱାଂଶିଟନ ସ୍କୁଲ ଅଫ୍ ମେଡିସିନର ଆଇଏଚ୍ଏମ୍ର ସଂସ୍ଥା ପକ୍ଷରୁ ବିଶ୍ୱର ୨୦୨ଟି ଦେଶରେ ୧୯୯୦ରୁ ୨୦୨୩ ମଧ୍ୟରେ ଶିଶୁ ଏବଂ ନାବାଳିକା ଓ ନାବାଳକ ସହ ହୋଇଥିବା ଯୌନ ହିଂସା ତଥ୍ୟର ବିଶ୍ଳେଷଣରୁ ଏହି ଉଦ୍‌ବେଗଜନକ ତଥ୍ୟ ଆସିଛି। ବିଶ୍ୱରେ ୧୮ବର୍ଷ ପୂର୍ବରୁ ୧୮.୯ ପ୍ରତିଶତ ନାବାଳିକା ଏବଂ ୧୪.୮ ପ୍ରତିଶତ ନାବାଳକ ଯୌନ ହିଂସାର ଶିକାର ହୋଇଥିବାବେଳେ ଏହି ହାର ଭାରତରେ ନାବଳିକା ଓ ନାବାଳକଙ୍କ କ୍ଷେତ୍ରରେ ଯଥାକ୍ରମେ ୩୦.୮ ପ୍ରତିଶତ ଏବଂ ୨୩.୫ ପ୍ରତିଶତ ରହିଛି। ଯାହାକି ବୈଶ୍ୱିକ ହାର ଠାରୁ ଯଥେଷ୍ଟ ଅଧିକ ଥିବା ଦର୍ଶାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଅର୍ଥାତ ସ୍ଥିତି ଏବଂ ଅଚଳ ନିର୍ବିଶେଷରେ ବିଶ୍ୱର ପ୍ରାୟ ସମସ୍ତ ଦେଶରେ ଶିଶୁ ଯୌନ ହିଂସା ଜାରି ରହିଛି। ସେହିପରି ଉଚ୍ଚ ଆୟକାରୀ ରାଷ୍ଟ୍ର ବିଶେଷ କରି ଯୁକ୍ତରାଷ୍ଟ୍ର ଆମେରିକା ୟୁନାଇଟେଡ୍ କିଙ୍ଗଡମ୍ (ଇଂଲଣ୍ଡ), ଫ୍ରାନସ୍, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ନରୱେ ଆଦି ରାଷ୍ଟ୍ରରେ ମଧ୍ୟ ମହିଳାଙ୍କ ବିରୋଧରେ ଯୌନ ହିଂସାର ହାର ବହୁତ ଉଚ୍ଚା ରହିଛି। ରିପୋର୍ଟରେ କୁହାଯାଇଛି ଯେ, ନେଦରଲାଣ୍ଡରେ ମହିଳାଙ୍କ ବିରୁଦ୍ଧରେ ଯୌନ ହିଂସା ହାର ୩୦ ପ୍ରତିଶତ ଥିବାବେଳେ ନ୍ୟୁଜିଲାଣ୍ଡରେ ୨୯ ପ୍ରତିଶତ, ଆମେରିକାରେ ୨୮ ପ୍ରତିଶତ, ବ୍ରିଟେନରେ ୨୪ପ୍ରତିଶତ ରହିଛି। ସେହିପରି ବିଶ୍ୱସ୍ତରରେ ବୟସ ଅନୁସାରେ ଉଭୟ ବାଳିକା, ଯୁବତୀ, ବାଳକ ଓ ଯୁବକଙ୍କ ବିରୁଦ୍ଧରେ ଯୌନ ହିଂସା ହାର ମଧ୍ୟ କିଛି କମ୍ ନୁହେଁ। ବିଶ୍ୱ ସ୍ତରରେ ୧୩ରୁ ୨୩ ବର୍ଷ ମଧ୍ୟରେ ଯୌନ ପିଡିତମାନଙ୍କ ମଧ୍ୟରୁ ୭୬ ପ୍ରତିଶତ ମହିଳା ଓ ୭୨ ପ୍ରତିଶତ ପୁରୁଷ ଯେଉଁମାନେ କି ୧୮ବର୍ଷରୁ କମ୍ ବୟସରେ ପ୍ରଥମ ଥର ପାଇଁ ଯୌନ ଉତ୍ପୀଡନର ଶିକାର ହୋଇଥିବା ରିପୋର୍ଟରେ କୁହାଯାଇଛି। ସେମାନଙ୍କ ମଧ୍ୟରୁ ୧୬ବର୍ଷ ପୂର୍ବରୁ ପ୍ରଥମ ଥର ପାଇଁ ଯୌନ ହିଂସା ଭୋଗିଥିବା ମହିଳା ଓ ପୁରୁଷଙ୍କ ହାର ଯଥାକ୍ରମେ ୪୧ପ୍ରତିଶତ ଓ ୪୮ ପ୍ରତିଶତ। ଆହୁରି ମଧ୍ୟ ଚିନ୍ତାଜନକ ତଥ୍ୟ ହେଉଛି ୧୨ବର୍ଷରୁ କମ୍ ବୟସରେ ଯୌନ ହିଂସା ଭୋଗିଥିବା ପୀଡିତାଙ୍କ ହାର ୮ ପ୍ରତିଶତ ମହିଳା ଓ ୧୪ପ୍ରତିଶତ ପୁରୁଷ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଯୌନ ହିଂସା, ବିଶେଷ କରି ଶିଶୁ ଯୌନ ଉତ୍ପୀଡନ ବିରୁଦ୍ଧରେ ୨୦୧୩ ମସିହାରେ କଠୋର ଆଇନ ପ୍ରଣୟନ ହୋଇଥିବା ସତ୍ତ୍ୱେ ଏବେ ଯେପରି ବଢିଚାଲିଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ବଳାତ୍କାର, ଶିଶୁ ଯୌନ ହିଂସା ପାଇଁ ଜେଲ ଦଣ୍ଡାଦେଶରୁ ଆରମ୍ଭ କରି ମୃତ୍ୟୁଦଣ୍ଡ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ଶିଶୁ ଯୌନ ହିଂସା ମାମଲାର ତ୍ୱରିତ ଶୁଣାଣି ପାଇଁ ସ୍ୱତନ୍ତ୍ର ପସ୍କୋ ଅଦାଲତ ରହିଛ। ମାତ୍ର ଶୁଣାଣିରେ ମନ୍ଥରତା ଏବଂ ଦଣ୍ଡବିଧାନର ହାର କମ ଯୋଗୁଁ ଦେଶରେ ଯୌନ ହିଂସା ମାମଲା ବଢ଼ିବାରେ ଲାଗିଛି। ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ପ୍ରତି ମିନିଟରେ ୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ୨୦୧୨ ଦିଲ୍ଲୀ ନିର୍ଭୟା ଗଣଦୁଷ୍କର୍ମ, ହତ୍ୟା ଘଟଣା ପରେ ମହିଳା ଯୌନ ହିଂସା ନିୟନ୍ତ୍ରଣ ପାଇଁ କଠୋର ଆଇନ ଓ ଦଣ୍ଡ ବ୍ୟବସ୍ଥା ଯୋଗୁଁ ଏବେ ଦୁଷ୍କର୍ମକାରୀ, ବ୍ୟଭିଚାରୀଙ୍କ ନିଶାଣରେ ପ୍ରାପ୍ତ ବୟସ୍କାଙ୍କ ଶିକାର ହେଉଥିବା ରିପୋର୍ଟରେ କୁହାଯାଏ। ଯାହାର ପରିଣତି ସ୍ୱରୂପ ଦେଶରେ ଶିଶୁ ଯୌନ ଉତ୍ପୀଡନ ବୃଦ୍ଧି ପାଉଛି। ଦାରିଦ୍ର୍ୟ, ଅନାହାର ପ୍ରପୀଡିତ ଶିଶୁଙ୍କୁ ବ୍ୟଭିଚାରୀମାନେ ଟାର୍ଗେଟ କରୁଥିବା ମନେ କରାଯାଏ। ଏହାର ନିୟନ୍ତ୍ରଣ ପାଇଁ ଫଳପ୍ରଦ କଠୋର ଆଇନ ପ୍ରଣୟନର ଜରୁରି ଆବଶ୍ୟକତା ରହିଛି।

# ପରିବେଶ ସୁରକ୍ଷା ଚିନ୍ତା



ମୋହନ ଚରଣ ବିଷି
ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧

ପରିବେଶ ସୁରକ୍ଷା ଆନ୍ଦୋଳନ ହେଉଛି ପରିବେଶ ନୀତି ଓ ଚଳଣିରେ ପରିବର୍ତ୍ତନ ବା ପରିବେଶ ସାମ୍ମୁଖ୍ୟର ଅନୁକ୍ରମ ବିନ୍ୟାସ। ସାଧାରଣତଃ ରାଜନୀତି ଆଦି ବିଭିନ୍ନ ନାମରେ ପରିଚିତ ପରିବେଶ ରାଜନୈତିକ ଆନ୍ଦୋଳନ ଯାହା ପରିବେଶ ପ୍ରସଙ୍ଗ ଓ ସମସ୍ୟାଗୁଡ଼ିକୁ ସମ୍ବୋଧିତ ହେଉଛି ଗୋଟିଏ ପ୍ରକାର ସାମାଜିକ ଆନ୍ଦୋଳନ ଯାହା ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟକରିଥାଏ। ପରିବେଶର ସ୍ୱାର୍ଥରକ୍ଷା ଦିଗରେ ପରିବେଶ ଆନ୍ଦୋଳନର ଗୁରୁତ୍ୱ ସ୍ୱତଃ। କାରଣ ଏହି ଆନ୍ଦୋଳନଗୁଡ଼ିକର ଧାରାରୁ ଅଣ-ଆନୁଷ୍ଠାନିକ ତଥା ସାଧାରଣ ପ୍ରତିକ୍ରିୟା ଏକକ ପ୍ରସଙ୍ଗରୁ ଆରମ୍ଭ କରି ସମଗ୍ର ଜଗତରେ ସଂଗଠନଗୁଡ଼ିକ ପରି ପରିବେଶ ଆନ୍ଦୋଳନ ଓ ସଂଗଠନମାନଙ୍କର ଏକ ସମ୍ମିଳିତ ବା ସମୂହ ପ୍ରୟାସ ଯାହା କେବଳ ବିବିଧ ନୁହେଁ ସାଙ୍ଗଠନିକ ସ୍ୱରୂପ। ସଂଗଠନଗୁଡ଼ିକ ସମ୍ମୁଖରେ ବିକଳ୍ପ ପସନ୍ଦମାନ ଉପସ୍ଥିତ। ସେମାନେ ଏ ଦିଗରେ ପେଶାଦାର ସଂଗଠନଗୁଡ଼ିକୁ ବ୍ୟବହାର କରିବେ ନା ଗଣ ଅଂଶଗ୍ରହଣକୁ ପସନ୍ଦ କରିବେ; ପାରମ୍ପରିକ (conventional) କାର୍ଯ୍ୟଶୈଳୀକୁ ଆପଣାଇବେ ନା ଅଣପାରମ୍ପରିକ (unconventional) ପଦ୍ଧତିକୁ ପ୍ରୟୋଗ କରିବେ। ସାଧାରଣତଃ ଏଭଳି ପସନ୍ଦଗୁଡ଼ିକ ପରସ୍ପର ବିରୋଧୀ ହୋଇଥିଲେ ହେଁ ସ୍ଥାନ ଓ କାଳ ଭେଦରେ ସ୍ୱରୂପ ଓ କୌଶଳର ମିଶ୍ରରୂପ ଭିନ୍ନ ଭିନ୍ନ ହୋଇଥାଏ। ଯେମିତି ସମାଜ ଓ ରାଜନୀତିର ରୂପାନ୍ତରଣ ପ୍ରକ୍ରିୟାକୁ ଆମେ ସାଧାରଣତଃ 'ଜଗତୀକରଣ' (globalisation) କିମ୍ବା 'ଉତ୍ତର ଆଧୁନିକୀକରଣ' (post-modernisation) ରୂପେ ଜାଣୁ, ସେମିତି ଆମେ ଆଶା କରିବା ଯେ ପରିବେଶ ଆନ୍ଦୋଳନ ଚରିତ୍ରର ରୂପାନ୍ତର ହେଉ।

ଆନ୍ତର୍ଜାତୀୟ ସ୍ତରରେ ପରିବେଶ ସଙ୍କଟର କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱ ଚାରିଗୋଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଦ୍ୱାରା ସାମ୍ନାକୁ ଆସିଥିଲା। ପ୍ରଥମଟି ଥିଲା ୧୯୭୨ ମସିହାରେ ସ୍ୱିଡେନର ରାଜଧାନୀ ଷ୍ଟକ୍‌ହୋମ୍‌ରେ ଅନୁଷ୍ଠିତ 'ମାନବ ପରିବେଶ' ଉପରେ ମିଳିତ ଜାତିସଂଘର ସମ୍ମିଳନୀ। ଦ୍ୱିତୀୟଟି ଥିଲା 'ଅଭିବୃଦ୍ଧିର ସୀମା' ର ପ୍ରକାଶନ। ତୃତୀୟଟି ହେଲା ୧୯୮୭ରେ 'ଆମର ସାଧାରଣ ଭବିଷ୍ୟତ' ଶିରୋନାମାରେ ପ୍ରକାଶିତ ବ୍ରୁଣ୍ଟଲାଣ୍ଡ ଆୟୋଗ ରିପୋର୍ଟ। ଚତୁର୍ଥଟି ଥିଲା ୧୯୯୨ରେ ଅନୁଷ୍ଠିତ ଧରିତ୍ରୀ ଶୀର୍ଷ ସମ୍ମିଳନୀ।



ଭାରତରେ ପରିବେଶ ସୁରକ୍ଷା ଚିନ୍ତା ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ବ୍ରିଟିଶ ଶାସନ କାଳରେ ଆରମ୍ଭ ହୋଇଥିଲା। ସେତେବେଳେ ଜଙ୍ଗଲ ସମ୍ପଦର ବ୍ୟବସାୟୀକରଣ ବିରୁଦ୍ଧରେ ଲୋକମାନେ ପ୍ରତିବାଦ କରିଥିଲେ। ତେବେ ୧୯୭୦ ଦଶକରେ ଏକ ସଂଗଠିତ, ଯୁକ୍ତିସଙ୍ଗତ ସଚେତନତା ଦେଖାଦେଲା ଏବଂ ସୀମିତ ପ୍ରାକୃତିକ ସମ୍ବଳ ଓ ତାହା ନିଃଶେଷ ହେବାରୁ ଚେତନତା ଦେଖାଦେଲା। ଭାରତରେ ପରିବେଶ ପ୍ରସଙ୍ଗରେ ବିତର୍କ ସୃଷ୍ଟି କରିବା ଦିଗରେ ୧୯୭୩ରେ ଘଟିଥିବା ତିନିଗୋଟି ଘଟଣା ସହାୟକ ହୋଇଥିଲା ବୋଲି ଐତିହାସିକ ତଥା ଅର୍ଥନୀତିଜ୍ଞ ରାମଚନ୍ଦ୍ର ଗୁହା ଦାବି କରନ୍ତି। ପ୍ରଥମଟି ହେଲା ୧୯୭୩ ମସିହା ଏପ୍ରିଲ ମାସରେ ଭାରତ ସରକାର 'ବ୍ୟାଘ ପ୍ରକଳ୍ପ' ଆରମ୍ଭ ହେବା କଥା ଘୋଷଣା କଲେ। ଦେଶର ଜାତୀୟ ପଶୁଙ୍କୁ ସୁରକ୍ଷା ଦେବା ଦିଗରେ ଏହା ଥିଲା ଏକ ଉଚ୍ଚାଭିଳାଷୀ ସଂରକ୍ଷଣ ଯୋଜନା। ଏହି ଘଟଣାରେ ଉତ୍ସାହିତ ତଥା 'ବିଶ୍ୱ ବନ୍ୟଜୀବ ପ୍ରାଣୀ' ଓ ପରିବେଶ ଆନ୍ତର୍ଜାତୀୟ ସଂଘ ଦ୍ୱାରା ସହାୟତା ପ୍ରାପ୍ତ ହୋଇ ଭାରତୀୟ ପରିବେଶ ସଂରକ୍ଷଣବାଦୀମାନେ ସଙ୍କଟାପନ୍ନ ବନ୍ୟଜୀବଙ୍କ ସୁରକ୍ଷା ନିମନ୍ତେ ସାରା ଦେଶରେ ଜାତୀୟ ଚିଡ଼ିଆଖାନା ଓ ଅଭୟାରଣ୍ୟମାନ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ପକାଇଲେ। ଦ୍ୱିତୀୟ ଘଟଣାଟି ଥିଲା ୧୯୭୩ ମସିହା ମାର୍ଚ୍ଚ ୩୧ ତାରିଖରେ 'ଅର୍ଥନୈତିକ ଓ ରାଜନୈତିକ ସାପ୍ତାହିକ ପତ୍ରିକାରେ 'ଭୂମି ପାଇଁ ଏକ ସନନ୍ଦ ଶିରୋନାମାରେ ପ୍ରକାଶିତ ଏକ ଲେଖା। ଏହାର ଲେଖକ ଶ୍ରୀ ବି.ବି.ଭୋରା କେନ୍ଦ୍ର କୃଷି ମନ୍ତ୍ରଣାଳୟରେ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଥିଲେ। ଏହି ଲେଖା ମାଧ୍ୟମରେ ସେ ମୃତ୍ତିକାର ଅବକ୍ଷୟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ମଧ୍ୟ ଏ ଦିଗରେ ସରକାର ଫଳପ୍ରଦ ନୀତି ତିଆରି କରିବା ଓ ସରକାରୀ ବିଭାଗ ପ୍ରତିଷ୍ଠା କରିବା ପାଇଁ ଆହ୍ୱାନ ଦେଇଥିଲେ। ପରିଣାମ ସ୍ୱରୂପ ସେହି ବର୍ଷ ଶେଷ ଆଡ଼କୁ ସରକାର 'ପରିବେଶ ସୁରକ୍ଷା ଓ ନିୟନ୍ତ୍ରଣ ଜାତୀୟ ସମିତି ଗଠନ କଲେ। ୧୯୮୦ ମସିହାରେ ପରିବେଶ ବିଭାଗ ପ୍ରତିଷ୍ଠା ହେଲା ଏବଂ ତାହାର ୫ ବର୍ଷ ପରେ 'ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ' ସୃଷ୍ଟି ହେଲା। ତୃତୀୟ ଘଟଣାଟି ଏହିପରି। ହିମାଳୟ ଅଭ୍ୟନ୍ତର ଅଞ୍ଚଳରେ ଥିବା ମଣ୍ଡଳ ନାମକ ଗ୍ରାମରେ ଦଳେ କୃଷକ ସେଠାରେ ଗଛର ଗଣ୍ଡିଗୁଡ଼ିକୁ କୁଣ୍ଢାଇ ବା ଆଲିଙ୍ଗନ କରି ଗଛ କଟାଳିଙ୍କୁ ଗଛ କାଟିବାକୁ ବାଧା ଦେଲେ। ଏହି ଘଟଣାଟି ୧୯୭୦ ଦଶକରେ ସେହିଭଳି ଅନେକ ପ୍ରତିବାଦ ଆନ୍ଦୋଳନକୁ ଜନ୍ମ ଦେଲା ଯାହା ସମୂହ ଭାବେ 'ଚିପ୍‌କୋ ଆନ୍ଦୋଳନ' ନାମରେ ପରିଚିତ। ଚିପ୍‌କୋ ଏକ ହିନ୍ଦି ଶବ୍ଦ ଯାହାର ଅର୍ଥହେଲା କୁଣ୍ଢାଇଧର। ଏହି ଘଟଣା ପରିବେଶ, ସମାନତା ଓ ସାମାଜିକ ନ୍ୟାୟ ସମ୍ପର୍କୀୟ ମୌଳିକ ପ୍ରଶ୍ନକୁ ଜନ୍ମଦେଲା ଏବଂ ସାରା ଦେଶରେ ବିତର୍କ ଓ କାର୍ଯ୍ୟାନୁଷ୍ଠାନକୁ ପ୍ରୋତ୍ସାହିତ କଲା।

ଭାରତରେ ବିଗତ ତିନି ଦଶନ୍ଧି ମଧ୍ୟରେ ପରିବେଶ ଆନ୍ଦୋଳନ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ତିନୋଟି କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ଯଥା- (୧) ପରିବେଶ ଓ ବିକାଶ ମଧ୍ୟରେ ସନ୍ତୁଳନ ଆଣିବା ଦିଗରେ ଜନ ସଚେତନତା ସୃଷ୍ଟି କରିବା, (୨) ସାମାଜିକ ଓ ପରିବେଶୀୟ କ୍ଷେତ୍ରର ଶତ୍ରୁଭାବାପନ୍ନ ବିକାଶ ପ୍ରକଳ୍ପକୁ ବିରୋଧ କରିବା, (୩) ନମୁନା ପ୍ରକଳ୍ପ ସଂଗଠିତ କରିବା, ଯାହା ଅଣ-ଅମଲାତାନ୍ତ୍ରିକ ଅଂଶଗ୍ରହଣକାରୀ ଗୋଷ୍ଠୀ-ଆଧାରିତ। ଅଭିରାମ ଶର୍ମା (୨୦୦୭)ଙ୍କ ମତରେ ଭାରତରେ ପରିବେଶ ଆନ୍ଦୋଳନ ସୃଷ୍ଟି ହେବାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ରହିଛି - (୧) ପ୍ରାକୃତିକ ସମ୍ବଳ ଉପରେ ନିୟନ୍ତ୍ରଣ। (୨) ସରକାରଙ୍କ ମିଥ୍ୟା ବା ତ୍ରୁଟିପୂର୍ଣ୍ଣ ବିକାଶ ନୀତି। (୩) ସାମାଜିକ-ଅର୍ଥନୈତିକ କାରଣ। (୪) ପରିବେଶ ପ୍ରସଙ୍ଗରେ ଅବକ୍ଷୟ ଓ ବିନାଶ। (୫) ପରିବେଶ ସଚେତନ ଗଣମାଧ୍ୟମର ବିସ୍ତାର। ପରିବେଶ ଆନ୍ଦୋଳନଗୁଡ଼ିକ ବିଭିନ୍ନ ସ୍ଥାନରେ ସ୍ୱାଧୀନ ପ୍ରତିକ୍ରିୟା ଆଧାରରେ ଗଢ଼ି ଉଠିଛି। ଏହା ଉତ୍ତର ପ୍ରଦେଶର ହିମାଳୟ ଅଞ୍ଚଳ ଠାରୁ ଆରମ୍ଭ କରି କେରଳର ଗ୍ରୀଷ୍ମମଣ୍ଡଳ ଜଙ୍ଗଲ ପର୍ଯ୍ୟନ୍ତ ଏବଂ ଗୁଜରାଟରୁ ଆରମ୍ଭ କରି ତ୍ରିପୁରା ପର୍ଯ୍ୟନ୍ତ ପରିବ୍ୟାପ୍ତ।

ଏହିସବୁ ଘଟଣା ପରେ ଭାରତରେ ବିଭିନ୍ନ ସ୍ଥାନରେ ପରିବେଶ ସୁରକ୍ଷା ଚିନ୍ତା କରିବାର ସୁଯୋଗ ପାଇଥିଲେ। ପରିବେଶକୁ ସୁରକ୍ଷା ଦେବା ଦାୟିତ୍ୱ ମଣିଷର ବୁଝିବା ପାଇଁ ଅନେକ ବର୍ଷ ଲାଗିଛି। ଏବେ ସମସ୍ତେ ବୁଝିଗଲେଣି। ପରିବେଶର ସୁରକ୍ଷା ଯଦି ହେବ ନାହିଁ ତାହେଲେ ପ୍ରଥମେ ମଣିଷ ହିଁ ପଡିବ। ତେଣୁ ସମସ୍ତେ ପରିବେଶ ସୁରକ୍ଷା ଦିଗରେ ଚିନ୍ତା କରିବା ସହ କାର୍ଯ୍ୟ କରିବା।



କେନ୍ଦୁଝର(ଭାସ୍କର ନ୍ୟୁଜ): ବିଜେପି ଯୁବମୋର୍ଚ୍ଚାର ସକ୍ରିୟ ସଦସ୍ୟ ବୈଠକ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ସବିତ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ କୁମାର ଗୋଛାୟତ, ଯୁବମୋର୍ଚ୍ଚାର କେନ୍ଦୁଝର ଜିଲ୍ଲା ପ୍ରଭାରୀ ଅନୁରତ ବେହେରା ଏବଂ ଅନ୍ୟ ନେତୃବୃନ୍ଦ ମଞ୍ଚାସିନ ହୋଇ କେନ୍ଦୁଝର ଜିଲ୍ଲା ବିଜେପିର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସିତ କରିଥିଲେ । ବିଜେପି ଯୁବମୋର୍ଚ୍ଚା କେନ୍ଦୁଝର ଜିଲ୍ଲା ସକ୍ରିୟ ସଦସ୍ୟତା ଅଭିଯାନରେ ଏକ ନମ୍ବର ସ୍ଥାନ ଗ୍ରହଣ କରିଥିବାରୁ ଜିଲ୍ଲାର ସମସ୍ତ ଉଦୀୟମାନ ଯୁବ କାର୍ଯ୍ୟକର୍ତ୍ତାଙ୍କ ଭୂମିକାକୁ ମୁଁ ସମ୍ମାନ ଜଣାଉଛି ବୋଲି କହିଛନ୍ତି ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ସବିତ ଦାଶ । ଏ ଅବସରରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକର୍ତ୍ତା ବୈଠକରେ ଯୁବମୋର୍ଚ୍ଚାର ସକ୍ରିୟ ସଦସ୍ୟତା କରାଇଥିବା ଆଗ ଧାଡ଼ିର ଯୁବ କାର୍ଯ୍ୟକର୍ତ୍ତା ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପସଭାପତି ଆନିତ୍ୟ ବେହେରା, ଯଜ୍ଞ ପ୍ରସାଦ ସାହୁ, ପ୍ରିତମ ରୋଶନ ମହାପାତ୍ର ତଥା ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ମଧ୍ୟ ମଞ୍ଚାସୀନ ହେବା ସହିତ ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହଯୋଗ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଜରାଜୀର୍ଣ୍ଣ ଅବସ୍ଥାରେ ଗ୍ରାମୀଣ ଉଦ୍ୟାନ

## ଭାଙ୍ଗିରୁଜି ଗଲାଣି ଖେଳ ଉପକରଣ, ପ୍ରତିକାର ଦାବି



ଆଳି(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଗ୍ରାମୀଣ ଉନ୍ନୟନ ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ନିର୍ମାଣ ହୋଇଛି ଗ୍ରାମୀଣ ଉଦ୍ୟାନ ଯାହା ଏଥିପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଉଦ୍ୟାନର ରକ୍ଷଣାବେକ୍ଷଣ ଅଭାବରୁ ତାହା ଧୀରେ ଧୀରେ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯାଉଛି । ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମେଣ୍ଡପୁର ପଞ୍ଚାୟତରେ । ଗ୍ରାମପଞ୍ଚାୟତର ଲୋକଙ୍କୁ ସହରି ସୁବିଧା ଯୋଗାଇ ଦେବା ପାଇଁ ପ୍ରତ୍ୟେକ ଜିଲ୍ଲାର ପ୍ରତି ପଞ୍ଚାୟତରେ ଏହି ଉଦ୍ୟାନ ନିର୍ମାଣ କରୁଛନ୍ତି ସରକାର । ଏଥିପାଇଁ ସରକାରୀ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ନିର୍ମାଣ ଶେଷ ହେବା ପରେ ତାହାର ରକ୍ଷଣାବେକ୍ଷଣା ଅଭାବ ଦେଖିବାକୁ ମିଳୁଛି । ମେଣ୍ଡପୁର ପଞ୍ଚାୟତର ଗୋପ ଓ ମେଣ୍ଡପୁର ଗ୍ରାମର ମଝିରେ ନିର୍ମାଣ ହୋଇଛି ଗ୍ରାମୀଣ ଉଦ୍ୟାନ । ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ଏହି ଉଦ୍ୟାନ ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଗଲାଣି । ସଠିକ ରକ୍ଷଣାବେକ୍ଷଣ ଅଭାବରୁ ସମସ୍ତ ଜିନିଷ ଭାଙ୍ଗିରୁଜି ଗଲାଣି ତ କିଛି ମଧ୍ୟ ହୋଇ ଗଲାଣି । ପ୍ରାକୃତିକ ପରିବେଶ ଭିତରେ ସୁନ୍ଦର ଭାବେ କୃତ୍ରିମ ଝରଣା, ଫାଉଣ୍ଟେନ,ରଙ୍ଗ ଲାଇଟ୍, ପିଲାଙ୍କ ଖେଳନା, ଝୁଲଣା ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ଜିନିଷ ନିର୍ମାଣ କରାଯାଇଥିଲା । ନିର୍ମାଣର ମାତ୍ର ୩ ବର୍ଷ ବିତିଥିଲେ ମଧ୍ୟ ଏହି ଉଦ୍ୟାନ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି । ପୂର୍ବରୁ କୁନି କୁନି ପିଲା ମାନେ ଖେଳୁଥିବା ତଥା ମନୋରଞ୍ଜନ ପାଇଁ ଲାଗିଥିବା ଖେଳନା ଆଉ ଦେଖିବାକୁ ମିଳୁନି । କୃତ୍ରିମ ଝରଣା ଦିନକ ପାଇଁ ନ ଚାଲି ଅଚଳ ହୋଇପଡିଛି । ଉଦ୍ୟାନ ଭିତରେ ଅଣ୍ଟାଏ ଲେଖାଏଁ ଘାସ ଓ ବୁଦା ବୁଦୁକିଆ ଜଙ୍ଗଲ ଭିତରେ ଲୀନ ହେଲାଣି । ଉଦ୍ୟାନ ଭିତରେ ଆଣ୍ଠୁଏ ଲେଖାଏଁ ଘାସ ମାଡ଼ି ଯାଇଥିବା ବେଳେ ଏହାର ଆଦୌ ରକ୍ଷଣାବେକ୍ଷଣ କରାଯାଉନଥିବା ଦେଖିବାକୁ ମିଳିଛି । ଯାହା ଫଳରେ ଏହା ଏକ ଶ୍ମଶାନ କିମ୍ବା ଏକ ଜଙ୍ଗଲର ଦୃଶ୍ୟ ସୃଷ୍ଟି କରୁଛି । ଉଦ୍ୟାନ ଭିତରେ ଛେଳି,ଗୋରୁ ଆରମ୍ଭ କରି ଗାଈ ଗୋରୁ ଚରୁଛନ୍ତି । ସେପଟେ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉନି । ଫଳରେ ଆଉ ପର୍ଯ୍ୟଟକଙ୍କ ଦେଖାମିଳୁନି । ଏହାର ରକ୍ଷଣାବେକ୍ଷଣ ପାଇଁ ପଞ୍ଚାୟତକୁ ଆର୍ଥିକ ସହାୟତା ଦିଆଯାଉନି । ସେହି ସ୍ଥାନରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସଂଯୋଗ କରାଯାଇନାହିଁ । ତେଣୁ ଏତେ ଟଙ୍କାରେ ନିର୍ମାଣ ହୋଇଥିବା ଉଦ୍ୟାନ ଏବେ ଅବ୍ୟବହୃତ ହୋଇ ପଡ଼ିଛି । ଏ ବିଷୟରେ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠିକୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି ପ୍ରାୟ ସମସ୍ତ ପଞ୍ଚାୟତର ଉଦ୍ୟାନ ଅବସ୍ଥା ସମାନ ସ୍ଥିତିରେ ଅଛି, ଏ ବିଷୟରେ ସରପଞ୍ଚଙ୍କ ସହ ଆଲୋଚନା କରାଯାଇ ଏହାର ପୁନଃରୁଦ୍ଧାର ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରାଯିବ ।

### ନୂଆ ଗୋପାଳପୁର ବସ୍ତିରେ ପୋଲିସର ଚଢ଼ାଉ

## ୧୩ ଗୋରୁ ଉଦ୍ଧାର, ଜଣେ କୋର୍ଟଚାଲାଣ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକରେ ଗୋରୁମାନଙ୍କୁ ହତ୍ୟା କରାଯାଇ ବାହାରକୁ ରପ୍ତାନି କରିବା ଅଭିଯୋଗରେ ରବିବାର ବିଳମ୍ବିତ ରାତିରେ ବଳଙ୍ଗା ପୋଲିସ ପକ୍ଷରୁ ନୂଆଗୋପାଳପୁର ବସ୍ତିରେ ଚଢ଼ାଉ କରାଯାଇ ୩ ବାଛୁରୀ ସମେତ ୧୩ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି । ଏଥିସହ ଘଟଣାସ୍ଥଳରୁ ମାଂସ କଟାରେ ବ୍ୟବହୃତ ପାତ୍ର ଓ ଅନେକ ଗୋରୁଙ୍କ ଚମଡ଼ାକୁ ଜବତ କରାଯାଇଥିବା ବେଳେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଗିରଫ ଜଣକ ହେଲେ ବସ୍ତିର କାଲୁ ସାହା । ସୂତ୍ରରୁ ଆସିଥିବା ଖବର ହେଉଛି ନିର୍ମାଣାଧୀନ ଗୁହାଳ ଭିତରେ ୫ଶହରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୁଣ୍ଡ, ହାଡ଼ ଗଦା ହୋଇଥିବା ଦେଖିବାକୁ ମିଳିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା ବେଳେ ବଳଙ୍ଗା ପୋଲିସ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ନଜର ରଖିଥିବା ଜଣାପଡ଼ୁଛି । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଛି । ସୂଚନା ମୁତାବକ, ରବିବାର ଅପରାହ୍ନରେ ସ୍ଥାନୀୟ ତୋଟାସାହି ଗ୍ରାମର ଚିତରଂଜନ ପ୍ରଧାନଙ୍କ ଏକ ଗାଈ ଘର ବାରିପଟେ ବନ୍ଧା ହୋଇଥିଲା ବେଳେ ଗାଈଟିର ପଘା ଛିଣ୍ଡି ଯାଇଥିବାରୁ ଗାଈଟି କେଉଁଆଡ଼େ ଚାଲି ଯାଇଥିଲା । ଚିତରଂଜନ ରାତିରେ କେତେକ ସହଯୋଗୀଙ୍କ ସହ ଗାଈକୁ ଖୋଜିବାକୁ ନୂଆଗୋପାଳପୁର ବସ୍ତିକୁ ଯିବା ସମୟରେ ବସ୍ତିର ଏକ ନିର୍ଜନ ଓ ଅନ୍ଧାରୁଆ ସ୍ଥାନରେ ଅନେକ ଗୋରୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବନ୍ଧା ହୋଇଥିବା ବେଳେ ଅନ୍ୟ ଏକ ସ୍ଥାନରେ ଜରିଯାଇ ଘେର ଭିତରେ ୫୦ରୁ ଉର୍ଦ୍ଧ୍ୱ ଗୋରୁ ବନ୍ଧା ହୋଇଥିଲା । ପାଖରେ ଅନ୍ୟ ଏକ ସ୍ଥାନରେ ଦୁର୍ଗନ୍ଧ ହେଉଥିବାରୁ ସେଠାରେ ଯିବାରେ ଉକ୍ତ ଘରେ ସଦ୍ୟ କଟା ହୋଇଥିବା ଗୋମାଂସଙ୍କ ରକ୍ତ ପଡ଼ିବା ଏବଂ ନିକଟରେ ଅନେକ ଗୋରୁ ଚମଡ଼ା ମଧ୍ୟ ଦେଖିବାକୁ ପାଇଥିଲେ । ଉକ୍ତ ଘରକୁ ଲାଗି ମାଟି ଖୋଳାଯାଇ ଏକ ବିରାଟକାୟ କୁଣ୍ଡ କରାଯାଇଥିବା ବେଳେ କୁଣ୍ଡ ଭିତରେ ଶହ ଶହ ଗୋରୁ ମୁଣ୍ଡ ପଡ଼ିଥିଲା । ପ୍ରବଳ ଦୁର୍ଗନ୍ଧ ହେଉଥିବା ଦେଖି ଚିତରଂଜନ ଏ ସଂପର୍କରେ ନିଜ ଗ୍ରାମକୁ ଖବର ଦେବା ସହ ବଳଙ୍ଗା ଥାନାକୁ ଯାଇ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ବଳଙ୍ଗା ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ । ଚଢ଼ାଉ ପୂର୍ବରୁ ପାଳ ଘେରା ଭିତରେ ଥିବା ଅନେକ ଗୋରୁ ଗୁଡ଼ିକୁ ଗୋ-ମାଫିଆମାନେ ଖୋଲି ଦେଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଂଚି ବାହାରେ ବନ୍ଧା ହୋଇଥିବା ୩ଟି ବାଛୁରୀ ଓ ୧୦ଟି ଗାଈଙ୍କୁ ଉଦ୍ଧାର କରିବା ବେଳେ ବସ୍ତିର କାଲୁ ସାହାଙ୍କ ଗୁହାଳରେ ଗଦା ହୋଇଥିବା ଗୋରୁ ଚମଡ଼ାକୁ ଜବତ କରି କାଲୁ ସାହାକୁ ଥାନାକୁ ଉଠାଇ ଆଣିଥିଲା । ଅନ୍ୟ ପଟେ ସୋମବାର ଭୋର ସମୟରେ ଚିତରଂଜନଙ୍କ ହଜିଥିବା ଗାଈଟି ବସ୍ତି ନିକଟରୁ ପାଇଥିଲା ବେଳେ ଗାଈଟିକୁ ଗୋ-ମାଫିଆମାନେ ଗୋରୁ ମାନଙ୍କୁ ଏଠାରେ କାଟି ବାହାରକୁ ମାଂସ ରପ୍ତାନି କରୁଥିବା ନେଇ ସନ୍ଦେହ କରାଯାଉଛି ।

## ନୂଆବଜାର ରେଳ ଉଡନ୍ତା ପୋଲ ଚଲାପଥ ଅଗମ୍ୟ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ସହର ମଝିଦେଇ ଯାଇଥିବା ଉତ୍ତର ବାଲେଶ୍ୱରର ଜୀବନରେଖା ଜଳେଶ୍ୱର-ଚନ୍ଦନେଶ୍ୱର-ଦୀଘା ରାସ୍ତାର ନୂଆବଜାର ଠାରେ ୪୭ନଂ ରେଳ ଲେଭେଲ କ୍ରସିଂ ଯାତାୟାତରେ ବାଧା ସୃଷ୍ଟି କରୁଥିବାରୁ ୧ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ରେଳ ଉଡନ୍ତାପୋଲରେ ଯାନ ଯାତାୟାତ ଆରମ୍ଭ କରିଛି । କିନ୍ତୁ ଉକ୍ତ ପୋଲର ଦୁଇପାର୍ଶ୍ୱରେ ଥିବା ଚଲାପଥ ଅଗମ୍ୟ ହୋଇ ପଡିଛି । ତମାମ ରାସ୍ତାରେ ଛୋଟ ଛୋଟ ଲୁହା ରଡ ବାହାରି ରହିଥିବାରୁ ପଥଚାରୀ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ପୋଲରେ ଆଲୁଅର ବ୍ୟବସ୍ଥା ନ ଥିବାରୁ ସଂଜରେ ପଥଚାରୀ ପୋଲରେ ନ ଯାଇ ବାଧ୍ୟହୋଇ ରେଳ ପଥ ଡେଇଁ ଏକରାରରୁ ସେ ବଜାରକୁ ଯିବାପାଇଁ ବାଧ୍ୟ ହେଉଛନ୍ତି । ଅସାମାଜିକ ଲୋକଙ୍କ ଏହି ଚଲାପଥ ସାହାରା ହୋଇଥିବାରୁ ସେଠାରେ ମଦପିଇ ବୋତଲ ଭଙ୍ଗାଯାଇ ପକାଯାଉଥିବା ଦେଖିବାକୁ ମିଳୁଛି । ଚଲାପଥର ବିଭିନ୍ନ ସ୍ଥାନରେ ୫-୬ ଇଞ୍ଚ ବର୍ଷାପାଣି ଛିଡା ହୋଇ ରହୁଥିବାରୁ ଯାତ୍ରୀମାନେ ଯିବାକୁ ମଣୁନାହାନ୍ତି । ବିଶେଷ କରି ରେଳ ବିଭାଗ ନିର୍ମାଣ କରିଥିବା ଉଡାନ୍ତପୋଲରେ ଅଧିକ ସମସ୍ୟା ଥିବା ଦେଖିବାକୁ ମିଳୁଛି । ଅତିଶୀଘ୍ର ଆଲୋକିକରଣ କରାଯିବା ସହିତ ରାସ୍ତାରେ ଦେଖାଯାଉଥିବା ଲୁହାରଡ କାଟି ବାହାର କରିବା ଓ ଜଳନିଷ୍କାସନ ବ୍ୟବସ୍ଥା କରିବାକୁ ବହୁ ସଂଗଠନ ରେଳ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସଂପର୍କରେ ସହକାରୀ ଯନ୍ତ୍ରୀ ନିହାର ରଂଜନ ବେହେରାଙ୍କୁ ପଚାରିବାରୁ ଅତିଶୀଘ୍ର ପାଣିନିଷ୍କାସନ ଓ ରୁହାରଡ କଟାଯିବାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି ।

## ବୀର ଯବାନଙ୍କ ଉଦ୍ଦେଶ୍ୟରେ ପରାକ୍ରମ ଶୋଭାଯାତ୍ରା



ଆଠଗଡ(ଭାସ୍କର ନ୍ୟୁଜ): ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଅପରେଶନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା କାଖଡି ଠାରୁଆରମ୍ଭ ହୋଇ ବ୍ରହ୍ମପୁରଠାରେ ଉଦ୍‌ଯାପିତ ହୋଇଛି । ଆଠଗଡ଼ ଭାଜପା ବିଧାନସଭା ପ୍ରାର୍ଥୀ ଅଭୟ କୁମାର ବାରିକ୍ ଏହାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଓ ବର୍ତ୍ତମାନର ବିଧାୟକ ସିନେ ତାରକା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇଥିଲେ। ନାରଙ୍ଗବସ୍ତ ମନ୍ଦିରଠାରୁ ଶୋଭାଯାତ୍ରା । ୩ ନଂ. ଜୋନ ମଣ୍ଡଳ ସଭାପତି ଅଶୋକ ନାୟକ, ୨ ନଂ. ଜୋନ ମଣ୍ଡଳ ସଭାପତି ଶୋଉମ ପ୍ରିୟଦର୍ଶୀ, ୧ ନଂ. ଜୋନ ମଣ୍ଡଳ ସଭାପତି ତପନ ଲେଙ୍କା, ପ୍ରଭାତ ଜେନା, ହେମନ୍ତ କୁମାର ନାୟକ, ସୌମ୍ୟରଞ୍ଜନ ପଣ୍ଡା, ତପନ ପ୍ରଧାନ, ଖୁଣ୍ଟୁଣୀ ମଣ୍ଡଳ ମହିଳା ସଭାନେତ୍ରୀ ସ୍ମୃତିରେଖା ବିଶ୍ୱାଳ, ମମତା ନାଏକ ତଥା ଘଣ୍ଟିଖାଲ, କଖଡ଼ି, ମାହାଳପଡ଼ା, ନୂଆଶାସନ, ନାରଙ୍ଗବସ୍ତ, ଖୁଣ୍ଟୁଣୀ, ମହାକାଳବସ୍ତ, ଅନନ୍ତପୁର, ବ୍ରହ୍ମପୁର ଆଦି ବିଭିନ୍ନ ଅଞ୍ଚଳରୁ ହଜାର ହଜାର ବିଜେପି କର୍ମୀ ଯୋଗଦେଇ ହାତରେ ତ୍ରିରଙ୍ଗା ଧରି ଭାରତ ମାତାର ସୁଯୋଗ୍ୟ ସନ୍ତାନଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ବୀର ଯବାନଙ୍କ ଉଦ୍ଦେଶ୍ୟରେ କର୍ମୀମାନେ ବିଭିନ୍ନ ନାରାବାଜି ଦେଇ ଜୟଜୟକାର କରିଥିଲେ।

## ନେତୁଆ ପଞ୍ଚାୟତ ପ୍ରତିଷ୍ଠାତା, ସରପଞ୍ଚଙ୍କ ପରଲୋକ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ପଂଚାୟତ ପ୍ରତିଷ୍ଠାତା ସରପଂଚ କରୁଣାକର ପାତ୍ରଙ୍କ ଗତ ରବିବାର ରାତି ୨.୫୦ମିରେ ୭୮ ବର୍ଷ ବୟସରେ ପରଲୋକ ଘଟିଛି । ସେ ଗତ କିଛିମାସ ଧରି କିଡନି ରୋଗରେ ଆକ୍ରାନ୍ତ ଥିଲେ । ମୃତ୍ୟୁବେଳେ ତାଙ୍କ ନିକଟରେ ସ୍ତ୍ରୀ ପ୍ରମିଳା, ପୁଅ ସମର, ଝିଅ ସବିତା, କବିତା, ମମତା, ସୁସ୍ମିତା ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ୧୯୮୦ରେ ଛାତ୍ର ରାଜନିତୀ ବେଳେ ତତ୍‌କାଳୀନ ଜଳେଶ୍ୱର ବିଧାୟକ ଗଦାଧର ଗିରିଙ୍କ ପ୍ରେରଣାରେ ରାଜନିତୀକୁ ଆସିଥିଲେ । ଜନତା ଦଳର ଜଣେ ଆଗଧାଡିର କର୍ମୀଭାବେ କାର୍ଯ୍ୟ କରୁଥିବା ବେଳେ ସୁଗୋ ପଂଚାୟତରୁ ସେ ୨ଥର ପ୍ରତିଦ୍ୱନ୍ଦିତା କରିଥିଲେ । ଶେଷରେ ନବଗଠିତ ନେତୁଆ ପଂଚାୟତରୁ ନିର୍ବାଚନ ଲଢି ୧୯୯୦-୧୯୯୩ ପର୍ଯ୍ୟନ୍ତ ରହିଥିଲେ । ସେ ଜଣେ ସଂଗ୍ରାମୀ ଓ ସଂଗଠକ, ମେଳାପି, ମିଷ୍ଟଭାଷୀ, ବନ୍ଧୁବତ୍ସଳ, ପରୋପକାରୀ ଭାବେ ପରିଗଣିତ ହେଉଥିଲେ । ସୁଗୋ ସରପଂଚ ପ୍ରତିନିଧି ଅରୁଣ ପରିଡା, ନେତୁଆ ସରପଂଚ ବେଣୁଧର ଜେନା, ରଣଜିତ୍ ହୁଇ, ଶରତ ପରିଡା, ପ୍ରବୀର ରାଉଳ, ଦିଲ୍ଲିପ ରାଉଳ, ଅନନ୍ତ ପରିଡା, କିରଣ ଦାସ ଶେଷ ଦର୍ଶନ କରିଥିଲେ । ଅପରାହ୍ନରେ ବଡପୁଅ ଅମର ପାତ୍ର ଗ୍ରାମ୍ୟ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ ।

## ପ୍ରତାପ ହତ୍ୟାକାଣ୍ଡ ଘଟଣା, ଆସାମୀ ଗିରଫ



କଣାସ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଡା ଥାନା ପରିସରଭୁକ୍ତ ସାହୁପଡା ପଞ୍ଚାୟତର ବଣ୍ଟମୁଣ୍ଡା ଗ୍ରାମର ପ୍ରତାପ ସୁନ୍ଦରାୟ (୩୫)ଙ୍କୁ ଗତ ୧୨ ତାରିଖ ବିଳମ୍ବିତ ରାତ୍ରରେ ପୂର୍ବ ବିବାଦକୁ ନେଇ ତାଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଥିବା ତାଙ୍କ ପିତା ଗଡିଶାଗୋଡା ଥାନାରେ ୧୩ ତାରିଖରେ କେତେକ ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିଥିଲେ ।ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ୧୨ ଆସାମୀଙ୍କ ମଧ୍ୟରୁ ଗଡିଶାଗୋଡା ଥାନା ଅଧିକାରୀ ସୁଧିର କୁମାର ଦାସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ୯ ଜଣ ଫେରାର ଅଛନ୍ତି । ହତ୍ୟା କରାଯାଇଥିବା ପ୍ରତାପର ମଝିଆଁ ଭାଇଙ୍କୁ ପ୍ରଦୀପ ସୁନ୍ଦରାୟଙ୍କୁ ପୁଲିସ ଆଜି ହତ୍ୟାକାଣ୍ଡ କରାଯାଇଥିବା ସ୍ଥାନକୁ ଆଣି କିପରି ହତ୍ୟା କଲେ ଏବଂ କେଉଁ କେଉଁ ମାନେ ହତ୍ୟା କଲେ କେଉଁ ମାରଣା ଅସ୍ତ୍ରରେ ହତ୍ୟା କଲେ ପ୍ରଦୀପ ସମସ୍ତ ତଥ୍ୟକୁ ଦେଖାଇବା ସହିତ ପ୍ରତାପ ବ୍ୟବହାର କରୁଥିବା ମଟର ସାଇକେଲ ଜବତ କରିବା ସହିତ ହତ୍ୟାକାଣ୍ଡରେ ବ୍ୟବହାର କରାଯାଇଥିବା ଦୁଇଟି ଖଣ୍ଡା ଓ ଭୁଜାଲି ପୁଲିସ ଜବତ କରିଛି । ପ୍ରଦୀପ ହତ୍ୟାକାଣ୍ଡର ଡେମୋ ଦେଖାଉଥିବା ସମୟରେ ପ୍ରବଳ ଜନଗହଳି ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସକୁ ନକେଦମ ହେବାକୁ ପଡିଥିଲା । ପ୍ରକାଶ ଥାଉକି ପ୍ରତାପ ଗ୍ରାମକୁ ବିଳମ୍ବିତ ରାତ୍ରରେ ନିଜ ଘରକୁ ଫେରୁଥିବା ବେଳେ ଗ୍ରାମକୁ ଦୁଇଟି ରାସ୍ତା ଥିବାରୁ ଗୋଟିଏ ରାସ୍ତାରେ ୮ ଜଣ ଜଗିଥିବା ବେଳେ ଅନ୍ୟ ରାସ୍ତାରେ ୪ ଜଣ ଜଗି ରହିଥିଲେ । ୪ ଜଣ ଜଗିରହିଥିବା ରାସ୍ତାରେ ପ୍ରତାପ ଫେରୁଥିଲା ତାର ମଝିଆଁ ଭାଇ ପ୍ରଦୀପ ସେହି ୪ ଜଣଙ୍କ ମଧ୍ୟରେ ରହିଥିବାରୁ ପୁଲିସ ଗିରଫ କରି ଡେମୋ ଦେଖାଇଥିଲେ ଥାନାରେ ଅଭିଯୋଗ କରିଛନ୍ତି ।

## ବିପଦରେ ସାମ୍ବାଦିକ, ସଙ୍କଟରେ ସାମ୍ବାଦିକତା

କଣ୍ଟାପଡ଼ା(ଭାସ୍କର ନ୍ୟୁଜ): ସାମ୍ବାଦିକଟିଏ କଣ କେବଳ ଡରରେ ଭୟରେ ମାଲିକ, ନେତା, ମନ୍ତ୍ରୀ, ଠିକାଦାର, ଦଲାଲଙ୍କ ପାଦ ଚାଟି ଚାଟି ସାମ୍ବାଦିକତା କରୁଥିବ ? ଆଉ ଯଦି ସାଚ୍ଚୋଟ ସାମ୍ବାଦିକ ହେବ, ସତ ଖବର ଦେଖେଇବ ଏମିତି ବିଧା ଗୋଇଠା ଖାଇ ଚୁପ୍ ରହୁଥିବ । ଆଜିର ସମାଜରେ ସଚ୍ଚୋଟ ସାମ୍ବାଦିକତା ପାଇଁ ଏମିତି ପୁରସ୍କାର ମିଳେ ଯେମିତି ଆପଣ ଏହି ଫୋଟୋଗୁଡିକରେ ଦେଖୁଛନ୍ତି। ସାମାନ୍ୟ ଗୋଟେ ଠିକାଦାର 'ବଡ଼ ଖବର' ସାମ୍ବାଦିକ ସହ କିପରି ବ୍ୟବହାର କରୁଛି ଦେଖନ୍ତୁ। 'ବଡ଼ ଖବର'ର ବଲାଙ୍ଗିର ପ୍ରତିନିଧି ବିଜୟ ପ୍ରଧାନ ପୁଇଁତଲା ବ୍ଲକ କୁଲଥିପାଲି ଅଞ୍ଚଳର ଦୁର୍ନୀତିଗ୍ରସ୍ତ ଠିକାଦାର ଗଜେନ୍ଦ୍ର ଦଳେଇର ମୁଖା ଖୋଲିଦେବାରୁ ସେ ଏଭଳି ଗୁଣ୍ଡାରାଜ୍ ଦେଖାଇଛି। ଏଇଟା କଣ ପ୍ରଥମ ? ଯେତେଥର ଯେଉଁ ସାମ୍ବାଦିକ ଲୋକଙ୍କ ପାଇଁ ସ୍ୱର ଉଠାଇବାକୁ ଚେଷ୍ଟା କରିଛନ୍ତି ଏମିତି ପରିସ୍ଥିତିକୁ ସାମ୍ନା କରିଛନ୍ତି। କଂଗ୍ରେସ୍ ଅମଳରୁ ଛବିରାଣୀ ଘଟଣାଠାରୁ ଆରମ୍ଭକରି ଆଜି ପର୍ଯ୍ୟନ୍ତ ସାମ୍ବାଦିକ ବଳି ପଡ଼ି ଚାଲିଛନ୍ତି। ସରକାରଙ୍କୁ ଗୋଟିଏ ଅନୁରୋଧ, ଚତୁର୍ଥ ସ୍ତମ୍ଭ ଆକ୍ରମଣ ଉପରେ ଅଙ୍କୁଶ ଲଗାନ୍ତୁ। ସ୍ୱାସ୍ଥ୍ୟ ବୀମା କରାନ୍ତୁ କି ନ କରାନ୍ତୁ, ସାମ୍ବାଦିକଙ୍କ ସୁରକ୍ଷା ଆଇନ ଆଣନ୍ତୁ। ଏଭଳି ଏକ ଅମାନୁଷିକ ଆକ୍ରମଣ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଯେଉଁ ଜନତାଙ୍କ ହିତ ପାଇଁ ସାମ୍ବାଦିକଟିଏ ମାଡ଼ ଖାଉଛି, ସେହି ସାମ୍ବାଦିକଙ୍କ ପାଇଁ ଜନତା ବି ଆଗକୁ ଆସିବା ମାନବିକତାର ପରିଚୟ। ଘଟଣାକୁ କଣ୍ଟାପଡ଼ା ବ୍ଲକ୍ ପ୍ରେସ କ୍ଲବ ସଭାପତି ଶରତ କୁମାର ସାହୁ ନିନ୍ଦା କରିବା ସହ ଦୋଷୀକୁ କୋଠର ଦଣ୍ଡଦେବାକୁ ଦାବି କରିଛନ୍ତି।

### ପୂର୍ବ ବିବାଦରୁ ଦିଘାଲୋ ବସ୍ତିରେ ବୁଲିଲା ଲୁହାରଡ଼୍ ଓ ଠେଙ୍ଗା

## ଦୁଇ ମହିଳା ସମେତ ଏକାଧିକ ଆହତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପୂର୍ବ ବିବାଦକୁ କେନ୍ଦ୍ର କରି ଦିଘାଲୋ ବସ୍ତିରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ମହିଳା ଓ ତାଙ୍କ ପରିବାର ଗୁରୁତର ଆହତ ହୋଇଥିବା ବେଳେ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ଏହି ଘଟଣାକୁ ନେଇ ବସ୍ତିରେ ଉତେଜନା ଦେଖା ଦେଇଛି । କୌଣସି ମୁହୂର୍ତ୍ତରେ ପୁଣି ଦୁଇଗୋଷ୍ଠୀ ମୁହାଁମୁହିଁ ହେବାର ଆଶଙ୍କା ରହିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ଦିଘାଲୋ ବସ୍ତିର ରୋଜିନା ବିବି (୩୬) ଥାନାରେ ଅଭିଯୋଗ କରିଛନ୍ତି, ଘରବାରୀ ଜାଗାକୁ ନେଇ ତାଙ୍କ ପଡ଼ୋଶୀଙ୍କ ସହିତ ବିବାଦ ଲାଗି ରହିଥିଲା । ପଡ଼ୋଶୀ ଅନୱାର ଓ ତାଙ୍କ ପରିବାର ବାରମ୍ବାର ରୋଜିନାଙ୍କ ପରିବାରକୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ହତ୍ୟା ଧମକ ଦେଇ ଆସୁଥିଲେ । ଗତ ରବିବାର ମଧ୍ୟାହ୍ନ ସମୟରେ କେହି ପୁରୁଷ ଘରେ ନଥିବାର ସୁଯୋଗ ନେଇ ଅନୱାର, ତା'ର ସ୍ତ୍ରୀ ଫତିମା ବିବି, ସଇରୁନ୍ ବିବି, ସେଖ୍ ଆଶିକ, ସୁମୟା ଖାତୁନ୍, ସେକ୍ ଆଜାଦ୍, ଝୁନୁ ବିବି, ହୁସନାରା ବିବି, ସେକ୍ ବିଜୁ ହାତରେ ଲୁହାରଡ଼୍ ଆଦି ମାରଣାସ୍ତ୍ର ଧରି ରୋଜିନା ବିବିଙ୍କ ଘରେ ପସି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବାରୁ ରୋଜିନା ପ୍ରତିବାଦ କରିଥିଲେ । ଅଭିଯୁକ୍ତମାନେ ଧରିଥିବା ମାରଣାସ୍ତ୍ର ଓ ଲୁହାରଡ଼୍‌ରେ ମହିଳାଙ୍କୁ ଆକ୍ରମଣ କରିଥିଲେ । ମହିଳାଙ୍କ ଚିତ୍କାର ଶୁଣି ପାଖ ପଡ଼ୋଶୀମାନେ ପହଂଚି ଆକ୍ରମଣକାରୀଙ୍କ କବଳରୁ ରକ୍ଷା କରିଥିଲେ । ପରେ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ । ଘରର ଆସବାବ ପତ୍ର ଅଭିଯୁକ୍ତମାନେ ଫିଙ୍ଗା ଫୋପଡ଼ା କରିଥିଲେ । ରୋଜିନା ବେକରେ ପିନ୍ଧିଥିବା ୨୦ ଗ୍ରାମ୍ ଓଜନର ସୁନା ଚେନ୍ ଛିଣ୍ଡାଇ ନେଇ ଯାଇଛନ୍ତି । ପରେ ଏ ସଂପର୍କରେ ରୋଜିନା ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୨୯୬/୧୧୫(୨)/୧୧୮(୧)/୩୨୪(୪)/୩୦୩(୨)/୩୫୧(୨) ଥାନା କେସ ନଂ-୧୪୬/୨୫ରେ ପୋଲିସ ମାମଲା ରୁଜୁ କରିଥିବା ବେଳେ ଅପର ପକ୍ଷରୁ ଫାତିମା ବିବି (୪୨) ଥାନାରେ ଅଭିଯୋଗ କରିଛନ୍ତି ତାଙ୍କର ଅଂଶୀଦାର ସେକ୍ କାସିମ୍‌ଙ୍କ ମଧ୍ୟରେ ଜାଗା ବିବାଦ ରହିଥିଲା । ସେକ୍ କାସିମ୍ ଓ ତା'ର ସ୍ତ୍ରୀ ରୋଜିନା ବିବି, ହମିଦା ଖାତୁନ, ସେକ୍ ହାକିମ୍, ସେକ୍ ରିଜୱାନ, ସେକ୍ ଜିତୁ ଆଜକୁ ୪ଦିନ ହେବ ଜବରଦସ୍ତ ଘର ନିର୍ମାଣ କରୁଥିଲେ । ଫାତିମାଙ୍କ ପରିବାର ପ୍ରତିବାଦ କରିବାରୁ ଗାଳି ଗୁଲଜ କରି ଜୀବନରେ ମାରି ଦେବା ପାଇଁ ଧମକ ଦେଇଥିଲେ । ଗତ ରବିବାର ଅପରାହ୍ନରେ କଟୁରୀ, କୋଦାଳ, ଠେଙ୍ଗା, ଖଣ୍ଡା ଆଦି ମାରଣାସ୍ତ୍ର ଧରି ଆକ୍ରମଣ ସହ ଟଣାଓଟରା ମଧ୍ୟ କରିଥିଲେ ।

## ଚୌଦ୍ୱାର ଜେଲରେ ସାବିତ୍ରୀ ପାଳିଲେ ମହିଳା କଏଦୀ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ସର୍କଲ ଜେଲରେ ୩୦ଜଣ ମହିଳା କଏଦୀ ସୋମବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ବ୍ରତ କରିଥିବା ଏହି ମହିଳାମାନଙ୍କ ପାଇଁ ଜେଲ କର୍ତ୍ତୃପକ୍ଷଙ୍କ ତରଫରୁ ଆବଶ୍ୟକ ବ୍ୟବସ୍ଥା କରାଯିବା ସହିତ ନୂତନ ଶାଢ଼ୀ, ଶଂଖା, ସିନ୍ଦୁର ସହିତ ବିଭିନ୍ନ ପ୍ରକାର ଫଳମୁଳ ଓ ପୁଜା ସାମଗ୍ରୀ ଯୋଗାଇ ଦିଆ ଯାଇଥିଲା । ଜେଲ ପରିସରରେ ଥିବା ମନ୍ଦିରରେ ପୁରୋହିତଙ୍କ ମନ୍ତ୍ର ପାଠ ମଧ୍ୟରେ ମହିଳାମାନେ ପୁଜାର୍ଚ୍ଚନା କରିବା ସହିତ ଠାକୁରଙ୍କୁ ଭୋଗ ଲଗାଇ ନିଜ ନିଜର ପତିମାନଙ୍କ ଶୁଭ ମନାସି ସେମାନଙ୍କ ଦୀର୍ଘାୟୁ କାମନା କରିଥିଲେ । ସେହିପରି ଜେଲରେ ସଜା କାଟୁଥିବା ସ୍ୱାମୀ ମାନଙ୍କ ପାଇଁ ବ୍ରତ ରଖିଥିବା ସ୍ତ୍ରୀ ମାନେ ମଧ୍ୟ ଜେଲକୁ ଆସି ସ୍ୱାମୀ ମାନଙ୍କୁ ମୁଲାକାତ୍ କରି ଅର୍ଶୀବାଦ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ଚୌଦ୍ୱାର ଅଞ୍ଚଳରେ ଥିବା ସମସ୍ତ ଦେବାଦେବୀ ମନ୍ଦିରରେ ପୂଜା ପାଇଁ ସକାଳରୁ ଭିଡ଼ ଜମିଥିଲା ।

## ଜଳେଶ୍ୱର ମ୍ୟୁନିସିପାଲିଟିର ବିଜେଡି ସଭାପତି ସହ ୧୭ ୱାର୍ଡର ନୂତନ ସଭାପତି ନିଯୁକ୍ତ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ମ୍ୟୁନିସିପାଲିଟିର ବିଜେଡି ନୂତନ ସଭାପତି ସମେତ ୧୭ ଟି ୱାର୍ଡରେ ବିଜୁ ଜନତା ଦଳ ତରଫରୁ ନୂତନ ସଭାପତି ନିଯୁକ୍ତି କରା ଯାଇଥିବା ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।ବିଜୁ ଜନତା ଦଳର ଜଳେଶ୍ୱର ମ୍ୟୁନିସିପାଲିଟି ବିଜେଡିର ଆସିଷ୍ଟାଣ୍ଟ ରିଟାର୍ଣ୍ଣି ଅଫିସର ସେକ ଅବଦୁଲ ରହିମଙ୍କ ଦ୍ୱାରା ଏହି ନୂତନ ସଭାପତି ନିଯୁକ୍ତ କରା ଯାଇଥିବା ଜଣା ପଡ଼ିଛି ।ଜଳେଶ୍ୱର ମ୍ୟୁନିସିପାଲିଟିର ସଭାପତି ଭାବେ ସୁରଜିତ ଘୋଷଙ୍କୁ ପୁନର୍ବାର ନିଯୁକ୍ତି ଦିଆ ଯାଇଥିବା ବେଳେ ମ୍ୟୁନିସିପାଲିଟିର ୧ ନମ୍ବର ୱାର୍ଡ ଝାଡ଼େଶ୍ୱରପୁର ସଭାପତି ଭାବେ ସେକ କୌସର ମହମ୍ମଦ, ୨ ନମ୍ବର ୱାର୍ଡ଼ ଷ୍ଟେଶନବଜାର ସଭାପତି ଭାବେ ଗୁରୁପ୍ରସାଦ ଚୌରାସିଆ, ୩ ନମ୍ବର ୱାର୍ଡ଼ ସେଖବାର୍ଡ଼ ସଭାପତି ଭାବେ ଭଗିରଥ ନାୟକ, ୪ ନମ୍ବର ୱାର୍ଡ ପଥରପୁରା ସଭାପତି ଭାବେ ବିଜୟ କୁମାର କାମିଲା, ୫ ନମ୍ବର ୱାର୍ଡ଼ ପଥରପୁରା ସଭାପତି ଭାବେ ସୁଶାନ୍ତ କୁମାର ସାହୁ, ୬ ନମ୍ବର ୱାର୍ଡ଼ ଦେଉଳି ପଞ୍ଚୁଘଣ୍ଟା ସଭାପତି ଭାବେ ସମରେନ୍ଦ୍ର ଦାସ, ୭ ନମ୍ବର ୱାର୍ଡ଼ ଶାସନବାର୍ଡ ସଭାପତି ଭାବେ ମହେଶ୍ୱର ବେହେରା, ୮ ନମ୍ବର ୱାର୍ଡ଼ ପଞ୍ଚୁଘଣ୍ଟା ସଭାପତି ଭାବେ ଜହରଲାଲ ଦାସ, ୯ ନମ୍ବର ୱାର୍ଡ଼ ମଙ୍ଗଳାତଳା ସଭାପତି ଭାବେ ଅନନ୍ତ ଦାସ, ୧୦ ନମ୍ବର ୱାର୍ଡ଼ ଶାନ୍ତିଆର ସଭାପତି ଭାବେ ଦୁର୍ଗାଶଙ୍କର ବ୍ରହ୍ମ, ୧୧ ନମ୍ବର ୱାର୍ଡ଼ ନୂଆବଜାର ସଭାପତି ଭାବେ ସୁଷମା ରାଣୀ କର, ୧୨ ନମ୍ବର ୱାର୍ଡ଼ ନନ୍ଦିକା ସଭାପତି ଭାବେ ଲକ୍ଷ୍ମୀନାରାୟଣ ଜେନା, ୧୩ ନମ୍ବର ୱାର୍ଡ଼ ନନ୍ଦିକା ସଭାପତି ଭାବେ ପ୍ରଦୀପ୍ତ କିଶୋର ଦାସ, ୧୪ ନମ୍ବର ୱାର୍ଡ଼ ଚୁଡାମଣିପୁର ସଭାପତି ଭାବେ ପଙ୍କଜ କୁମାର ଗିରି, ୧୫ ନମ୍ବର ୱାର୍ଡ଼ ନହଞ୍ଜରା ସଭାପତି ଭାବେ ଅମୁଲ୍ୟ କୁମାର ଦତ୍ତ, ୧୬ ନମ୍ବର ୱାର୍ଡ଼ ଅଲାଲପୁର ସଭାପତି ଭାବେ ହରିହର ଭଞ୍ଜ ଓ ୧୭ ନମ୍ବର ୱାର୍ଡ଼ ଚକବିଷ୍ଣୁ ସଭାପତି ଭାବେ ଶମ୍ଭୁନାଥ ଜେନା ପ୍ରମୁଖଙ୍କୁ ନିଯୁକ୍ତି ପ୍ରଦାନ କରା ଯାଇଛି ।ଏହି ନିଯୁକ୍ତି ଦିଆଯାଇଥିବା ବିଷୟ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଜଣାଇ ଦିଆ ଯାଇଛି ବୋଲି ଜଳେଶ୍ୱର ମ୍ୟୁନିସିପାଲିଟିର ଆସିଷ୍ଟାଣ୍ଟ ରିଟର୍ଣ୍ଣି ଅଫିସର ସେକ ଅବଦୁଲ ରହିମ ଜଣାଇଛନ୍ତି।

## ଚାରବାଟିଆ ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ପ୍ରସ୍ତୁତି ବୈଠକ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଚାରବାଟିଆସ୍ଥିତ ଶ୍ରୀ ଜଗନ୍ନାଥଙ୍କ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମ୍ୟାନେଜିଂ ଟ୍ରଷ୍ଟି ତଥା ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ରଥଯାତ୍ରା ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପୂର୍ବରୁ ଥିବା ୬ଚକା ବିଶିଷ୍ଟ ରଥକୁ ଚଳିତ ବର୍ଷ ୧୨ଚକ ବିଶିଷ୍ଟ କରି ନୂତନ ରଥ ନିର୍ମାଣ ସହିତ ଘୋଷଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ବିଭିନ୍ନ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ଉପରେ ଶ୍ରୀ ସାମଲ ବୈଠକରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ରଥଯାତ୍ରା ନିମନ୍ତେ ଆସନ୍ତା ଜୁନ ୧୦ତାରିଖ ଦିନ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଏବଂ ବିଧାୟକ ସୌଭିକ ବିଶ୍ୱାଳଙ୍କ ଉପସ୍ଥିତିରେ ବିଶେଷ ସମନ୍ୱୟ ବୈଠକ ଅନୁଷ୍ଠିତ ହେବା ଏବଂ ଏଥିରେ ଠାକୁର ରାଜା ପ୍ରଭାତ ରଞ୍ଜନ ବିଶ୍ୱାଳ ଅଧକ୍ଷତା କରିବେ ବୋଲି ସ୍ଥିର କରାଯାଇଥିଲା । ଟ୍ରଷ୍ଟି ସନ୍ତୋଷ ଧର, ପ୍ରଶାନ୍ତ ବିଶ୍ୱାଳ, ଗୌରାଙ୍ଗ ଦାସ, ଧ୍ରୁବ ଦାସ, ଦୁର୍ଯ୍ୟୋଧନ ଶତପଥି, ସୁବ୍ରତ ସାମଲ, ଆଶୁତୋଷ ଦାସ, ସ୍ୱାଧୀନ ଦାସ, କାଉନସିଲର ବିଜୟ କୁମାର ମଲ୍ଲିକ, କେ.ସି.ପ୍ରତାପସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଚତୁର୍ଦ୍ଧାମୁରତୀଙ୍କ ଘୋଷଯାତ୍ରାକୁ ସୁରୁଖୁରୁରେ ସଂପନ୍ନ କରିବା ପାଇଁ ଏହି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପୁର୍ବବର୍ଷ ପରି ଏଥର ବଡଦାଣ୍ଡକୁ ଅବରୋଧ ମୁକ୍ତ କରାଯିବା ସହିତ ଗୁଣ୍ଡିଚା ବାଡିରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ଉପସ୍ଥିତ ସଦସ୍ୟ ମାନେ ଦାବି କରିଥିଲେ । ପୌରପାଳିକାର ୧୦ନଂ ଓ ୧୯ନଂ ୱାର୍ଡ ସମେତ ସ୍ଥାନୀୟ ଅଞ୍ଚଳର ବହୁ ନାଗରିକ ଏଥିରେ ଯୋଗ ଦେଇଥିଲେ ।ଟ୍ରଷ୍ଟ ସଂପାଦକ ମୀନକେତନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ସାବିତ୍ରୀ ଅମାବାସ୍ୟାରେ ଅନ୍ୱେଷଣ ପକ୍ଷରୁ ଜନସେବା



କଟକ(ଭାସ୍କର ନ୍ୟୁଜ): ଓଡ଼ିଶାର ଶକ୍ତିକ୍ଷେତ୍ର ମଧ୍ୟରୁ ବିରଜା କ୍ଷେତ୍ର ହେଉଛି ଅନ୍ୟତମ । ଏହି ବିରଜା କ୍ଷେତ୍ରରେ ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ଓ ଫ୍ରୀଡ଼ମ୍ ଅଏଲର ମିଳିତ ଆନୁକୁଲ୍ୟରେ ଭକ୍ତମାନଙ୍କୁ ଜଳସେବା କରାଯାଇଥିଲା । ଆଜି ସକାଳୁ ଅନ୍ୱେଷଣ ପରିବାରର ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ମା' ବିରଜାଙ୍କ ନିକଟରେ ଏକତ୍ରିତ ହୋଇ ସାବିତ୍ରୀ ବ୍ରତଧାରୀଙ୍କୁ ଜଳଦାନ କରିଥିଲେ । ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ମା' ବିରଜାଙ୍କ ନିକଟରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସମସ୍ତଙ୍କର ସହଯୋଗରେ ଏହି କାର୍ଯ୍ୟକ୍ରମଟି ସମାପନ ହୋଇଥିଲା । ଏହି ମହତ୍ କାର୍ଯ୍ୟକ୍ରମରେ ଫ୍ରୀଡ଼ମ୍ ଅଏଲ୍ ଓଡ଼ିଶାର ମୁଖ୍ୟ ଅମିୟ କୁମାର ଧଳ, ଅନ୍ୱେଷଣର ସଭାପତି ବୃନ୍ଦାବନ ମିଶ୍ର, ହରିହର ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସଙ୍ଗଠନ ସମ୍ପାଦକ ଧନଞ୍ଜୟ ପୃଷ୍ଟି, ତାରାକାନ୍ତ ମଲ୍ଲିକ, କୋର୍ ସଦସ୍ୟ ଗୌତମ ବିକାସ ମହାନ୍ତି, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ରାଉତ,ଭରତ ଚନ୍ଦ୍ର ବେହେରା, ବରିଷ୍ଠ ସଦସ୍ୟ ଶିଶିର କୁମାର ମହାପାତ୍ର, ସୁକାନ୍ତ ଚନ୍ଦ୍ର ରାଉତ, ରଜତ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ବେହେରା, ସୋମନାଥ ରଣା, ସହ ସମ୍ପାଦିକା ଶକୁନ୍ତଳା ବେହେରା, ସଦସ୍ୟା ଦମୟନ୍ତୀ ରାଉତ, ତପସ୍ୱିନୀ ମଲ୍ଲିକ, ସାଇସ୍ମିତା ବେହେରା, ମାମାଲି ସାହୁ, ରିତୁପ୍ରଭା ମଲ୍ଲିକ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମଟିକୁ ସଫଳ କରିଥିବା ବେଳେ ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ।

## ସୁଲଭ ଶୌଚାଳୟ ପରିଚାଳନା ଓ ନିର୍ମାଣରେ ଅବ୍ୟବସ୍ଥା, ଲକ୍ଷାଧିକ ଟଙ୍କା ପାଣିରେ ସ୍ୱାହା

ସୋରଡା(ଭାସ୍କର ନ୍ୟୁଜ): ସୋରାଡ ଅଞ୍ଚଳର ୧୧ଟି ୱାର୍ଡ ମଧ୍ୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମୁକ୍ତା ଯୋଜନାରେ ଏନଏଏସି ଦ୍ୱାରା ନିର୍ମାଣ କରାଯାଇଥିବା ଓ ବିଭିର୍ନ ମହିଳା ଏସଏଚଜି ମାନଙ୍କ ଜରିଆରେ କର୍ଯ୍ୟାଦେଶ ବନାଇ ନିମ୍ନମାନର କାମ ଓ ନିମ୍ନମାନର ସାମଗ୍ରୀ ମାନ କିଣି କାମରେ ଲଗାଇଛନ୍ତି ଯାହା କାମରେ ଲଗୁନାହି। ସୁଲଭ ଶୌଚାଳୟ ନାମରେ କିଛି ମହିଳା ଏସଏଚଜିମାନଙ୍କ ନାମରେ ସୁଲଭ ଶୌଚାଳୟଗୁଡିକ ପ୍ରତି ଦିନ ସଫସୁତୁରା କରି ବ୍ଲିଚିଂ ପାଉଡର, ଫିନାଇଲ ଛିଞ୍ଚନ ବ୍ୟବସ୍ଥା ନାହି, ଝାଡା ଫେରିଲେ, ପରିସ୍ରା କଲେ ପାଣିର ବ୍ୟବସ୍ଥା ନାହି ଓ ସୁଲଭ ଶୌଚଳୟ ନାମରେ ଗୋଟିଏ ଲେଖାଏ ବଖରା କରି ସମ୍ପୂର୍ଣ ଶୌଚଳୟକୁ ହାତେଇ ଥିବା ଭଳି ବ୍ୟବସ୍ଥା ଏନଏସିର ଇଓଙ୍କ ଜଣାରେ ଏହି ବ୍ୟବସ୍ଥା ଚାଲିଛି କି ନାହି ତାହା ତଦନ୍ତ ସାପେକ୍ଷ । ଏପରିକି ରାଜ୍ୟ ସରକାରଙ୍କ ଗୃହ ଓନଗର ଉର୍ନୟନ ବିଭାଗ ପକ୍ଷରୁ ମାଗଣାରେ ସୁଲଭ ଶୌଚାଳୟ ଚଳାଇବା ପାଇଁ ଡିସପ୍ଲେ ବୋର୍ଡ ଶୌଚଳୟ ନିକଟରେ ଲାଗିବା ବ୍ୟବସ୍ଥା ଥିଲେ ମଧ ତାହା ଲାଗାଯାଇନାହିଁ ଓ ଜନସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ମୁତାବକ ଲୋକ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏନଏସି ଅଫିସ ଆଗରେ ସୁଲଭ ଶୌଚଳୟ ପ୍ରାୟ ବନ୍ଦ ହେବ ଉପରେ କାରଣ ଉକ୍ତ ଗୃହରେ ଶୌଚଳୟର ଆନୁଷଙ୍ଗିକ ବ୍ୟବସ୍ଥା ନାହି କେବଳ ସେତିକିନୁହେ ଜାତୀୟରାଜପଥ କଡରେ ଅବସ୍ଥିତ ଅଫିସ ଲାଇନ, ଚର୍ଚ ଛକ, ନୂତନ ବସ ରହଣି ସ୍ଥଳ ଓ ଅନ୍ୟାନ୍ୟ ଅଞ୍ଚଳ ଗୁଡିକରେ ଅବସ୍ଥିତ ସୁଲଭ ଶୌଚାଳୟ, ପରିସ୍ରାଗାରଗୁଡିକ ଠିକ ଭାବରେ ସଫା ସୁତୁରା କରଯାଉ ନଥିବାରୁଏନଏସି କର୍ତ୍ତୁ ପକ୍ଷ ଏହାର ତଦାରଖ କରିବା ବଦଳରେ ତାହା କରାଯାଉନଥିବାରୁ ଜନସାଧାରଣ, ବସଯାତ୍ରୀ, ଅଫିସ କାମକୁ ଆସୁଥିବା ଲୋକମାନେ, ନାନା ହଇରାଣ ହୋଉଛନ୍ତି । ଏନଏସି. ପକ୍ଷରୁ ହଜାର ହଜାର ଟଙ୍କା ବ୍ୟୟ କରି ୱାର୍ଡ ଅଫିସର, ସାନିଟାରୀ ଇନ୍‌ସପେକ୍ଟର ଓ ଅନ୍ୟମାନଙ୍କ ନାମ ଲେଖି ଓ ସେମାଙ୍କ ଫୋନ ନମ୍ବର ଲେଖି ବାହା ବାହା ନେବା ବେଳେ ପ୍ରତ୍ୟକ ୱାର୍ଡର ଅଫିସର, ଏସଏଚଜିଙ୍କ ନାମ ଓ ଫୋନ ନମ୍ବର ପ୍ରକୃତରେ କାମ ଦଉନାହି ଜନସାଧାରଣକ ପକ୍ଷରୁ ଫୋନରେ ଯୋଗାଯୋଗ କଲେ କାହାର ଦେଖା ମିଳୁ ନାହି କି କାହାର ଶୁଣିବାର ନାହି । ଏଣୁ ଅଭିଯୋଗ କାହା ନିକଟରେ କରାଯିବ ତାହା ମଧ ଅଜଣା । ନିୟମ ଅନୁଯାଇ ସୋରଡା ସହରର ଏଗାରଟି ୱାର୍ଡରେ ଥିବା ସମସ୍ତ ଶୌଚଳୟ, ପରିସ୍ରାଗାର ଗୁଡିକ କୋଇ ଗୃପ ମହୀଳ। ଏସ .ଏଚ । ଜି ମ ।ନକୁ ପରିଚାଳନ। ଦ ।ଇତ୍ୱ ଦିଆଯାଇଛି ସେହି ଗୃପର ସଭା ନେତ୍ରୀ, ସମ୍ପାଦିକାଙ୍କ ନାମ ଓ ଯୋଗଯୋଗ ଫୋନ ନମ୍ବର ଡିସପ୍ଲେ ବୋର୍ଡରେ ପ୍ରକାଶ କରିବା ପାଇଁ କର୍ତ୍ତୁପକ୍ଷ ଗୁରୁତର ସହ କର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ, ଗଞ୍ଜାମ ଜିଲ୍ଲା ନଗର ଉର୍ନୟନ ବିଭାଗ, ଜିଲ୍ଲାପାଳ ଗଞ୍ଜାମ, ପ୍ରକଳ୍ପ ନିର୍ଦ୍ଦେଶକ ରାଜ୍ୟ ନଗର ଉର୍ନୟନ ବିଭାଗ, ରାଜ୍ୟ ଗୃହ ଓ ନଗର ଉର୍ନୟନ ବିଭାଗ ପ୍ରମୁଖ ସଚିବ ଧ୍ୟାନ ଦେଇ ଆଇନ ଅନୁଯାଇ କର୍ଯାନୁଷ୍ଟାନ ଗ୍ରହଣ କରିବାକୁ ସମସ୍ତ ଅଧିକାରୀଙ୍କୁ ଲେଖି ଜଣାଇବା ସହ ଏନଏସି ଇଓଙ୍କ ସହ ଆମ ପ୍ରତିନିଧି ଏହି ଅବ୍ୟବସ୍ଥା ସମ୍ପର୍କେ ପଚାରିବାରୁ ସେ ସନ୍ତୁଷ୍ଟ ଉତର ଦେଇନପାରି କର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । କିନ୍ତୁ ତାହା କର୍ଯ୍ୟକାରିରେ ବିଳମ୍ବ ଘଟୁଥିବାରୁ ସୁଲଭ ଶୌଚଳୟ, ପରିସ୍ରାଗାରର ଅଚଳ ଅବସ୍ଥା ଦେଖାଦେଇଛି । କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ଦାବି ହେଉଛି।



ବୋଲଗଡ଼, (ଭାସ୍କର ନ୍ୟୁଜ) : ସାବିତ୍ରୀ ବ୍ରତକୁ କେଉଁ ଆଦିମ କାଳରୁ ସାଧବା ହିନ୍ଦୁ ନାରୀମାନେ ପ୍ରମୁଖ ବ୍ରତ ଭାବେ ପାଳନ କରି ଆସୁଛନ୍ତି । ବିଶେଷ କରି ସାବିତ୍ରୀ ବ୍ରତ ପୂଣାତଃ ଓଡିଶା ରାଜ୍ୟରେ ହିନ୍ଦୁ ସାଧବା ନାରୀ ପାଇଁ ଏକ ପ୍ରମୁଖ ବ୍ରତ ଭାବେ ସର୍ବମାନ୍ୟ । ପୁରାଣ ବର୍ଣ୍ଣିତ ତଥା କଥା ଅନୁଯାୟୀ ମହାସତୀ ସାବିତ୍ରୀ ପତି ଦେବତା ମୃତ ସତ୍ୟବାନଙ୍କ ଜୀବନ ତଥା ଆୟୁ କାଳେ ନିଜର ଇଚ୍ଛାଶକ୍ତି ଓ ଅତୁଟ ବିଶ୍ୱାସ ବଳରେ ଯମରାଜଙ୍କ ନିକଟରୁ ଫେରାଇ ଆଣିବାକୁ ଦୃଢ଼ ସଂକଳ୍ପ ନେଇଥିଲେ ଓ ସଫଳ ହୋଇ ଥିଲେ । ସାଧବା ନାରୀର ମଥା ସିନ୍ଦୂର ଓ ଶଙ୍ଖା ହିଁ ପତି ଦେବତାଙ୍କ ପ୍ରତୀକ ବୋଲି ଶାସ୍ତ୍ର ମତାନୁଯାୟୀ ବିବେଚନା କରାଯାଇ ଆସିଛି । ତେଣୁ ନିଜ ମଥା ସିନ୍ଦୂରକୁ ଦୀର୍ଘାୟୁ କରିବା ନିମନ୍ତେ ଅଧୁନା ଏହି ପବିତ୍ର ପରମ୍ପରାକୁ ଭୁଲି ନାହାଁନ୍ତି ହିନ୍ଦୁ ସାଧବା ନାରୀ ଏହିକ୍ରମରେ ସାଧବା ହିନ୍ଦୁ ନାରୀ ପ୍ରାତଃ ସ୍ନାନାଦି ସୁଚାମନ୍ତ ପରେ ନୂତନ ଶାଢ଼ୀବସ୍ତ୍ର, ଶଙ୍ଖା, ସିନ୍ଦୂର ସହ ଆମ୍ବ, ନଡ଼ିଆ, କଦଳୀ, ସେଓ, ଜାମୁ, ଲିଚୁ, କମଳା, ଅଙ୍ଗୁର, ସପୁରୀ, ପଣସ, ତାଳ, ଖଜୁରୀ ଓ ଧୂପଦୀପ ଇତ୍ୟାଦି ଧରି ଭଗବାନ ଶଙ୍କରଙ୍କୁ ପୂଜା କରି ସ୍ୱାମୀ ଦେବତାର ଦୀର୍ଘାୟୁ କାମନା କରି ବ୍ରତ ରଖିଛନ୍ତି । ଫଳରେ ସାବିତ୍ରୀ ମାନଙ୍କ ବ୍ରତରେ ସମସ୍ତ ଦେବାଳୟ ଚଳ ଚଞ୍ଚଳ ରହି ଥିବାର ଦେଖିବାକୁ ମିଳିଛି ।

# ଛେଳି ଚାଷୀଙ୍କୁ ମିଳୁନାହିଁ ଆବଶ୍ୟକୀୟ ପ୍ରୋତ୍ସାହନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଇଲାକାରେ ଆଦିବାସୀ ଓ ଅନ୍ୟାନ୍ୟ ସାଧାରଣ ପରିବାର ବହୁ ସଂଖ୍ୟାରେ ଛେଳି ଚାଷ କରୁଥିବାବେଳେ ସେମାନଙ୍କୁ ସରକାରୀ ପ୍ରୋତ୍ସାହନର ଯଥେଷ୍ଟ ସୁବିଧା ମିଳୁନଥିବା ଅଭିଯୋଗ ହେଉଛି । ଯାହାଫଳରେ ଖରା ବର୍ଷା, ଶୀତ ସହ ବର୍ଷ ତମାମ ଛେଳି ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ପରିବାର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଥିବାବେଳେ ସେମାନଙ୍କଠାରୁ ଛେଳି କିଣି ବେପାରୀ ମାଲାମାଲ ଓ ବଜାରରୁ ଖାସି ମାଂସ କେଜି ପ୍ରତି ୭୫୦ ରୁ ୮୦୦ ଟଙ୍କାରେ କିଣି ଖାଉଟି ରୀତିମତ ଶୋଷଣର ଶୀକାର ହେଉଥିବା ଦେଖାଯାଉଛି । କେନ୍ଦୁଝର ଜିଲ୍ଲାର ଘଟଗାଁ, ପାଟଣା, ହରିଚନ୍ଦନପୁର, ସାହାରପଡା, ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ବ୍ଲକ ଅଞ୍ଚଳର ହଜାର ହଜାର ଲୋକ ଛେଳି ଚାଷ କରୁଥିବାବେଳେ ସେମାନଙ୍କୁ ଛେଳି ଚାଷ ପାଇଁ ଋଣ କିମ୍ବା ଚିକିତ୍ସା ସୁବିଧା ମଧ୍ୟ ମିଳୁନଥିବା ଅଭିଯୋଗ ହେଉଛି । ଏପରିକି ଗାଈ ପାଳନ ଭଳି ଉନ୍ନତମାନର ଓ ଶୀଘ୍ର ବଢୁଥିବା ଛେଳି ପାଳନ ପାଇଁ ଉନ୍ନତ ପ୍ରଜାତିର ଛେଳି ଚାଷୀଙ୍କୁ ଯୋଗାଇ ଦିଆଯିବା ଅଥବା ଶଙ୍କର ଜାତୀୟ ବୋଦାକୁ ଆଣି ନିଜ ଜିଲ୍ଲାରେ ଉନ୍ନତ ପ୍ରଜାତିର ଛେଳି ସଂଖ୍ୟା ବଢାଇବା ପାଇଁ ମଧ୍ୟ ପ୍ରାଣୀ ସଂପଦ ବିଭାଗ କାମ କରୁଥିବା ଭଳି ମନେ ହୁଏ ନାହିଁ । ଯାହାଫଳରେ ଖରାତରା ସହି ବିଲବାଡ଼ି ଜଙ୍ଗଲରେ ଛେଳିକୁ ଖୁଆଇ ବଡ କରି ଚାଷୀଙ୍କୁ ଜିଲ୍ଲାର ବଡ଼ ବଡ଼ ଛେଳି ହାଟ ଢ଼େଙ୍କିକୋଟ, ହରିଚନ୍ଦନପୁର, ଛାମୁଣ୍ଡା, ବେଲଦା, ବାଂଶପାଳ, ଝୁମ୍ପୁରା ଆଦି ହାଟକୁ ନେଇ ବିକ୍ରି କରିବାକୁ ପଡିଥାଏ । ଏହି କାରଣରୁ ଘର ଛାଡି ଛେଳି ବିକିବାକୁ ହାଟକୁ ଯାଇଥିବା ଚାଷୀଙ୍କୁ ବେପାରୀମାନେ ସଂଘବଦ୍ଧ ଭାବେ ମୂଲଚାଲ କରି କମ୍ ଦାମରେ ଛେଳି ବିକ୍ରି କରିବାକୁ ବାଧ କରିଥାନ୍ତି ଏବଂ ଚାଷୀଟି ମଧ ଛେଳିକୁ କମ୍ ଦାମରେ



ବିକ୍ରି କରୁଥିବା ଜଣାପଡିଛି । କୁହାଯାଏ ଯେ, ଗରିବଙ୍କ ଏଟିଏମ୍ ହେଉଛି ଏହି ଛେଳି । ଘରେ ବା ବାହାରେ ଯେ କୌଣସି ପ୍ରକାରର ଆର୍ଥିକ ସମସ୍ୟା ହଠାତ ଦେଖାଦେଲେ ତୁରନ୍ତ ଛେଳି ଟିଏ ବିକ୍ରି କରି ସେହି ଟଙ୍କାରେ ଆପତକାଳୀନ ସମସ୍ୟାକୁ ସମାଧାନ କରାଯାଇଥାଏ । ଏବେ ରାଜ୍ୟ ସରକାରଙ୍କ ସହ ଡିଏମ୍ଏଫ୍ ସହାୟତାରେ ଏଗ୍ରିକଲଚର ପ୍ରଡ଼କସନ କ୍ଲଷ୍ଟର ବା ଏପିସି ମାଧ୍ୟମରେ ମହିଳମାନେ ଆର୍ଥିକ ବିକାଶର ସହଯାତ୍ରୀ ହୋଇପାରୁଥିବାବେଳେ ଛେଳିଚାଷ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଲେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବ୍ୟକ୍ତିମାନେ ଏହାଦ୍ୱାରା ଲାଭବାନ ହୋଇପାରନ୍ତେ । ଅପରପକ୍ଷରେ ବଜାରରେ ଖାସି ମାଂସର ଚାହିଦା ଅଧିକ ଥିବାରୁ ବେପାରୀମାନେ ଗାଁ ଗଣ୍ଡା ଓ ବଜାରରେ ଥିବା ମାଂସ କଟାଳିଙ୍କୁ କିଣିଥିବା ମୂଲ୍ୟଠାରୁ ଯଥେଷ୍ଟ ଅଧିକ ଦାମରେ ଖାସି ବିକ୍ରି କରିଥାନ୍ତି । ଫଳସ୍ୱରୂପ ମାଂସ ଦର ବୃଦ୍ଧିକୁ ଖାଉଟି ବାଧ ହୋଇ ସହି ନେଉଛନ୍ତି । ଏଭଳି ସ୍ଥିତିରେ ଛେଳି ଚାଷୀମାନଙ୍କୁ ପରିଶ୍ରମର ଯଥେଷ୍ଟ ଲାଭ ମିଳୁନଥିବାବେଳେ ତାହା ବେପାରୀଙ୍କ ପାଖକୁ ଚାଲି ଯାଉଥିବା ଜଣାପଡିଛି । ଅନ୍ୟପକ୍ଷରେ କେନ୍ଦୁଝର ଜିଲ୍ଲାର ଖାଉଟିଙ୍କ ପାଇଁ ଯେତିକି ପରିମାଣର ଖାସି ମାଂସର ଆବଶ୍ୟକ ହୋଇଥାଏ, ତାହା ପୂରଣ ହୋଇପାରୁ ନ ଥିବାରୁ ବାହାର ରାଜ୍ୟର ବିଶେଷ କରି ପଶ୍ଚିମବଙ୍ଗରୁ ଏକ ସ୍ୱତନ୍ତ୍ର ପ୍ରକାରର ବ୍ରଏଲର ଖାସି ବା ହାଇବ୍ରିଡ ଛେଳି ଅଣାଯାଇ ଆବଶ୍ୟକତାକୁ ପୂରଣ କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । କେନ୍ଦୁଝରର ପାରମ୍ପରିକ ଗ୍ରାମାଚଂଳ ଛେଳିଚାଷୀଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡୁଥିବା ଓ ଏହା ଲକ୍ଷାଧିକ ଗରୀବ ଆଦିବାସୀଙ୍କ ଜୀବନଜୀବିକାର ପ୍ରଶ୍ନ ହୋଇଥିବାରୁ ଉନ୍ନତ ପ୍ରଜାତିରେ ଛେଳିଚାଷ, ଚାଷୀଙ୍କ ପାଇଁ ଉପଯୁକ୍ତ ବଜାର ସୃଷ୍ଟି, ଛେଳି ଚାଷୀଙ୍କୁ ଛେଳିଙ୍କ ଚିକିତ୍ସା ସୁବିଧା, ସେମାନଙ୍କୁ ଅଳ୍ପ ସୁଧରେ ବ୍ୟାଙ୍କ ଋଣ ପ୍ରଦାନ କରାଯିବାର ସମୟ ଆସିଛି । ଏଥିପ୍ରତି ଉପଯୁକ୍ତ ସ୍ତରରେ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ସେମିଳିଗୁଡାରେ ଆମ୍ବ ପସରା ଉଦ୍‌ଘାଟିତ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକର ସପିଂ କମ୍ପ୍ଲେକ୍ସ ଠାରେ ଗାଁ ଆମ୍ବ ପସରା ଆରମ୍ଭ କରାଯାଇଛି । ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଯୋଗଦେଇ ଏହାକୁ ଶୁଭ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରୀ, ଓରମାସର ଜିଲ୍ଲା ସଂଯୋଜକ ରୋସନ କାର୍ତିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର ପ୍ରଧାନ, ସିଡିପିଓ ବିନୋଦିନୀ ବେହେରା, ସାସଂଦ ପ୍ରତିନିଧି ଜଗତ ରାୟ ଖିନିବୁଡି, ବ୍ଲକ ସଂଯୋଜକ ଦିବ୍ୟଜ୍ୟୋତି ରାୟ ଯୋଗ ଦେଇଥିଲେ । ସେମିଳିଗୁଡା ବ୍ଲକ ଏଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼ ମା କଣ୍ଟା ବାଉଁଶୁଣି ଉତ୍ପାଦକ ଗୋଷ୍ଠୀ ଦ୍ୱାର ଉକ୍ତ ବିକ୍ରୟ କେନ୍ଦ୍ର ଆୟୋଜିତ କରାଯାଇଛି । ଏଥିରେ ବ୍ଲକର ୧୭ଗୋଟି ଗ୍ରାମ ପଞ୍ଚାୟତର ମହିଳା ନିଯୁକ୍ତି ହୋଇ କାର୍ଯ୍ୟ କରୁଛନ୍ତି ଏବଂ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କିସମର ଖାଦ୍ୟ, ସୁଆଁ, ମାଣ୍ଡିଆ, ବିରି, କୋଳଥ, କାଙ୍ଗୁ, ଆମ୍ବ, କଦଳୀ, ଲିଚୁ ସପୁରି, ଷ୍ଟ୍ରବେରୀ, ଅମୃତ ଭଣ୍ଡା, ଲେମ୍ବୁ, କମଳା ଆଦି ବଜାରରୁ କମ୍ ଦରରେ ବିକ୍ରି କରାଯାଉଛି । ଓରମାସ ଅଧୀନରେ ଥିବା ଏଗ୍ରୋ ପ୍ରଡ୍ୟୁସର କଣ୍ଟା ବାଉଁଶୁଣୀ ଗ୍ରୁପ ୨୦୨୧ରୁ ବର୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଅଛି । ଉକ୍ତ ଗାଁ ଆମ୍ବ ପସରା କାର୍ଯ୍ୟକ୍ରମରେ ସେମିଳିଗୁଡା ଏଗ୍ରୋ ପ୍ରଡ୍ୟୁସର କମ୍ପାନୀର ମୁଖ୍ୟ ମମତା ଖୋସଲା, ସମ୍ପାଦକ ଯୋଗୀସ୍ୱିନୀ କୁଳଦୀପ, ପଦ୍ମିନୀ ଗୁଣ୍ଡା, ସୁରଭି ବାଘ, ଲିଲି ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି କାର୍ଯ୍ୟକ୍ରମ ମହିଳା ସଶକ୍ତିକରଣର ଏକ ଜ୍ୱଳନ୍ତ ଉଦାହରଣ ବୋଲି ସାଧାରଣରେ ଆଲୋଚନା ହେଉଛି । ଏପରି କାର୍ଯ୍ୟକ୍ରମ ଆୟୋଜିତ ଫଳରେ ମହିଳାଙ୍କ ମଧ୍ୟରେ ଉତ୍ସାହ ପରିଲିକ୍ଷିତ ହୋଇଥିଲା । ଆଗାମୀ ବର୍ଷ ମାନଙ୍କରେ ମଧ୍ୟ ଏପରି କାର୍ଯ୍ୟକ୍ରମ ଆୟୋଜିତ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଛି ।



# କାଦୁଅ ରାସ୍ତାକୁ ସଫାକଲେ ସାମାଜିକ ସଂଗଠନ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍ ): ଉତ୍ତର ବାଲେଶ୍ୱରରେ ବହୁଳ ମାତ୍ରାରେ ରବିଧାନ ଚାଷ ହୋଇଥାଏ । ଏବେ ଅମଳ ଚାଲୁଥିବାରୁ ଓ ମଝିରେ ମଝିରେ କାଳବୈଶାଖୀ ଲାଗି ରହୁଥିବାରୁ କ୍ଷେତରେ ପାଣି ଜମି ରହିଛି । ଅମଳ ସମୟରେ ଚାଷୀ ବ୍ୟବହାର କରୁଥିବା ହାରଭେଷ୍ଟର ଓ ଟ୍ରାକ୍ଟର ଚକରେ କାଦୁଅ ଆସି ରାସ୍ତାରେ ପଡିବା ଫଳରେ ରାସ୍ତାଗୁଡିକ କର୍ଦ୍ଦମାକ୍ତ ସୃଷ୍ଟି ହୋଇଛି । ଫଳରେ ରାସ୍ତାରେ ଯିବା ଆସିବା କରୁଥିବା ୨ଚକିଆ ଯାନ ଓ ସାଇକେଲ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ସମଗ୍ର ବ୍ଲକ ଅଂଚଳରେ ଥିବା ରାସ୍ତା ଗୁଡିକ କର୍ଦ୍ଦମାକ୍ତ ହୋଇଥିବା ଦେଖିବାକୁ ମିଳୁଛି । ନାମ୍ପୋ-ଖାଲିନା ଆର୍‌ଡି ରାସ୍ତାର ଅବସ୍ଥା ଅବର୍ଣ୍ଣନୀୟ । ରାସ୍ତାଟି କଂକ୍ରିଟରେ ନିର୍ମାଣ ହୋଇଥିବା ବେଳେ ସଂପୂର୍ଣ୍ଣ କର୍ଦ୍ଦମାକ୍ତ ସଂପର୍କରେ ଖବର ପ୍ରସାରଣ ପରେ 'ଆମେ ଆପଣଙ୍କ ସେବାରେ' ସଂଗଠନ ପକ୍ଷରୁ କାଦୁଅ ସଫେଇ କରାଯାଇଛି । ସଂଗଠନର ସଭାପତି ଗୋପାଳକୃଷ୍ଣ ପାତ୍ରଙ୍କ ନେତୃତ୍ୱରେ ଜୟନାରାୟଣ ସାହୁ, ଦେବବ୍ରତ ପାଠୀ, ସତ୍ୟବ୍ରତ ଦେ, ନଗେନ୍ଦ୍ର ଦେ, ସଂଜୟ କରଣ, ବୁଦ୍ଧଦେବ ଦେ, ନୟନ ପାଠୀ, ଭୁପେନ ଦେ, ଘନଶ୍ୟାମ ପାତ୍ର, ଭୁବନ ଦାସ, ଜୀବନ ସେଠୀ, ଘନଶ୍ୟାମ ବେହେରା, ସପନ ଦେ, ଅଂଚନ କର, ଅଶୋକ ଭଂଜ, ରଜନୀ କର, ଦିଲ୍ଲିପ ଦେ, ଗିରିଶ କର ପ୍ରମୁଖ ରାସ୍ତାରେ ଜମା ହୋଇଥିବା କାଦୁଅକୁ ସଫା କରିଛନ୍ତି । ଫଳରେ ସେମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ଜନସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତା, ଦୁଇ ଦିନରେ ଦୁଇଟି ଦୁର୍ଘଟଣା

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜନସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ହୀନତା ଯୋଗୁଁ ଗତ ଦୁଇ ଦିନରେ ଦୁଇଟି ଦୁର୍ଘଟଣା ଦେଖିବାକୁ ମିଳିଛି । କୋରାପୁଟ ପୌର ପରିଷଦର ୱାର୍ଡ ନଂ ୩ରେ ଏକ ପାମ ଅଏଲ ବୋଝେଇ ଟ୍ରକ ଦବି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିବା ବେଳେ କୋରାପୁଟ ଟେଲିକମ୍ ଅଫିସ ସମ୍ମୁଖରେ ସ୍କୁଟି ଦୁର୍ଘଟଣାରେ ଦୁଇ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, କୋରାପୁଟ ଓକିଲ ସଂଘର ପୂର୍ବତନ ସଭାପତି ଅଜିତ ପାତ୍ର ଏବଂ ସ୍ତ୍ରୀ ଡ. ଲୁନା ପଣ୍ଡା ବ୍ୟକ୍ତିଗତ କାର୍ଯ୍ୟରେ ଟେଲିକମ୍ ଅଫିସ ସମ୍ମୁଖ ରାସ୍ତା ଦେଇ



ଯାଉଥିବା ସମୟରେ ସାମ୍ନା ପଟରୁ ଆସୁଥିବା ଗାଡିକୁ ରାସ୍ତା ଦେବାକୁ ଯାଇ ପାଣି ପାଇପ ବିଛାଇବା ଗାତରେ ପଡି ଆହାତ ହୋଇଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ତୁରନ୍ତ ଉଭୟଙ୍କୁ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ପାତ୍ରଙ୍କ ଡାହାଣ ହାତ ଓ ଡାହାଣ ପାଦ ଭାଙ୍ଗି ଯାଇଥିବା ପ୍ରାଥମିକ ଚିକିତ୍ସା ପରେ ଜଣାପଡିଛି । ଅନ୍ୟପଟେ ପତ୍ନୀ ପଣ୍ଡାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ବିଶ୍ରାମ ନେବାକୁ ପଠାଯାଇଛି । ଖବରପାଇ କୋରାପୁଟ ଓକିଲ ସଂଘର ସଦସ୍ୟମାନେ ମେଡିକାଲରେ ପଂହଚି ସ୍ୱାସ୍ଥ୍ୟବସ୍ଥା ଦେଖିଛନ୍ତି । ତେବେ କୋରାପୁଟ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରରେ ମେଗା ପାନୀୟ ଜଳ ପ୍ରକଳ୍ପ ନେଇ ରାସ୍ତା କଡରେ ଖୋଳି ପାଇପ ଲାଇନ ବିଛାଯାଉଛି । କିନ୍ତୁ ପରବର୍ତି ସମୟରେ ରାସ୍ତାକୁ ପୂର୍ବବସ୍ଥାରେ ନଆଣି କେବଳ ମାଟି ପକେଇ ଛାଡି ଦିଆଯାଉଛି । ଫଳରେ ସହରର ଭଲ ଥିବା ରାସ୍ତା ଖରାପ ହେଉଥିବା ବେଳେ ଏବେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ନଜରକୁ ଆସିଛି । ପିଡବ୍ଲୁଡି ଏବଂ ମ୍ୟୁନିସିପାଲଟି ଅଧୀନରେ ଥିବା ରାସ୍ତା ଖୋଳାଯାଇଛି । ତେଣୁ ଉକ୍ତ ଦୁଇ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଲୋକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି ।

# ନାରଦ ଜୟନ୍ତୀ ଉତ୍ସବ ପାଳିତ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : ଜୟନ୍ତୀ ହେଉଛି ସ୍ୱର୍ଗୀୟ ଋଷି ଦେବଶ୍ରୀ ନାରଦଙ୍କ ଜନ୍ମ ଦିବସ ପାଳନ ପାଇଁ ଏକ ହିନ୍ଦୁ ପର୍ବ । ଏହାକୁ ହିନ୍ଦୁମାନେ ଏକ ଶୁଭଦିନ ଭାବରେ ବିବେଚନା କରନ୍ତି । ଏହି ଅବସରରେ କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀ ପରିସରରେ ବିଶ୍ୱ ସମ୍ବାଦ କେନ୍ଦ୍ର ଫୁଲବାଣୀ ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା ଓ ଟି.ଶିବ ଶଙ୍କର ପାତ୍ରଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଶୋକ କୁମାର ପରିଡା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଫିରିଙ୍ଗିଆ ପଂଚାୟତ ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ଚିତ୍ତ ରଞ୍ଜନ ମିଶ୍ର ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ । ହିନ୍ଦୁ ଗ୍ରନ୍ଥ ଅନୁସାରେ, ଦେବଶ୍ରୀ ନାରଦ ଭଗବାନ ବ୍ରହ୍ମାଙ୍କ ମାନସପୁତ୍ର ଥିଲେ । ସେ ଭଗବାନ ବିଷ୍ଣୁଙ୍କ କିମ୍ବଦନ୍ତୀ ଗୁଡ଼ିକୁ ପ୍ରଚାର ଏବଂ ପ୍ରସାର କରିଥିଲେ । ନାରଦ ଜୟନ୍ତୀ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗା ଯୋଗ ଦକ୍ଷତା ଏବଂ କଥାବାର୍ତ୍ତାର ସ୍ୱଷ୍ଟତା ବୃଦ୍ଧି କରିବା, ପବିତ୍ର ଶାସ୍ତ୍ର ଗୁଡ଼ିକର ଭକ୍ତି ଏବଂ ବୁଝାମଣା ବୃଦ୍ଧି କରେ । ଆଧ୍ୟାତ୍ମିକ ଉନ୍ନତି ଏବଂ ମନର ଶୁଦ୍ଧିକରଣରେ ସାହାଯ୍ୟ କରେ । ନମ୍ରତାର ସହିତ ସତ୍ୟ କହିବାକୁ ଶକ୍ତି ପ୍ରଦାନ କରେ ବୋଲି ମୁଖ୍ୟବକ୍ତା ବକ୍ତବ୍ୟ ରଖିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ ଫୁଲବାଣୀର ନଗର ସଙ୍ଘ ଚାଳକ ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ଦେବର୍ଷି ନାରଦ ନିର୍ଭିକ ଓ ସତ୍ୟନିଷ୍ଠ ଥିଲେ । ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ତ୍ରିଭୁବନର ସବୁ ସ୍ଥାନରେ ମନ ଯାନରେ ପରିଭ୍ରମଣ କରି ଦେବ, ଦାନବ ସମସ୍ତଙ୍କ ଠାରେ ପହଞ୍ଚି ଖବର ପରିବେଷଣ କରୁଥିଲେ ଓ ଦେବର୍ଷି ନାରଦ ହେଉଛନ୍ତି ଆଦ୍ୟ ସାମ୍ବାଦିକ ଓ ତେଣୁ ସେ ହେଉଛନ୍ତି ସାମ୍ବାଦିକତାର ପ୍ରତୀକ ତଥା ସାମ୍ବାଦିକଙ୍କ ଆଦର୍ଶ ଅଟନ୍ତି ବୋଲି ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପାଢ଼ୀ, ବରିଷ୍ଠ ଆଇନଜୀବୀ ଭଗବାନ ମହାନ୍ତି, ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଓ ଗଣ ମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ ବାଙ୍କୋଇ ଏସ୍‌ଆଇ ଓ ହୋମଗାର୍ଡ

ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ବୋଲଗଡଥାନା ଅଧିନସ୍ତ ବାଙ୍କୋଇ ଫାଣ୍ଡିର ଏଏସ୍ ଆଇ ତୁଷାରକାନ୍ତ ନାୟକ ଏବଂ ହୋମ ଗାର୍ଡ ପ୍ରଶାନ୍ତ କୁମାର ସୁନ୍ଦରାୟ ଭିଜିଲାନ୍ସ ଜାଲରେ ପଡିଛନ୍ତି । ମିଳିଥିବା ସୂଚନାରୁ ପ୍ରକାଶ ଯେ, ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ଗ୍ରାମପଞ୍ଚାୟତ ରାଜସୁନାଖଳା ଗ୍ରାମର କାଉଁରୀପାଟଣାସାହିର ଯୁବକ ରାକେଶ କୁମାର ପୃଷ୍ଟି (୨୫) ପିତା- ଅର୍ଜୁନ କୁମାର ପୃଷ୍ଟିଙ୍କ ଘରେ ସାଙ୍ଗ ୪ ଜଣଙ୍କ ସହିତ ଭୋଜି କରି ପଡୋଶୀ ଘର ସହିତ ପାଟିତୁଣ୍ଡ କରି ଗଣ୍ଡଗୋଳ କରିଥିଲେ । ପଡୋଶୀ ଘର ଝିଅ ଓ ତାର ବାପା ଏନେଇ ବାଙ୍କୋଇ ଫାଣ୍ଡିରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ଫାଣ୍ଡି ଏଏସ୍ଆଇ ତୁଷାର କାନ୍ତ ନାୟକ ରାକେଶ ସମେତ ତାର ସାଙ୍ଗ ୪ ଜଣକୁ ଫାଣ୍ଡିରେ ଅଟକ ରଖି ଫାଣ୍ଡିରୁ ୪୧ ନୋଟିସ ଅନୁସାରେ ସମସ୍ତଙ୍କୁ ବେଲ କରିଥିଲେ । ଏହି କେସର ଡାଏରୀରୁ ରାକେଶ ନା କାଟିବା ପାଇଁ ଫାଣ୍ଡି ଏଏସ୍ଆଇ ତୁଷାରକାନ୍ତ ନାୟକ ରାକେଶ ପୃଷ୍ଟିଙ୍କୁ ୧୫ ହଜାର ଟଙ୍କା ମାଗୁଥିଲେ । ରାକେଶ ୧୦ ହଜାର ଟଙ୍କା ଏଏସ୍ଆଇଙ୍କ ନିର୍ଦ୍ଦେଶ କ୍ରମେ ହୋମଗାର୍ଡ ପିକେ ସୁନ୍ଦରାୟଙ୍କୁ ଦେଉଥିବା ବେଳେ ମାଡ଼ି ବସିଛି ଭୁବନେଶ୍ୱର ଭିଜିଲାନ୍ସ ଟିମ୍ । ସମ୍ପୃକ୍ତ ହୋମ ଗାର୍ଡ ପ୍ରଶାନ୍ତ କୁମାର ସୁନ୍ଦରାୟ ଭିଜିଲାନ୍ସ ଦ୍ୱାରା ଦିଆଯାଇଥିବା ରଙ୍ଗବୋଳା ଟଙ୍କା ଜବତ କରିଛି ଭିଜିଲାନ୍ସ । ଏଏସ୍ଆଇଙ୍କ ଅଫିସ ସହିତ ନିଜର ରହୁଥିବା ଭଡା ବାସଗୃହରେ ଚଢ଼ାଉ କରି ଅନେକ କାଗଜପତ୍ର ନେବା ସହିତ ଏଏସ୍ଆଇ ଓ ହୋମ ଗାର୍ଡଙ୍କୁ ଭିଜିଲାନ୍ସ ଟିମ୍ ନିଜ ହେପାଜତକୁ ନେଇ ଅଧିକ ତଦନ୍ତ ଜାରି ରଖିଥିବାର ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି । ଏହି ଚଢ଼ାଉ ସମୟରେ ବାଙ୍କୋଇ ଫାଣ୍ଡିରେ ବିଭିନ୍ନ କାଗଜ ପତ୍ର ଯାଞ୍ଚ କରିଥିଲେ ଭିଜିଲାନ୍ସ ଟିମ । ଭୁବନେଶ୍ୱର ଓ ଖୋର୍ଦ୍ଧା ଭିଜିଲାନ୍ସ ଟିମକୁ ରାକେଶ ଅଭିଯୋଗ କରି ବୋଲଗଡ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି ।

# 'ଉଜାଣି ଝଞ୍ଜାବତୀ' ଲୋକାର୍ପିତ

କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟସ୍ଥିତ ବିଶ୍ଳେଷଣାତ୍ମକ ଆଦିବାସୀ ପରିଷଦ ସଭାଗୃହରେ ନିଗମାନନ୍ଦ ଷଡଙ୍ଗୀଙ୍କ ରଚିତ 'ଉଜାଣି ଝଞ୍ଜାବତୀ' ଗବେଷଣାତ୍ମକ ପୁସ୍ତକ ଲୋକାର୍ପିତ ହୋଇଯାଇଛି । ନାରାୟଣପାଟଣା -ବନ୍ଧୁଗାଁ ଅଚଂଳର ଜନ ଆନ୍ଦୋଳନର ଗାଥାକୁ ନେଇ ରଚିତ ଏହି ପୁସ୍ତକ ମାନବ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର ଏବଂ ଅନ୍ୱେଷା ପ୍ରକାଶନ ସମ୍ବଲପୁରରେ ପ୍ରକାଶନ ହୋଇଛି । କୋରାପୁଟରେ ଆୟୋଜିତ ଏହି ପୁସ୍ତକର ଲୋକାର୍ପଣ ଓ ସମୀକ୍ଷା ସଭାରେ ମଂଚ ପରିଚାଳନା କରିଥିଲେ ବିଜୟଲକ୍ଷ୍ମୀ ପାଣିଗ୍ରାହୀ । ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଗବେଷକ ପରେଶ ରଥ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଗବେଷଣା ପରିଷଦର ନିର୍ଦ୍ଦେଶକ ଡ.ପ୍ରଫୁଲ ଚନ୍ଦ୍ର ମହାପାତ୍ର ପୁସ୍ତକର ଉନ୍ମୋଚନ କରିବା ସହ ଆଦିବାସୀଙ୍କୁ ସେମାନଙ୍କ ଜଳ, ଜମି ଓ ଜଙ୍ଗଲ ଉପରେ ଅଧିକାର ଏବଂ ସମାନତା ପ୍ରଦାନ କରାନଗଲେ ସେମାନଙ୍କର ଆର୍ଥିକ ସାମାଜିକ ଉନ୍ନତୀକରଣ ହୋଇପାରିବ ନାହିଁ ବୋଲି ପ୍ରକାଶ କରିଥିଲେ । ଲେଖକ ନିଗାମନନ୍ଦ ଷଡଙ୍ଗି ଏହି ପୁସ୍ତକ ରଚନା ପାଇଁ ନିଜର ସଂଘର୍ଷ ବିଷୟରେ କହିଥିଲେ । ନାଟିକ ଲିଙ୍ଗା ନିଜ ସଂଘର୍ଷମୟ ଜୀବନର କରୁଣ କାହାଣୀକୁ ପ୍ରକାଶ କରିଥିଲେ ।

# ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

ଲହୁଣୀପଡା, (ଭାସ୍କର ନ୍ୟୁଜ୍ ) : ଲହୁଣିପଡା ବ୍ଲକ ମହୁଲପଦା ଥାନା ଫୁଲଝର ପଞ୍ଚାୟର ଭଗବାନ ସାହି ନିକଟରେ ହାଇଓ୍ୱା ଧକ୍କା ଦେବା ଫଳରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତକ ଜଣକ ବଡଜଲ ଗ୍ରାମର ସିଙ୍ଗରାୟ ମୁଣ୍ଡାରି ୩୪ ବୋଲି ଜଣାପଡ଼ିଛି । ସୂଚନା ମୁତାବକ ନୂଆଡିହ ଛକ ପଟରୁ ଫୁଲଝର ଆଡକୁ ଯାଉଥିବା ଏକ ହାଇଓ୍ୱା ଓ ବିପରୀତ ଦିଗରୁ ନିଜ ଗ୍ରାମ ବଡ଼ଜଲକୁ ଆସୁଥିବା ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବାରୁ ବାଇକଟି ଛିଟିକି ପଡି ଘଟଣା ସ୍ଥଳରେ ବାଇକ ଚାଳକ ସିଙ୍ଗରାୟ ମୁଣ୍ଡାରିଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ମହୁଲପଦା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଆଜି ଶବକୁ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରି ଦୁଇ ଗାଡିକୁ ଜବତ କରି ହାଇଓ୍ୱା ଚାଳକ କୀର୍ତନ ଦେହୁରୀକୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

# ବିଜେପିରେ ଯୋଗଦେଲେ ଟିକଲପଦର ସମିତି ସଭ୍ୟ

ଝରିଗାଁ, (ଭାସ୍କର ନ୍ୟୁଜ୍) : ଝରିଗାଁ ବିଧାନସଭା ଆସନରୁ ଭୋଟ ଲଢ଼ି ନରସିଂହ ଭତରା ବିଧାୟକ ହେବା ପରେ ଝରିଗାଁ ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବିଜେପିର ଲୋକ ପ୍ରିୟତା ବଢୁଥିବା ଦେଖିବାକୁ ମିଳିଛି । ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଲୋକଙ୍କୁ ଆକୃଷ୍ଟ କରୁଛି । ଅନେକ ନେତା ଓ କର୍ମୀ ବିଭିନ୍ନ ଦଳ ଛାଡି ବିଜେପିରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି । ଆଜି ଟିକଲପଦର ପଂଚାୟତର ସମିତି ସଭ୍ୟ ସନତ ହାଲଦାର ଓ ସପନ ମିସ୍ତ୍ରୀ ବରିଷ୍ଠ କର୍ମୀ ମଧ୍ୟ ବିଜେଡି ଛାଡି ବିଜେପିରେ ମିଶିଥିବା ସୂଚନା ମିଳିଛି । ଆଗାମୀ ଦିନରେ ତାଙ୍କର ସମସ୍ତ କର୍ମୀ ଓ ସମର୍ଥକ ମଧ୍ୟ ବିଜେପିରେ ମିଶିବା ନେଇ ସମିତି ସଭ୍ୟ ସନତ ହାଲଦାର ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ପୂର୍ଲା ସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକ ବୈଠକ କରି ବିଧାୟକ ନରସିଂହ ଭତରା ସମିତି ସଭ୍ୟଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣେଇବା ସହ ଜନ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ଅନ୍ୟ ଦଳୀୟ କର୍ମୀ ଓ କର୍ମକର୍ତା ମାନଙ୍କ ମଧ୍ୟରେ ସମିରଣ ରାୟ, ପାଞ୍ଚନନ ବାବଲୀ, ସାୟାମଲାଲ ବିଶ୍ୱାସ, ସୁଜନ ଭୋକ୍ତ, ବୋଲରମ ଗଣ୍ଡ, ମଣ୍ଡଳ ସଭାପତି ଉତମ ହରିଜନ, ସନୁ ଗୌଡ଼ ସମେତ ଅନେକ କର୍ମୀ ଓ କର୍ମକର୍ତା ଉପସ୍ଥିତ ରହି ଦଳରେ ନୂତନ ଭାବେ ସାମିଲ ହୋଇଥିବା ସମିତି ସଭ୍ୟଙ୍କୁ ସ୍ୱାଗତ ଜଣେଇଛନ୍ତି ।



# ଆନ୍ଦୋଳନର ରୂପ ନେଉଛି ବୈତରଣୀ ବଞ୍ଚାଅ ଅଭିଯାନ

ଯୋଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ କଣ୍ଡରା ପଂଚାୟତ କଣ୍ଡରା ଠାରେ ଚଳିତ ମାସ ୨୪ ତାରିଖ ଶନିବାର ପୂର୍ବାହ୍ନ ୧୧ ଘଟିକାରେ କଣ୍ଡରା ହାଟ ପଡ଼ିଆ ଠାରେ ସୁନା, କାରୋ ଓ ବୈତରଣୀ ବଞ୍ଚାଅ ଅଭିଯାନର ଆବାହକ ଅଶୋକ ଠକ୍କରଙ୍କ ସଭାପତିତ୍ୱରେ ଏକ ବିରାଟ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଉଛି । ଠକ୍କରଙ୍କ ଦ୍ୱାରା ଆୟୋଜିତ ଏହି ମହା ସମ୍ମିଳନୀରେ ଦେଶର ୪ ମହାରଥୀ ଅଂଶଗ୍ରହଣ କରି ମରି ମରି ଯାଉଥିବା ଚିରଶ୍ରୋତା ପୂର୍ଣ୍ଣତୋୟା ବୈତରଣୀର ପୁନଃରୁଦ୍ଧାର ବିଷୟରେ ଆଲୋଚନା କରିଥିଲେ । ବୈତରଣୀ ନଦୀ ଉପରେ ବାସୁଦେବପୁର ଓ କଣ୍ଡରା ଠାରେ ନିର୍ମାଣଧୀନ କାନପୁର ଜଳସେଚନ ପ୍ରକଳ୍ପକୁ ନେଇ ଚାଷୀ କୁଳ ହତାଶ ହୋଇ ପଡିଛନ୍ତି । ବୈତରଣୀ ନଦୀର ପ୍ରବାହିତ ଧାରାକୁ ଅଟକ ରଖିବା, କମ୍ପାନୀ ମାନଙ୍କ ଦ୍ୱାରା ଡ୍ୟାମ ମଝିରେ ଇଣ୍ଟେକ ୱେଲ ନିର୍ମାଣ କରି ସ୍ଲରୀ ପାଇପ ମାଧ୍ୟମରେ ଜଳକୁ ନେବା ପ୍ରଭୃତି ପାଇଁ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଥିବା ବେଳେ ଡ୍ୟାମ ମଝିରେ ଇଣ୍ଟେକ ୱେଲ ଗାଡି ମାଲିକ ମାନଙ୍କ ମଧ୍ୟରେ ଅସନ୍ତୁଷ୍ଟ ଭାବ



ଦେଖା ଦେଇଥିଲା । ଚାଷୀ ଓ ଚାଷ ଉଦ୍ୟେଶରେ ନିର୍ମାଣଧୀନ ପ୍ରକଳ୍ପରେ କମ୍ପାନୀ ମାନଙ୍କ ଦଖଲକୁ ଚାଷୀ ବରଦାସ୍ତ କରି ପାରୁ ନାହାନ୍ତି । ଆଗକୁ ବୈତରଣୀ ପାଣି ଶୁଖି ଚାଷୀକୁଳ ଓ ଚାଷ ଉଜୁଡି ଯିବାର ଭୟ ଲୋକଙ୍କୁ ସଫା ସଫା ଦେଖାଯାଉଛି । ଏ ନେଇ ଏହାର ପୁନଃରୁଦ୍ଧର ପାଇଁ ଉକ୍ତ ସମ୍ମିଳନୀ କରାଯାଇଥିବା ଜଣାପଡିଛି । ଏହି ସମ୍ମିଳନୀରେ ଜଳ ମାନବ ଭାବେ ପୁରସ୍କୃତ ଡକ୍ଟର ରାଜେନ୍ଦ୍ର ସିଂ, ଗୋଲଡମ୍ୟାନ ଭାବେ ପୁରସ୍କୃତ ହୋଇଥିବା ପରିବେଶବିତ୍ତ ପ୍ରଫୁଲ ସାମନ୍ତରା, ମହାନଦୀ ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଦାସ, ପ୍ରାକୃତିକ ସମ୍ପଦ ସଂରକ୍ଷଣ ନିର୍ଦ୍ଦେଶକ ତଥା ଗବେଷିକା ଡକ୍ଟର ବ୍ରତୀନ୍ଦି ଜେନା ଉପସ୍ଥିତ ରହି ବୈତରଣୀ ବଞ୍ଚାଅ ଅଭିଯାନ ବିଷୟରେ ଆଲୋଚନା କରିବା ସହ ଆଗକୁ ଏହାର କାର୍ଯ୍ୟଧାରା ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ । ପୂର୍ବରୁ ମେ ୮ ତାରିଖରେ ଜଳ ମାନବ ରାଜେନ୍ଦ୍ର ସିଂ ଆସି ପ୍ରକଳ୍ପ ବୁଲି କମ୍ପାନୀ ମାନଙ୍କର ଇଣ୍ଟେକ ୱେଲ ଦେଖି ଉଦ୍‌ବେଗ ପ୍ରକାଶ କରିବା ସହ ଚାଷୀ ମାନଙ୍କ ପ୍ରତି ଏହା ଘୋର ଅନ୍ୟାୟ ବୋଲି କହିଥିଲେ । ନଦୀ ଶୁଖିଲେ ଏକ ସଭ୍ୟତା ନଷ୍ଟ ହୁଏ ବୋଲି କହିବା ସହ ନଦୀ ସମସ୍ତଙ୍କର, ନଦୀର ସୃଷ୍ଟି ଏକ ପ୍ରକୃତିଦତ୍ତ ଏହାକୁ ଏପରି ନଷ୍ଟ ହେବାକୁ ଦିଆ ଯିବନାହିଁ ବୋଲି କହିବା ସହ ଆଗକୁ ବୈତରଣୀ ବଞ୍ଚାଅ ଅଭିଯାନରେ ସମସ୍ତ ଜନସାଧାରଙ୍କୁ ସାମିଲ ହେବାକୁ ଆହ୍ୱାନ କରିଥିଲେ । ତେବେ ଏହି ସମ୍ମିଳନୀ ପରେ ବୈତରଣୀ ବଞ୍ଚାଅ ଅଭିଯାନ ଆଗକୁ ଏକ ବୃହତ ଆନ୍ଦୋଳନର ରୂପ ନେବ ବୋଲି ଆବାହକ ଅଶୋକ ଠକ୍କର ଗଣମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି ।

# ଫଳ ପଚାଇବା ପାଇଁ ଅବାଧ ବ୍ୟବହୃତ ହେଉଛି ବିଷାକ୍ତ କାର୍ବାଇଡ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝରରେ ଆମ୍ବର ଚାହିଦା ରହିଥିବାବେଳେ ବିଭିନ୍ନ ସ୍ଥାନରେ ବିଭିନ୍ନ କିସମର ଆମ୍ବ ବିକ୍ରି ହେଉଛି । ବିଶେଷ କରି ଆମ୍ରପଲ୍ଲୀ, କ୍ଷୀରସାଗର, ଦସେରୀ, ବାଇଗଣପଲେଇ, ହେମସାଗର, ମଲ୍ଲିକା ଆମ୍ବଗୁଡିକର ଚାହିଦା ବେଶି ରହିଛି । ବର୍ତ୍ତମାନ ଆମ୍ବ ସମୟ ଚାଲିଥିବାରୁ ଦର ଯେତେ ଅଧିକ ହେଲେ ବି ଗ୍ରାହକ ମାନେ ଆମ୍ବ କିଣୁଛନ୍ତି । ବଜାରରୁ ଫେରିବା ବେଳକୁ ବ୍ୟାଗ୍‌ରେ ପନିପରିବା ସହ ପ୍ରାୟତଃ ଆମ୍ବ ଥିବା ଦେଖିବାକୁ ମିଳୁଛି । ହେଲେ ପାଟିକୁ ସୁଆଦ ଲାଗିବା ପାଇଁ ଅଣାଯାଉଥିବା ଏହି ଆମ୍ବ ଶରୀର ପାଇଁ କେତେ କ୍ଷତିକାରକ ତାହା ଜାଣିବା ପାଇଁ କାହା ପାଖରେ ସମୟ ନଥାଏ । ଯେଉଁ ପାଚିଲା ଆମ୍ବ ବଜାରରୁ କ୍ରୟ କରି ଅଣାଯାଉଛି ସେଥିରେ କ୍ୟାନସର



ଭଳି ରୋଗକୁ ଆମନ୍ତ୍ରଣ କରାଯାଉଛି ବୋଲି ଅଧିକାଂଶ ଜାଣିନାହାନ୍ତି । ଆମ୍ବ ପଚାଇବା ପାଇଁ ସାଧାରଣତଃ କାର୍ବାଇଟ ଭଳି ରାସାୟନିକ ଦ୍ରବ୍ୟ ବ୍ୟବହାର କରିଥାନ୍ତି । ଯାହା ଆମ୍ବ ପାଚିବାରେ ସିନା ସାହାଯ୍ୟ କରେ କିନ୍ତୁ ଆମ୍ବର ଡେମ୍ଫ ମାଧ୍ୟମରେ ପ୍ରବେଶ କରି ଆମ ଶରୀରକୁ ବିଷାକ୍ତ ରାସାୟନିକ ଦ୍ରବ୍ୟ ଯାଇଥାଏ । ତାହା ଶରୀରରେ କ୍ୟାନସର ଭଳି ମାରାତ୍ମକ ରୋଗ ସୃଷ୍ଟି କରେ । ଆଗରୁ ବାହାର ରାଜ୍ୟରୁ ଆମଦାନି ହେଉଥିବା ଆମ୍ବରେ କାର୍ବାଇଟ ମିଶାଇ ପଚେଇ ବିକ୍ରି କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଏହା ଗାଁ ଗଣ୍ଡାର ସମସ୍ତ ଚାଷୀ ମଧ ବ୍ୟବହାର କରୁଛନ୍ତି । ଯେଉଁ ଆମ୍ବ ଗଛରେ ରହିଲେ କିମ୍ବା ତୋଳା ହେବାର କିଛି ଦିନ ମଧ୍ୟରେ ପାଚିବା କଥା ସେହି ଆମ୍ବକୁ କଞ୍ଚା ଅବସ୍ଥାରେ ତୋଳି କ୍ୟାଲସିୟମ କାର୍ବାଇଟ ଦେଇ ପଚାଇ ଦିଆଯାଉଛି । ଫଳରେ ଉପରୁ ପାଚିଲା ଦେଖାଯାଉଥିବା ଏହି ଆମ୍ବ ଗୁଡିକ ପାଟିକୁ ସୁଆଦିଆ ଲାଗୁଛି ଆଉ ଶରୀର ପାଇଁ କ୍ଷତିକାରକ ସାଜୁଛି । କେନ୍ଦୁଝର ଜିଲ୍ଲାର ତେଲକୋଇ, ବାଂଶପାଳ, ସଦର, ଘଟଗାଁ, ପାଟଣା, ହରିଚନ୍ଦନପୁର ଆଦି ଅଂଚଳରୁ ବେପାରୀମାନେ ଆମ୍ବ ପାଚିବା ପୂର୍ବରୁ ତୋଳି ଆଣୁଛନ୍ତି । ଏହାକୁ ଗୋଦାମ ଘରେ ରଖି କାର୍ବାଇଟ ଦେଇ ପଚାଇ ବିକ୍ରି କରୁଛନ୍ତି । ଏହି ଆମ୍ବ ଖାଇବା ସ୍ୱାସ୍ଥ୍ୟ ପାଇଁ ଅହିତକର ହୋଇଥିଲେ ମଧ୍ୟ ତାହାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉନାହିଁ । କ୍ୟାଲସିୟମ କାର୍ବାଇଟରୁ ଏସିଟିଲିନ୍ ଗ୍ୟାସ୍ ବାହାରୁ ଥିବାରୁ ଏହାକୁ ବ୍ୟବହାର କରି ଯେଉଁ ଫଳ ପଚାଯାଏ, ସେହି ଫଳରେ ଏହି ଗ୍ୟାସ ରହିଥାଏ । ଏହାକୁ ଖାଇଲେ କ୍ୟାନ୍‌ସର, ଥାଇରଏଡ଼, ପାଟି ଭିତରେ ଘା, ପେଟ ରୋଗ, ଏଲର୍ଜି ପ୍ରଭୃତି ରୋଗ ଦେଖା ଦେଉଥିବାବେଳେ ବୃଦ୍ଧବୃଦ୍ଧାରେ ଶରୀରରେ ଆସ୍ଥମା ରୋଗ ଦେଖା ଦେଇଥାଏ । କେବଳ ଆମ୍ବ ନୁହେଁ କଦଳୀ, ସପୁରୀ, ପଣସ, ଖଜୁରୀ ତଥା ବଜାରରେ ମିଳୁଥିବା ପ୍ରାୟ ଅଧିକାଂଶ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି । ତେବେ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ କେନ୍ଦୁଝରରେ ମିଳୁଥିବା ଆମ୍ବ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର କରାଯାଉଛି କି ନାହିଁ ତାହାର ଯାଞ୍ଚ କରିବା ପାଇଁ ଦାବି ହେଉଛି । ସ୍ୱାସ୍ଥ୍ୟ ବିଭାଗର ପକ୍ଷରୁ ଫଳ ବେପାରୀ ଏବଂ ଚାଷୀମାନଙ୍କ ମଧ୍ୟରେ କ୍ୟାଲସିୟମ କାର୍ବାଇଟର ଭୟାଭୟତା ସମ୍ବନ୍ଧରେ ସଚେତନତା କରାଇବା ଜରୁରୀ ବୋଲି ମତ ପ୍ରକାଶ ପାଇଛି ।



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ସୋମବାର ଦିନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ଏକ ମନ୍ଦିରରେ ଚୋରି ମାମଲାର ବିଚାର କରି କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ କେରୀ ଗ୍ରାମର ପବନା ମହାନ୍ତଙ୍କ ପୁଅ ଆସାମୀ ରଷି ମହାନ୍ତକୁ ଦୋଷୀ ସାବ୍ୟସ୍ତ କରି ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ତା ୨୫।୦୩।୨୦୨୫ ରିଖ ରାତିରେ ଆସାମୀ ପାଟଣା ଥାନା ଅନ୍ତର୍ଗତ କାମେଶ୍ୱରପୁରସ୍ଥିତ ରାମମନ୍ଦିର ଭିତରୁ ଠାକୁର ପିନ୍ଧିଥିବା ୪ଟି ଇମିଟେସନ ହାର ଓ ଦାନ ବାକ୍ସ ଭାଙ୍ଗି ପାଖାପାଖି ୫ଶହ ଟଙ୍କା ଚୋରି କରି ନେଇଥିଲା। ତା' ପରଦିନ ମନ୍ଦିରର ପୂଜକ ତାଲା ଭଙ୍ଗା ଯାଇଥିବା ଦେଖି ମନ୍ଦିର କମିଟିକୁ ଜଣାଇଥିଲେ। ମନ୍ଦିର କମିଟିର ସଭାପତି ଅଜୟ କୁମାର ଦାଶ ପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପାଟଣା ଥାନା ପୋଲିସ କେଶ ନଂ ୧୪୨/୨୬.୦୩.୨୦୨୫, ଦଫା ୪୫୭/୩୮୦ ଆଇପିସି ରୁଜୁ କରି ଆସାମୀକୁ କୋର୍ଟ ଚାଲାଣ କରିଥିଲା। ସୋମବାର ମାନ୍ୟବର ବିଚାରପତି ୧୬ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ଆସାମୀକୁ ଆଇପିସି ର ଦଫା ୪୫୭ ରେ ୩ବର୍ଷ ଜେଲ ଦଣ୍ଡାଦେଶ ସହ ୫ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ଏକ ମାସ ସଶ୍ରମ ଦଣ୍ଡାଦେଶ ଓ ଆଇପିସି ର ଦଫା ୩୮୦ ରେ ୩ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଓ ୫ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଏକ ମାସ ଅଧିକ ସଶ୍ରମ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଦୁଇଟି ଯାକ ଦଫାର ଜେଲ ଦଣ୍ଡାଦେଶ ଏକ ସମୟରେ ଚାଲିବ। ଉକ୍ତ ମୋକଦ୍ଦମାରେ ସରକାରଙ୍କ ତରଫରୁ ଏପିପି ଶ୍ରୁତି ମହାନ୍ତି ଓ ଆଲୋକ କୁମାର ମହାନ୍ତ ମୋକଦ୍ଦମା ପରିଚାଳନା କରୁଥିଲେ।

# ୧୯ବର୍ଷ ହେଲା ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ବାସନ୍ତୀ

➩ ସ୍ୱାମୀ ବଞ୍ଚିଛନ୍ତି, ନିଶ୍ଚୟ ମୋ ପାଖକୁ ଫେରିବେ

➩ ଶୁଭ ମନାସି ପାଳୁଛନ୍ତି ସାବିତ୍ରୀ ବ୍ରତ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସ୍ୱାମୀ ନିଖୋଜ ହେବାକୁ ୧୯ବର୍ଷ ବିତି ଗଲାଣି। ସ୍ୱାମୀଙ୍କ ସମ୍ପର୍କରେ କୌଣସି ଖୋଜ ଖବର ନାହିଁ। ତଥାପି ତାଙ୍କର ଦୃଢ଼ ବିଶ୍ୱାସ ଯେ, ସ୍ୱାମୀ ନିଶ୍ଚିତ ଫେରିବେ। ତାଙ୍କ ପ୍ରତି ଯେତେ ବାଧାବିଘ୍ନ ଘୋଟି ଆସୁ ତାହା ଟଳିଯିବ। ଆଉ ଏହି ଆଶା ନେଇ ପ୍ରତିବର୍ଷ ସାବିତ୍ରୀ ବ୍ରତ ପାଳନ କରିଆସୁଛନ୍ତି। ସ୍ୱାମୀଙ୍କ ଶୁଭ ମନାସି। ଓଷା ପାଳନ କରୁଛନ୍ତି ଉପବାସ ରଖୁଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଂଚାୟତ ଅଧୀନ କୁହୁଡି ଗ୍ରାମର ବାସନ୍ତୀ ନାୟକ ବୟସ ୬୦ବର୍ଷ। ସ୍ୱାମୀଙ୍କ ନିଖୋଜ ହେବାର ୧୯ବର୍ଷରୁ ଊର୍ଦ୍ଧ୍ୱ ହେଲାଣି କିନ୍ତୁ ନିଷ୍ଠାର ସହ ଅନ୍ୟ ସଧବା ମହିଳାଙ୍କ ଭଳି ସାବିତ୍ରୀ ଓଷା ପାଳନ କରିଆସୁଛନ୍ତି ବାସନ୍ତୀ ନାୟକ। ୧୯ବର୍ଷ ଧରି ନିଖୋଜ ରହିବା ପରେ ସ୍ୱାମୀ ପ୍ରଫୁଲ୍ଲ ନାୟକ ଏବେ କେଉଁଠି ଅଛନ୍ତି ଓ କିପରି ଅଛନ୍ତି ସେ ବିଷୟରେ ତାଙ୍କ ପାଖରେ କୌଣସି ଖୋଜଖବର ନାହିଁ। ହେଲେ ସ୍ୱାମୀଙ୍କ ସହ ବିତିଯାଇଥିବା ଅଭୁଲା ସ୍ମୃତି, ଅନୁଭୂତି ଓ ସିନ୍ଦୁରକୁ ଆଶ୍ରା କରି ତାଙ୍କ ଫେରିବା ବାଟକୁ ସେ ଚାହିଁ ବସିଛନ୍ତି। ମିଳିଥିବା ସୂଚନା ଅନୁସାରେ, ପ୍ରଫୁଲ ନାୟକ ନିଜ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ବାଙ୍ଗାଲୋର ୨୦୦୬ମସିହାରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। କିନ୍ତୁ ଅଚାନକ ପତ୍ନୀଙ୍କୁ ସୂଚନା ଆସିଥିଲା ପ୍ରଫୁଲ୍ଲ ବାବୁଙ୍କୁ ଆମେ ଖୋଜି ପାଉନୁ। ଦୀର୍ଘଦିନ ଚେଷ୍ଟା ପରେ ସ୍ୱାମୀ ଠିକଣା ନପାଇବାରୁ ବାସନ୍ତୀ ଏ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ସ୍ୱାମୀକୁ ନେଇ ଯାଇଥିବା ବ୍ୟକ୍ତିଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କାର୍ଯ୍ୟ କଳାପ ଉପରେ ବିଶ୍ୱାସ



ନହେବାରୁ ଅଦାଲତଙ୍କ ମଧ୍ୟ ଆଶ୍ରୟ ନେଇଛନ୍ତି। ଯେଉଁ ବ୍ୟକ୍ତି ଘରୁ ପ୍ରଫୁଲ୍ଲଙ୍କୁ ନେଇ ଯାଇଥିଲେ ତା'ର କର୍ତ୍ତବ୍ୟ ମଧ୍ୟ ଭୁଲିଗଲେ। ବାସନ୍ତୀ ଥାନାରେ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ। ସ୍ୱାମୀ ପ୍ରଫୁଲ୍ଲଙ୍କୁ ଖୋଜିବାରେ ପତ୍ନୀ ବାସନ୍ତୀ ନାୟକ କୌଣସି ପ୍ରକାର ପ୍ରଚେଷ୍ଟା ଛାଡି ନାହାନ୍ତି। ଅନେକ ଥର ପୁଲିସକୁ ଭେଟି ଜଣାଇଛନ୍ତି। ହେଲେ ସ୍ୱାମୀଙ୍କୁ ପାଇବାର ଆଶା ସେ ହରାଇ ନାହାନ୍ତି। ଦାୟିତ୍ୱ, ବୋଝ ଓ ପରିବାରର ଜଞ୍ଜାଳ ମଧ୍ୟରେ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। କମ୍ପାନୀରୁ ସ୍ୱାମୀଙ୍କ ଫେରିବା ସମୟ ହୋଇଗଲେ ସବୁଦିନ ପରି ଦାଣ୍ଡ ଦୁଆରେ ଆସି ବସି ପଡନ୍ତି। ଏହା ପୂର୍ବରୁ ତାଙ୍କ ପାଇଁ ପାଣି ଲୋଟା ଭରି ରଖିଥାନ୍ତି। ସଞ୍ଜ ଗଡି ରାତି ଆସେ। ହେଲେ ପ୍ରଫୁଲ୍ଲ ନାୟକ ଘରକୁ ଫେରନ୍ତି ନାହିଁ। ଅପେକ୍ଷା କରି କରି ଆଖିରୁ ପାଣି ମରେ ସିନା ଅପେକ୍ଷାର ଅନ୍ତ ଆଜି ମଧ୍ୟ ସରିନାହିଁ। ଦିନେ ଅବା ଦୁଇଦିନ ନୁହେଁ ଦୀର୍ଘ ୧୯ବର୍ଷ ହେବ ଏମିତି ସ୍ୱାମୀଙ୍କ ଫେରିବା ବାଟକୁ ଅନାଇ ବସିଛନ୍ତି। ସେଥିପାଇଁ ସେ ମଥାରେ ସିନ୍ଦୁର ଓ ହାତରେ ଶଙ୍ଖା ପିନ୍ଧିଛନ୍ତି। ଏବେ ବି ତାଙ୍କର ବିଶ୍ୱାସ ରହିଛି କି -ସ୍ୱାମୀ ବଞ୍ଚିଛନ୍ତି ଓ ପୁଣି ତାଙ୍କ ପାଖକୁ ଫେରି ଆସିବେ।

# ଭିଜିଲା ଅମଳ ମକା, ଚିନ୍ତାରେ ଚାଷୀ

ଉମରକୋଟ (ଭାସ୍କର ନ୍ୟୁଜ୍) : ଖରାଟିଆ ମକା ଚାଷୀଙ୍କୁ ଦାଉ ସାଧୁଛି କାଳବୈଶାଖୀ ବର୍ଷା। ଅମଳ ମକା ମିଲିଙ୍ଗ ମଞ୍ଜିରେ ଥିବା ଏହାର ଅବଶିଷ୍ଟ ଜଳୀୟ ଅଂଶ ଦୁଃଖିବାକୁ ପାଞ୍ଚ ଛଅ ଦିନ ସମୟ ଲାଗିଥାଏ। ତେଣୁ ଖରାରେ କିଛିଦିନ ଶୁଖାଇ ଚାଷୀ ଅମଳ ମକା ବିକ୍ରୟ କରିଥାଏ। ହେଲେ ଚଳିତ ମାସରେ ଏକାଧିକ ଥର ଝରିଗାଁ ବ୍ଲକ ର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଯୋଗୁଁ ମକା ଚାଷୀ ଆର୍ଥିକ କ୍ଷତି ସହିବାକୁ ପଡ଼ିବ ବୋଲି ଜଣା ପଡୁଛି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ଜଳ ସେଚନ ସୁବିଧା ନଥିବା ବେଳେ ଏଠାକାର ଚାଷୀମାନେ ନଦୀ ଓ ନାଳର ପାଣି ଉପଯୋଗ କରି ରବି ଚାଷ କରିଥିଲେ। ପ୍ରଶାସନ ପକ୍ଷରୁ ଚାଷୀଙ୍କ ଶସ୍ୟ ସୁରକ୍ଷିତ ରଖିବା ପାଇଁ କୌଣସି ସୁବିଧା କରିନଥିବା ବେଳେ ସ୍ଥାନ ଅଭାବ ଯୋଗୁଁ ଚାଷୀମାନେ ଅସୁରକ୍ଷିତ ଭାବେ ଶସ୍ୟ ରଖିଥିବା ବେଳେ ବର୍ଷାରେ ଭିଜିଯାଇ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ଚଳିତ ବର୍ଷ କିଛି ଚାଷୀ ରବି ଚାଷରେ ମକା ଚାଷ କରିଥିଲେ। ସ୍ଥାନ ଅଭାବ ଯୋଗୁଁ ଝରିଗାଁ ବ୍ଲକର ପଲସଗାଁ, ଫୁଫୁଗାଁ ଓ ପାଲିଆ ପଞ୍ଚାୟତର କିଛି ଚାଷୀ ଝରିଗାଁ-ଡ଼ାବୁଗାଁ ମୁଖ୍ୟ ରାସ୍ତା ଉପରେ ମକା ଜମିରୁ ଭାଙ୍ଗି ଶୁଖାଇ ଥିଲେ। କିଛି ଚାଷୀ ମକା ମିଲିଙ୍ଗ କରି ରାସ୍ତା ଉପରେ ଶୁଖାଇ ଥିଲେ। ତେବେ ଗତକାଲି ଅପରାହ୍ନରେ ହଠାତ୍ କାଳବୈଶାଖୀ ବର୍ଷା ହୋଇଥିଲା। ଯେଉଁ ଚାଷୀଙ୍କ ନିକଟରେ ପଲିଥିନ ଥିଲା ସେମାନେ ମକାକୁ ଘୋଡାଇ ଥିବା ବେଳେ ଅନ୍ୟମାନଙ୍କ ମକା ଖୋଲା ଆକାଶ ତଳେ ବର୍ଷାରେ ଭିଜି ଯାଇଥିଲା। ପ୍ରାୟ ଚାଷୀଙ୍କ ମକା ବର୍ଷା ଯୋଗୁଁ ଭିଜି ଯାଇଥିବା ଅଭିଯୋଗ ହୋଇଛି। ମକା ବର୍ଷାରେ ଭିଜିଯିବା ପରେ ଗଜା ହେବା ସହ ରଙ୍ଗ ପରିବର୍ତ୍ତନ ହେବା ନେଇ ଚାଷୀମାନେ ଆଶଙ୍କା କରୁଛନ୍ତି। ଯଦି ମକା ଗଜା କିମ୍ବା ରଙ୍ଗ ପରିବର୍ତ୍ତନ ହେଲେ ବଜାରରେ ଉଚିତ ମୂଲ୍ୟରେ ବିକ୍ରି ହେବ ନାହିଁ ବୋଲି ଚାଷୀ ମାନେ କହିଛନ୍ତି। ଧାର ଉଧାର କରି ଚାଷ କରିଥିବା ଚାଷୀ ମାନେ ଏବେ ଋଣ




କିଭଳି ଶୁଝିବେ ବୋଲି ପ୍ରମୁଖ ଚାଷୀ ମଧ୍ୟରେ ସାରଥୀ ଜାନି, ମୁକୁନ୍ଦ ଜାନି, କୃଷ୍ଣ ସାନ୍ତା, ବାଲୁ ସାନ୍ତା ନବ ଭତରା ପ୍ରମୁଖ ସେନେଇ ଚିନ୍ତାରେ ପଡିଛନ୍ତି।

## ନୂତନ ଥାନାଧିକାରୀଙ୍କ କାର୍ଯ୍ୟଭାର ଗ୍ରହଣ



କାଳିମେଳା। (ଭାସ୍କର ନ୍ୟୁଜ୍): କାଳିମେଳା ଥାନା ଅଧିକାରୀ ଭାବରେ ଦାୟିତ୍ୱ ଭାର ଗ୍ରହଣ କଲେ ମୁକୁନ୍ଦ ମେଲକା। ଶ୍ରୀ ମେଲକା ଚିତ୍ରକୋଣ୍ଡା ଥାନା ଅଧିକାରୀ ଭାବରେ ନିୟୋଜିତ ଥିଲେ। ଏବେ କାଳିମେଳା ଥାନା ଅଧିକାରୀ ଭାବରେ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ବଦଳରେ ଶ୍ରୀ ମେଲକା ନିୟୋଜିତ ହୋଇଛନ୍ତି। ଶ୍ରୀ ତାଣ୍ଡି ଏମ୍‌ଭି ୭୯ ଥାନାର ନୂତନ ଥାନା ଅଧିକାରୀ ଭାବେ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଉଭୟ ଥାନାରେ ଏସ୍‌ଆଇ, ଏଏସ୍‌ଆଇ, କନେଷ୍ଟବଳ, ଗୃହରକ୍ଷୀ ଓ ସମସ୍ତ କର୍ମଚାରୀ ନିଜ ନିଜ ଥାନା ଅଧିକାରୀଙ୍କୁ ପାଇ ଖୁସିର ସହ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି। ଦୁଇ ଥାନା ଅଧିକାରୀ ଅଞ୍ଚଳରେ ପୂର୍ବରୁ କାର୍ଯ୍ୟ କରି ଆସିଛନ୍ତି। ଅଞ୍ଚଳର ଜନହିତକର କାର୍ଯ୍ୟ ମାନ କରିଛନ୍ତି। ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିଛନ୍ତି ଏହା ସହ ଗଞ୍ଜେଇ ମାଫିଆଙ୍କ ଦୌରାତ୍ମ୍ୟ ବହୁ ମାତ୍ରାରେ କମିଥିବା ଜଣାପଡିଛି।

# ଜନ ଶୁଣାଣିରେ ହୋଇଥିବା ଅଭିଯୋଗର ବିଚାର କେବେ ?

କଣ୍ଟାପଡା (ଭାସ୍କର ନ୍ୟୁଜ୍) : ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ସିମଳଦା ମୌଜାରେ ପ୍ରାୟ ୯୬ ଡ଼ିସିମିଲି ପରିମିତର ଏକ ନିଜସ୍ୱ ପୋଖରୀ ଅଛି। ଏହି ପୋଖରୀକୁ ଗତ ୨୦୨୨-୨୦୨୩ ମସିହା ଆର୍ଥିକ ବର୍ଷରେ ପଞ୍ଚାୟତ ତରଫରୁ ନିଲାମ କରାଯାଇଥିଲା। ଏହି ନିଲାମରେ ତରଡ଼ାପଡ଼ା ଗ୍ରାମର ଏକ ମହିଳା ସ୍ୱୟଂ ସାହାଯକ ଗ୍ରୁପ ୫ବର୍ଷ ପାଇଁ ନିଲାମ ନେଇଥିଲେ। ସେ ଗ୍ରୁପ ନିଲାମ ନେବା ପରେ ୨୦୨୨ ମସିହା ଜୁନ ମାସରେ ଏହି ପୋଖରୀକୁ ସେହି ଗ୍ରୁପର ସଦସ୍ୟାମାନେ ନିଜ ହାତରୁ ପଇସା ଆଦାୟ କରି ସଫାସଫି କରି ମାଛ ଯାଆଁଳ ଛାଡି ମାଛ ଚାଷ କରୁଛନ୍ତି। କିନ୍ତୁ ବର୍ତ୍ତମାନ ସୀମଳଦା ଗ୍ରାମବାସୀ ଜାଣିବାକୁ ପାଇଲେ କି ସିମଳଦା ଗ୍ରାମରେ ଥିବା ରଜୁଆ ପୋଖରୀରେ ୨୦୨୩ ମସିହା ଠାରୁ ଆଜି ସୁଦ୍ଧା ଗୋବିନ୍ଦପୁର ପଞ୍ଚାୟତ କିମ୍ବା କଣ୍ଟାପଡା ବ୍ଲକ କୌଣସି ଅନୁଦାନରୁ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ନହୋଇ ୯୭୦୦୦/ଟଙ୍କାର ରାଜ୍ୟ ଅର୍ଥ କମିଶନ ଅନୁଦାନ ରାଶି ପଞ୍ଚାୟତ ପାଣ୍ଠିରୁ ପ୍ରଭାସ ପରିଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଆକାଉଣ୍ଟକୁ



ପେମେଣ୍ଟ କରା ହୋଇଛି। ଏହା ଜାଣିବା ପରେ ସୀମଳଦା ଗ୍ରାମବାସୀଙ୍କ ତରଫରୁ ଗତ ୧୫/୪/୨୫ ତାରିଖରେ କଣ୍ଟାପଡା ବ୍ଲକରେ ହୋଉଥିବା ଜନ ଶୁଣାଣିରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। କିନ୍ତୁ ଆଜି ଶୁଦ୍ଧା ଜିଲ୍ଲାପାଳ କଟକ କୌଣସି ପଦକ୍ଷେପ ନେଇ ନଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜିଲ୍ଲାପାଳଙ୍କ ଜନଶୁଣାଣୀ ଉପରୁ ଅଭିଯୋଗ କରିଥିବା ସାଧାରଣ ଲୋକଙ୍କର ଭରସା ତୁଟି ଯାଉଛି। ଏହି ଜନଶୁଣାଣୀ ଏକ ପ୍ରହସନ ବୋଲି ଅଭିଯୋଗ କାରିମାନେ କହୁଛନ୍ତି। ଏହି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ନହୋଇ ଏହାର ବିଲ୍ କରିଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏଭଳି ଫ୍ଲସ ବିଲ ହୋଇଛି। ସେହିଭଳି ଅନେକ କାର୍ଯ୍ୟ ବ୍ଲକ ପ୍ରଶାସନଙ୍କ ସହଯୋଗରେ ଫ୍ଲସ ବିଲ ହୋଇ ଥିବାର ନଜିର ମଧ୍ୟ ସୂଚନା ଅଧିକାର ଆଇନ ମାଧ୍ୟମରେ ମିଳିଛି। ଏହି ପଞ୍ଚାୟତରେ ହୋଇଥିବା ସମୂହ କାର୍ଯ୍ୟ ଉପରେ ସ୍ପେସାଲ ଅଡିଟ କରା ହେଲେ ପଞ୍ଚାୟତରେ ହୋଇଥିବା ସମସ୍ତ ଦୁର୍ନୀତି ପଦାକୁ ଆସିବ ବୋଲି ପଞ୍ଚାୟତବାସୀ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି କରୁଛନ୍ତି।

## ସୀମା ଲଙ୍ଘିଲା ସିଠାଳ ବାଲିଘାଟ ସୀମା ବାହାରୁ ବାଲି ଚୋରା ଚାଲାଣ

ନିଆଳୀ (ଭାସ୍କର ନ୍ୟୁଜ୍) : ନିଆଳୀ ତହସିଲ୍ ଅଧିନସ୍ଥ ଦେବୀ କନ୍ଦଳ ଦୀପାଞ୍ଚଳ ସିଠାଳ ପଞ୍ଚାୟତ ସିଠାଳ ବାଲିଘାଟ ସରକାର ଙ୍କ ନିୟମକୁ ଖୋଲା ଉଲ୍ଲଙ୍ଘନ କରି ଖଣି ବିଭାଗର ନିର୍ଦ୍ଦେଶକୁ ବେଖାତିରୀ କରି ନିଜର ସୀମାଠାରୁ ଅନେକ ଦୂରରେ ବେଆଇନ ଭାବେ ବାଲିଖୋଳି ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଏମିତିକି ଏହି ବାଲି ଚୋରା ଚାଲାଣରେ ମୋଟା ଅର୍ଥ ଖଣି ବିଭାଗ ଅଧିକାରୀଙ୍କ ପକେଟକୁ ଯାଉଛି। ଯାହାଫଳରେ ଲକ୍ଷାଧିକ ଟଙ୍କା ରାଜ୍ୟ ରାଜକୋଷର କ୍ଷତି ଘଟୁଛି। ଏଭଳି ସ୍ଥଳେ ସମ୍ପୃକ୍ତ ବାଲିଘାଟ ମାଲିକ ପୋଲତଳୁ ବାଲି ଉଠେଇବା ଛାଡୁନାହିଁ ଯାହାଫଳରେ ନଦୀରେ ବନ୍ୟା ଜଳ ଆସିଲେ ପୋଲ ପ୍ରତି ବିପଦ ସୃଷ୍ଟି ହେବ। ସରକାରଙ୍କ ନିୟମ ଅନୁଯାଇ ପୋଲତଳୁ ଚାରିଶହ ମିଟର ଦୂରରୁ ବାଲି ଖୋଳିବା ପାଇଁ ନିୟମ ଥିବାବେଳେ ଏହି ନିୟମକୁ ସମ୍ପୃକ୍ତ ବାଲିଘାଟ ମାଲିକ ଉଲଙ୍ଘନ କରୁଛନ୍ତି। ଏମିତିକି ବାଲି ଖୋଳିବା ପାଇଁ ଗଭୀରତା ଯେତିକି ସରକାର ନିୟମ ରହିଛି। ତା'ଠାରୁ ଅଧିକ ଗଭୀର ଖୋଳାଯାଇଥିବା ଅଭିଯୋଗ ହୋଇଛି। ଏ ସବୁକୁ ଜିଲ୍ଲା ଖଣିବିଭାଗ ପଦକ୍ଷେପ ନନେଲେ ଜିଲ୍ଲାପାଳଙ୍କ ନିକରରେ ଅଭିଯୋଗ ହେବବେଲି ଦୀପାଞ୍ଚଳ ଯୁବଜାଗୃତି ବିକଶିତ ଭାରତ ମଞ୍ଚର କର୍ମକର୍ତ୍ତା ବିଷ୍ଣୁପ୍ରସାଦ ସେଠି କହିଛନ୍ତି।

# ଶତାୟୁ ତିଳୋତ୍ତମାଙ୍କୁ କେବେ ମିଳିବ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ସ୍ୱର୍ଗତ ବିଶ୍ୱନାଥ ବାରିକଙ୍କ ବିଧବା ପତ୍ନୀ ଶତାୟୁ ତିଳୋତ୍ତମା ବାରିକ (୧୦୧) ରାଜ୍ୟ ସରକାରଙ୍କ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତି ପାଉଥିବା ମାସିକ ଭତ୍ତା ୧୨୦୦ ଟଙ୍କାକୁ ୩୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଦୀର୍ଘ ୪ ମାସ ହେଲା ଏହି ନିୟମ ଲାଗୁ ହେବା ପରେ ମଧ୍ୟ ଅନେକ ଭିନ୍ନକ୍ଷମ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ବୃଦ୍ଧବୃଦ୍ଧା ବର୍ଦ୍ଧିତ ଭତ୍ତା ପାଉନଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଯୋଗ୍ୟ ହିତାଧିକାରୀମାନେ ପଞ୍ଚାୟତ ପ୍ରତିନିଧି ଓ ବ୍ଲକ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲେ ବି ଅଦ୍ୟାବଧି କୌଣସି ସୁଫଳ




ମିଳିନଥିବା ଅଭିଯୋଗ ହୋଇଛି। ମୁକୁନ୍ଦପୁର ଗ୍ରାମର ଏହି ବିଧବା ବୃଦ୍ଧା ତିଳୋତ୍ତମା ବାରିକ ବାର୍ଦ୍ଧକ୍ୟ ଅବସ୍ଥାରେ ବାର୍ଦ୍ଧକ୍ୟଜନିତ ରୋଗ ଚିକିତ୍ସା ଖର୍ଚ୍ଚ ଭରଣା ହୋଇପାରିବ ବୋଲି ଆଶା ରଖିଥିଲେ। ଏବେ ୪ ମାସ ଧରି ତାଙ୍କ ଆଶା ଆଶାରେ ରହିଯାଇଛି। ତାଙ୍କର ଅଭିଯୋଗ ପତ୍ର ସରକାରଙ୍କ ଫାଇଲର ନାଳିଫିତା ଭିତରେ ରହିଯାଇଛି। ସରକାର ତୁରନ୍ତ ମୋ ଭଳି ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ ବର୍ଦ୍ଧିତ ଭତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

# ୨୮ରେ ୱାଟ୍‌କୋ ଓ ଏମ୍‌ଆଇ ଅଫିସ୍ ଘେରିବ ଭଞ୍ଜସେନା

ବାରିପଦା (ଭାସ୍କର ନ୍ୟୁଜ୍) : ଜିଲ୍ଲାର ସଦର ମହକୁମା ବାରିପଦା ସହରରେ ବର୍ତ୍ତମାନ ବିଶୁଦ୍ଧ ପାନୀୟ ଜଳ ସଙ୍କଟ ଓ ନିକାସୀ ବ୍ୟବସ୍ଥାର ଦୟନୀୟ ଅବସ୍ଥା ସ୍ଥାନୀୟ ଜନସାଧାରଣଙ୍କୁ ଦୀର୍ଘଦିନ ଧରି ଭୟଭୀତ କରୁଛି। ରାଜ୍ୟ ସରକାରଙ୍କ ବୃହତ ନଳ ଜଳ ଯୋଜନା ଅନ୍ତର୍ଗତ ବାରିପଦା ସହରକୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ 'ୱାଟ୍‌କୋ' ବିଭାଗ ନିୟୋଜିତ ହୋଇଥିବା ବେଳେ ମଧ୍ୟ, ଠିକାଦାରୀ କାର୍ଯ୍ୟରେ ହେଉଥିବା ଅନିୟମିତତା ଓ ବିଭାଗର ଦାୟିତ୍ୱହୀନତା ଫଳରେ ବହୁ ୱାର୍ଡର ଲୋକମାନେ ଆଜି ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ପାଇଁ ସଂଘର୍ଷ କରିବାକୁ ବାଧ ହେଉଛନ୍ତି। ସହରର ୨୮ଟି ୱାର୍ଡ ମଧ୍ୟରୁ ଅନେକ ୱାର୍ଡରେ ପାନୀୟ ଜଳ ବିତରଣ ବେଳେ ଦୂଷିତ ପାଣି ଆସୁଥିବା ସୂଚନା ମିଳିଛି। ଡ୍ରେନ ଭିତରେ ପାଇପ ଛାଡ଼ିବା, ଚେକପଏଣ୍ଟ ଗୁଡ଼ିକୁ ଖୋଲା ରଖିବା ଓ ମରାମତି ଅଭାବରେ ବେଳେ ବେଳେ ଆସୁଥିବା ପାଣିର ଗୁଣତା ଦୟନୀୟ ଅବସ୍ଥାକୁ ପହଞ୍ଚିଛି। ଏହି ଅବ୍ୟବସ୍ଥା ଫଳରେ ସହରବାସୀ ମଧ୍ୟରେ ଜଣ୍ଡିସ, ଡାୟେରିଆ ପରି ଜଳଜନିତ ରୋଗ ବ୍ୟାପିବାର ଆଶଙ୍କା ବଢ଼ିଯାଇଛି।ଏହା ସହିତ, କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ନାଳା ସଫେଇ ଏବଂ ଜଳ ନିକାସୀ ବ୍ୟବସ୍ଥାରେ ମଧ୍ୟ ଅସାବଧାନତା ରହିଛି। ଫଳସ୍ୱରୂପ, ସାଧାରଣ ବର୍ଷା ହେଲେ ସହରର ଅନେକ ଅଞ୍ଚଳରେ ଜଳଜମା ଘଟି ଲୋକଙ୍କ ଘରକୁ ଜଳ ପ୍ରବେଶ କରୁଛି। ଅପସାରଣ ହୋଇନଥିବା ବର୍ଯ୍ୟବସ୍ତୁ ଏବଂ ଅବରୁଦ୍ଧ ନାଳ ଫଳରେ ଲୋକମାନେ ନର୍କ ସଦୃଶ ଅନୁଭୂତିରେ ଜୀବନ ଯାପନ କରିବାକୁ ବାଧ ହେଉଛନ୍ତି। ଏହି ମାମଲାକୁ ଗୁରୁତ୍ୱ ଦେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସୋସିଆଲ୍ ମିଡିଆ ଏକ୍ସ ଯୋଗେ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନିବେଦନ କରିଛନ୍ତି। ସେହିପରି ଭଞ୍ଜସେନା ପକ୍ଷରୁ ପୂର୍ବରୁ ମଧ୍ୟ ଉଭୟ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବିଭାଗଗୁଡ଼ିକ ନିରବଦ୍ରଷ୍ଟା ରହିଛି। ଏହି ଯୋଗୁଁ ଭଞ୍ଜସେନା ବାରିପଦା ସହର ଶାଖା ପକ୍ଷରୁ ଆସନ୍ତା ୨୮ ମେ, ବୁଧବାର ଦିନ ବାରିପଦା ଅଞ୍ଚଳର 'ୱାଟକୋ' ଓ କ୍ଷୁଦ୍ର ଜଳସେଚନ ବିଭାଗ ଅଫିସ ଘେରାଉ କରାଯିବ ବୋଲି ସଂଗଠନର ସହର ସଭାପତି ରାକେଶ ମହାନ୍ତି ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

# 'ନବରସର ନାୟକ ଥିଲେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ'




ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ନବରସର ନାୟକ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୯୭ତମ ଜୟନ୍ତୀ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ତରଫରୁ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ପରିଷଦର ଉପଦେଷ୍ଟା ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ସଭା ଆରମ୍ଭରେ ପରିଷଦର ଉପସଭାପତି ଅଶୋକ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଟ୍ୟକାରଙ୍କ ସୁଯୋଗ୍ୟପୁତ୍ର ତଥା ସମ୍ପାଦକ ତପନ କୁମାର ରାଉତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁରର ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆମ କଳା ଓ ସଂସ୍କୃତିକୁ ବିଶେଷ କରି ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ଏଭଳି ଉଦ୍ୟମର ଉଚ୍ଚ ପ୍ରଶଂସା କରିବା ସହିତ ପୂଜ୍ୟ ପୂଜା କ୍ଷେତ୍ରରେ ବ୍ୟତିକ୍ରମକୁ କୌଣସି ପରିସ୍ଥିତିରେ ପ୍ରଶୟ ଦିଆଯିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି ଆଲୋଚନାରେ ଭାଗନେଇ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ଯଥାର୍ଥରେ ନବରସର ନାୟକ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଅବସରପ୍ରାପ୍ତ ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ, ରଘୁନାଥପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରଜତ ପାତ୍ର, ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ସ୍ଥାନୀୟ ସରପଞ୍ଚ ମିନତୀ ଜେନା, ସମିତି ସଭ୍ୟ ଦୀପକ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗନେଇ ଆର୍ତ୍ତବନ୍ଧୁ ରାଉତରାୟଙ୍କ ଅଭିନୀତ ବହୁଚର୍ଚ୍ଚିତ ନାଟକ ପିତୃଭକ୍ତ କୁନାଳ, ଛାଇଆଲୁଅ, ବେଗମ୍ ଆସମାନ ତାରା, ଥରେ ଦେଖନ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଆର୍ତ୍ତବନ୍ଧୁଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ପାଇଁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟକାର କୈଳାସ ମଲ୍ଲିକ, ନାଟ୍ୟନିର୍ଦ୍ଦେଶକ ବିନୋଦ ରାଉତ, ଖଳନାୟକ କାହ୍ନା ସ୍ୱାଇଁ, ଶ୍ରେଷ୍ଠ ଅଭିନେତା ବ୍ରଜବିହାରୀ ନାୟକଙ୍କ ସମେତ ୨୦ଜଣଙ୍କୁ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପରିଚାଳନାରେ ସମାଜସେବୀ ବିଜନ ମହାପାତ୍ର, ସମୀର ପଟ୍ଟନାୟକ, ସରୋଜ ଦ୍ୱିବେଦୀ, ଅରୁଣ ରାଉତରାୟ, ଗୌର ଚନ୍ଦ୍ର ପଣ୍ଡା, ତରୁଣ କୁମାର ରାଉତରାୟ, ଅଜୟ ଗୋଛାୟତ, ଶୁଭେନ୍ଦୁ ସ୍ୱାଇଁ ଓ ଭଞ୍ଜକିଶୋର ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ପରିଷଦର ଉପସଭାପତି ସରୋଜ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ଶେଷବର୍ଷର ପରୀକ୍ଷା ଫଳ ପ୍ରକାଶିତ

# ଚଳିତ ବର୍ଷ ବେଷ୍ଟ ଗ୍ରାଜୁଏଟ ହେଲେ ବିଜ୍ଞାନ ବିଭାଗର ଛାତ୍ରୀ ସୋନାଲିକା

କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ଶେଷ ବର୍ଷର ପରୀକ୍ଷାଫଳ ସୋମବାର ଦିନ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ, ପରୀକ୍ଷା ନିୟନ୍ତକ ସତ୍ୟବ୍ରତ ସାହୁ, ଉପ ପରୀକ୍ଷା ନିୟନ୍ତକ ଗୀତାଞ୍ଜଳି ବୀର୍ତ୍ତିଆ ଓ ପ୍ରାଧ୍ୟାପକ ମନୋଜ କୁମାର ସାହୁ ପ୍ରାଧ୍ୟାପକ ଡକ୍ଟର ଅବନୀ କୁମାର ଦାଶ ଓ ପ୍ରାଧ୍ୟାପକ ସୁଭାଷ ଚନ୍ଦ୍ର ଜେନା ମିଳିତ ଭାବେ ପ୍ରକାଶ କରିଛଅନ୍ତି। ଚଳିତ ବର୍ଷ ବେଷ୍ଟ ଗ୍ରାଜୁଏଟ ବିଜ୍ଞାନ ବିଭାଗର ଛାତ୍ରୀ ସୋନାଲିକ। ସାହୁ ଶ୍ରେଷ୍ଠ ବିବେଚିତ ହୋଇଛଅନ୍ତି। ତେବେ ଚଳିତ ବର୍ଷ +୩କଳା ବିଭାଗରେ ମୋଟ ୨୪୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୬ଜଣ ପାସ୍ ହୋଇଛନ୍ତି ସେହିପରି ବିଜ୍ଞାନ ବିଭାଗରେ ମୋଟ ୧୧୫ଜଣରୁ ୧୦୭ ଜଣ ପାସ୍ କରିଛନ୍ତି। ବାଣିଜ୍ୟ ବିଭାଗରେ ମୋଟ ପରୀକ୍ଷାର୍ଥୀ ୪୪ଜଣ ମଧ୍ୟରୁ ଜଣ ୪୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ପାଶହାର ୯୩.୫୧% ଅଛି। ମୋଟ ପରୀକ୍ଷାର୍ଥୀ ୪୦୧ଜଣଙ୍କ ମଧ୍ୟରୁ ୩୬୫ ଜଣ ସଫଳ ହୋଇଛନ୍ତି। ଚଳିତ ବର୍ଷ ମୋଟ ପାସ ହାର୮୩.୫୧%। ସଫଳ ହୋଇଥିବା ଛାତ୍ରଛାତ୍ରୀ ଙ୍କ ମଧ୍ୟରେ କଳାରେ ସାଗରିକା ପଟ୍ଟନାୟକ, ବିଜ୍ଞାନ ବିଭାଗରେ ସୋନାଲିକା ସାହୁ ଓ ବାଣୀଜ୍ୟ ବିଭାଗରେ ଶିବଶଙ୍କର ଦାସ ବିଭାଗୀୟ ଟପ୍ପର ହୋଇ ଶ୍ରେଷ୍ଠ ଗ୍ରାଜୁଏଟ ହୋଇଛନ୍ତି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ ସୂଚନା ପ୍ରଦାନ କରିଛନ୍ତି। ସେହିପରି ସମ୍ମାନ ବିଭାଗ ଅନୁଯାୟୀ ଅର୍ଥନୀତି ବିଭାଗ ଦେବଦତ୍ତ ପାତ୍ର, ଇଂରାଜୀ ବିଭାଗରେ ଶୁଭ୍ରାଶ୍ରୀ ନାୟକ, ଇତିହାସ ବିଭାଗ ପୁଷ୍ପାଞ୍ଜଳି ବାରିକ, ଓଡିଆ ବିଭାଗରେ ଲକ୍ଷ୍ମୀପ୍ରିୟା ନାଏକ,ଦର୍ଶନ ଶାସ୍ତ୍ରରେ ଶିବାନୀ ବେହେରା, ରାଜନୀତି ବିଜ୍ଞାନରେ ସାଗରିକା ପଟ୍ଟନାୟକ, ସଂସ୍କୃତ ବିଭାଗ ରେ ସୁଶ୍ରୀ ସଙ୍ଗୀତା ମହାନ୍ତ, ସାମାଜିକ ବିଜ୍ଞାନରେ ଅଞ୍ଜଳି ଲୋହାର, ଉଦ୍ଭିଦ ବିଜ୍ଞାନରେ ମାନସ ରଞ୍ଜନ ମହନ୍ତ, ରସାୟନ ବିଜ୍ଞାନରେ କଳ୍ପନା ମହାନ୍ତ, ଗଣିତ ବିଭାଗରେ ଗଜଲା ୟସ୍ମିନ, ପଦାର୍ଥ ବିଜ୍ଞାନରେ ସୋନାଲିକ ସାହୁ, ଯୁବ ବିଜ୍ଞାନରେ ଏସ୍ ପି ଦେବସ୍ମିତା ଓ ବାଣିଜ୍ୟ ବିଭାଗରେ ଶିବଶଙ୍କର ଦାସ ଟପ୍ପର ହୋଇଥିବା ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସତ୍ୟବ୍ରତ ସାହୁ ସୂଚନା ଦେଇଛନ୍ତି।

## ରାଶିଫଳ

ମଙ୍ଗଳବାର, ୨୭ ମଇ ୨୦୨୫



**ମେଷ:** ନୂତନ ବ୍ୟବସାୟ ସଂପ୍ରସାରଣ ଯୋଜନା ଗଠନ ହୋଇପାରେ। ଲାଭ ପ୍ରାପ୍ତ ହେବ ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ। କୌଣସି କାରବାରରୁ ଦୂରେଇ ରୁହନ୍ତୁ। କଠିନ ପରିଶ୍ରମ ଏବଂ ପ୍ରୟାସ ଦ୍ୱାରା ସମସ୍ତ କାର୍ଯ୍ୟରେ ସଫଳତା ପାଇବେ।



**ବୃଷ:** ବ୍ୟବସାୟରେ କଣ୍ଟିଜେଣ୍ଟ୍ ଲାଭ ହେଉଛି। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ସ୍ଥାନାନ୍ତର ସହିତ ଆୟ ମଧ୍ୟ ବୃଦ୍ଧି ପାଇପାରେ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। କିଛି ନୂଆ କରିବାକୁ ଇଚ୍ଛା ମଧ୍ୟ ରହିବ।



**ମିଥୁନ:** ପରିଶ୍ରମ କରିବା ଅପେକ୍ଷା କର୍ମ କ୍ଷେତ୍ରର ଯୋଜନା ଅଧିକ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଅଧିକାରୀମାନଙ୍କର ସହାୟତା ପାଇବେ। ପୁରୁଣା ଋଣରୁ ମୁକ୍ତି ମିଳିପାରେ। ପରିବାର, ବନ୍ଧୁ ଏବଂ ସମ୍ପର୍କୀୟମାନେ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ। ରିଅଲ୍ ଇଷ୍ଟେଟ୍ ପ୍ରସଙ୍ଗରେ ଜଡିତ ନହେବା ଆବଶ୍ୟକ।




**କର୍କଟ:** ଚାକିରି କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଆପଣଙ୍କର ପ୍ରୟାସ କାର୍ଯ୍ୟରେ ସଫଳତା ଆଣିବ, ମାନସିକ ଏବଂ ଶାରୀରିକ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ, ନଚେତ୍ ଆପଣ ଏକ ବିବାଦରେ ପଡ଼ିପାରନ୍ତି।




**ସିଂହ:** ବ୍ୟବସାୟ ଭଲ ହେବ ଏବଂ ଆର୍ଥିକ ଲାଭ ପାଇବ। କଣ୍ଟିଜେନ୍ସି ସୁବିଧା ଏବଂ ଚାକିରି ପଦୋନ୍ନତି ଗଠନ ହେବ। କାର୍ଯ୍ୟ ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ତଥାପି, ସେଠାରେ ଅଧିକ କାର୍ଯ୍ୟ ଭାର ରହିବ, ଯାହା ଥକ୍କାପଣର କାରଣ ହୋଇପାରେ। ଉଭୟ ପରିବାର ଏବଂ କାର୍ଯ୍ୟାଳୟର ପରିବେଶ ସୁଖଦ ହେବ।



**କନ୍ୟା:** କାର୍ଯ୍ୟରେ ସଫଳତା ହେତୁ ମନ ଖୁସି ହେବ ଏବଂ ବାସ୍ତୁ ଭୋଗର ଧାରା ବଢିବ। ରିଅଲ୍ ଇଷ୍ଟେଟ୍ ଏବଂ ପୁଂଜି ବିନିଯୋଗ ପାଇଁ ଏକ ଯୋଜନା ହୋଇପାରେ। ଯେ କୌଣସି ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିନ୍ତି।



**ତୁଳା:** କାର୍ଯ୍ୟ କ୍ଷେତ୍ରରେ ଛୋଟ ସମସ୍ୟା ଆସିପାରେ, କିନ୍ତୁ କଠିନ ପରିଶ୍ରମ କାର୍ଯ୍ୟରେ ସଫଳତା ଆଣିବ। ପରିବାର ଏବଂ ସାଙ୍ଗମାନଙ୍କୁ ମଧ୍ୟ ସମର୍ଥନ କରାଯିବ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ବିପଦ ଗ୍ରହଣ କଲେ କ୍ଷତି ହୋଇପାରେ।




**ବିଛା:** ଆଜି ଏକ ସାଧାରଣ ଦିନ ହେବ। ବ୍ୟବସାୟ ଭଲ କରିବ ଏବଂ ଆର୍ଥିକ ପରିସ୍ଥିତି ଦୃଢ ହେବ। ହଠାତ୍ ଲାଭର ଯୋଗ ମଧ୍ୟ କରାଯାଉଛି। ଚାକିରିରେ ସ୍ଥାନାନ୍ତର କିମ୍ବା ପଦୋନ୍ନତି ହେବାର ସମ୍ଭାବନା ରହିବ। ବିବାହିତ ଜୀବନ ମଧ୍ୟ ସୁଖଦ ହେବ। କ୍ରୋଧକୁ ନିୟନ୍ତ୍ରଣ କର, ଅନ୍ୟମାନେ ଏକ ବିବାଦରେ ପଡ଼ିପାରନ୍ତି। ଆପଣଙ୍କ ସ୍ୱାସ୍ଥ୍ୟ ବିଷୟରେ ମଧ୍ୟ ସାବଧାନ ରୁହନ୍ତୁ।




**ଧନୁ:** ବେକାରମାନଙ୍କ ପାଇଁ ଦିନଟି ଭଲ। ପରିଶ୍ରମ କର। କ୍ୟାରିଅରରେ ଆଗକୁ ବଢିବାର ସୁଯୋଗ ଆସିପାରେ। ଆତ୍ମବିଶ୍ୱାସ ବିପଦପୂର୍ଣ୍ଣ କାର୍ଯ୍ୟରେ ସଫଳତା ଆଣିପାରେ। ଟଙ୍କା ଏବଂ ବ୍ୟବସାୟିକ ବିଷୟଗୁଡ଼ିକର ଯତ୍ନ ନେବାକୁ ପଡ଼ିବ। ସାମାଜିକ କାର୍ଯ୍ୟର ଧାରା ବୃଦ୍ଧି ପାଇବ। ପାରିବାରିକ ସମ୍ପର୍କ ଉନ୍ନତି ହୋଇପାରେ। ଟଙ୍କା ଖର୍ଚ୍ଚ ଅଧିକ ହେବ।




**ମକର:** କାର୍ଯ୍ୟଟି ଭଲରେ ଯିବ ଏବଂ ଲାଭର ରାଶି ମଧ୍ୟ ସେଠାରେ ରହିବ, କିନ୍ତୁ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଅତ୍ୟଧିକ କାର୍ଯ୍ୟ ହେତୁ ଆପଣ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ, ନଚେତ୍ ବିବାଦ ହେବ। ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ପରିବାରର ପରିବେଶ ଭଲ ରହିବ।



**କୁମ୍ଭ:** ବ୍ୟବସାୟରେ ଅର୍ଥନୈତିକ ଲାଭର ରାଶି ଦିଆଯାଉଛି। ପରିବାର ଏହି କ୍ଷେତ୍ରରେ ପୂର୍ଣ୍ଣ ସମର୍ଥନ ପାଇବେ। କର୍ମକ୍ଷେତ୍ରରେ ଚିନ୍ତିତ ହେବେ। ପ୍ରଗତିର ରାସ୍ତା ଖୋଲିବ। ପୁରୁଣା ସାଙ୍ଗମାନେ ମଧ୍ୟ ସମର୍ଥନ କରିବେ। ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଆବଶ୍ୟକ। ବ୍ୟବସାୟକୁ ବିସ୍ତାର କରିବା ପାଇଁ ନୂତନ କାର୍ଯ୍ୟ ଆରମ୍ଭ କରିପାରିବ।



**ମୀନ:** କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଛୋଟ ଅସୁବିଧା ଆସିପାରେ, କିନ୍ତୁ ତୁମର ଉଦ୍ୟମ ସହିତ, କାର୍ଯ୍ୟରେ ସଫଳତା ଆସିବ। କ୍ରୋଧର ନିୟନ୍ତ୍ରଣ ରଖନ୍ତୁ ଏବଂ ମାନସିକ ସ୍ତରରେ ବିଭ୍ରାନ୍ତି ଦୂର କରି ରୁହନ୍ତୁ। ପରିବାରର ପରିବେଶ ଭଲ ରହିବ, କିନ୍ତୁ ବକ୍ତବ୍ୟରେ କାହାକୁ ଆଘାତ କର ନାହିଁ, ଏହାର ଯତ୍ନ ନିଅ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ,(ଭାସ୍କର ନ୍ୟୁଜ୍): ବୌଦ୍ଧ ରେଞ୍ଜ ଖଜୁରୀ ପଡା ସେକସନ ଅନ୍ତର୍ଗତ କମିରା ଗ୍ରାମ ନିକଟରୁ ଆହତ ଅବସ୍ଥାରେ ଉଦ୍ଧାର ହୋଇଥିବା ହରିଣକୁ ବୌଦ୍ଧ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଛି ବନ ବିଭାଗ। ସୂଚନା ଅନୁସାରେ ଆଜି ହରିଣଟି ଜଳ ଅନ୍ୱେଷଣରେ ନିକଟସ୍ଥ କୌଣସି ଜଙ୍ଗଲରୁ କମିରା ଗ୍ରାମ ନିକଟକୁ ଚାଲି ଆସୁଥିବା ବେଳେ କିଛି କୁକୁର ହରିଣକୁ ଦୌଡ଼ାଇ ଥିଲେ। ହରିଣଟି ପ୍ରାଣ ବିକଳରେ ଦୌଡ଼ି ଦୌଡ଼ି କମିରା ଗ୍ରାମକୁ ପଶିଆସିଥିଲା। କୁକୁରମାନେ ମଧ୍ୟ ପିଛା କରିଥିଲେ । ସକାଳେ ଗ୍ରାମବାସୀ ହରିଣକୁ ଦେଖି କୁକୁରମାନଙ୍କ ଠାରୁ ଉଦ୍ଧାର କରି ସରପଞ୍ଚ ସୁମନ୍ତ ନାଏକ ବନ ବିଭାଗକୁ ଖବର ଦେଇଥିଲେ । ସହକାରୀ ବନ ସଂରକ୍ଷକ ତଥା ଭାରପ୍ରାପ୍ତ ସଦର ରେଞ୍ଜ ଅଧିକାରୀ ଅର୍ଚ୍ଚନା ଗାମାଙ୍ଗୋଙ୍କ ନିର୍ଦ୍ଦେଶ କ୍ରମେ ଖଜୁରୀ ପଡା ସେକସନ ବନପାଳ ଦୀପକ କୁମାର ନାଏକ, ବ୍ରାହ୍ମଣୀପାଲି ବିଟ୍ ବନରକ୍ଷୀ ରମାକାନ୍ତ ପାଣିଗ୍ରାହୀ ଓ ଅନ୍ୟ ମାନେ ପହଞ୍ଚି ହରିଣକୁ ବୌଦ୍ଧ ଜିଲ୍ଲା ପ୍ରାଣୀ ଚିକିତ୍ସକ୍ଷଳୟକୁ ଆଣି ଭର୍ତ୍ତି କରିଥିଲେ । ହରିଣର ଦୁଇ ଶିଙ୍ଗ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା । ପ୍ରାଥମିକ ଚିକିତ୍ସକ୍ଷ ପରେ ହରିଣକୁ ସଦର ରେଞ୍ଜ କାର୍ଯ୍ୟାଳୟରେ ରଖାଯାଇଛି। ସମ୍ପୂର୍ଣ୍ଣ ସୁସ୍ଥ ନହେବା ପର୍ଯ୍ୟନ୍ତ ରେଞ୍ଜ କାର୍ଯ୍ୟାଳୟରେ ଚିକିତ୍ସାଧୀନ ରହିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ଆୟୁର୍ବେଦ ଚିକିତ୍ସାଳୟ



ଉମରକୋଟ, (ଭାସ୍କର ନ୍ୟୁଜ୍): ବର୍ତ୍ତମାନ ଯୁଗରେ ପୁରାତନ ଆୟୁର୍ବେଦ ଚିକିତ୍ସାକୁ ଲୋକେ ଆପଣାଉଛନ୍ତି। ଏହି ଆୟୁର୍ବେଦ ଚିକିତ୍ସାର ଲୋକପ୍ରିତାକୁ ଦେଖି ପ୍ରତିବର୍ଷ ଧନ୍ୱନ୍ତରୀ ଜୟନ୍ତୀ ଦିନକୁ ଜାତୀୟ ଆୟୁର୍ବେଦ ଦିବସ ଭାବେ ପାଳନ କରିବାକୁ କେନ୍ଦ୍ର ସରକାର ୨୦୧୬ ମସିହାରେ ଘୋଷଣା କରିଥିଲେ କିନ୍ତୁ ତୃଣମୂଳ ସ୍ତରରେ ଜିଲ୍ଲାରେ ଥିବା ଅଧାରୁ ଅଧିକ ଆୟୁର୍ବେଦ ଡିସ୍ପେନସରି ଗୁଡିକର ଅବସ୍ଥା ଶୋଚନୀୟ ହୋଇ ପଡିରହିଛି। ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲାରେ ୨୨ ଟି ଆୟୁର୍ବେଦ ଚିକିତ୍ସାଳୟ ରହିଛି କିନ୍ତୁ ଅଧାରୁ ଅଧିକ ଚିକିତ୍ସାଳୟଗୁଡିକର ଭିତ୍ତିଭୂମିର ଅଭାବ ଦେଖିବାକୁ ମିଳିଛି, ଅଧାରୁ ଅଧିକ ଚିକିତ୍ସାଳୟ ଗୁଡିକର ନିଜସ୍ୱ ଜାଗା ନାହିଁ ଏବଂ ଯେଉଁ କେତୋଟି ର ନିଜସ୍ୱ ଜାଗାରେ କୋଠା ରହିଛି ତାହା ମଧ୍ୟ ଜରାଜୀର୍ଣ୍ଣ ହୋଇ ରହିଥିବା ଦେଖିବାକୁ ମିଳିଛି। ଉମରକୋଟ ବ୍ଲକ ବେନରା ପଞ୍ଚାୟତ ଠାରେ ୧୯୮୩ ମସିହାରେ ଲୋକଙ୍କୁ ଆୟୁର୍ବେଦ ଚିକିତ୍ସା ଯୋଗାଇ ଦେବାକୁ ଗୋଟିଏ ଚିକିତ୍ସାଳୟ ଖୋଲାଗଲା ହେଲେ କାଳକ୍ରମେ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଯାଇଛି, ରୋଗୀଙ୍କୁ ଚିକିତ୍ସା କରିବାକୁ କୋଠା ଘର ଖଣ୍ଡିଏ ନାହିଁ ତେଣୁ ସରକାରୀ କ୍ୱାଟର ରେ ରୋଗୀସେବା ସହ ଔଷଧ ରଖାଯାଇଛି ସେହିଭଳି ପିଇବା ପାଣିର ବ୍ୟବସ୍ଥା ନାହିଁ, ପାଚେରୀ ନାହିଁ, ରୋଗୀ ଆସିଲେ ବିଶ୍ରାମ ନେବାକୁ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ ଏବଂ ଚିକିତ୍ସାଳୟ ରେ ତିନିଜଣ କର୍ମଚାରୀ ରହିବା ର ନିୟମ ରହିଥିବା ବେଳେ ଏହି କେନ୍ଦ୍ରରେ ଦୁଇଜଣ କର୍ମଚାରୀ ରହିଛନ୍ତି। ଉକ୍ତ ପାଚେରୀ ମଧ୍ୟରେ ଡକ୍ଟର ରହିବାର ନିୟମ ରହିଥିବା ବେଳେ ଡକ୍ଟର ଙ୍କ ରହିବା ପାଇଁ ଘର ଖଣ୍ଡିଏ ମଧ୍ୟ ନାହିଁ ତେଣୁ ଡ଼କ୍ଟର ପ୍ରତ୍ୟକ ଦିନ ଉମରକୋଟରୁ ପ୍ରାୟ ୨୫ କିଲୋମିଟର ନିଇତି ଯିବା ଆସିବା କରୁଛନ୍ତି ଡ଼କ୍ଟର ସାବିତ୍ରୀ ଗଣ୍ଡ।ସ୍ଥାନୀୟ ଲୋକ ପ୍ରତିନିଧି କପୁରଚାନ୍ଦ ନାୟକ ଚିକିତ୍ସାଳୟ ର ସମସ୍ୟା ବିଷୟରେ ବିଗତ ସରକାର ଓ ସ୍ଥାନୀୟ ପ୍ରଶାସନ ଙ୍କୁ ଅନେକ ଥର ଗୁହାରି କରିଥିଲେ ହେଲେ ସମସ୍ୟା ପ୍ରତି ପୂର୍ବ ସରକାର କର୍ଣ୍ଣପାତ କରି ନଥିଲେ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ସେହିଭଳି ଜିଲାର ଅନ୍ୟ ଏକ ଆୟୁର୍ବେଦ ଚିକିତ୍ସାଳୟ ଭଣ୍ଡାରୀଗୁଡା ପଞ୍ଚାୟତର ପୋଡ଼ଗଡ଼ ଠାରେ ରହିଛି ସେଠାକାର ଅବସ୍ଥା ମଧ୍ୟ ଶୋଚନୀୟ ନିଜସ୍ୱ ଜାଗା ନାହିଁ ଭିତ୍ତି ଭୂମି ର ଅଭାବ ତେଣୁ ସ୍ଥାନୀୟ ସରପଞ୍ଚ ଙ୍କ ଦୟାରୁ ପଞ୍ଚାୟତ କାର୍ଯ୍ୟାଳୟର ଏକ କୋଠାରେ ଚାଲିଛି ଚିକିତ୍ସା। ଅନ୍ୟପଟେ କର୍ମଚାରୀ ଅଭାବ ରୁ ଅନେକ ସମସ୍ୟା ହେଉଛି ବୋଲି କହିଛନ୍ତି ସେଠାରେ ନିଯୋଜିତ ହୋଇଥିବା ଡ଼କ୍ଟର। ରାସ୍ତା କଡରେ ସରକାର ଯଦି ଜାଗା ଖଣ୍ଡିଏ ଯୋଗାଇ ଦେବେ ତାହେଲେ ଲୋକେ ଉପକୃତ ହୋଇ ପାରିବେ ବୋଲି କହିଛନ୍ତି ଡ଼କ୍ଟର ମୋନିକା ରାଣୀ ଶିକଦାର ଏବଂ ସ୍ଥାନୀୟ ବାସିନ୍ଦା। ଏହିଭଳି ସମସ୍ୟା କୁ ନେଇ ଜିଲା ଆୟୁର୍ବେଦ ଡ଼କ୍ଟର, ରାୟଗଡା ସର୍କଲର ଅଧିକାରୀ ଲକ୍ଷ୍ମୀଧର ପାତ୍ର ଙ୍କୁ ପଚାରିବାରୁ ସେକହିଛନ୍ତି ବହୁ ପୁରାତନ ରୋଗୀ ଆୟୁର୍ବେଦ ଚିକିତ୍ସା ର ଲାଭ ପାଇ ପାରିଥାନ୍ତି ତେଣୁ ଜିଲାରେ ୨୨ ଟି ଆୟୁର୍ବେଦିକ ଚିକିତ୍ସାଳୟ ଖୋଲାଯାଇଛି ସେଥି ମଧ୍ୟରୁ ଅନେକ ସ୍ଥାନରେ ଭିତ୍ତି ଭୂମିର ଅଭାବ ରହିଛି, ଆୟୁର୍ବେଦ ଚିକିତ୍ସାଳୟ ଗୁଡିକରେ ମୁଖ୍ୟତଃ, ଘର, ପାଚେରୀ, ପିଇବା ପାଣି ଓ ବଗିଚା ରହିବା କଥା କିନ୍ତୁ ତାହା ଅନେକ ଜାଗାରେ ନାହିଁ। ସମସ୍ତ ବିଷୟରେ ସରକାର ଙ୍କୁ ଅବଗତ କରାଯାଇଛି କିଛି ଜାଗାରେ ଚିକିତ୍ସାଳୟ ର କୋଠା କାମ ଚାଲିଛି ଆଉ କେତୋଟି ଅବହେଳିତ ହୋଇ ପଡିଛି ସେଗୁଡିକର ସମସ୍ୟା ମଧ୍ୟ ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି। କର୍ମଚାରୀ କିଛି ଜାଗାରେ ସମସ୍ୟା ରହିଛି ସେଗୁଡିକ ମଧ୍ୟ ଧୀରେ ଧୀରେ ପୂରଣ କରାଯିବ ବୋଲି କହିଛନ୍ତି।

# ସାମ୍ବାଦିକଙ୍କୁ ମାଡ଼ ମାରି ୪ ଗିରଫ




ବଲାଙ୍ଗୀର, (ଭାସ୍କର ନ୍ୟୁଜ୍): ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଅମାନୁଷିକ ଭାବେ ଗୋଡ଼ହାତ ବାନ୍ଧି ମାଡ଼ ମାରିବା ଘଟଣାରେ ଚାରି ଅଭିଯୁକ୍ତ ଅବିନାଶ ଦଳେଇ, ଆଦିତ୍ୟ ଜେନା, ଗୁମର ନାୟକ ଓ ସିଦ୍ଧାନ୍ତ ନାୟକଙ୍କୁ ଗିରଫ କରିଥିବା ସୂଚନା ଦେଇଛି ପୋଲିସ। ମାଷ୍ଟରମାଇଣ୍ଡ ଠିକାଦାର ଗଜେନ୍ଦ୍ର ଦଳେଇ ଏବେ ବି ଫେରାର ଥିବା ଜଣାପଡ଼ିଛି। ଚାରିଦିନ ତଳେ ପୁଇଁତଳା ଥାନା କୁଲଥିପାଲି ଗାଁରେ ସାମ୍ବାଦିକ ବିଜୟ ପ୍ରଧାନ ଖବର ସଂଗ୍ରହ ପାଇଁ ଯାଇଥିବା ସମୟରେ ତାଙ୍କୁ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ସାମ୍ବାଦିକ ବିଜୟ ଥାନାରେରେ ଅଭିଯୋଗ କରିଥିଲେ ଯେ, ତାଙ୍କୁ ଗୁଣ୍ଡା ଲଗେଇ ଆକ୍ରମଣ କରିଥିବା ଗଜିନ୍ଦ୍ରଙ୍କ ପୁତୁରା ଅବିନାଶ ସହିତ ଚାରିଜଣ ଲୋକ ବିଜୟଙ୍କ ହାତଗୋଡ଼ ବାନ୍ଧି ମାଡ଼ ମାରିଥିଲେ। ସୋମବାର ପୋଲିସ ଚାରିଜଣଙ୍କୁ ଗିରଫ କରିଛି। ଫେରାର ଥିବା ଠିକାଦାର ଗଜିନ୍ଦ୍ରଙ୍କୁ ଶୀଘ୍ର ଗିରଫ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ସୂଚନା ଥାଉକି, ବଲାଙ୍ଗୀର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ କୁଲଥିପାଲି ଗାଁରେ ଚାଲିଥିବା ଏକ ଗାଡ଼ୱାଲ କାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଖବର ପ୍ରସାରଣ କରିବାରୁ ଠିକାଦାର ଗୁଣ୍ଡା ଲଗାଇ ନିସ୍ତୁକ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ବଲାଙ୍ଗୀରର ସାମ୍ବାଦିକମାନେ ଶନିବାର ଏ ସଂକ୍ରାନ୍ତରେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ଦେବା ସହ ସମ୍ପୃକ୍ତ ଠିକାଦାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ରବିବାର ଅପରାହ୍ନରେ ଗଣମାଧ୍ୟମ ପ୍ରତିନିଧି ଜଣକ ଗାଁକୁ ଯାଇ ରାସ୍ତାର ଭିଡିଓ ଉତ୍ତୋଳନ କରି ଲୋକଙ୍କ ପ୍ରତିକ୍ରିୟା ନେଉଥିବା ବେଳେ ସେହି ପ୍ରକଳ୍ପରେ କାମ କରୁଥିବା କିଛି ଲୋକ ଆସି ତାଙ୍କୁ ବାରଣ କରିଥିଲେ। ଏହା ପରେ ଠିକାଦାର ପଠାଇ ଥିବା ଗୁଣ୍ଡାମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏପରିକି ସେମାନେ ଗଣମାଧ୍ୟମ ପ୍ରତିନିଧିଙ୍କ ହାତବାନ୍ଧି ଘୋଷାଡ଼ି ଘୋଷାଡ଼ି ଗାଁ ମଝିକୁ ନେଇଥିଲେ। ସେଠାରେ ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ନିସ୍ତୁକ ମାଡ଼ ମାରିଥିଲେ। ଗାଁରେ କଙ୍ଗାରୁ କୋର୍ଟ କରି ସେମାନେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେଇ ଗୁଣ୍ଡାମାନେ ଆହୁରି ମଧ୍ୟ ସ୍ଥାନୀୟ ମନ୍ଦିରକୁ ନେଇ ଆଗକୁ ଆଉ ଖବର ନ କରିବାକୁ ସାମ୍ବାଦିକଙ୍କୁ ଶପଥ କରିବା ପାଇଁ ବାଧ କରିଥିବା ଉଲ୍ଲେଖ କରାଯାଇଛି। ସେହି ଗୁଣ୍ଡାମାନେ ଖବରଦାତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରେ ମାରିଦେବା ଧମକ ଦେଇଥିବା ପୁଇଁତଳା ଥାନାରେ ଅଭିଯୋଗ ହୋଇଛି। ଅନ୍ୟପଟେ ଉକ୍ତ ଘଟଣାର ମାଷ୍ଟର ମାଇଣ୍ଡ ଠିକାଦାର ଗଜିନ୍ଦ୍ର ଦଳେଇ ଜଣକ ପୋଲିସ ହାତକୁ ହେବେ ଆସୁଛି ସେନେଇ ସମସ୍ତଙ୍କ ନଜର ଥିବା ଜଣାଯାଉଛି ।

## ବ୍ଲାକ ମାମ୍ବା ସାପ ଉଦ୍ଧାର



କାଳିମେଳା, (ଭାସ୍କର ନ୍ୟୁଜ୍): କାଳିମେଳା ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଏସ ପ୍ରକାଶ ରାଓଙ୍କ ବାସଭବନରେ ଅପରାହ୍ନରେ ଏକ ବିଷାକ୍ତ ସାପ ପଶିଥିବା ପରିବାର ବର୍ଗ ଦେଖି ସ୍ନେକ ହେଲ୍ପ ଲାଇନଙ୍କୁ ଖବର ଦେଇଥିଲେ। ଖବର ପାଇ ସ୍ନେକ ରାଇପର ରାକେଶ ହାଲଦାର ଶ୍ରୀ ରାଓଙ୍କ ଘରୁ ସାଢ଼େ ତିନି ଫୁଟର ସାପ ଟିକୁ ଉଦ୍ଧାର କରିଥିଲେ। ଏହି ସାପଟି ବ୍ଲାକ ମାମ୍ବା ବୋଲି କୁହାଯାଉଛି। ଏହି ସାପ ସାଉଥ ଆଫ୍ରିକାରେ ଦେଖା ଯାଏ। ଏହା ଓଡିଶାରେ ପୂର୍ବରୁ ଦୁଇଟି ଏହି ବ୍ଲାକ ମାମ୍ବା ଧରା ଯାଇଛି ବୋଲି ଶ୍ରୀ ହାଲଦାର କହିଛନ୍ତି । ଆବଶ୍ୟକ ହେଲେ ଭୁବନେଶ୍ୱର ପଠାଇ ସାପଟି ପରୀକ୍ଷା କରାଯିବ ବୋଲି ଶ୍ରୀ ରାକେଶ କହି ଛନ୍ତି ।

# ବର୍ଷାରେ ଭିଜିଲା ମକା, ଚିନ୍ତାରେ ଚାଷୀ



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକରେ ଜଳ ସେଚନ ସୁବିଧା ନଥିବା ବେଳେ ଏଠାକାର ଚାଷୀ ମାନେ ନଦୀ ଓ ନାଳର ପାଣି ଉପଯୋଗ କରି ରବି ଚାଷ କରିଥିଲେ। ପ୍ରଶାସନ ପକ୍ଷରୁ ଚାଷୀଙ୍କ ଶସ୍ୟ ସୁରକ୍ଷିତ ରଖିବା ପାଇଁ କୌଣସି ସୁବିଧା କରିନଥିବା ବେଳେ ସ୍ଥାନ ଅଭାବ ଯୋଗୁଁ ଚାଷୀମାନେ ଅସୁରକ୍ଷିତ ଭାବେ ଶସ୍ୟ ରଖିଥିବା ବେଳେ ବର୍ଷାରେ ଭିଜିଯାଇ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ଚଳିତ ବର୍ଷ କିଛି ଚାଷୀ ରବି ଚାଷରେ ମକା ଚାଷ କରିଥିଲେ। ସ୍ଥାନ ଅଭାବ ଯୋଗୁଁ କୋଷାଗୁମୁଡା ବ୍ଲକର ବିଭିନ୍ନ ପଞ୍ଚାୟତର କିଛି ଚାଷୀ ମୁଖ୍ୟ ରାସ୍ତା ଉପରେ ମକା ଜମିରୁ ଭାଙ୍ଗି ଶୁଖାଇ ଥିଲେ।କିଛି ଚାଷୀ ମକା ମିଲିଙ୍ଗ କରି ରାସ୍ତା ଉପରେ ଶୁଖାଇ ଥିଲେ। ତେବେ ଏଇକିଛି ଦିନ ହେବ ଅଞ୍ଚଳରେ କାଳବୈଶାଖୀ ବର୍ଷା ଲାଗି ରହିଥିବା ଯୋଗୁଁ ଚାଷୀ ମାନେ ହଇରାଣ ହୋଇଥିବା ସୂଚନା ମିଳିଛି।ଯେଉଁ ଚାଷୀଙ୍କ ନିକଟରେ ପଲିଥିନ ଥିଲା ସେମାନେ ମକାକୁ ଘୋଡାଇ ଥିବା ବେଳେ ଅନ୍ୟ ମାନଙ୍କ ମକା ଖଲା ଆକାଶ ତଳେ ବର୍ଷାରେ ଭିଜି ଯାଇଥିଲା।ପ୍ରାୟ ଚାଷୀଙ୍କ ମକା ବର୍ଷା ଯୋଗୁଁ ଭଜି ଯାଇଥିବା ଅଭିଯୋଗ ହୋଇଛି।ମକା ବର୍ଷାରେ ଭିଜି ଯିବା ପରେ ଗଜା ହେବା ସହ ରଙ୍ଗ ପରିବର୍ତ୍ତନ ହେବା ନେଇ ଚାଷୀ ମାନେ ଆଶଙ୍କା କରୁଛନ୍ତି। ଯଦି ମକା ଗଜା କିମ୍ବା ରଙ୍ଗ ପରିବର୍ତ୍ତନ ହେଲେ ବଜାରରେ ଉଚିତ ମୂଲ୍ୟରେ ବିକ୍ରି ହେବ ନାହିଁ ବୋଲି ଚାଷୀ ମାନେ କହିଛନ୍ତି।ଧାର ଉଧାର କରି ଚାଷ କରିଥିବା ଚାଷୀ ମାନେ ଏବେ ଋଣ କିଭଳି ଶୁଝିବେ ସେନେଇ ଚିନ୍ତାରେ ପଡିଛନ୍ତି।

## ମାଓନେତା ନାମ୍ବାଲାଙ୍କ ମୃତଦେହ ଦେଉନି ପୋଲିସ୍

# ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ପରିବାର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଗତ ୨୧ ତାରିଖ ଦିନ ଛତିଶଗଡ଼ ନାରାୟଣପୁର ଜିଲ୍ଲାରେ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ମାଓ ନେତା ନାମ୍ବାଲା କେଶବ ରାଓ ଓରଫ ବାସଭରାଜୁଙ୍କ ମରଶରୀରକୁ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରୁନଥିବା ଅଭିଯୋଗ ହୋଇଛି। ସବୁଆଡୁ ନିରାଶ ହେବା ପରେ ତାଙ୍କ ପାଇଁ ଆଦାଲତର ଆଶ୍ରୟ ନେଇଥିବା ଜଣାପଡ଼ିଛି। ମୃତ ନାମ୍ବାଲଙ୍କ ଭାଇ ରାମ ପ୍ରସାଦ ରାଓ ଅଭିଯୋଗ କି ଯେ, ତାଙ୍କର ମା’ ଭାରତାମ୍ମା ଙ୍କ ବୟସ ୯୦ ବର୍ଷ। ଗତ ୪୫ ବର୍ଷ ପୂର୍ବେ ପୁଅ ଘର ଛାଡି ମାଓ ସଂଗଠନରେ ସାମିଲ ହୋଇଥିଲା। ମା’ ତାର ପୁଅକୁ ଦେଖି ପାରିନଥିବା ଓ ତାଙ୍କ ଶେଷ ଦର୍ଶନ ପାଇଁ ପୋଲିସ ଠାରେ ଗୁହାରି କରିଥିଲେ। ତେବେ ପୁଅର ମୃତ ଶରୀରକୁ ଛତିଶଗଡ ନାରାୟଣପୁର ପୋଲିସ ହସ୍ତାନ୍ତର କରି ନ ଥିଲା। ତେଣୁ ଶ୍ରୀକାକୁଲମ କୋର୍ଟରେ ନ୍ୟାୟ ପାଇଁ ପରିବାର ପକ୍ଷରୁ ଗୁହାରି କରାଯାଇଛି। ପରିବାର ବର୍ଗ ବାସଭରାଜୁଙ୍କ ମୃତ ଶରୀରକୁ ପ୍ରଦାନ ପାଇଁ ନିବେଦନ କରିଥିଲେ । ତାଙ୍କ ନିଜଘର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା କଟାବମାଲୀ ଥାନା ଅନ୍ତର୍ଗତ ଜି.ଏନ୍. ପେଟା ଗ୍ରାମର ବୋଲି ଜଣାପଡିଛି । ତେବେ ଶ୍ରୀକାକୁଲମ ଜିଲ୍ଲା ପୋଲିସ ପ୍ରଶାସନ ଓ ବିଧାୟକ ଠାରୁ ଆରମ୍ଭକରି ସାଂସଦ ପର୍ଯ୍ୟନ୍ତ ଲୋକ ପ୍ରତିନି ମରଶରୀର ପ୍ରଦାନ କଲେ ଏଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି କହି ବିରୋଧ କରାଯାଇଛି। । ଜଣେ ବିପ୍ଳବୀବାଦୀ ଓ ହିଂସାକୁ ସମର୍ଥନ କରୁଥିବା ନେତାକୁ ଏହି ଅଞ୍ଚଳରେ ହିରୋ ଭାବେ ଚିତ୍ରଣ କରି ଶେଷକୃତ୍ୟ ସମ୍ପନ୍ନ କରାଯିବା ଆଶଙ୍କା ଥିବାରୁ ଶବକୁ ପ୍ରଦାନ ନ କରିବା ପାଇଁ ଛତିଶଗଡ ସରକାରଙ୍କ ଉପରେ ଚାପ ପକା ଯାଉଛି। ଅପରପକ୍ଷେ କୋର୍ଟ ମଧ୍ୟ ନ୍ୟାୟ ପାଇଁ ଛତିଶଗଡର ନ୍ୟାୟାଳୟର ଆଶ୍ରୟ ନେବାପାଇଁ ପରିବାର ବର୍ଗଙ୍କୁ କହିଛନ୍ତି।

## ମତ୍ସ୍ୟଚାଷୀ ତାଲିମ୍ ଶିବିର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ମତ୍ସ୍ୟ ଚାଷୀମାନଙ୍କୁ ନେଇ ଏକ ତାଲିମ ଶିବିର ମାଲକାନାଗିରି ବ୍ଲକ୍ ସିନ୍ଧ୍ରିମାଳ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ, ସହକାରୀ ମତ୍ସ୍ୟ ଅଧିକାରୀ ମୁକେଶ ମାଝୀ, ଇତିଶ୍ରୀ ଦାସ, ସମବାୟ ସମିତି ପିରିଚାଳକ ସଂଗ୍ରାମ ବିଶ୍ୱାସ, କନିଷ୍ଠ ମତ୍ସ୍ୟ ସହଯୋଗୀ ମିହିରକାନ୍ତ ସିଙ୍ଗ, ଡ଼ାକ୍ତାର ଟୁଡୁ, ଲଳିତା ତ୍ରିପାଠୀ, ସାଂସଦ ପ୍ରତିନିଧୀ ଭଙ୍ଗା ପଡ଼ିଆମି ପ୍ରମୁଖ ଉପସ୍ଥିତ ରହି ଉନ୍ନତମାନର ଅତ୍ୟାଧୁନିକ ପଦ୍ଧତିରେ ମତ୍ସ୍ୟଚାଷ କିପରି ହେବ ସେ ନେଇ ତାଲିମ ଦେଇଥିଲେ । ମତ୍ସ୍ୟ ଚାଷ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଅନୁସୂଚିତ ଜାତି ଜନଜାତି ଲୋକଙ୍କୁ ମତ୍ସ୍ୟ ଚାଷ ପାଇଁ ୫୦ ପ୍ରତିଶତ ରିହାତି ପ୍ରଦାନ କରା ଯାଉଥିବା ବେଳେ ସାଧାରଣବର୍ଗ ମତ୍ସଚାଷୀଙ୍କ ପାଇଁ ୪୦ ପ୍ରତିଶତ ଅର୍ଥ ରିହାତି ପ୍ରଦାନ କରାଯିବ ବୋଲି ସୂଚନା ଦିଆ ଯାଇଛି । ଏହି ଅର୍ଥରେ ଚାଷୀମାନେ ନୂତନ ପୋଖରୀ ଖୋଳା, ପୁରୁଣା ପୋଖରୀର ପୁନରୁଦ୍ଧାର, ଉନ୍ନତ କିସମର ମାଛ ଜାଆଁଳ, ପୃଷ୍ଟିକର ଖାଦ୍ୟ ରୋଗରୁ ମୁକ୍ତି ପାଇଁ ଜଳ ବିଶୋଧନ, ଔଷଧ ପ୍ରୟୋଗ, ମାଛ ଧରିବା ପାଇଁ ଜାଲ କିଣି ପାରିବେ। ମତ୍ସ୍ୟଜୀବୀଙ୍କୁ ଡଙ୍ଗା ଜାଲ, ଲାଇଫ୍ ଜାକେଟ୍ ଯୋଗାଣ ମଧ୍ୟ କରାଯାଉଛି । ମତ୍ସ୍ୟ ଚାଷୀମାନେ ସୋସାଇଟି ମାଧ୍ୟମରେ ମାଛ ବିକ୍ରି କରିବା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଚାଷୀମାନେ ତାଲିମ ପରେ ନିଜ ନିଜ ପୁଷ୍କରଣୀରେ ମାଛ ଚାଷ କରି ହେକ୍ଟର ପିଛା ୬୦ ହଜାରରୁ ଅଧିକ ଟଙ୍କା ଆୟ କରି ପାରିବେ ବୋଲି ବିଭାଗୀୟ ଅଧିକାରୀ ମାନେ ବୁଝାଇ ଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ପୁରୁଷ ଓ ମହିଳା ମତ୍ସ୍ୟଚାଷୀ ଅଂଶଗ୍ରହଣ କରି ମାଛ ଚାଷ ସମ୍ପର୍କରେ ତାଲିମ ଗ୍ରହଣ କରିଛନ୍ତି।

# ଶବର ସମାଜ ପକ୍ଷରୁ ସ୍ୱତନ୍ତ୍ର ଶିବିର



ଗୁଣପୁର, (ଭାସ୍କର ନ୍ୟୁଜ୍): ଶବର ସମାଜ ପକ୍ଷରୁ ତିନି ଦିନ ଧରି ଛାତ୍ର ଛାତ୍ରୀ ସମ୍ମିଳନୀ ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ ଟିଟିମିରି ଗ୍ରାମରେ ଅନୁଷ୍ଠିତ ହଇଯାଇଛି । ଏଥିରେ ଟିଟିମିରି ମଣ୍ଡଳୀର ସମସ୍ତ କର୍ମକର୍ତ୍ତା , ସରକାରୀ , ବେସରକାରୀ କର୍ମଚାରି, ସାଧୁ ସନ୍ଥ ,ଜ୍ଞାନୀ , ବୁଦ୍ଧିଜୀବୀ ଏବଂ ଛାତ୍ର ସାଂସଦ ର ସମସ୍ତ ଛାତ୍ର ଛାତ୍ରୀଙ୍କ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସର୍ବେ ପ୍ରଥମେ କୃଷ୍ଣ ଚନ୍ଦ୍ର ଗମାଙ୍ଗ (ସର୍ବୋଚ୍ଚ ସମ୍ପାଦକ/ ଧର୍ମ ଉପଦେଷ୍ଟା)ଙ୍କୁ ସଙ୍କୀର୍ତ୍ତନ ମାଧ୍ୟମରେ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ସମ୍ମିଳନୀରେ ପ୍ରାୟ ୫୦୦ ଜଣ ଛାତ୍ରଛାତ୍ରୀ ଏବଂ ୧୦୦୦ରୁ ଉର୍ଦ୍ଧ୍ୱ ସତସଙ୍ଗ ପ୍ରେମୀ ଉପସ୍ଥିତ ଥିଲେ। ଅତିଥି ଭାବେ କୃଷ୍ଣ ଚନ୍ଦ୍ର ଗମାଙ୍ଗ (ଧର୍ମ ଉପଦେଷ୍ଟା ସହ ସର୍ବୋଚ୍ଚ ସମ୍ପାଦକ), ବୁଡ଼ ଶବର(ମଣ୍ଡଳୀ ସଭାପତି ଟିଟିମିରି), ବନମାଳୀ ଶବର(ମଣ୍ଡଳୀ ସମ୍ପାଦକ) ସୁଦର୍ଶନ ଗମାଙ୍ଗ (ଜିଲ୍ଲା ସଭାପତି), ବଳରାମ ବଡରଇତ(ଶିକ୍ଷକ ଗଜପତି ), ଲିଙ୍ଗରାଜ କାର୍ଜୀ ( ଏବିଇଓ ସର୍ବୋଚ୍ଚ କାର୍ଯ୍ୟକାରୀ ସଭାପତି) , ଜଞ୍ଜ ମାଝୀ (ଶିକ୍ଷକ), ସୁରେନ୍ଦ୍ର ଶବର(ବ୍ୟାଙ୍କ ପରିଚାଳକ), ହାଡ଼ିଆ ଶ୍ୱର(ଶିକ୍ଷକ ଗଜପତି), କାର୍ତ୍ତିକ ରଇତ (ଶିକ୍ଷକ ଗଜପତି) , ମୋନଜ୍ ଗମାଙ୍ଗ (ଇସ୍କନ ପ୍ରଚରକା ଗଜପତି) ବିନେଶ ଶବର (ଛାତ୍ର ସଭାପତି), ତୁଷାର ଶବର(ଛାତ୍ର ସମ୍ପାଦକ), ବିଜୟ ଶବର(ମେଡିକାଲ ପ୍ରତିନିଧି) ବିଦ୍ୟାଧର ଶବର(ବିଜେପି କର୍ମକର୍ତ୍ତା) ନୀଳକଣ୍ଠ ଶବର (ଶିକ୍ଷକ), ଦିବାକର ଶବର (ସ୍ଥାନୀୟ ସରପଞ୍ଚ), ନୀଳମଣି ଶବର (ସ୍ଥାନୀୟ ସମିତି ସଭ୍ୟ), ନୀଳକଣ୍ଠ ଶବର (ସରପଞ୍ଚ ଘନାତ୍ରୀ), ଶିକ୍ଷକ ଯାତ୍ରା ଶବର , ଯୋଗେନ୍ଦ୍ର ଶବର , ମିଟୁ ଶବର ,ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଭାସିନୀ ଶବର, ମୁକୁତା ଶବର , ଗୋପୀନାଥ ଶବର(ସ୍ୱାସ୍ଥ୍ୟ କର୍ମୀ).ଶିକ୍ଷକ ଅନିରୁଧ ଶବର, ମୁରଲୀଧର ଶବର, ଶଙ୍କର ଶବର ଉପସ୍ଥିତ ଥିଲେ। ସର୍ବେ ପ୍ରଥମେ ଏଥିରେ ଉପର ଲିଖିତ ସମସ୍ତ ସାଧୁ ସନ୍ଥଙ୍କ ଦ୍ୱାରା ସତସଙ୍ଗ ମାଧ୍ୟମରେ ଗୀତା ଶିକ୍ଷା, ବୌଦ୍ଧିକ ଶିକ୍ଷା, ନୈତିକ ଶିକ୍ଷା, ସାମାଜିକ ଶିକ୍ଷା,ବିଦ୍ୟାଳୟରେ ଥିବା ପାଠ୍ୟ ଖସଡ଼ା ର ଶିକ୍ଷା ଦେବା ସହ ପିଲା ଙ୍କ ଅନ୍ତର୍ନିହିତ ଗୁଣାବଳିକୁ ପ୍ରକାଶିତ କରିବା ନିମନ୍ତେ ବିଭିନ୍ନ ପ୍ରତିଯୋଗିତାମାନ ଅୟୋଜନ କରାଯାଇଥିଲା। ସଙ୍ଗୀତ, ନୃତ୍ୟ. ସାଧାରଣ ଜ୍ଞାନ ଏବଂ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହା ପରେ ଛାତ୍ର ସଭାପତି ବିନେଶ୍ ଶବର ସମସ୍ତଙ୍କୁ ଧନ୍ୟବାଦ ଦେଇ ଶାନ୍ତି ପାଠ କରାଯାଇଥିଲା। ସମସ୍ତେ ଖୁସିରେ ଶବର ସଙ୍ଗୀତ ଗାନ କରିବା ସହ ନୃତ୍ୟ କରି କାର୍ଯ୍ୟକ୍ରମକୁ ଶେଷ କରା ଯାଇଥିଲା।

## ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ରେଙ୍ଗାଲି ଗାଁରେ ଜଣେ ଦାଦନ ଶ୍ରମିକର ମୃତଦେହ ଗାଁରେ ପହଞ୍ଚିଛି। ମୃତ ଦାଦନ ଶ୍ରମିକ ହେଲେ ରେଙ୍ଗାଲି ଗାଁ ର କାନ୍ତ ବରିହା ଙ୍କ ପୁଅ କ୍ଷେତ୍ର ବରିହା (୨୦) ବୋଲି ଜଣାଯାଇଛି। ମୃତଦେହ ଗାଁରେ ପହଞ୍ଚିଲା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନା ଅନୁସାରେ ଶ୍ରମିକ ଜଣକ ଗତ ୬ ମାସ ତଳେ ଗାଁର ଅନ୍ୟ ଶ୍ରମିକମାନଙ୍କ ସହିତ ଦଲାଲ ମାଧ୍ୟମରେ ତେଲେଙ୍ଗାନା ରାଜ୍ୟର ମେହେବୁବ ନଗର ନିକଟ ଏକ ଇଟା ଭାଟିରେ ଇଟା କାମ ପାଇଁ ଯାଇଥିବାବେଳେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଭାଟି ମାଲିକ ର ସହାୟତା ରେ ଏକ ଆମ୍ବୁଲାନ୍ସ ଯୋଗେ ପଠାଇ ଦେଇଥିବା ବେଳେ ରବିବାର ମୃତ ଦେହ ଗାଁ ରେ ପହଞ୍ଚିଥିଲା। ଭୋକର ଭୂଗୋଳରେ ପେଟ ପାଇଁ ଦାନା ଯୋଗାଡ କରିବାକୁ ଯାଇ କେତେ ଯେ ଶ୍ରମିକଙ୍କ ଜୀବନ ଯାଉଛି ତାର ହିସାବ କାହା ପାଖରେ ନାହିଁ। ଆଉ ଏହି ଘଟଣା ମାତ୍ର ଏକ ଉଦାହରଣ ମାତ୍ର। ସରକାର ଏଭଳି ଘଟଣା ପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

## ଜମାକାରୀଙ୍କ ଟଙ୍କା ହଡ଼ପ ମାମଲା

# ବ୍ୟାଙ୍କ ଶାଖା ପରିଚାଳକ ଗିରଫ

କୁଚିଣ୍ଡା, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା, କୁଚିଣ୍ଡା ସବଡିଭିଜନ ଅନ୍ତର୍ଗତ କବରିବାହାଲ ମୋବ୍ୟାଙ୍କ ଶାଖା ପରିଚାଳକ ସତ୍ୟନାରାୟଣ ପୃଷ୍ଟେ (୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମହୁଲପାଲି ପୋଲିସ। ସେ ନିଜ ଘରେ ୧୮ ଏପ୍ରିଲରୁ ଲୁଚିଥିଲେ। ମହୁଲପାଲି ପୋଲିସ ସୂଚନା ପାଇ ଗିରଫ୍ କରିବାରେ ସକ୍ଷମ ହୋଇଥିଲା।



ରବିବାର ଦିନକୁଚିଣ୍ଡା ଏସ.ଡି.ଏମ୍ କୋର୍ଟ ଚାଲାଣ କରିଥିଲାମହୁଲପାଲି ପୋଲିସ।ଜାମିନ୍ ନାଁ ମଞ୍ଜୁର ହେବାରୁ ବିଚାରବିଭାରିୟ ରାଜିତ (ଜେଲ୍, କୁପଠାଇଥିବା ଏହି ସୁତ୍ରରୁ ସୂଚନା ମିଳିଛି। ଏହି ଘଟଣା ସର୍ବପ୍ରଥମେ ‘ଓଡ଼ିଶା ଭାସ୍କର’ରେ ପ୍ରକାଶ ସହଅନ୍ୟ ଖବରକାଗଜ ଓ ଇଲେକ୍ଟ୍ରନିକଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। କବରିବାହାଲ ଗ୍ରାମର ଜମାକାରୀ ଶାନ୍ତିଲତ୍ତା ମେହେରଙ୍କ ରିପୋର୍ଟ ଆଧାରରେ ମହୁଲପାଲି ଥାନାରେ ପୋଲିସ ମାମଲା ରୁଜୁ କରିଥିଲା। ମହୁଲପାଲି ଥାନା ଶ୍ରୀ ପୃଷ୍ଟେଙ୍କ ନାମରେ ଦଫା ୩୧୮(୪)୩୩୬ (୩) ୪୪୦(୨)୬୧/(୨) ବିଏନ୍‌ଏସ୍ ନଂ-୫୧/୧୮,୦୪, ୨୫ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଥିଲା। ସର୍ବପ୍ରଥମେଁ ଜମାକାରୀ ଅର୍ଥ ଆସ ସାତ ନେଇ ଥାନାକୁ ଆସି ଅଭିଯୋଗ ପରେ, ଥାନା ଅଧିକାରୀ ଶ୍ରୀ ପୃଷ୍ଟେକୁ ଥାନାକୁ ଡ଼କାଇ ଏକ ରାଜିନାମା ସ୍ୱାକ୍ଷର କରାଇଥିଲେ।ଜମୀ ବିକ୍ରିକରି ଜମାକାରୀଙ୍କ ଟଙ୍କା ଫେରାଇବେ ବୋଲି କହିଥିଲେ। କିନ୍ତୁ ତା’ପରେ ମନୁରିଆ ଓ ସମସ୍ତ ଜମାକାରୀ ମିଳିତ ଭାବରେ ତାର ଘରେ ଘେରାଉ ମଧ୍ୟ କରିଥିଲେ। କିନ୍ତୁ ସେହିଦିନଠାରୁ ସେ ଫେରାର ଥିବା ପରିବାର ଲୋକ ଚଳାଇ ଆସୁଥିଲେ। ପୋଲିସ ତାର ସନ୍ଧାନ ପାଉନଥିଲା। ଇତିମଧ୍ୟରେ ଜମାକାରୀ ସମ୍ବଲପୁର ଏସ୍ ପି ଓ ଜିଲ୍ଲାପାଳଙ୍କଠାରେ ମଧ୍ୟ ସାକ୍ଷାତ ହୋଇଥିଲେ। ଖନିବାର ରାତ୍ରୀରେ ପଙ୍କ ଘରେ ଥିବା ସୁଚନା ପାଇ ପୋଲସ ହଡ଼ପକାରୀକୁ କାବୁ ଓ ଗିରଫ କରି ,ଆଣିଥିଲା। ଏବେ ଜମାକାରୀଙ୍କ ପ୍ରଶ୍ନ ଜମା ଟଙ୍କା ଫେରି ପାଇବେ ତ ?

# ବେସରକାରୀ ଜମିରେ ମିନିଷ୍ଟାଡିୟମ ନିର୍ମାଣ

## ପାଣିରେ ପଡିଲା ଲକ୍ଷାଧିକ ଟଙ୍କା



କାଳିମେଳା,(ଓଡିଶା ଭାସ୍କର): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ସଦର ମହକୁମାରେ ନାହିଁ ଖେଳ ପଡ଼ିଆ । ବ୍ଲକ୍‌ସ୍ତରୀୟ କ୍ରୀଡ଼ାଠାରୁ ଆରମ୍ଭକରି ମାଲ୍ୟବନ୍ତ ମହୋତ୍ସବ ଓ ବିଭିନ୍ନ କାର୍ଯ୍ୟକ୍ରମ ଲାଗି ଯିବାକୁ ପଡୁଛି କିଲୋମିଟର କିଲୋମିଟର ଦୂର । ବ୍ଲକ ସଦର ମହକୁମାରେ ଖେଳପଡିଆଟିଏ ନଥିବାରୁ ଏଭଳି ଦୁର୍ଦ୍ଦଶା ସହ ଅଭ୍ୟାସରୁ ବିରତ ହୋଇ ବାଡିରେ ଲାଗିଛି ଶହ ଶହ ଖେଳାଳିଙ୍କ ଭାଗ୍ୟ । ବ୍ଲକ ସଦର ମହକୁମାରେ ଖେଳ ପଡିଆଟିଏ ନଥିବାରୁ ଅଞ୍ଚଳବାସୀ ନାନା ପ୍ରକାରର ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, କାଳିମେଳା ତହସିଲ କାର୍ଯ୍ୟାଳୟ ପାଚେରିକୁ ଲାଗି ରହିଥିବା କାଳିମେଳା ମୌଜାର ଜମି ଗୁଗଲ ମ୍ୟାପରେ ଷ୍ଟାଡିୟମ ବୋଲି ସ୍ପଷ୍ଟ ଚିହ୍ନିତ ହେଉଥିବା ବେଳେ ଏଠାରେ ସରକାରୀ କିମ୍ବା ବେସରକାରୀ କୌଣସି କାର୍ଯ୍ୟକ୍ରମ, ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକ୍ରମ, ସ୍ଥାନୀୟ କିମ୍ବା ଅନ୍ତଃରାଜ୍ୟ କ୍ରୀଡା ଉତ୍ସବ, ରାଜନେତା ଉକ୍ତ ଜମିକୁ ଡିମାର୍କେସନ କରି ଦୁଇ କ୍ରେତାଙ୍କୁ ଜମିର ଏରିଆ ଚିହ୍ନଟ କରିଥିଲେ ଓ ସେହିଦିନ ହିଁ ଉଭୟ କ୍ରେତା ଓ ନିଜ ନିଜ ଜମିରେ ଚାଷ କରିବା ଆରମ୍ଭ କରିଥିଲେ। ଫଳରେ ମିନି ଷ୍ଟାଡିୟମର ଚଟାଣ ସମ୍ପୂର୍ଣ୍ଣ ଭାବେ ନଷ୍ଟ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ହେଲିକପ୍ଟର ଅବତରଣ ଭୋଳି ଅନେକ କାର୍ଯ୍ୟକ୍ରମ ପାଇଁ ୩୦ ବର୍ଷ ହେଲା ବ୍ୟବହାର ହୋଇଆସୁଥିଲା । ଏହାର ଉନ୍ନତିକରଣ ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷାଧିକ ବ୍ୟୟରେ ଏଠାରେ ଦର୍ଶକ ଗ୍ୟାଲେରୀ, ଖେଳାଳି ଆଶ୍ରୟ ଘର, ଗେଟ୍, ସଭାମଞ୍ଚ, ପ୍ଲାଗ ପୋଷ୍ଟ ଇତ୍ୟାଦି ନିର୍ମାଣ କରାଯାଇଥିଲା। ଏସବୁ ନିର୍ମାଣ ପରେ ଉକ୍ତ ଜମି ଏମପିଭି-୭୫ ଗ୍ରାମର ଦୁଇ ବ୍ୟକ୍ତିଙ୍କ ନାମରେ ରହିଥିବା ଜଣାପଡିଥିଲା । ସେମାନେ ଏହି ଜମିକୁ ଅନ୍ୟ କିଛି ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ଜଣାପଡିଥିଲା । ପରବର୍ତ୍ତୀ ସମୟରେ ତହସିଲ କର୍ମଚାରୀ ଶହ ଖେଳାଳିଙ୍କ ଭାଗ୍ୟ ବାଳିରେ ଲାଗିଛି। ଏନେଇ ଜିଲ୍ଲା ପ୍ରଶାସନ ତଦନ୍ତ କରି କାଳିମେଳାରେ ଖେଳ ପଡିଆ ନିମନ୍ତେ ଜାଗା ଚିହ୍ନଟ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନଥିବାରୁ ଜମି ବିକ୍ରିରେ ବଳିପଡିଛି ଖେଳାଳିଙ୍କ ଭାଗ୍ୟ ହୋଇଥିଲା । ଖବର ପାଇ କାଳିମେଳାର ଭୈରବୀ ଯୁବକ ସଂଘର କାର୍ଯ୍ୟକର୍ତ୍ତା ଏବଂ ସର୍ବସାଧାରଣ ବହୁସଂଖ୍ୟାରେ ଘଟଣାସ୍ଥଳରେ ପହଞ୍ଚି ମିନି ଷ୍ଟାଡିୟମ ଦଖଲକୁ ବିରୋଧ କରିଥିଲେ । କିନ୍ତୁ ଏହା ପଟ୍ଟା ଜମି ହୋଇଥିବାରୁ ଜମି ମାଲିକ ଏହି ଷ୍ଟାଡିୟମରେ ଟ୍ରାକ୍ଟର ଲଗାଇ ଚାଷ କରିବା ସହ ହଳ ଲଗାଇ ଖୋଳିଦେଇଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଏହା ପଟ୍ଟା ଜମି ହୋଇଥିବା ବେଳେ ଏଠାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲା କିପରି ଏବଂ ଏଥିପାଇଁ ଦାୟୀ କିଏ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ କାଳିମେଳାରେ ଖେଳପଡିଆ ନ ଥିବାରୁ ଶହ କ୍ରୀଡ଼ା କ୍ଷେତ୍ରରେ ପିଲାଙ୍କ ଜୀବନ ଅନ୍ଧାର ଦେଇ ଗତିକରୁଛି। ଯୁବକ ଯୁବତୀମାନଙ୍କୁ କ୍ରୀଡା କ୍ଷେତ୍ରରେ ଆଗକୁ ଆଣିବା ଏବଂ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟରେ ସରକାର ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରୁଥିବା ବେଳେ ପିଲାଙ୍କ କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ପାଇଁ ଖେଳ ପଡିଆ ନ ଥିବା ଦୁର୍ଭାଗ୍ୟ ଜନକ ବୋଲି ଅଞ୍ଚଳବାସୀ କହିଛନ୍ତି। ଏପରିସ୍ଥିତିରେ କାଳିମେଳା ବ୍ଲକ ସଦର ମହକୁମାରେ ତୁରନ୍ତ ଏକ ସ୍ଥାୟୀ ଖେଳ ପଡିଆ ନିମନ୍ତେ ସରକାରଙ୍କ ପକ୍ଷରୁ ଆବର୍ଶକ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ପୁରୀ (ଭାସ୍କର ନ୍ୟୁଜ) : ଶାଢ଼ୀ ବନ୍ଧାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ଆରମ୍ଭ କରିଛନ୍ତି ଆଦିତ୍ୟ ନାରାୟଣ ମହାନ୍ତି ।ଶ୍ରୀମନ୍ଦିରରେ ଆଜି ସକାଳ ଧୂପ ନୀତି ସରିବା ପରେ ଜୟ ବିଜୟ ଦ୍ୱାର ନିକଟରେ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ତାଙ୍କୁ ଶାଢ଼ୀ ବାନ୍ଧିଥିଲେ ।ଆଦିତ୍ୟ ହେଉଛନ୍ତି ସମାଜସେବୀ ଜମେଶ୍ୱର ମହାନ୍ତି(ହାତୀ) ଙ୍କ ପୁତ୍ର ।ସେ ଅଖଣ୍ଡ ସେବାୟତ ଭାବେ ଶ୍ରୀମନ୍ଦିର ରେ ଶାଢ଼ୀ ବନ୍ଧାଇ ମହାପ୍ରଭୁଙ୍କ ସେବା ପୂଜା ଆରମ୍ଭ କରିଛନ୍ତି ।ଅଖଣ୍ଡ ସେବା ହେଉଛି ବର୍ଷ ଯାକର ସେବା ।ପ୍ରତିଦିନ ଶ୍ରୀମନ୍ଦିର ଦ୍ୱାର ଫିଟିବା ସମୟରେ ୫ ଜଣ ସେବାୟତଙ୍କ ଉପସ୍ଥିତି ଆବଶ୍ୟକତା ହୋଇଥାଏ ।ଭିତରଛ,ଅଖଣ୍ଡ ମେକାପ ,ଖୁଣ୍ଟିଆ , ପ୍ରତିହାରୀ ଓ ମୁଦୁଲି ସେବାୟତଙ୍କ ଉପସ୍ଥିତିରେ ଦ୍ୱାର ଫିଟିଥାଏ ।ଭାଗ୍ୟରେ ଥିଲେ ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ମିଳିଥାଏ ।ଆଜି ଶାଢ଼ୀ ବନ୍ଧାଇ ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେ କରୁଛି ବୋଲି କହିଛନ୍ତି ଆଦିତ୍ୟ ମହାନ୍ତି ।

## ସମୁଦ୍ରରେ ଜଳକ୍ରୀଡା କରୁଥିବାବେଳେ ଓଲଟି ପଡିଥିଲା ସ୍ପିଡ୍ ବୋଟ୍




ପୁରୀ (ଭାସ୍କର ନ୍ୟୁଜ) : ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତିଲେ ଭାରତ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଭାଇ ସ୍ନେହାଶିଷ ଗାଙ୍ଗୁଲି ଓ ତାଙ୍କ ପତ୍ନୀ ଅର୍ପିତା ଗାଙ୍ଗୁଲି । ରବିବାର ସନ୍ଧ୍ୟା ସମୟରେ ପୁରୀ ସମୁଦ୍ରରେ ଜଳକ୍ରୀଡା କରୁଥିବା ବେଳେ ଓଲଟି ପଡିଥିଲା ସ୍ପିଡ ବୋଟ । ପୁରୀ ବେଳାଭୂମିର ଲାଇଟ ହାଉସ ନିକଟ ହୋଟେଲ ସୋନାର ବାଙ୍ଗଲା ସମ୍ମୁଖ ବେଳାଭୂମିରେ ଏହି ଅଭାବନୀୟ ଘଟଣା ଘଟିଥିବା ବେଳେ ବେଳାଭୂମିରେ ଉପସ୍ଥିତ ଲାଇଫ ଗାର୍ଡଙ୍କ ତ୍ୱରିତ କାର୍ଯ୍ୟ ଯୋଗୁ ଚାରିଜଣ ପର୍ଯ୍ୟଟକଙ୍କ ଜୀବନ ବଞ୍ଚି ଯାଇଛି । ସେପଟେ ପୁରୀ ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ବିପଦଜ୍ଜନକ ଜଳକ୍ରୀଡା କରାଯାଉଥିବା ଅଭିଯୋଗ ହୋଇଛି ।ପୁରୀ ସମୁଦ୍ରରେ ବଡ଼ ଅଘଟଣ । ସ୍ପିଡ ବୋଟରେ ପର୍ଯ୍ୟଟକ ମାନେ ଜଳକ୍ରୀଡା କରୁଥିବା ବେଳେ ଗଭୀର ସମୁଦ୍ରରେ ଓଲଟି ପଡିଲା ସ୍ପିଡ ବୋଟ । ୱାଟର ସ୍ପୋର୍ଟସ ଗେମ୍ ସମୟରେ ଏକ ବଡ଼ ଲହଡ଼ି ଆସିବାରୁ ପର୍ଯ୍ୟଟକଙ୍କ ସହ ସ୍ପିଡ ବୋଟଟି ଓଲଟି ପଡିଥିଲା । ତେବେ ବେଳାଭୂମିରେ ଉପସ୍ଥିତ ଲାଇଫ ଗାର୍ଡଙ୍କ ତ୍ୱରିତ କାର୍ଯ୍ୟ ଯୋଗୁ ଚାରିଜଣ ନିରୀହ ପର୍ଯ୍ୟଟକଙ୍କ ଜୀବନ ବଞ୍ଚି ଯାଇଛି । ଏହି ବୋଟରେ ଭାରତ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଭାଇ ସ୍ନେହାଶିଷ ଗାଙ୍ଗୁଲି ଓ ତାଙ୍କ ପତ୍ନୀ ତଥା ସୌରଭ ଗାଙ୍ଗୁଲିଙ୍କ ଭାଉଜ ଅର୍ପିତା ଗାଙ୍ଗୁଲି ଥିଲେ ।ଡ ବୋଟ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଅର୍ପିତା ଗାଙ୍ଗୁଲି କହିଛନ୍ତି, 'ସମୁଦ୍ର ଜୁଆର ବହୁତ୍ ଅଧିକ ଥିଲା । ବିପଦ ଥିବା ସତ୍ତ୍ୱେ ହେଲେ କିଛି ଟଙ୍କା ଲୋଭରେ ଉକ୍ତ ସଂସ୍ଥା ଆମକୁ ସ୍ପିଡ ବୋଟରେ ବସାଇ ସମୁଦ୍ର ଭିତରକୁ ନେଇଥିଲେ । ତେବେ ଉଚ୍ଚ ଜୁଆର ଯୋଗୁଁ ସ୍ପିଡ ବୋଟଟି ଓଲଟି ପଡ଼ିଥିଲା । ଆମେ ପାଣି ଭିତରେ ପଡ଼ି ଯାଇଥିଲୁ । ଆମ ଉପରେ ବୋଟଟି ରହିଯାଇଥିଲା । ତେବେ ଆମେ ତାଙ୍କର ଲାଇସେନ୍ସ ଅଛି କି ନାହିଁ ପଚାରିଲୁ । ହେଲେ ସ୍ପିଡ ବୋଟ କମ୍ପାନୀ କିଛି ସ୍ପଷ୍ଟ କହିପାରିନଥିଲେ ।ଅର୍ପିତା ଗାଙ୍ଗୁଲି ଆହୁରି କହିଛନ୍ତି, 'ଆମେ ଓଡ଼ିଶା ସରକାରଙ୍କୁ ଅନୁରୋଧ କରୁଛୁ ଏଭଳି ବେଆଇନ କାର୍ଯ୍ୟ ପୁରୀ ବେଳାଭୂମିରେ ବନ୍ଦ କରନ୍ତୁ । ଏହା ନ ହେଲେ ପର୍ଯ୍ୟଟକଙ୍କ ଜୀବନ ଚାଲିଯିବ । ସୌଭାଗ୍ୟର କଥା ବେଳାଭୂମିରେ ଲାଇଫଗାର୍ଡ ଥିବା ଯୋଗୁ ଆମକୁ ସେମାନେ ସମୁଦ୍ର ଭିତରୁ ଉଦ୍ଧାର କଲେ । ଏହି ଦୁର୍ଘଟଣା ମୁଁ କେବେବି ଭୁଲି ପାରିବିନି । ତେବେ ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଓଡ଼ିଶା ସରକାର ଗୁରୁତ୍ୱ ଦିଅନ୍ତୁ । ଆମେ ନିଶ୍ଚିତ ଭାବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ପୁରୀ ଏସପିଙ୍କୁ ଚିଠି ଲେଖି ଏହି ଦୁର୍ଘଟଣା ବିଷୟରେ ଅବଗତ କରାଇବୁ । ଏଭଳି ବେଆଇନ ସ୍ପିଡ ବୋଟ ବ୍ୟବସାୟ ବନ୍ଦ ହେବା ଦରକାର ।ପୁରୀରେ ସାମୁଦ୍ରିକ ଜଳକ୍ରୀଡା ତଥା ୱାଟର ସ୍ପୋର୍ଟସ ବ୍ୟବସାୟ ପାଇଁ ଅନେକ ସଂସ୍ଥା ଆଗ୍ରହୀ ଅଛନ୍ତି । ତେବେ ଅନେକ କମ୍ପାନୀ ପୁରୀ ଜିଲ୍ଲା ପ୍ରଶାସନକୁ ବେଳାଭୂମିରେ ୱାଟର ସ୍ପୋର୍ଟସ ଗେମ୍ କରିବା ପାଇଁ ଆବେଦନ କରିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏନେଇ କୌଣସି କମ୍ପାନୀକୁ କିଛି ଅନୁମତି ଦେଇନାହିଁ । ପର୍ଯ୍ୟଟକଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ଏନେଇ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇନାହିଁ ।ତେବେ ଏକ ସଂସ୍ଥା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକୁ ବେଖାତିର କରି ପୁରୀ ବେଳାଭୂମିରେ ବିପଦପୂର୍ଣ୍ଣ ଭାବରେ ପର୍ଯ୍ୟଟକଙ୍କୁ ନେଇ ୱାଟର ସ୍ପୋର୍ଟସ ଗେମ୍ ଚଳାଉଥିବା ଅଭିଯୋଗ ହୋଇଛି । ଏନେଇ ପ୍ରଶାସନର ଅନୁମତି ଅଛି କି ନାହିଁ ସେନେଇ ଆମେ ପୁରୀ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରିଥିଲୁ ମଧ୍ୟ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇନାହିଁ । ସେପଟେ ଏହା ଉପରେ ରୋକ ଲାଗିବାକୁ ଦାବି ହୋଇଛି ।

## ଭୁବନେଶ୍ୱର ସାଇବର କମ୍ପ୍ଲେକ୍ସରେ କର୍ମଶାଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସାଇବର କମ୍ପ୍ଲେକ୍ସରେ ସାଇବର କ୍ରାଇମ ଇନଭେଷ୍ଟିଗେସନ ଏବଂ ସାଇବର ଇଣ୍ଟେଲିଜେନ୍ସକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ଏହି କର୍ମଶାଳାରେ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଏବଂ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଯୋଗ ଦେଇଛନ୍ତି । ଏହା ସହ ରାଜ୍ୟର ସମସ୍ତ ଜିଲ୍ଲାର ବିଭିନ୍ନ ଥାନାର ତଦନ୍ତକାରି ଅଧିକାରୀ ମାନେ ଯୋଗ ଦେଇଛନ୍ତି । ଏହି ଅବସରରେ ଡିଜିପି ୱାଇବି ଖୁରାନିଆ କହିଛନ୍ତି ଯେ, ରାଜ୍ୟରେ ସାଇବର ଅପରାଧ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ । ଏହାର ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରିଛି ଓଡିଶା ପୋଲିସ । ଓଡ଼ିଶାରେ ଖୋଲିବ ସାଇବର କ୍ରାଇମ କମାଣ୍ଡ ସେଣ୍ଟର । ପୂର୍ବରୁ ରାଜ୍ୟରେ ୧୪ଟି ସାଇବର ଥାନା ଥିବା ବେଳେ ଆହୁରି ୨୦ଟି ସାଇବର ଥାନା ଅଧିକ ଖୋଲାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି । ଏହି ଥାନା ଗୁଡିକ ପାଇଁ ୬ଜଣ ଲେଖାଏଁ ସାଇବର ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବ । ଯେଉଁଥିରେ ଦୁଇଜଣ ଆଇଟି ବିଶେଷଜ୍ଞ, ଦୁଇଜଣ ଆକାଉଣ୍ଟ ବିଶେଷଜ୍ଞ, ଏବଂ ଦୁଇଜଣ ସାଇବର ଆଇନ ପରାମର୍ଶଦାତାଙ୍କୁ ନିଯୁକ୍ତି ମିଳିବ । ଏଥିପାଇଁ ୧୪ଟି ସାଇବର ଥାନାରୁ ଆଜି ଅଧିକାରୀଙ୍କୁ ନେଇ ଆଜି ୪ଦିନିଆ କର୍ମଶାଳା ଅନୁଷ୍ଠିତ ହେଉଛି ।

## ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଅଟ୍ଟାଳିକା ଗୁଡିକର ଏକ ଉଚ୍ଚତା ନିରୂପଣ କରାଯିବ

ପୁରୀ (ଭାସ୍କର ନ୍ୟୁଜ) : ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି । ଚଳିତବର୍ଷ ସ୍ନାନ ଯାତ୍ରା,ରଥଯାତ୍ରା,ବାହୁଡ଼ାଯାତ୍ରା ସହିତ ସମସ୍ତ ବ୍ୟବସ୍ଥାବଳୀକୁ ଅନୁମୋଦନ । ଠାକୁରଙ୍କ ପହଣ୍ଡି କିଭଳି ଶୃଙ୍ଖଳିତ ହେବ ତାକୁ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ । ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଅଟାଳିକା ଗୁଡିକର ଏକ ଉଚ୍ଚତା ନିରୂପଣ କରାଯିବ । ନାଟମଣ୍ଡପରେ ଶୃଙ୍ଖଳିତ ଦର୍ଶନ ତଥା ଧାଡ଼ି ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିର ର ଭୂସମ୍ପତ୍ତି ସୁରକ୍ଷାକୁ ଗୁରୁତ୍ୱ। ଗତବର୍ଷ ବଡ଼ ଠାକୁର ପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ସମୟରେ ଘଟିଥିବା



ଅଘଟଣର ତଦନ୍ତ ନେଇ ତିନି ଜଣିଆ କମିଟି ଗଠନ ହୋଇଥିଲା ।ଏନେଇ ବୈଠକରେ କମିଟି ଆଜି ରିପୋର୍ଟ ପ୍ରଦାନ କରିଛି । ଚଳିତବର୍ଷ ଠାକୁରଙ୍କ ପହଣ୍ଡି ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯିବ।

## ଲହୁ ଲୁହାଣ ଅବସ୍ଥାରେ ଅସହାୟ ମହିଳା ଉଦ୍ଧାର

କଟକ(ଭାସ୍କର ନ୍ୟୁଜ୍): ଜଗତପୁର ଥାନା ନିକଟସ୍ଥ ଜାତୀୟରାଜପଥର ଗୋଲେଇ ଛକରେ ଜଣେ ଅସହାୟ ମହିଳା ରବିବାର ରାତ୍ରରେ ଲହୁ ଲୁହାଣ ଅବସ୍ଥାରେ ବୁଲୁଥିବା ସମୟରେ ତରୋଳ ଗ୍ରାମର ସ୍ୱେଚ୍ଛାସେବୀ କୁଳମଣି ବେହେରା ଉକ୍ତ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା କରାଇ ସାରି କରିଆ ସ୍ଥିତ ତାଙ୍କ ଘରକୁ ବସ ଯୋଗେ ପଠାଇଛନ୍ତି। ଆହତ ମହିଳା ଜଣଙ୍କ ହେଲେ ମୟୂରଭ ଚାଇକା ଇସି ଗ୍ରାମର ଝୁନୁ ବାନରା। ପ୍ରକାଶ ଯେ, ମୟୂରଭଞ୍ଜରୁ ବିଜୟ ଓ ଝୁନୁ (ସ୍ୱାମୀ, ସ୍ତ୍ରୀ ଦୁହେଁ) ଗତ ୧ ୨ ଦିନ ହେବ ଜଗତପୁର ଥାନା ଅନ୍ତର୍ଗତ ଅଦେଇ ବାଟିଆ ନିକଟରେ ଏକ ଫାଙ୍କା ସ୍ଥାନରେ ଜନୈକ ଠିକାଦାରଙ୍କ ନିକଟରେ ଶ୍ରମିକ ଭାବେ ଗୃହ ନିର୍ମାଣ କାର୍ଯ୍ୟ କରୁଥିଲେ । କାର୍ଯ୍ୟ ସ୍ଥଳକୁ ଗୃହ ନିର୍ମାଣ କରୁଥିବା ମାଲିକ ସବୁ ସମୟରେ ଆସନ୍ତି ନାହିଁ । ନିଛାଟିଆ ସ୍ଥାନରେ ସ୍ୱାମୀ ଓ ସ୍ତ୍ରୀ କାର୍ଯ୍ୟ କରୁଥିଲେ । ହଠାତ ଝୁନୁଙ୍କ ସ୍ୱାମୀ ବିଜୟ ରବିବାର ରାତ୍ର ସମୟରେ ମଦ୍ୟପାନ କରି ଏକ ଲୁହା ପାଇପରେ ସ୍ତ୍ରୀ ଝୁନୁଙ୍କ ମୁଣ୍ଡକୁ କୌଣସି କାରଣକୁ ପ୍ରହାର କରିଥିଲେ । ଏଥିରେ ଝୁନୁ ଅଚେତ ହୋଇ ପଡିଯାଇଥିଲେ । ସ୍ୱାମୀ ବିଜୟ ସ୍ତ୍ରୀର ଏଭଳି ଅବସ୍ଥା ଦେଖି ଉୟରେ କେଉଁ ଆଡେ ଚାଲି ଯାଇଥିଲେ। ମହିଳାଙ୍କ ଚେତା ଫେରିବାରୁ ସ୍ୱାମୀଙ୍କୁ ନ ପାଇ ଲହୁ ଲୁହାଣ ଅବସ୍ଥାରେ ସେହି ନିଛାଟିଆ ସ୍ଥାନରୁ ଚାଲି ଚାଲି ଜଗତପୁର ଗୋଲେଇ ଛକରେ ଆସି ଘୁରିବୁଲୁଥିଲେ। ସେଚ୍ଛାସେବୀ କୁଳମଣି ମହିଳାଙ୍କ ଏଭଳି ଅବସ୍ଥା ଦେଖି ତାଙ୍କୁ ଚିକିତ୍ସା କରାଇ ବସ ଯୋଗେ କରିଆ ପଠାଇ ମାନବିକତା ଦେଖାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରଥ ଉପରକୁ...

ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି ସେ ଚେତାଇ ଦେଇଥିଲେ। ସେ କହିଥିଲେ, ପରିକ୍ରମା ପ୍ରକଳ୍ପ ବାହାରେ ବହୁ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ ହେଉଛି। ସେମାନେ ନିଜସ୍ୱ ଢଙ୍ଗରେ ଘର ନିର୍ମାଣ କରୁଛନ୍ତି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ଚାରିପାଖରେ ମଧ୍ୟ ବଡ଼ ବଡ଼ କୋଠାଘର ନିର୍ମାଣ ହେଉଛି। ଏହି ନିର୍ମାଣର ଏକ ନିର୍ଦ୍ଦିଷ୍ଟ ଢାଞ୍ଚା ସ୍ଥିର ହେବା ଜରୁରି । ଅଟ୍ଟାଳିକାଗୁଡ଼ିକର ଉଚ୍ଚତା ନିର୍ଦ୍ଧାରଣ ପାଇଁ ସରକାରଙ୍କୁ ଚିଠି ଲେଖାଯିବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ଶ୍ରୀକ୍ଷେତ୍ର ହେଉଛି ଏକମାତ୍ର ଧାମ। ଦୀଘା ମନ୍ଦିରରୁ ଧାମ ଉଠାଇବାକୁ ସେ ପଶ୍ଚିମବଙ୍ଗ ସରକାରଙ୍କୁ ମଧ୍ୟ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ ମହାପ୍ରଭୁଙ୍କ ରଥଯାତ୍ରା ଆସନ୍ତା ଜୁନ୍ ୨୭ରୁ ଆରମ୍ଭ ହେବ । ଏବେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ବୋଲି ସେ ସୂଚନା ଦେଇଥିଲେ।

### ଭାରତ ପାଇଁ...

ମଧ୍ୟରେ ପୂର୍ଣ୍ଣ ଅସ୍ତ୍ରବିରତି ପାଇଁ ସହମତି ହୋଇଥିଲା। ବିଶେଷଜ୍ଞମାନେ କହିଛନ୍ତି ଯେ ଚୀନ୍-ପାକିସ୍ତାନ ମେଣ୍ଟ ଭାରତ ପାଇଁ ବିପଦ ସୃଷ୍ଟି କରିଛି। ଗୋଟିଏପଟେ ଏଲଏସି ଉପରେ ଚୀନ୍‌ର ଚାପ ଏବଂ ଅନ୍ୟପକ୍ଷରେ ପାକିସ୍ତାନର ପରମାଣୁ ଓ ସୀମାପାର ନୀତି ଉତ୍ତେଜନା ବୃଦ୍ଧି କରୁଛି। ଭାରତ ନିଜର ଅର୍ଥନୈତିକ ଓ ପ୍ରତିରକ୍ଷା ସ୍ୱାର୍ଥକୁ ଦୃଷ୍ଟିରେ ରଖି ରୁଷ ସହ ସଂପର୍କ ବଜାୟ ରଖିବାକୁ ଚାହୁଁଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

### ଭୁଶୁଡ଼ିଲା...

ବୌଦ୍ଧ, କନ୍ଧମାଳ, ସମ୍ବଲପୁର ଓ ନୟାଗଡ଼ବାସୀ ଉପକୃତ ହେବେ। ବର୍ତ୍ତମାନ ଖୋର୍ଦ୍ଧାରୁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ପର୍ଯ୍ୟନ୍ତ ଏହି ରୁଟ୍‌ରେ ଟ୍ରେନ୍ ଚଳାଚଳ କରୁଛି। ସେହିପରି ସୋନପୁରରୁ ବଲାଙ୍ଗୀର ମଧ୍ୟରେ ଟ୍ରେନ୍ ଚଳାଚଳ ଚାଲୁ ରହିଛି। କିନ୍ତୁ ସୋନପୁରଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ପ୍ରକଳ୍ପ କାମ ଆଗାମୀ ଦୁଇବର୍ଷ ମଧ୍ୟରେ ଶେଷ ହେବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ଯେ ଏଥିରେ କାହାର ମୃତ୍ୟୁ ଘଟିନାହିଁ କି କାମ ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ। ଆଗାମୀ ଦିନରେ କାମ ଯେମିତି ଚାଲିଥିଲା, ସେମିତି ଚାଲିବ ବୋଲି କୁହାଯାଇଛି। ଏହି ଅଘଟଣ ପରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବେ । ଶ୍ରୀ ଦାସ କହିଛନ୍ତି, ଏହି ପ୍ରକଳ୍ପ ୫୦୦ କୋଟିର। ତେବେ ଏସଓପି ଠିକ୍‌ଭାବେ ପାଳନ ହୋଇନାହିଁ ଓ ନିମ୍ନମାନର କାମ ହେଉଥିବାରୁ ଏଭଳି ଅଘଟଣ ଘଟିଛି।

### ସଅଳ ଓଡ଼ିଶା...

ପକ୍ଷରୁ କୁହାଯାଇଛି ଯେ ଆଗାମୀ ୭ ଦିନ ଯାଏ ରାଜ୍ୟରେ ବର୍ଷାର ପ୍ରଭାବ ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି ହୋଇଛି। ରାୟଗଡ଼ା, କୋରାପୁଟ, ଗଜପତି, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଏହି ୧୬ ଜିଲ୍ଲାପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଅବଶିଷ୍ଟ ୧୪ ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଗତ ଦୁଇଦିନ ହେବ ସାରା ରାଜ୍ୟରେ ବର୍ଷାର ପ୍ରଭାବ ଜାରି ରହିଛି।


### ଜୁନ୍ ୧୯ରେ...

ହେଉଥିବା ଆସାମର ୨ ଆସନରେ ଦୁଇ ବିଜେପି ପ୍ରାର୍ଥୀ ସାଂସଦ ରହିଥିଲେ। ସେମାନେ ହେଲେ ବିରେନ୍ଦ୍ର ପ୍ରସାଦ ବୈଶ୍ୟ ଓ ରଞ୍ଜନ ଦାସ। ଏମାନଙ୍କ କାର୍ଯ୍ୟକାଳ ଜୁନ୍ ୧୪ରେ ଶେଷ ହେବ। ସେହିପରି ତାମିଲନାଡୁରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ୬ ସଦସ୍ୟ ଅମ୍ବୁମଣି ରାମଦାସ(ପିଏମ୍‌କେ), ଏନ.ଚନ୍ଦ୍ରଶେଖରନ୍ (ଏଆଇଡିଏମକେ), ଏନ. ସାନମୁଗମ (ଡିଏମ୍‌କେ), ପି.ୱିଲସନ (ଡିଏମ୍‌କେ) ଏବଂ ଭାଇକୋ (ଏମଡିଏମ୍‌କେ)ଙ୍କ କାର୍ଯ୍ୟକାଳ ଜୁଲାଇ ୨୬ରେ ସମାପ୍ତ ହେବ।

### ଦୀଘାରୁ ହଟୁ...

କହିଥିଲେ, ରାଜ୍ୟ ସରକାର ଏ ନେଇ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଇସ୍କନ ସଂସ୍ଥା ଏହି ମନ୍ଦିରର ଦାୟିତ୍ୱ ନେଇଥିଲେ ମଧ୍ୟ ସେମାନେ ଏହାକୁ ବାରଣ କରିନାହାନ୍ତି। ମହାପ୍ରଭୁଙ୍କ ପରମ୍ପରାକୁ ବିକୃତ ଓ ଉଲ୍ଲଂଘନ କରିବା ଗ୍ରହଣୀୟ ନୁହେଁ। ସେହିପରି ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ମଧ୍ୟ ମତ ରଖିଛନ୍ତି ଗଜପତି। ଭାରତ ଭିତରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଇସ୍କନ ରଥଯାତ୍ରା କରୁଛି। ୨୦୨୪ ଡିସେମ୍ବର ୨ରେ ଏ ନେଇ ଇସ୍କନ ମୁଖ୍ୟଙ୍କ ସହ ଆଲୋଚନା ହୋଇଛି। ଇସ୍କନ ପଣ୍ଡିତମାନେ ସେମାନଙ୍କ ତଥ୍ୟ ରଖିଛନ୍ତି। ଖୁବ୍‌ଶୀଘ୍ର ଇସ୍କନର ମତକୁ ଖଣ୍ଡନ କରି ଶ୍ରୀମନ୍ଦିର ପକ୍ଷରୁ ଇସ୍କନକୁ ତଥ୍ୟ ପ୍ରଦାନ କରାଯିବ। ସମସ୍ତ ତଥ୍ୟ ଇସ୍କନକୁ ଦିଆଯିବା ପରେ ସେମାନେ ଆମ ପରମ୍ପରାକୁ ପାଳନ କରିବେ ବୋଲି ଆଶା କରାଯାଉଛି। ଯଦି ଇସ୍କନ ମୁଖ୍ୟ ଏଥିରୁ ନିବୃତ୍ତ ନ ରହନ୍ତି, ତେବେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଗଜପତି ମହାରାଜା କହିଛନ୍ତି।

## ଭାରତରେ କ୍ୟାମ୍ପସ ସ୍ଥାପନ କରିବ ଲିଭରପୁଲ୍ ବିଶ୍ୱବିଦ୍ୟାଳୟ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ଭାରତରେ ନିଜର ଏକ କ୍ୟାମ୍ପସ ସ୍ଥାପନ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀ ଠାରେ ୟୁକେର ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରୁ ଅନ୍ୟତମ ଲିଭରପୁଲ ବିଶ୍ୱବିଦ୍ୟାଳୟକୁ ଲେଟର ଅଫ୍ ଇଣ୍ଟେଣ୍ଟ ପତ୍ର ହସ୍ତାନ୍ତର କରିଛନ୍ତି। ୟୁଜିସି (ଭାରତରେ ବିଦେଶୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନର କ୍ୟାମ୍ପସ ସ୍ଥାପନ ଏବଂ ପରିଚାଳନା) ନିୟମାବଳୀ, ୨୦୨୩ ଅନୁଯାୟୀ ଅଧୀନରେ ଦ୍ୱିତୀୟ ବିଦେଶୀ ବିଶ୍ୱବିଦ୍ୟାଳୟ ଭାବରେ ଏହାକୁ ଏଲଓଆଇ ଜାରି କରାଯାଯାଇଛି । ଏହାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସ୍ୱାଗତ କରିବା ସହ କହିଛନ୍ତି ଯେ ବିଶ୍ୱସ୍ତରୀୟ ଉଚ୍ଚ ଶିକ୍ଷାରେ ଭାରତ ବିଶ୍ୱସ୍ତ ଅଂଶୀଦାର ଭାବରେ ଉଭା ହୋଇଛି । ଆଜିର ଏଲଓଆଇ ତାହାର ଏକ ପ୍ରତିଫଳନ । ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଭାରତର ଶୈକ୍ଷିକ ସହଯୋଗକୁ ଆଗେଇ ନେବା ଦିଗରେ ଏହା ଆଉ ଏକ ମାଇଲଖୁଣ୍ଟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଥାକୁ ଦୋହରାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହି ମହତ୍ତ୍ୱାକାଂକ୍ଷାକୁ ସାକାର କରିବା ଦିଗରେ ଜାତୀୟ ଶିକ୍ଷା ନୀତି ଏକ ଚାବିକାଠି ଭାବରେ ଅବତୀର୍ଣ୍ଣ ହୋଇଛି । ମୂଳ, ଭବିଷ୍ୟତବାଦୀ ଏବଂ ବିଶ୍ୱସ୍ତରୀୟ ଶିକ୍ଷାକୁ ପ୍ରୋତ୍ସାହନ ଦେଉଥିବା ଜାତୀୟ ଶିକ୍ଷା ନୀତିର ପ୍ରମୁଖ ପରାମର୍ଶ ହେଉଛି ବୈଶ୍ୱିକ ନାଗରିକ ସୃଷ୍ଟି କରିବା । କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ଗବେଷଣା, ବିକାଶ ଏବଂ ନବସୃଜନ ଭଳି କ୍ଷେତ୍ର ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ। ଲିଭରପୁଲ ବିଶ୍ୱବିଦ୍ୟାଳୟ ନବସୃଜନ ସହ ଷ୍ଟେମ ସମ୍ବନ୍ଧୀୟ ଗବେଷଣା ଉପରେ ଧ୍ୟାନ ଦେବା ଉପରେ ପ୍ରାଥମିକତା ଦେଉଥିବାରୁ ଖୁସିପ୍ରକାଶ କରିଥିଲେ । ସେ କହିଥିଲେ ବିଶ୍ୱ ନାଗରିକରୁ ନୂଆପିଢି ତିଆରି କରିବା ଗୁରୁତ୍ୱପୂର୍ଣ୍ଣ । ଭାରତରେ 'ଇନୋଭେସନ ସେଣ୍ଟର' ବିଶ୍ୱବିଦ୍ୟାଳୟ ଏବଂ ସମାଜ ଉଭୟ ପାଇଁ ପାରସ୍ପରିକ ଭାବରେ ଲାଭଦାୟକ ହେବ । ଶ୍ରୀ ପ୍ରଧାନ ଆହୁରି କହିଥିଲେ ଯେ ଲିଭରପୁଲ ବିଶ୍ୱବିଦ୍ୟାଳୟ ହେଉଛି ଭାରତରେ ନିଜର ଉପସ୍ଥିତି ଘୋଷଣା କରିବାରେ ଚତୁର୍ଥ ବିଦେଶୀ ବିଶ୍ୱବିଦ୍ୟାଳୟ । ଚଳିତ ଶିକ୍ଷା ବର୍ଷ ସୁଦ୍ଧା ବିଶେଷକରି ଷ୍ଟେମ୍(ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ, ମେଡିସିନ୍ ଏବଂ ବିଜନେସ) ଶିକ୍ଷାରେ ୧୫ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଭାରତକୁ ଆସିବେ । ବେଙ୍ଗାଲୁରୁରେ ଲିଭରପୁଲ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଏକ ବିଶ୍ୱସ୍ତରୀୟ କ୍ୟାମ୍ପସ ହେବ, ଯାହା ଗବେଷଣା ଏବଂ ନବସୃଜନର ସୀମାକୁ ଆଗକୁ ବଢ଼ାଇବ ଏବଂ ବିଶ୍ୱ କଲ୍ୟାଣ ଏବଂ ସମୃଦ୍ଧିରେ ଯୋଗଦାନ ଦେବା ପାଇଁ ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହିତ କରିବ । ଏହା ଦ୍ୱାରା ଭାରତରେ ଗୁଣବତ୍ତାପୂର୍ଣ୍ଣ ଶିକ୍ଷାର ଲକ୍ଷ୍ୟକୁ ପ୍ରାପ୍ତ କରିବାରେ ସହାୟକ ହେବ । ସ୍ଥାୟୀତ୍ୱ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଏବଂ ସମୃଦ୍ଧି ଆଜି ବିଶ୍ୱର ସାଧାରଣ ଏଜେଣ୍ଡା ହୋଇଥିବା ବେଳେ ବିଶ୍ୱବିଦ୍ୟାଳୟଗୁଡ଼ିକ ଆକର୍ଷଣୀୟ ସ୍ଥାନରେ ପରିଣତ ହୋଇଛି । 'ବସୁଧୈବ କୁଟୁମ୍ବକମ୍' ନୀତି ସହିତ ଭାରତ ବିଶ୍ୱସ୍ତରୀୟ ଏଜେଣ୍ଡାକୁ ଆଗେଇ ନେବା ଏବଂ ବିଶ୍ୱ ଦାୟିତ୍ୱ ପୂରଣ କରିବା ପାଇଁ ଉପଯୁକ୍ତ ସ୍ଥାନ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଏହି ସମାରୋହ ଅବସରରେ ରୟାଲ୍ କଲେଜ୍ ଅଫ୍ ଅବେଷ୍ଟ୍ରିସିଆନ୍ସ ଆଣ୍ଡ ଗାଇନାକୋଲୋଜିଷ୍ଟସ୍ (ଆରସିଓଜି), ଆଷ୍ଟ୍ରାଜେନେକା ଫାର୍ମା ଇଣ୍ଡିଆ ଲିମିଟେଡ୍, ୟୁ ଉଇ କ୍ୟାନ୍ ଏବଂ ଡ୍ରିମ୍ ଇଲେଭେନ ସମେତ କମ୍ପାନୀ ଏବଂ ସଂଗଠନ ସହିତ ଭବିଷ୍ୟତର ସହଯୋଗୀ ସୁଯୋଗ ଅନୁସନ୍ଧାନ କରିବା ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

## ଶ୍ରୀମନ୍ଦିର ରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ରେ ରକ୍ତ ଛିଟା ମହାପ୍ରଭୁ ଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ। ମିଳିଥିବା ସୂଚନା ମୁତାବକ, ଆଜି ମହାପ୍ରଭୁଙ୍କ ଦର୍ଶଦ ଜାରି ଥିବା ବେଳେ ସନ୍ଧ୍ୟା ପ୍ରାୟ ୬ଟା ୧୫ରେ ଧୁକୁଡ଼ି ଦ୍ୱାର ଠାରେ ରକ୍ତଛିଟା ପଡ଼ିଥିବା ସେବାୟତ ଙ୍କ ଦୃଷ୍ଟିଗୋଚର ହୋଇଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ୧ ଘଣ୍ଟା ଧରି ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରଖାଯାଇଥିଲା। ତଥା ବିଧି ମୁତାବକ ମହାପ୍ରଭୁଙ୍କର ମହାସ୍ନାନ କରାଯାଇଥିଲା। ଫଳରେ ମହାପ୍ରଭୁଙ୍କ ଦେ ?ନନ୍ଦିନ ନୀତିରେ ସାମାନ୍ୟ ବିଳମ୍ବ ଦେଖା ଯାଇଥିଲା। ତଥା ସାଧାରଣ



ଦର୍ଶନ ମଧ ବନ୍ଦ ରଖାଯାଇଥିବାରୁ ଭକ୍ତମାନଙ୍କୁ ଧାଡ଼ିରେ ଅପେକ୍ଷା କରିବାକୁ ପଡିଥିଲା। କିନ୍ତୁ ପୁନଶ୍ଚ ବଡ ମହାସ୍ନାନ ନୀତି ବଢିବା ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।

## ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ମାସରେ ଓଡ଼ିଶାରେ ବିଜେପି ସରକାରଙ୍କ ଏକ ବର୍ଷ ପୂରଣ ହେବାକୁ ଯାଉଛି। ଏହି ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏନେଇ ସୂଚନା ଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଜୁନ୍ ୪ରୁ ୧୪ ତାରିଖ ଯାଏ ରାଜ୍ୟ ସରକାର ବର୍ଷ ପୂର୍ତ୍ତି ପାଳନ କରିବେ। ଠିକ୍ ସେହିପରି ରଥଯାତ୍ରା ରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସମସ୍ତ ଏନଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ମାନଙ୍କୁ ବି ନିମନ୍ତ୍ରଣ କରାଯାଇଛି। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୀତି ଆୟୋଗଙ୍କ ବୈଠକ ଅବସରରେ ସମସ୍ତଙ୍କୁ ରଥଯାତ୍ରାରେ ପୁରୀ ଆସିବାକୁ ବିନମ୍ର ଅନୁରୋଧ କରାଯାଇଛି। ଜୁନ୍ ୨୭ ତାରିଖ ଶୁକ୍ରବାର ଦିନ ଏଥର ତିନିଠାକୁର ରଥରେ ବିରାଜମାନ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ । ଏହି ଦିବ୍ୟଲୀଳା ଦେଖିବାକୁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**NOTICE**

By virtue of an affidavit sworn before the Notary Public, Bhubaneswar, dated: 05.05.2025, I, Choudhury Gour Prasanna Misra, resident of Plot No. N4/223, IRC village, Nayapalli, Bhubaneswar, Khordha, PIN-751015, declares that I have changed my name from Gour Prasanna Misra to Choudhury Gour Prasanna Misra. Henceforth, I shall be known as Choudhury Gour Prasanna Misra for all purposes.

**Sd/-**
**Choudhury Gour Prasanna Misra**

**AFFIDAVIT**

By virtue of an affidavit sworn before the Executive Magistrate, Darpan, Dhanmandal, dated: 19.05.2025, I, Ashok Dalei, Address: village- Manduka, Po- Balichandrapur, Ps- Balichandrapur, Dist- Jajpur, Odisha, PIN- 754205, declare that I have changed my son's name from Akash Dalei to Kanha Dalei. Henceforth, he shall be known as Kanha Dalei for all purposes.

**Sd/- Ashok Dalei**

## ଚଳଚଞ୍ଚଳ ରଥଖଳା, ଶେଷ ପର୍ଯ୍ୟାୟରେ ତିନିରଥର ତିନିଚକ ନିର୍ମାଣ

ପୁରୀ (ଭାସ୍କର ନ୍ୟୁଜ) : ରଥ ନିର୍ମାଣର ୨୬ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ସକାଳ ଘ ୮.୦୦ ଟିକା ପୂର୍ବରୁ ରଥ ଖଳା ଠାରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗତକାଲି ସୁଦ୍ଧା ତିନି ରଥର ୩୯ ଗୋଟି ଚକ ନିର୍ମାଣ ଶେଷ ହୋଇ ବାକି ତିନିରଥ ର ଶେଷ ଗୋଟିଏ ଗୋଟିଏ ଚକର ତୁମ୍ବ ରେ ସିଙ୍ଗଡ଼ା ଗାଡ଼ିଆ କାର୍ଯ୍ୟ ପରେ ଆଜି ତିନିରଥ ମହାରଣା ସେବକ ମାନେ ତୁମ୍ବ ସିଙ୍ଗଡ଼ା ରେ ପଇ ରଖି ମାପ ଚିହ୍ନ ଦେଇ ସିଙ୍ଗଡ଼ା କଟିଙ୍ଗ ସହ ଅର ମୁଖ ସାଲ କରି ପଇ ସଂଯୋଗ ପରେ ପଇ କଳସା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ଆସନ୍ତାକାଲି ତିନିରଥ ର ଶେଷ ଚକ ଗୁଡ଼ିକର ପଇ କଳସା ପରେ ପଇ ବିନ୍ଧ ରେ କିଳା ବାଡିଆ କାର୍ଯ୍ୟ ଶେଷ ହେବ। ଏଥିସହ ଆଜି ରଥ ଅମୀନ ତିନି ରଥ ଚାଳି କୁ ଭୋଇ ସେବକ ମାନଙ୍କ ସହାୟତାରେ ତିନିରଥ ଚାଳିକୁ ଦୁଇଟି ଲେଖାଏଁ ୪୦ ଫୁଟିଆ ବ୍ରେକ ଅଖ ଏବଂ



ତିନି ରଥର ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଯୋଗାଇଥିଲେ, କାର୍ଯ୍ୟ ଶେଷ ବେଳକୁ ନନ୍ଦିଘୋଷ ରଥର ଦୁଇଟି ବ୍ରେକ ଅଖ ର ଉଭୟ ପାର୍ଶ୍ୱ ଚଉପଟ ସହ ଗୋଲେଇ କାର୍ଯ୍ୟ ଶେଷ ହୋଇଥିବା ବେଳେ ତାଳଧ୍ୱଜ ରଥ ଏବଂ ଦର୍ପ ଦଳନ ରଥର ବ୍ରେକ ଅଖ ଉଭୟ ପାର୍ଶ୍ୱ ଚଉପଟ କାର୍ଯ୍ୟ ଶେଷ ହୋଇ ଉଭୟ ପେଟ ଗୋଲେଇ କାର୍ଯ୍ୟ ଜାରୀ ରହିଛି। ଆସନ୍ତା କାଲି ତିନି ରଥର ଗରଗର କାଠର ଚଉପଟ କାର୍ଯ୍ୟ ଆରମ୍ଭ ହେବ। ରୂପକାର ସେବକ ମାନେ ତିନିରଥ ସାଲ ଗୁଜ ରେ ରୂପ ଖୋଦେଇ ସହ ଶେଷ ହୋଇଥିବା ରୁପଗୁଡ଼ିକର ପଲିସ କାର୍ଯ୍ୟ ଏବଂ ରୁପଗୁଡ଼ିକରେ ଅଳଙ୍କାର ପକା କାର୍ଯ୍ୟ ଜାରୀ ରଖିଛନ୍ତି। ଅନ୍ୟପଟେ ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ତିନିରଥ ଦଣ୍ଡା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ରଥ ନିର୍ମାଣର ୨୬ ତମ ଦିବସ ରେ ୭୮ ଜଣ ମହାରଣା, ୭୬ ଜଣ ଭୋଇ, ୪ ଜଣ କରତିଆ ଏବଂ ୨୦ ଜଣ ଓଝା କମାର ସେବକ, ୨୧ ରୂପକାର ସେବକ, ୨ ଜଣ ତୁମ୍ବ ବିନ୍ଧ କାରିଗର, ୩ ଜଣ ପାହି ମହାରଣା ଓ ଜଣେ ରଥଖଳା ସହାୟକ କାର୍ଯ୍ୟରେ ଲାଗିଛନ୍ତି।

**ଚକ୍ରଧରପୁର ଡିଭିଜନରେ ବିଭିନ୍ନ ସମ୍ପତ୍ତି ପାଇଁ ଇ-ନିଲାମ୍ ନୋଟିସ**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ବରିଷ୍ଠ ବାଣିଜ୍ୟିକ ପରିଚାଳକ ଚକ୍ରଧରପୁର ଡିଭିଜନରେ ପାର୍କିଂ ସମ୍ପତ୍ତି ପାଇଁ ଇ-ନିଲାମ ଆମନ୍ତ୍ରଣ କରୁଛନ୍ତି। କ୍ରମିକ.ନଂ., ବର୍ଗ, କ୍ୟାଟାଲଗ୍ ନମ୍ବର, ନିଲାମ ତାରିଖ, ନିଲାମ ଆରମ୍ଭ ସମୟ ଏବଂ ନିଲଶମ ବନ୍ଦ ସମୟ ନିମ୍ନଲିଖିତ ମତେ: ୧. ବିଜ୍ଞାପନ, ଏଡିଭିଟି-ଭିଡବ୍ଲୁ-ସିକେପି-୨, ୦୪.୦୬.୨୦୨୫, ୧୨:୦୦ଘଣ୍ଟା, ୧୩:୦୦ଘଣ୍ଟା। ୨. ମିସ୍‌ଲାନିଅସ୍, ଏମ୍‌ଏସ୍‌ଏସ୍-ସିକେପି-ଜୁନ୍-୨୫, ୦୫.୦୬.୨୦୨୫, ୧୨:୦୦ଘଣ୍ଟା, ୧୩:୪୦ଘଣ୍ଟା। ୱେବସାଇଟରେ ସୂଚିତ କରାଯାଇଛି। ଆଗ୍ରହୀ ପକ୍ଷମାନେ ଏହା ଉପରେ ଧ୍ୟାନ ଦିଅନ୍ତୁ ଏବଂ ୱେବସାଇଟର ବିବରଣୀ ଏବଂ ଇ-ନିଲାମ ନୋଟିସ୍ ସମ୍ବନ୍ଧୀୟ ସୂଚନା ପାଇଁ https:/www.ireps.gov.in ୱେବସାଇଟ୍ ଦେଖନ୍ତୁ। ଯଦି କୌଣସି ପ୍ରଶ୍ନ / ସ୍ପଷ୍ଟୀକରଣ ଅଛି, ଦୟାକରି ନିମ୍ନ ସ୍ୱାକ୍ଷରିତଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।

(PR-203) ସିନିୟର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର / ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ଖୁସିର ସହିତ ସେବା ଯୋଗାଉ



ନୂଆଦିଲ୍ଲୀ: 'ଭାରତ ଫୋରକାଷ୍ଟ ସିଷ୍ଟମ୍' ଲଞ୍ଚ ହୋଇଛି। ଏଣିକି ପଞ୍ଚାୟତସ୍ତରରେ ହେବ ପାଣିପାଗର ପୂର୍ବାନୁମାନ। ଏହି ସିଷ୍ଟମ ଦ୍ୱାରା ପ୍ରତି ୬ କିଲୋମିଟର ରେଞ୍ଜରେ ପାଣିପାଗର ହେବ ସଠିକ୍ ଆକଳନ । ଦିଲ୍ଲୀ ବିଜ୍ଞାନ ଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ମଡେଲର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି ମଡେଲ ଦ୍ୱାରା ପଞ୍ଚାୟତସ୍ତରରେ ପାଣିପାଗର ପୂର୍ବାନୁମାନ କରିବାରେ ବିଶ୍ୱର ପ୍ରଥମ ଦେଶ ଭାବେ ଇତିହାସ ସୃଷ୍ଟି କରିଛି ଭାରତ। ଆଇଆଇଟିଏମ୍ ଦ୍ୱାରା ପ୍ରସ୍ତୁତ ଏହି ମଡେଲକୁ ଗତ ୩ବର୍ଷ ଧରି ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଥିଲା । ଆଗରୁ ପ୍ରତି ୧୨ କିଲୋମିଟର ରେଞ୍ଜ ଭିତରେ ପାଣିପାଗର ପୂର୍ବାନୁମାନ କରୁଥିଲା ଭାରତୀୟ ପାଣିପାଗ ବିଭାଗ । ଏବେ ଭାରତ ଫୋରକାଷ୍ଟ ସିଷ୍ଟମ୍ ଦ୍ୱାରା ପ୍ରତି ୬ କିମି ରେଞ୍ଜ ଭିତରେ ପାଣିପାଗର ପୂର୍ବାନୁମାନ କରାଯାଇପାରିବ।

# 'ସ୍ୱସ୍ତି ନିବାସ'ର ଭୂମି ପୂଜନ କଲେ ଅମିତ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ସୋମବାର ମହାରାଷ୍ଟ୍ରର ନାଗପୁରସ୍ଥିତ ଜାତୀୟ କର୍କଟ ପ୍ରତିଷ୍ଠାନ (ଏନ.ସି.ଆଇ.) ପରିସରରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ନିର୍ମାଣ କରାଯାଉଥିବା 'ସ୍ୱସ୍ତି ନିବାସ'ର ଭୂମି ପୂଜନ (ଭିତ୍ତିପ୍ରସ୍ତର ସ୍ଥାପନ) କରିଥିଲେ। ଏହି ଅବସରରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ମଧ୍ୟ ନାଗପୁରସ୍ଥିତ ଜାତୀୟ ଫରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନ୍.ଏଫ୍.ଏସ୍.ୟୁ.) ର ସ୍ଥାୟୀ କ୍ୟାମ୍ପସର ଭୂମି ପୂଜନ କରିଥିଲେ ଏବଂ ଭର୍ଚୁଆଲ ମାଧ୍ୟମରେ ଅସ୍ଥାୟୀ କ୍ୟାମ୍ପସର ଉଦଘାଟନ କରିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଗାମୀ ଦିନରେ ଏହି କର୍କଟ ପ୍ରତିଷ୍ଠାନର ନାମ ଦେଶର ସର୍ବଶ୍ରେଷ୍ଠ କର୍କଟ ପ୍ରତିଷ୍ଠାନ ମଧ୍ୟରେ ସାମିଲ ହେବ। ସେ କହିଥିଲେ ଯେ ଏଠାରେ 'ସ୍ୱସ୍ତି ନିବାସ'ର ପରିକଳ୍ପନା ସହିତ ଏହି କର୍କଟ ପ୍ରତିଷ୍ଠାନର ଟିମ୍ ଭାରତରେ ଡାକ୍ତରଖାନା ନିର୍ମାଣ କ୍ଷେତ୍ରରେ ଏକ ନୂଆ ବିଚାର ଉପସ୍ଥାପନ କରିଛନ୍ତି, ଯାହା ଆଗାମୀ ଦିନରେ ଆମ ପରିବାରର ସମ୍ବେଦନଶୀଳତାକୁ ଜୀବନ୍ତ ରଖିବ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ପ୍ରତିଶତ ଦୃଷ୍ଟିରୁ ଭାରତରେ ବିଶ୍ୱରେ ସର୍ବାଧିକ ସଂଖ୍ୟକ ମୁଖ କର୍କଟ ମାମଲା ରହିଛି। ମଧ୍ୟପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ ଏବଂ ମହାରାଷ୍ଟ୍ରର ଦରିଦ୍ରତମ ଅଞ୍ଚଳର ସଙ୍ଗମସ୍ଥଳରେ ଅବସ୍ଥିତ ଏହି ସେବା ପ୍ରତିଷ୍ଠାନ ମୁଖ୍ୟତଃ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ରୋଗୀମାନଙ୍କୁ ସେବା ପ୍ରଦାନ କରିଥାଏ। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ୨୦୧୫ ମସିହା ଫେବୃଆରୀ ମାସ ୨୮ ତାରିଖରେ ଏହି ସଂସ୍ଥାନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା, ୨୦୨୩ ମସିହାରେ ଏହାର ଉଦଘାଟନ କରାଯାଇଥିଲା ଏବଂ ଆଜି ଏହାକୁ 'ସ୍ୱସ୍ତି ନିବାସ 'ଜରିଆରେ ସମ୍ପୂର୍ଣ୍ଣ କରିବା ଲାଗି ପ୍ରୟାସ କରାଯାଉଛି। ସେ କହିଥିଲେ ଯେ ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ସ୍ୱାସ୍ଥ୍ୟସେବା ପରିଦୃଶ୍ୟରେ ସକାରାତ୍ମକ ପରିବର୍ତ୍ତନ ଆସିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ୨୦୧୪ରେ ଦେଶରେ ୭ଟି ଏମସ ଥିଲା ଏବଂ ଏବେ ୨୩ଟି ଏମସକୁ ମଞ୍ଜୁରି ମିଳିଛି। ସେତେବେଳେ ୩୮୭ଟି ମେଡ଼ିକାଲ କଲେଜ ଥିଲା, ଯାହା ଏବେ ୭୮୦କୁ ବୃଦ୍ଧି ପାଇଛି। ଏମ୍.ବି.ବି.ଏସ୍. ସିଟ୍ ସଂଖ୍ୟା ୫୧,୦୦୦ ଥିଲା, ଏବଂ ଆଜି ବାର୍ଷିକ ୧.୧୮ ଲକ୍ଷ ଏମ୍. ବି. ବି. ଏସ୍. ଡାକ୍ତର ସ୍ନାତକ ହେଉଥିବା ବେଳେ ସ୍ନାତକୋତ୍ତର (ପି.ଜି.) ସିଟ୍ ସଂଖ୍ୟା ୩୧,୦୦୦ରୁ ୭୪,୦୦୦କୁ ବୃଦ୍ଧି ପାଇଛି।

# ପ୍ରଧାନମନ୍ତ୍ରୀ ଭାବେ ୧୧ ବର୍ଷ ପୂରଣ କଲେ ମୋଦୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଭାବେ ସୋମବାର ନରେନ୍ଦ୍ର ମୋଦୀ ୧୧ ବର୍ଷ ପୂରଣ କରିଛନ୍ତି। ୨୦୧୪ ମସିହା ଆଜିର ଦିନରେ ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଶ୍ରୀ ମୋଦୀଙ୍କ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ଦେଶରେ ୩୦ ବର୍ଷର ରାଜନୈତିକ ଅସ୍ଥିରତାରେ ପୂର୍ଣ୍ଣଛେଦ ପକାଇ ଭାରତର ଆଧୁନିକ ରାଜନୈତିକ ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି ହୋଇଥିଲା।୨୦୧୪ ମସିହା ମେ' ମାସ ୨୬ ତାରିଖରେ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ନରେନ୍ଦ୍ର ମୋଦୀ ଭାରତର ଚତୁର୍ଦ୍ଦଶ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ବିକାଶ ଉପରେ ଗଭୀର ଧ୍ୟାନ, ସୂକ୍ଷ୍ମ ଦୃଷ୍ଟିକୋଣ ଏବଂ ଦେଶର ସବୁଠୁ ଗରିବ ଲୋକଙ୍କ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପ୍ରଚେଷ୍ଟା ନରେନ୍ଦ୍ର ମୋଦୀଙ୍କୁ ସମଗ୍ର ଦେଶରେ ଏକ ଲୋକପ୍ରିୟ ନେତାରୂପେ ଚିହ୍ନିତ କରିଛି। ଶ୍ରୀ ମୋଦୀଙ୍କ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ସହିତ ସବୁଠାରୁ ପ୍ରଥମେ ଦେଶରେ ଏକ ବିକାଶମୂଳକ ରାଜନୀତିର ଆରମ୍ଭ ହେଲା – ଯାହାର ମୁଖ୍ୟ ମନ୍ତ୍ର ଥିଲା ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ। ଗତ ୧୧ ବର୍ଷରେ ଦେଶର ସମସ୍ତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ମିଳିଛି ଏବଂ ଏହି ଦେଶ ଏକ ନୂଆ ଆତ୍ମବିଶ୍ୱାସ ଅର୍ଜନ କରିଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହେବାକୁ ସକ୍ଷମ ହୋଇଛି ଏବଂ ୨୦୪୭ରେ ଏକ ବିକାଶଶୀଳ ଦେଶ ହେବାର ଲକ୍ଷ୍ୟ ରଖିଛି, ଯାହାର ଦୃଢ଼ ନେତୃତ୍ୱ ଦେଉଛନ୍ତି ନରେନ୍ଦ୍ର ମୋଦୀ।

# ରାମ୍‌ଜୀଦେବ ଅଗ୍ରୱାଲଙ୍କୁ ବିଷ୍ଣୁଦେବଙ୍କ ଶ୍ରଦ୍ଧାଞ୍ଜଳି



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ରାଜଧାନୀ ରାୟପୁରର ମୌଳଶ୍ରୀ ବିହାରରେ ଥିବା ସାଂସଦ ବ୍ରଜମୋହନ ଅଗ୍ରୱାଲଙ୍କ ବାସଭବନରେ ପହଞ୍ଚି ତାଙ୍କ ପିତା ତଥା ସମାଜସେବୀ ରାମଜୀଲାଲ ଅଗ୍ରୱାଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀ ସାଏ ତାଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କ ଦିବଂଗତ ଆତ୍ମାକୁ ଶାନ୍ତିରେ ରଖନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ଶ୍ରୀ ସାଏ କହିଥିଲେ ରାମଜୀଲାଲଙ୍କ ଜୀବନ ସଂପୂର୍ଣ୍ଣ ଭାବେ ସମାଜସେବା, ଗୋ ସେବା ଏବଂ ଜନକଲ୍ୟାଣ କ୍ଷେତ୍ରରେ ସମର୍ପିତ ଥିଲା। ତାଙ୍କର ଏହି ସେବା ସମାଜ ପାଇଁ ଏକ ଆଦର୍ଶ ବୋଲି କୁହାଯାଇପାରେ। ମୁଖ୍ୟମନ୍ତ୍ରୀ ଶୋକାକୁଳ ପରିବାରକୁ ସାକ୍ଷାତ କରିବା ସହ ସେମାନଙ୍କୁ ସାହସ ପ୍ରଦାନ କରିଥିଲେ। ଏହି ସମୟରେ ବ୍ରଜମୋହନଙ୍କ ପରିବାର ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆତଙ୍କବାଦ ବିରୁଦ୍ଧରେ ଭାରତର ପଦକ୍ଷେପକୁ ଦକ୍ଷିଣ କୋରିଆର ସମର୍ଥନ

ସିଓଲ: ଆତଙ୍କବାଦର ମୁକାବିଲା ପାଇଁ ଭାରତର ପଦେକ୍ଷପକୁ ଦକ୍ଷିଣ କୋରିଆ ଦୃଢ ସମର୍ଥନ ଜଣାଇଛି । ସାଂସଦ ସଞ୍ଜୟ କୁମାରଙ୍କ ନେତୃତ୍ୱରେ ସର୍ବଦଳୀୟ ସଂସଦୀୟ ପ୍ରତିନିଧି ଦଳ ଦକ୍ଷିଣକୋରିଆର ବୈଦେଶିକ ବ୍ୟାପାର ମନ୍ତ୍ରୀ ଚୋ ତାଇ-ୟୁଲ, ପ୍ରମୁଖ ସାଂସଦ, ବୁଦ୍ଧିଜୀବୀ ପ୍ରତିନିଧିଙ୍କ ସମେତ ଆର. ଓ. କେ. ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ଭେଟି ଏକ ଗଣମାଧ୍ୟମ ବାର୍ତ୍ତାଳାପ କରିଥିଲେ। ଆଲୋଚନା ସମୟରେ କୋରିଆର ରାଜନେତା, ବୁଦ୍ଧିଜୀବୀ ଓ ସାଂସଦମାନେ ଭାରତ ସପକ୍ଷରେଏଭଳି ମତପ୍ରଦାନ କରିଛନ୍ତି । ଏହି ପ୍ରତିନିଧି ଦଳ ଆ଼ର.ଓ.କେ. ବୈଦେଶିକ ମନ୍ତ୍ରୀ ଚୋ ତାଇ-ୟୁଲଙ୍କ ସହ ସଂକ୍ଷିପ୍ତ ଆଲୋଚନା କରିଥିଲେ, ଯିଏକି ପ୍ରଥମ ଉପ ବୈଦେଶିକ ମନ୍ତ୍ରୀ କିମ୍ ହଙ୍ଗ୍ କ୍ୟୁନଙ୍କ ସହ ଆଲୋଚନା ସମୟରେ ଏହି ବୈଠକରେ ଯୋଗ ଦେଇଥିଲେ। ଏହି ପ୍ରତିନିଧି ଦଳ ଆତଙ୍କବାଦର ମୁକାବିଲା ପାଇଁ ଭାରତର ଦୃଢ଼ ସଂକଳ୍ପକୁ ଦୋହରାଇଥିଲେ। ବୈଦେଶିକ ମନ୍ତ୍ରୀ ଚୋ, ଚଳିତ ମାସ ପ୍ରାରମ୍ଭରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ତାଙ୍କ ଟେଲିଫୋନ ବାର୍ତ୍ତାଳାପ ବିଷୟରେ ଉଲ୍ଲେଖ କରି, ଆତଙ୍କବାଦ ବିରୋଧରେ ଆର.ଓ.କେ. ର ଦୃଢ଼ ଆଭିମୁଖ୍ୟକୁ ଦୋହରାଇଥିଲେ ଏବଂ ଏହି ବିପଦ ବିରୁଦ୍ଧରେ ଭାରତର ଲଢ଼େଇକୁ ସମର୍ଥନ କରିଥିଲେ। କୋରିଆ-ଭାରତ ସଂସଦୀୟ ବନ୍ଧୁତ୍ୱ ଗୋଷ୍ଠିର ଅଧ୍ୟକ୍ଷ ଶ୍ରୀ ୟୁନ୍ ହୋ-ଜଙ୍ଗଙ୍କ ସହ ଏକ ବୈଠକରେ ଏହି ପ୍ରତିନିଧି ଦଳ ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ-ସହନଶୀଳତା ନୀତିକୁ ଦୋହରାଇଥିଲେ। ଏହା ବ୍ୟତୀତ, ପ୍ରତିନିଧି ଦଳ ପରେ ପ୍ରମୁଖ ବୁଦ୍ଧିଜୀବୀମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ, ଯେଉଁଥିରେ ସେମାନେ ଆତଙ୍କବାଦ ବିରୁଦ୍ଧରେ ଭାରତର 'ନିଉ ନର୍ମାଲ' କୁ ରେଖାଙ୍କିତ କରିଥିଲେ-ଭାରତର ନିର୍ଣ୍ଣାୟକ ପ୍ରତିଶୋଧ ସହିତ ଆତଙ୍କବାଦୀ ଏବଂ ସେମାନଙ୍କ ପ୍ରାୟୋଜକଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ବୋଲି ମତ ଦେଇଥିଲେ ।

# ମୁମ୍ବାଇରେ ରେକର୍ଡ ବୃଷ୍ଟିପାତ: ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ମୁମ୍ବାଇ: ସୋମବାର ଲଗାତାର ପ୍ରବଳ ଝଡ଼ବର୍ଷା ପରେ ମୁମ୍ବାଇରେ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହି ବର୍ଷା ମେ ମାସର ୧୦୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ଦେଇଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ୨୫ ବର୍ଷ ପରେ ଏହି ବର୍ଷ ମୌସୁମୀ ମୁମ୍ବାଇରେ ପହଞ୍ଚିଛି ଏବଂ ଶନିବାର କେରଳରେ ପହଞ୍ଚିବା ପରେ ଦ୍ରୁତ ଗତିରେ ଆଗକୁ ବଢ଼ିଛି। ମହାରାଷ୍ଟ୍ରରେ ପ୍ରଥମ ମୌସୁମୀ ବର୍ଷାରେ ଉପୁଜିଥିବା ପରିସ୍ଥିତି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶ ସମୀକ୍ଷା କରିଛନ୍ତି। ଏଥିରେ ନାଗରିକଙ୍କୁ ତତ୍କାଳ ସହାୟତା ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ପୂରା ପ୍ରଶାସନକୁ ଆଲର୍ଟ ମୋଡରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବର୍ଷା ଯୋଗୁ ଯେଉଁସବୁ ସ୍ଥାନରେ କ୍ଷୟକ୍ଷତି ହୋଇଛି ତୁରନ୍ତ କ୍ଷତି ଆକଳନ କରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ବିପର୍ଯ୍ୟୟ ପ୍ରବନ୍ଧନ କକ୍ଷ୍ୟ ସହିତ ଲଗାତାର ସମ୍ପର୍କରେ ଅଛନ୍ତି। ଇତି ମଧ୍ୟରେ ରାଜ୍ୟରେ ବର୍ଷା ସ୍ଥିତି ନେଇ ବିଭିନ୍ନ ଏଜେନ୍ସୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦିଆଯାଇଛି । ଏଥିରେ ରାଜ୍ୟର ପୁଣେ, ସାତାରା, ସୋଲାପୁର, ରାୟଗଡ଼, ମୁମ୍ବାଇ ଓ ଏମଏମଆର କ୍ଷେତ୍ରରେ ସର୍ବାଧିକ ବୃଷ୍ଟିପାତ ହୋଇଥିବାର ସୂଚନା ଦିଆଯାଇଛି। ସେହିପରି ଦୌଣ୍ଡରେ ସର୍ବାଧିକ ୧୧୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବାରାମତୀରେ ୧୦୪.୭୫ ଓ ଇନ୍ଦାପୁରରେ ୬୩.୨୫ ମିଲିମିଟର ବର୍ଷା ରେକର୍ଡ ହୋଇଛି। ବର୍ଷା ଯୋଗୁ ବାରାମତୀରେ ୨୫ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବନ୍ୟାରେ ଫଶିଥିବା ୭ଜଣଙ୍କୁ ଉଦ୍ଧାର କରାଯାଇଛି। ରିପୋର୍ଟ ଅନୁସାରେ ମୁମ୍ବାଇରେ ଗତ ୨୪ ଘଣ୍ଟାରେ ୧୩୫.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ଏହା ସର୍ବାଧିକ ବର୍ଷା ବୋଲି କୁହାଯାଇଛି। ଏହି ସମରେ ସହରର ମୋଟ ୬ଟି ସ୍ଥାନରେ ପାଣି ଭରିଯିବାର ଅଭିଯୋଗ ମିଳିଛି। ସେହିପରି ୧୮ଟି ସ୍ଥାନରେ ସର୍ଟ ସର୍କିଟ ଅଭିଯୋଗ ମିଳିଥିବା ବେଳେ ୫ଟି ସ୍ଥାନରେ ବିଲ୍ଡିଂ କାନ୍ଥ ପଡିଯାଇଥିବାର ଅଭିଯୋଗ ମିଳିଛି। ମୁମ୍ବାଇ ମହାନଗର ପାଳିକା, ଅଗ୍ନିସମ ସେବା, ମୁମ୍ବାଇ ପୋଲିସ ଓ ଅନ୍ୟ ସବୁ ସଂସ୍ଥା ସବୁପ୍ରକାର ପରିସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି।



## ବାଣିଜ୍ୟ



ମୁମ୍ବାଇ: ବୁଲେଟ୍ ଟ୍ରେନ୍ ପରୀକ୍ଷା ମୂଳକ ଚଳାଚଳ ଆସନ୍ତାବର୍ଷ ହେବ। ଗୁଜରାଟର ସୁରଟରେ ବୁଲେଟ୍ ଟ୍ରେନର ପ୍ରଥମ ଷ୍ଟେସନ ପ୍ରାୟତଃ ସଂପୂର୍ଣ୍ଣ ହେବାକୁ ଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ହର୍ଷ ସାଂଘଭି ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ୨୦୨୯ ମସିହାରେ ବୁଲେଟ୍ ଟେନ ଚଳାଚଳ ପୂର୍ଣ୍ଣମାତ୍ରାରେ ଆରମ୍ଭ ହୋଇପାରେ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ସୁରଟ ଷ୍ଟେସନର ଫଟୋ ମଧ୍ୟ ସେୟାର କରିଛନ୍ତି। କିଛିଦିନ ପୂର୍ବେ ନ୍ୟାସନାଲ ହାଇସ୍ପିଡ ରେଲ୍ କର୍ପୋରେସନ (ଏନ୍‌ଏଚ୍‌ଏସ୍‌ଆରସିଏଲ୍) ସୂଚନା ଦେଇଥିଲା ଯେ ୩୦୦ କିମିର ଭାୟାଡକ୍ଟ (ବୁଲେଟ୍ ଟ୍ରେନ ଚଳାଚଳ ପାଇଁ ଉଦ୍ଦିଷ୍ଟ ଉଚ୍ଚ କରିଡର) ନିର୍ମାଣ ଶେଷ ହୋଇଛି। ସୁରଟ ନିକଟରେ ୪୦ ମିଟରର ଲମ୍ବ ଗର୍ଡର ନିର୍ମାଣ ସହିତ ଏହି କାର୍ଯ୍ୟ ସଂପନ୍ନ ହୋଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୫୦୮ କିମିର ବୁଲେଟ୍ ଟ୍ରେନ ପ୍ରକଳ୍ପ ପାଇଁ ଏହା ଏକ ବଡ଼ କାର୍ଯ୍ୟ ବୋଲି କହିଥିଲେ। ଭାରତୀୟ ଭିତ୍ତିଭୂମି କ୍ଷେତ୍ରରେ ଏହା ପ୍ରଥମ। ୧.୦୮ ଲକ୍ଷ କୋଟି ଟଙ୍କାରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ଗୁଜରାଟ ଏବଂ ମହାରାଷ୍ଟ୍ର ରାଜ୍ୟରେ ପରିବ୍ୟାପ୍ତ।

# ୨୮ରେ ଖୋଲିବ ଆଇପିଓର ବିଡ୍



ନୂଆଦିଲ୍ଲୀ: ସ୍କୋଡା ଟ୍ୟୁବ୍‌ସ ଲିମିଟେଡ୍‌ର ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ)ର ବିଡ୍ ୨୮ ତାରିଖରେ ଖୋଲିବ। ଆଙ୍କର ନିବେଶକମାନେ ଗୋଟିଏ ଦିନ ପୂର୍ବରୁ ମେ' ୨୭ ମଙ୍ଗଳବାରରେ ବିଡ୍ ଦାଖଲ କରିପାରିବେ। ଏହି ଅଫର୍‌ର ବିଡ୍ ମେ' ୩୦ ଶୁକ୍ରବାର ବନ୍ଦ ହେବ। ନିବେଶକମାନେ ସର୍ବନିମ୍ନ ୧୦୦ ଇକ୍ୱିଟି ସେୟାର୍‌ର ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୧୦୦ଟି ଲେଖାଏଁ ସେୟାର ଯୋଡ଼ି ପାରିବେ। ଇକ୍ୱିଟି ସେୟାର ପିଛା ଦାମ୍ ୧୩୦ ଟଙ୍କାରୁ ୧୪୦ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ଏହି ଅଫରରେ କମ୍ପାନି ୨୨୦ କୋଟି ଟଙ୍କାର କେବଳ ନୂଆ ଇକ୍ୱିଟି ସେୟାର ଜାରି କରିବ। ସେଥିରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ ସିମ୍‌ଲେସ୍ ଓ ୱେଲ୍‌ଡେଡ୍ ଟ୍ୟୁବ୍ ଓ ପାଇପ୍ ଉତ୍ପାଦନ କ୍ଷମତାକୁ ସମ୍ପ୍ରସାରଣ କରିବା ପାଇଁପୁଞ୍ଜିଭାବେ ୭୬.୯୯ କୋଟି ଟଙ୍କାଯ, ବର୍ଦ୍ଧିତ କାର୍ଯ୍ୟକାରୀ ପୁଞ୍ଜି ଭାବେ ୧୧୦ କୋଟି ଟଙ୍କା ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଅଫରର ୭୫ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ରଖାଯିବ। ବୁକ ରନିଂ ଲିଡ ମ୍ୟାନେଜରଙ୍କ ସହ ଆଲୋଚନା କରି କ୍ୟୁଆଇବି ଭାଗର ୬୦ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଆଙ୍କର ନିବେଶକଙ୍କ ପାଇଁ ଆବଂଟନ କରାଯିବ। ସେଥିରୁ ଏକ ତୃତୀୟାଂଶ ସେୟାରକୁ ଘରୋଇ ମ୍ୟୁଚୁଆଲ ଫଣ୍ଡମାନଙ୍କୁ ଆବଂଟନ କରାଯିବ। କମ୍ପାନିର ଇକ୍ୱିଟି ସେୟାରକୁ ବିଏସଇ ଲିମିଟେଡ ଓ ନ୍ୟାସନାଲ ଷ୍ଟକ ଏକ୍ସଚେ ଲିମିଟେଡରେ ତାଲିକାଭୁକ୍ତ କରିବା ଲାଗି ଡ୍ରାଫ୍ଟ ରେଡ ହେରିଂ ପ୍ରୋସପେକ୍ଟସରେ ପ୍ରସ୍ତାବ ରହିଛି। ଏହି ଅଫରର ବୁକ ରନିଂ ଲିଡ ମ୍ୟାନେଜର ହେଉଛି ମୋନାର୍କ ନେଟ୍‌ୱର୍କ କ୍ୟାପିଟାଲ୍ ଲିମିଟେଡ୍।

# ଗ୍ରୋ' ପକ୍ଷରୁ ଆଇପିଓ ଦସ୍ତାବିଜ୍ ଦାଖଲ

ନୂଆଦିଲ୍ଲୀ: ଭାରତର ସର୍ବବୃହତ୍ ଷ୍ଟକ୍ ବ୍ରୋକିଂ ସଂସ୍ଥା ଗ୍ରୋ' ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଦସ୍ତାବିଜ୍ ଦାଖଲ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଆଇପିଓର ପରିମାଣ ୮୦୦ ନିୟୁତ ଡଲାରରୁ ୧ ବିଲିୟନ ଡଲାର ପର୍ଯ୍ୟନ୍ତ ହେବ। ଏଥିରେ ନୂଆ ସେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍ ମଧ୍ୟ ରହିବ। ଏହି ଇସ୍ୟୁର ମର୍ଚାଂଟ୍ ବ୍ୟାଙ୍କରମାନେ ହେଉଛନ୍ତି ଜେପି ମୋର୍ଗାନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, କୋଟକ୍ ମହିନ୍ଦ୍ରା କ୍ୟାପିଟାଲ୍ କମ୍ପାନି ଲିମିଟେଡ୍, ସିଟି ଗ୍ରୁପ୍ ଗ୍ଲୋବାଲ୍ ମାର୍କେଟସ୍ ପ୍ରାଇଭେଟ୍ ଲିମିଟେଡ୍, ଆକ୍ସିସ୍ କ୍ୟାପିଟାଲ୍ ଲିମିଟେଡ୍ ମୋତିଲାଲ ଓସ୍ୱାଲ୍ ସିକ୍ୟୁରିଟିଜ୍ ଲିମିଟେଡ୍।୨୦୧୬ରେ ଗ୍ରୋ' ଏହାର ଯାତ୍ରା ଆରମ୍ଭ କରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ୨୬ ପ୍ରତିଶତ ବଜାର ଅଂଶ ସହ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ରିଟେଲ ବ୍ରୋକିଂ ପ୍ଲାଟଫର୍ମ ଭାବେ ଉଭା ହୋଇଛି। ମୋବାଇଲ୍ ପ୍ରଥମ, ବ୍ୟବହାରକାରୀ ମିତବ୍ୟୟୀ ଅନୁଭୂତି ଏବଂ ସଚେତନତା ଉପରେ ଗୁରୁତ୍ୱ ଯୋଗୁଁ ସାରା ଭାରତରେ ଖୁଚୁରା ନିବେଶକମାନେ ପସନ୍ଦ କରିବାରୁ ଗ୍ରୋ'ର ଅଭିବୃଦ୍ଧି ହୋଇପାରିଛି। ୨୦୨୨-୨୩ରେ ଗ୍ରୋମ ୧,୨୭୭ କୋଟି ଟଙ୍କାର ରାଜସ୍ୱ ଓ ୪୪୯ କୋଟି ଟଙ୍କାର ଲାଭ ହାସଲ କରି ଲାଭ ପଥରେ ପାଦ ଥାପିଥିଲା। ୨୦୨୩-୨୪ରେ ଏହାର ରାଜସ୍ୱ ୩୧୪୫ କୋଟି ଟଙ୍କା ଓ ପରିଚାଳନା ଲାଭ ୫୩୫ କୋଟି ଟଙ୍କା ରହିଛି। ଗତବର୍ଷ କମ୍ପାନି ୧୩୪୦ କୋଟି ଟଙ୍କାର ଟିକସ ପ୍ରଦାନ କରିଥିଲା, ଯେଉଁଥିପାଇଁ ଏହାର ୮୦୫ କୋଟି ଟଙ୍କାର କ୍ଷତି ହୋଇଥିଲା।

# ସେଣ୍ଟ୍ରମ ରିଚାର୍ଜ ଏନର୍ଜି ଡ୍ରିଙ୍କ୍ ମିକ୍ସର ଶୁଭାରମ୍ଭ

ନୂଆଦିଲ୍ଲୀ: ମଲ୍ଟିଭିଟାମିନ ସପୋର୍ଟ କ୍ଷେତ୍ରରେ ଅଗ୍ରଣୀ, ସେଂଟ୍ରମ ପକ୍ଷରୁ ଏନର୍ଜି ଡ୍ରିଙ୍କ ମିକ୍ସର ଏକ ନୂତନ ଉତ୍ପାଦ ସେଂଟ୍ରମ ରିଚାର୍ଜର ଶୁଭାରମ୍ଭ କରାଯାଇଛି। ଏହି ଅଭିନବ ଉତ୍ପାଦକୁ ଦୈନନ୍ଦିନ କାର୍ଯ୍ୟ ସମୟରେ କ୍ଷୟ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଭିଟାମିନ ଓ ମିନେରାଲଗୁଡିକର ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ସେଂଟ୍ରମ ରିଚାର୍ଜ ଭିଟାମିନ ବି, ଭିଟାମିନ ସି, ମ୍ୟାଗ୍ନେସିୟମ ଓ ଜିଙ୍କ ସମେତ ୧୩ଟି ଜରୁରୀ ଭିଟାମିନ ଓ ମିନେରାଲ ସହ ପ୍ରସ୍ତୁତ କରାଯାଇଛି, ଯାହାକି ଶରୀରର ଶକ୍ତି ସ୍ତର, ରୋଗପ୍ରତିରୋଧକ ଶକ୍ତିକୁ ଉନ୍ନତ ରଖିବାରେ ସହଯୋଗ କରିବା ଓ ହାଇଡ୍ରେଶନ ବଜାୟ ରଖିବା ପାଇଁ ଜରୁରୀ ଅଟେ। ବଜାରରେ ଉପଲବ୍ଧ ଅଗ୍ରଣୀ ମଲ୍ଟିଭିଟାମିନ ଏନର୍ଜି ଡ୍ରିଙ୍କ ବେଭରେଜ ଆଡିଟିଭ ଓ ମିକ୍ସଗୁଡିକ ତୁଳନାରେ ସେଂଟ୍ରମ ରିଚାର୍ଜରେ ୨ ଗୁଣ ଅଧିକ ଭିଟାମିନ ଓ ମିନେରାଲ ରହିଛି। ଏହି ନୂଆ ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ହାଲିଅନ ଆଇଏସସିର ଭିଟାମିନ ଆଣ୍ଡ ମିନେରାଲ ସପ୍ଲିମେଂଟ୍‌ସ ବିଭାଗର କ୍ୟାଟାଗୋରୀ ଲିଡ, ଆତିଶ ନେଗି କହିଛନ୍ତି ଯେ, 'ଆମେ ସେଂଟ୍ରମ ଇଣ୍ଡିଆ ପୋର୍ଟଫୋଲିଓରେ ସେଂଟ୍ରମ ରିଚାର୍ଜକୁ ଅନ୍ତର୍ଭୁକ୍ତ କରି ଉତ୍ସାହିତ ଅଛୁ। ଆମେ ବିଶ୍ୱାସ କରୁଛୁ ଯେ, ସେଂଟ୍ରମ ରିଚାର୍ଜ ଶକ୍ତି ଓ ହାଇଡ୍ରେଶନ ପାଇଁ ଏକ ପୋଷଣଯୁକ୍ତ ସମାଧାନ ପାଇଁ ରହିଥିବା ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ। ସେଂଟ୍ରମ ରିଚାର୍ଜ କେବଳ ଏକ ଏନର୍ଜି ଡ୍ରିଙ୍କ ମିକ୍ସ ନୁହେଁ ବରଂ ଏହା ଏକ ବିସ୍ତୃତ ସୁସ୍ଥତା ସମାଧାନ ଅଟେ ଯାହାକୁ ପ୍ରତିଦିନର ଆହାର ସହିତ ଦୀର୍ଘ ଦିନ ପର୍ଯ୍ୟନ୍ତ ସେବନ କରାଗଲେ ତାହା ଶରୀରର ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ଓ ହାଇଡ୍ରେଶନକୁ ସପୋର୍ଟ କରିବା ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। ଏହା ଦୁଇଟି ଭାରିଆଂଟରେ ପିଲାମାନଙ୍କ ପାଇଁ ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ହେଉଛି। ଏହି ଲଂଚ ସହିତ ସେଂଟ୍ରମ ପକ୍ଷରୁ ଏକ ବିସ୍ତୃତ ମଲ୍ଟିମିଡିଆ କ୍ୟାମ୍ପେନ ଲଂଚ କରାଯାଇଛି ଯେଉଁଥିରେ ବଲିଉଡ ଅଭିନେତ୍ରୀ ଏବଂ ବ୍ରାଣ୍ଡ ଆମ୍ବାସାଡର ଅନୁଷ୍କା ଶର୍ମା ଅଭିନୟ କରିଛନ୍ତି। ଏହି ଉତ୍ପାଦ ସମ୍ପର୍କରେ ଅନୁଷ୍କା ଶର୍ମା କହିଛନ୍ତି ଯେ, 'ମୁଁ ସେଂଟ୍ରମ ପରିବାରର ଏକ ଅଂଶ ହୋଇ ଏବଂ ସେଂଟ୍ରମ ରିଚାର୍ଜର ପ୍ରତିନିଧିତ୍ୱ କରି ଖୁସି ଅନୁଭବ କରୁଛି।

# ରିଲାଏନ୍ସ ଜେନେରାଲ୍ ଇନସ୍ୟୁରାନ୍ସର ପକ୍ଷରୁ ଆର୍ଥିକ ବର୍ଷର ଫଳାଫଳ ଘୋଷଣା

ନୂଆଦିଲ୍ଲୀ: ରିଲାଏନ୍ସ ଜେନେରାଲ୍ ଇନ୍ସ୍ୟୁରାନ୍ସ ଲିମିଟେଡ୍ ୨୦୨୪-୨୫ ଆର୍ଥିକ ବର୍ଷର ଫଳାଫଳ ଘୋଷଣା କରିଛି। ଡିଜିଟାଲ୍ ପ୍ରଥମ ଆଭିମୁଖ୍ୟ, ଗ୍ରାହକ କୈନ୍ଦ୍ରୀକ ଉତ୍ପାଦ ଓ ବିବିଧ ବିତରଣ ରଣନୀତିକୁ ନେଇ କମ୍ପାନି ଏହାର ବ୍ୟବସାୟ ବଢ଼ାଇଥିବା ବେଳେ ଖୁଚୁରା, କର୍ପୋରେଟ୍ ଓ ସରକାରୀ ବ୍ୟବସାୟ କ୍ଷେତ୍ରରେ ଏହାର ଉପସ୍ଥିତିର ସମ୍ପ୍ରସାରଣ ଜାରି ରଖିଛି। ତିନି ବର୍ଷ ପର୍ଯ୍ୟନ୍ତ ଆଇବିସି ଅଧୀନରେ ରହି ଅସ୍ଥିରତା ସାମ୍ନା କରିଥିବା ଏହି କମ୍ପାନିକୁ ଇଣ୍ଡସ୍‌ଇଣ୍ଡ୍ ଇଂଟରନ୍ୟାସନାଲ୍ ହୋଲଡିଂସ୍ ଲିମିଟେଡ୍ (ଆଇଆଇଏଚ୍‌ଏଲ୍) ଅଧିଗ୍ରହଣ କରିଛି। କମ୍ପାନିର ପ୍ରତିଷ୍ଠାକୁ ପୁନଃସ୍ଥାପିତ କରିବା ଲାଗି ନୂଆ ପ୍ରମୋଟର ୩୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ବୀମା ବ୍ୟବସାୟରେ ବିତରଣ ମାଧ୍ୟମ ଏକ ବଡ଼ ଶକ୍ତି ହୋଇଥିବା ବେଳେ ପ୍ରମୋଟରଙ୍କ ସାରା ଭାରତରେ ବ୍ୟାପକ ଉପସ୍ଥିତି ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନିର ମୋଟ ପ୍ରତ୍ୟକ୍ଷ ପ୍ରିମିୟମ୍ ପରିମାଣ ବାର୍ଷିକ ୭.୪ ପ୍ରତିଶତ ବୃଦ୍ଧି ପାଇଛି ଯାହା ଶିଳ୍ପର ୫.୨ ପ୍ରତିଶତ ଅଭିବୃଦ୍ଧିଠାରୁ ଅଧିକ। କମ୍ପାନିର ଟିକସ ପରବର୍ତ୍ତୀ ଲାଭ ୧୨.୫ ପ୍ରତିଶତ ବୃଦ୍ଧି ପାଇ ୩୧୫ କୋଟି ଟଙ୍କା ହୋଇଛି। ନିବେଶ ବୁକ୍ ୨୧,୩୫୮ କୋଟି ଟଙ୍କା ରହିଛି, ଯାହା ୨୦୨୩-୨୪ରେ ୨୦,୫୧୪ କୋଟି ଟଙ୍କା ଥିଲା। କମ୍ପାନିର ନିଟ୍ କାରବାର ୩୪୨୯ କୋଟି ଟଙ୍କା ରହିଛି, ଯାହା ବାର୍ଷିକ ହାରରେ ୧୦.୨ ପ୍ରତିଶତ ବୃଦ୍ଧି ପାଇଛି। ଏହାର ସୋଲ୍‌ଭେନ୍ସି ଅନୁପାତ ୧.୫୯ ଗୁଣା ରହିଛି ଯାହା ନିୟାମକ ଆବଶ୍ୟକତା ୧.୫୦ଗୁଣାଠାରୁ ଅଧିକ। ମୂଳ କମ୍ପାନି ତରଫରୁ ୨୦୨୫ ମେ'ରେ ଏଥିରେ ୧୦୦ କୋଟି ଟଙ୍କା ନିବେଶ କରାଯାଇଥିଲା। ସର୍ବଭାରତୀୟ ସ୍ତରରେ କମ୍ପାନିର ଉପସ୍ଥିତି ୧,୧୫,୦୦୦ରୁ ଅଧିକ ଗ୍ରାହକ ଟଚପଏଂଟ୍‌ରେ ରହି। ଏହାର ମୋଟର, ସ୍ୱାସ୍ଥ୍ୟ ଓ ଏସ୍‌ଏମ୍‌ଇ ବର୍ଗରେ ନୂଆ ପିଢ଼ିର ଉତ୍ପାଦ ଶୁଭାରମ୍ଭ କରିଛି। ଏହାର ଦାବି ଫଇସଲା ଅନୁପାତ ୯୯.୫୭ ପ୍ରତିଶତ ରହିଛି। ରିଲାଏନ୍ସ ଜେନେରାଲ୍ ଇନ୍ସ୍ୟୁରାନ୍ସର ସିଇଓ ରାକେଶ ଜୈନ କହିଛନ୍ତି ଯେ, 'ଏକ ଚମତ୍କାର ଓ ଆହ୍ୱାନପୂର୍ଣ୍ଣ ବଜାର ପରିବେଶ ସତ୍ତ୍ୱେ ୨୦୨୪-୨୫ ଆର୍ଥିକ ବର୍ଷ ଏକ ଶୃଙ୍ଖଳିତ କାର୍ଯ୍ୟକାରିତା, ଗୁରୁତ୍ୱପୂର୍ଣ୍ଣ ନିବେଶ ଓ ସ୍ଥାୟୀ ଅଭିବୃଦ୍ଧି ବର୍ଷ ସାବ୍ୟସ୍ତ ହୋଇଛି। ଅଭିନବ ଓ ବିଶ୍ୱସନୀୟ ବୀମା ସମାଧାନ ଜରିଆରେ କୋଟି କୋଟି ଭାରତୀୟଙ୍କ ଆକାଂକ୍ଷାକୁ ସୁରକ୍ଷୀତ ରଖିବ ଲାଗି ଆମ ପ୍ରତିବଦ୍ଧତାରେ ଆମେ ଦୃଢ଼ ରହିଛୁ।' ୨୦୨୫ ମାର୍ଚ୍ଚରେ ରିଲାଏନ୍ସ କ୍ୟାପିଟାଲ୍ ଲିମିଟେଡ୍‌ର ସଫଳତାର ସହ ସିଆର୍‌ପି ହେବା ଆମ ପାଇଁ ଇଣ୍ଡସ୍‌ଇଣ୍ଡ୍ ଇଂଟରନ୍ୟାସନାଲ ହୋଲ୍‌ଡିଂ ଲିମିଟେଡ୍ (ଆଇଆଇଏଚ୍‌ଏଲ୍)ର ଦାୟିତ୍ୱବାନ ନେତୃତ୍ୱ ଅଧୀନରେ ଏକ ପରିବର୍ତନର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି। ଆଇଆଇଏଚ୍‌ଏଲ୍ ତରଫରୁ ଦୃଢ଼ ଆର୍ଥିକ ସହାୟତା ଓ ଆର୍ଥିକ ସେବା କ୍ଷେତ୍ରରେ ବିଶେଷତାକ ନେଇ ଅଆମ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ଭାରତରେ ସାଧାରଣ ବୀମା କ୍ଷେତ୍ରରେ ନବସୃଜନର ନେତୃତ୍ୱ ନେବା ଲାଗି ଆମ ଦକ୍ଷତା ଉପରେ ଆମର ବିଶ୍ୱାସ ରହିଛି ବୋଲି ଶ୍ରୀ ଜୈନ୍ କହିଛନ୍ତି।

# ଆର୍‌ଏସ୍‌ପିର ସ୍ୱୟଂଚାଳିତ ପ୍ରୟାସ ଯୋଗୁଁ ଉତ୍ପାଦକତା ଏବଂ ସୁରକ୍ଷା ବୃଦ୍ଧି



ରାଉରକେଲା (ଭାସ୍କର ନ୍ୟୁଜ୍) : ରାଉରକେଲା ଇସ୍ପାତ କାରଖାନା (ଆରଏସ ପି)ର କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ (ସିପିପି-୧) ବିଭାଗ, ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ବହୁ ଅଭିନବ ସ୍ୱୟଂଚାଳିତ ପଦକ୍ଷେପର ସଫଳ କାର୍ଯ୍ୟକାରୀତା ମାଧ୍ୟମରେ କାରଖାନାର କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟକ୍ଷେତ୍ର ସୁରକ୍ଷାକୁ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ନିରନ୍ତର ପ୍ରଗତି ତଥା ଉନ୍ନତ ଭିତ୍ତିଭୂମି ପ୍ରତି ଏହାର ପ୍ରତିବଦ୍ଧତା ସହ ସି ପି ପି – ୧ ବିଭାଗ ର ଡିଜିଟାଲ୍ ସମାଧାନର ଏକୀକରଣ ଦ୍ୱାରା ବିବିଧ ନବୀକରଣ ଏବଂ ଉନ୍ନୟନମୂଳକ ପ୍ରକଳ୍ପମମାନ ସୁପରିଚଳିତ ହୋଇଛି, ଯାହା କାରଖାନାର ଉତ୍ପାଦନ ବୃଦ୍ଧି ସହିତ କର୍ମଚାରୀଙ୍କ ପାଇଁ ଏକ ସୁରକ୍ଷିତ, କାର୍ଯ୍ୟ ପରିବେଶ ସୃଷ୍ଟି କରିବା ସହାୟକ ହୋଇଛି । ଲବ୍ଧ ପ୍ରମୁଖ ସଫଳତା ଗୁଡିକ ମଧ୍ୟରୁ ଉଚ୍ଚ-ଚାପ ବଏଲରରେ (ଏଚ ପି) ସ୍ୱୟଂଚାଳିତତାର ଏକୀକରଣ ମାଧ୍ୟମରେ ସୁରକ୍ଷା ପରିମାପକତାର ବୃଦ୍ଧି ସହିତ ସୁରକ୍ଷା ସର୍ବ ପ୍ରଥମ- ସଂସ୍କୃତିର ପ୍ରୋତ୍ସାହନ ଅନ୍ୟତମ ରହିଛି । ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ୟାସ୍ (ବି ଏଫ ଜି) ଡ୍ରମ୍ ସିଲ୍ କାର୍ଯ୍ୟର ସଫଳ ସ୍ୱୟଂଚାଳନା ସହିତ ଏକ ପ୍ରମୁଖ ମାଇଲଖୁଣ୍ଟ ସ୍ଥାପନ କରାଯାଇଥିଲା, ଯାହା ନିୟନ୍ତ୍ରଣ କକ୍ଷରୁ ସିଧାସଳଖ ନିର୍ଭରଯୋଗ୍ୟ ଏବଂ ନିରାପଦ ରିମୋଟ୍ କଣ୍ଟ୍ରୋଲ୍ ବ୍ୟବହାର ଉପଯୋଗୀ ହୋଇଥିଲା । ଏହା ସୁରକ୍ଷିତ କାର୍ଯ୍ୟଦକ୍ଷତା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତା ଉଭୟକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିଛି। ଏତଦବ୍ୟତୀତ, ପୂର୍ବ ରୁ ମାନବୀୟ ଭାବରେ ପରିଚାଳିତ ହେଉଥିବା ହାଇ ପ୍ରେସର ବଏଲର ୧ ଏବଂ ୨ ପାଇଁ ମିଶ୍ରିତ ଗ୍ୟାସ ବ୍ୟବସ୍ଥା – ଏବେ କେନ୍ଦ୍ରୀକୃତ ଭାବେ ନିୟନ୍ତ୍ରଣାଧୀନ ହୋଇପାରିଛି । ଏହି ସମନ୍ୱୟ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିବା ସହିତ ଜଟିଳ ପରିସ୍ଥିତିରେ ସମୟ ହ୍ରାସ କରିବା ରେ ସହାୟକ ହୋଇଛି । ଗ୍ୟାସ ସୁପରିଚାଳନାରେ ସୁରକ୍ଷାକୁ ଆହୁରି ଉନ୍ନତ କରିବା ଲକ୍ଷରେ, ସମସ୍ତ ବଏଲର ଗ୍ୟାସ ଲାଇନ୍ ଗୁଡିକୁ ଯୁକ୍ତାତ୍ମକ ବିଚ୍ଛିନ୍ନତା ପାଇଁ ଜଳ ସିଲ୍ ସହିତ ସୁବ୍ୟବସ୍ଥିତ ହୋଇଛି। ୟୁ-ସିଲ୍ ବ୍ୟତୀତ, ଦୂରବର୍ତ୍ତୀ ବଟରଫ୍ଲାଏ ଭାଲ୍ଭ ସ୍ଥାପନ କରାଯାଇଛି, ଯାହା ସୁରକ୍ଷିତ ଗ୍ୟାସ ପ୍ରବାହ ଏବଂ ଗ୍ୟାସ ପରିଚାଳନାକୁ ଆହୁରି ସୁଦୃଢ କରିଛି। ନିଜସ୍ୱ ସମ୍ବଳରେ ବିକଶିତ ବିଏଫଜିଡ୍ରମ୍ ସିଲ୍ ରିମୋଟ୍ ଅପରେସନ୍ ବ୍ୟବସ୍ଥା ସୁରକ୍ଷିତ ରୂପେ କାର୍ଯ୍ୟକାରୀ ହୋଇଛି ଯାହା ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ସାଧନ ଅଟେ। ଏହା ପୂର୍ବରୁ ମାନବୀୟ ରୂପେ କରାଯାଉଥିବା କାର୍ଯ୍ୟକୁ ହ୍ରାସ କରିବା ସହ ନିୟମିତ କାର୍ଯ୍ୟ ସମ୍ପାଦନ ଏବଂ ଜରୁରୀକାଳୀନ ପରିସ୍ଥିତିରେ କର୍ମଚାରୀମାନଙ୍କ ପାଇଁ ସୁରକ୍ଷାକୁ ସୁନିଶ୍ଚିତ କରିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର




ଚେନ୍ନାଇ: ରବିବାର, ଚେନ୍ନାଇ ସୁପର କିଙ୍ଗସ୍ ଚଳିତ ସିଜିନର ଶେଷ ମ୍ୟାଚ୍ ଖେଳିଥିଲା । ତେବେ ଏହି ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ବଡ଼ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି, ଏମଏସ ଧୋନି ଏବଂ କମ୍ପାନୀ ୨୩୦ ରନ କରିଥିଲେ । ଯେଉଁଥିରେ ଡେୱାଲ୍ଡ ବ୍ରେଭିସ୍ ୨୩ ବଲରେ ୫୭ ରନ କରିଥିଲେ । ଜବାବରେ, ସମଗ୍ର ଗୁଜରାଟ ଦଳ ୧୪୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ଜଣେ ପ୍ରଶଂସକ ଗମ୍ଭୀର ଅଭିଯୋଗ ଆଣି କହିଥିଲେ ଯେ ଷ୍ଟାଡିୟମ ଭିତରକୁ ଉଝଳ ପତାକା ନେବାକୁ ଅନୁମତି ଦିଆଯାଉନାହିଁ। ପ୍ରଶଂସକମାନଙ୍କୁ ଏପରି ଲାଗିଲା ଯେପରି ସେମାନେ ଶେଷ ଥର ପାଇଁ ଏମଏସ ଧୋନିଙ୍କୁ ଖେଳାଳି ଭାବରେ ଭୂମିରେ ଦେଖୁଛନ୍ତି . ଯାହାହେଉ, ଧୋନି ଯେଉଁଠାରେ ଖେଳନ୍ତି, ତାଙ୍କ ପ୍ରଶଂସକମାନେ ସେଠାରେ ପହଞ୍ଚିଯାଆନ୍ତି। ନରେନ୍ଦ୍ର ମୋଦି ଷ୍ଟାଡିୟମ ଗୁଜରାଟର ଘରୋଇ ପଡ଼ିଆ, କିନ୍ତୁ ରବିବାର ଏହାକୁ ସମ୍ପୂର୍ଣ୍ଣ ହଳଦିଆ ରଙ୍ଗ କରାଯାଇଥିଲା। ଅଧିକାଂଶ ପ୍ରଶଂସକ ଉଝଳ ଜର୍ସି ପିନ୍ଧି ଆସିଥିଲେ, କିନ୍ତୁ ଏହି ସମୟ ମଧ୍ୟରେ ଏକ ଅଭିଯୋଗପୂର୍ଣ୍ଣ ଟ୍ୱିଟ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏମଏସ ଧୋନି ଏବଂ ସିଏସକେ ପ୍ରଶଂସକ ସୋସିଆଲ ମିଡିଆରେ ଲେଖିଛନ୍ତି । ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସିଏସକେ ପତାକା ଲଗାଇବାକୁ ଅନୁମତି ନାହିଁ। ଏହି ଟ୍ୱିଟ୍ ଟିକିଏ ସମୟ ମଧ୍ୟରେ ଭାଇରାଲ ହୋଇଗଲାଫ ଅନ୍ୟ ଜଣେ ପ୍ରଶଂସକ ସେହି ପୋଷ୍ଟର ଉତ୍ତରରେ ଲେଖିଛନ୍ତି, 'ଯଦି ସେମାନଙ୍କ ହୋମ ଗ୍ରାଉଣ୍ଡରେ ଘରୋଇ ଦଳର ପତାକା ଅପେକ୍ଷା ଅଧିକ ସିଏସକେ ପତାକା ଥାଏ ତେବେ କଣ ହେବ ? ସବୁଠି ହଳଦିଆ ରଙ୍ଗ, ଏପରିକି ବାହାର ଗ୍ରାଉଣ୍ଡ ମଧ୍ୟ ହୋମ ଗ୍ରାଉଣ୍ଡ ପରି ଦେଖାଯାଏ। ମୋତେ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ସିଟି ବଜାଇବାକୁ ମଧ୍ୟ ଅନୁମତି ଦିଆଗଲା ନାହିଁ।

## ୬୯ତମ ମ୍ୟାଚ୍ | ପଞ୍ଜାବ କିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ

# ପଞ୍ଜାବ କିଙ୍ଗ୍ସ ୭ୱିକେଟ୍‌ରେ ବିଜୟୀ

ଜୟପୁର : ଆଇପିଏଲ୍‌ର ୬୯ତମ ମ୍ୟାଚ୍ ସୋମବାର ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ପଞ୍ଜାବ କିଙ୍ଗସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ପଞ୍ଜାବ କିଙ୍ଗସ ୭ୱିକେଟ୍‌ରେ ଜିତି ନେଇଛି। ପଞ୍ଜାବ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ପକ୍ଷରୁ ରିୟାନ ରିକଲଟନ ଓ ରୋହିତ ଶର୍ମା ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ରୋହିତ ୨୪ ରନ କରିଥିବାବେଳେ ରିକଲଟନ ୨୭ ରନ କରିଥିଲେ। ସୂର୍ଯ୍ୟକୁମାର ଯାଦବ ଲଢୁଆ ବ୍ୟାଟିଂ କରି ୨ ଛକା ଓ ୬ ଚୌକା ସହ ୫୭ ରନ କରିଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୬ ରନ କରିଥିବାବେଳେ ନମନ ଧୀର ୨୦ ରନ କରିଥିଲେ। ସେହିପରି ୱିଲ ଜାକ୍ସ ୧୭ ରନ କରିଥିଲେ। ଯାହାଫଳରେ ମୁମ୍ବାଇ ଇଣ୍ଡିଆନ୍ସ ୭ୱିକେଟ୍ ବିନିମୟରେ




୧୮୪ରନ୍ କରିଥିଲା। ପଞ୍ଜାବ ପକ୍ଷରୁ ବିଜୟ କୁମାର ବୈଶକ, ଅର୍ଶଦୀପ ସିଂ ଓ ମାର୍କୋ ଜାନସେନ ୨ଟି ଲେଖାଏଁ ୱିକେଟ ନେଇଥିଲେ। ସେହିପରି ହରପ୍ରିତ ବ୍ରାର ଗୋଟିଏ ୱିକେଟ ନେଇଥିଲେ। ୧୮୫ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ପଞ୍ଜାବ କିଙ୍ଗସ। ଦଳ ୧୮.୩ ଓଭରରେ ୩ୱିକେଟ ହରାଇ ୧୮୭ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ପ୍ରିୟାନ୍ସ ଆର୍ଯ୍ୟ ୩୫ଟି ବଲ୍‌ରୁ ୨ଛକା, ୮ଚୌକା ସହାୟତାରେ ୬୨ରନ୍, ପ୍ରଭସିମରନ୍ ସିଂ ୧୩, ଯୋଶ ଇଂଲିଶ ୪୨ବଲ୍‌ରେ ୩ଛକା, ୯ଚୌକା ସହାୟତାରେ ୭୩ ଓ ଅଧିନାୟକ ଶ୍ରେୟାସ ଆୟର ୨୬, ନେହାଲ ୱାଧରା ୨ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତି ବୁମ୍‌ରା ୧ୱିକେଟ ଓ ମିଚେଲ ସାଣ୍ଟନର ୨ୱିକେଟ ନେଇଥିଲେ। ଫଳରେ ପଞ୍ଜାବ କିଙ୍ଗସ ଟେବୁଲର ଶୀର୍ଷ ସ୍ଥାନରେ ପହଞ୍ଚିଛି।

# ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ଘୋଷଣା କଲେ ପ୍ରିୟାଙ୍କ ପାଞ୍ଚାଲ




ନୂଆଦିଲ୍ଲୀ: ପ୍ରିୟଙ୍କ ପାଞ୍ଚାଲ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେଇ ଘୋଷଣା କରିଛନ୍ତି। ଏହି ପ୍ରାରମ୍ଭିକ ବ୍ୟାଟସମ୍ୟାନ୍ ଲାଲ-ବଲ୍ ଫର୍ମାଟରେ ପ୍ରାୟ ୯୦୦୦ ରନ ସଂଗ୍ରହ କରିଥିଲେ ଏବଂ ୨୦୧୬-୧୭ ରେ ଥରେ ରଣଜୀ ଟ୍ରଫି ମଧ୍ୟ ଜିତିଛନ୍ତି। ୩୫ ବର୍ଷୀୟ ଏହି ଖେଳାଳି ପ୍ରଥମ ଶ୍ରେଣୀ କ୍ରିକେଟରେ ଗୁଜରାଟ ବ୍ୟାଟସମ୍ୟାନ୍ ଦ୍ୱାରା ସର୍ବାଧିକ ଶତକ ହାସଲ କରିବାର ରେକର୍ଡ ମଧ୍ୟ ରଖିଛନ୍ତି ଯେଉଁଥିରେ ତାଙ୍କର ଶେଷ ପ୍ରଦର୍ଶନ - କେରଳ ବିପକ୍ଷରେ ରଣଜୀ ଟ୍ରଫି ସେମିଫାଇନାଲରେ ୧୪୮ ରନର ଏକ ବଡ ଇନିଂସ ଅନ୍ତର୍ଭୁକ୍ତ। ସେହି ଖେଳରେ ଗୁଜରାଟ ପ୍ରଥମ ଇନିଂସରେ ଦୁଇ ରନର ଅଗ୍ରଣୀ ହରାଇଥିଲା ଯାହା ସେମାନଙ୍କୁ ଫାଇନାଲରେ ସ୍ଥାନ ହରାଇବାକୁ ପଡିଥିଲା। ୨୦୧୬-୧୭ ସିଜିନରେ ଯେଉଁଠାରେ ଗୁଜରାଟ ସେମାନଙ୍କର ପ୍ରଥମ (ଏବଂ ଏକମାତ୍ର) ଟାଇଟଲ ଜିତିଥିଲା, ପାଞ୍ଚାଲ ୧୩୦୦ ରୁ ଅଧିକ ରନ ସଂଗ୍ରହ କରିଥିଲେ ଯାହା ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଇତିହାସରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ସର୍ବୋତ୍ତମ ରନ ମଧ୍ୟରୁ ଗୋଟିଏ। ପୂର୍ବ ସିଜିନରେ, ସେ ବିଜୟ ହଜାରେ ଟ୍ରଫି ଜିତିଥିବା ଦଳରେ ସାମିଲ ଥିଲେ। ସେ ଲିଷ୍ଟ ଏ କ୍ରିକେଟରେ ୯୭ ଟି ମ୍ୟାଚ ଖେଳିଛନ୍ତି, ଆଠଟି ଶତକ ହାସଲ କରିଛନ୍ତି ଏବଂ ଟି-୨୦ କ୍ରିକେଟରେ, ସେ ୫୯ ଟି ମ୍ୟାଚ ଖେଳିଛନ୍ତି ଯାହାର ଶେଷ ପ୍ରଦର୍ଶନ ଅକ୍ଟୋବର ୨୦୨୩ ରେ ହୋଇଥିଲା। ଯଦିଓ ସେ ଭାରତ ଏ ପାଇଁ ଖେଳିଛନ୍ତି, ପାଞ୍ଚାଲ ଅନ୍ତର୍ଜାତୀୟ ସ୍ତରରେ ଅନକ୍ୟାପ୍ ରହିଥିଲେ ଏବଂ ଆଇପିଏଲରେ ମଧ୍ୟ ଖେଳି ନାହାଁନ୍ତି।

# ଆନ୍ତଃ ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: କିଡ଼ସ୍ ପବ୍ଲିକ ସ୍କୁଲ ୯ ରନରେ ବିଜୟୀ

କେନ୍ଦୁଝର: ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ଆଜିର ସପ୍ତମ ଦିବସର ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷପୂର୍ଣ୍ଣ ଲିଗ ପର୍ଯ୍ୟାୟ ଖେଳରେ କିଡ଼ସ ପବ୍ଲିକ ସ୍କୁଲ (ମିଳିତ ) ଡିଏଭି ପବ୍ଲିକ ସ୍କୁଲ (ମିଳିତ) ବିପକ୍ଷରେ ମାତ୍ର ୯ ରନରେ ଏକ ଚମକପ୍ରଦ ବିଜୟ ହାସଲ କରି ପୁରା ପଏଣ୍ଟ ହାସଲ କରିଛି। ଏକ ବ୍ୟାଟିଂ ପିଚରେ କିଡ଼ସ ପବ୍ଲିକ ସ୍କୁଲ ଟସ ଜିଣି ପ୍ରଥମେ ପାଳି ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୩୫ ଓଭରରେ ୬ଟି ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାହୁଲଦେବ ନାୟକ ୧୦୭ଟି ବଲର ସମ୍ମୁଖୀନ ହୋଇ ୧୩ଟି ଚୌକା ସହାୟତାରେ ୯୮.୧୩ ଷ୍ଟ୍ରାଇକ ରେଟ ସହ ୧୦୫ ରନ ସଂଗ୍ରହ କରି ପ୍ରତିଯୋଗିତାର ତୃତୀୟ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତିପକ୍ଷ ଦଳର ଅଧିନାୟକ ଈଶାନ୍ତ ମୁର୍ମୁ ୭ ଓଭର ବୋଲିଂ କରି ୩୬ ରନ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ମ୍ୟାଚ ଜିତିବା ପାଇଁ ଓଭର ପିଛା ୬.୦୮ ହାରରେ ରନ




ସଂଗ୍ରହ କରିବାର ଲକ୍ଷ୍ୟ ନେଇ ଡିଏଭି ପବ୍ଲିକ ସ୍କୁଲ ବ୍ୟାଟିଂ ଆରମ୍ଭ କରି ବିଜୟ ଆଡକୁ ଅଗ୍ରସର ହେଉଥିଲା କିନ୍ତୁ ଶେଷ ମୁହୂର୍ତ୍ତରେ ହାତରେ ୪ଟି ବଲ ଥାଇ ଆଉ ମାତ୍ର ୯ ରନ ପାଇଁ ବିଜୟକୁ ହାତଛଡା କରିଥିଲା। ଡିଏଭି ୩୪.୨ ବ୍ୟାଟିଂ କରି ୨୦୩ ରନରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଅଧିନାୟକ ଈଶାନ୍ତ ମୁର୍ମୁ ୪୨ଟି ବଲର ସମ୍ମୁଖୀନ ହୋଇ ୮ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୫୧ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିବା ବେଳେ ଶୁଭମ ଦାସ ୩୬ଟି ବଲର ସମ୍ମୁଖୀନ ହୋଇ ୫ଟି ଚୌକା ସହାୟତାରେ ୩୪ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ରାହୁଲଦେବ ନାୟକ ୭ ଓଭର ବୋଲିଂରେ ଗୋଟିଏ ମେଡନ ସହ ୨୪ ରନ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଏକ ଆକର୍ଷଣୀୟ ଶତକ ସହ ୪ଟି ମୂଲ୍ୟବାନ ଉଇକେଟ ନେଇ ଜିତିବାର ମୁଖ୍ୟ ନାୟକ ରାହୁଲଦେବ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଏହି ଖେଳକୁ ବିଶ୍ୱମ୍ଭର ମହାକୁଡ଼, ଯଶୋବନ୍ତ ମହାପାତ୍ର (ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।

# ଗିଲ୍‌ଙ୍କୁ ନେଇ ଗାଭାସ୍କରଙ୍କ ଭବିଷ୍ୟବାଣୀ

ନୂଆଦିଲ୍ଲୀ: ଶିଭମନ ଗିଲ୍ ଭାରତୀୟ ଦଳର ଟେଷ୍ଟ ଅଧିନାୟକ ହେବା ପରେ ପୂର୍ବତନ ଭାରତୀୟ ଦଳର ଅଧିନାୟକ ସୁନୀଲ ଗାଭାସ୍କର ଏକ ବଡ ଘୋଷଣା କରିଛନ୍ତି। ସେ କହିଛନ୍ତି, ଶୁବମନ ଗିଲଙ୍କ ଅଧିନାୟକତ୍ୱରେ ଭାରତୀୟ କ୍ରିକେଟ ଏକ ନୂତନ ଦିଗଦର୍ଶନ ପାଇବ ବୋଲି ଆଶା କରାଯାଉଛି। ଗିଲ ତାଙ୍କ ଅଧିନାୟକତ୍ୱରେ ଦଳକୁ କେଉଁ ଉଚ୍ଚତାରେ ପହଞ୍ଚାଉଛନ୍ତି ତାହା ଦେଖିବା ଆକର୍ଷଣୀୟ ହେବ। ଏଥର ଚୟନ ପ୍ରକ୍ରିୟାରେ କୌଣସି ଆଞ୍ଚଳିକ ଟଣାଭିଡା ନଥିଲା। ସବୁବେଳେ ଦଳକୁ ପ୍ରାଥମିକତା ଦେଉଥିବା ଜସପ୍ରିତ ବୁମରାହ ନିଜେ ଚୟନକର୍ତ୍ତାଙ୍କୁ କହିଥିଲେ ଯେ ତାଙ୍କ ପିଠି ସମସ୍ୟା ଯୋଗୁ ସେ ସମସ୍ତ ଟେଷ୍ଟ ଖେଳିପାରିବେ ନାହିଁ, ତେଣୁ ଅନ୍ୟ କାହାକୁ ଅଧିନାୟକ ଭାବରେ ବାଛିବା ଭଲ ହେବ। ଏହା ଚୟନକର୍ତ୍ତାଙ୍କ କାମକୁ ସହଜ କରିଦେଲା। ଭାରତୀୟ ଦଳ ସନ୍ତୁଳିତ ଦେଖାଯାଉଛି ଏବଂ ଏବେ ବିସିସିଆଇ ପାଖରେ ପର୍ଯ୍ୟାପ୍ତ ସମ୍ବଳ ଅଛି ଯାହା ୧୬ ବଦଳରେ ୧୮ ଜଣ ଖେଳାଳିଙ୍କୁ ଚୟନ କରିବା ସମ୍ଭବ କରିଛି।

# ଖେଲୋ ଇଣ୍ଡିଆ ବିଚ୍ ପେନ୍‌ଚାକ୍ ସିଲାଟ୍: ଓଡ଼ିଶାକୁ ୮ ପଦକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କେନ୍ଦ୍ର ଶାସିତ ଅଞ୍ଚଳ ଡାମନ-ଡିୟୁରେ ଆୟୋଜିତ ପ୍ରଥମ ଖେଲୋ ଇଣ୍ଡିଆ ବେଳାଭୂମି କ୍ରୀଡ଼ାର ପେନ୍‌ଚାକ୍ ସିଲାଟ୍‌ରେ ଓଡ଼ିଶା ଖେଳାଳିମାନେ ଐତିହାସିକ ପ୍ରଦର୍ଶନ କରିଛନ୍ତି। ପ୍ରଶିକ୍ଷକ ଶ୍ରୀଧର ସାହୁ ଓ ଆଶୁତୋଷ ନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ୨୦ଜଣିଆ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩ ରୌପ୍ୟ ଓ ୫ କାଂସ୍ୟ ସହ ୮ ପଦକ ଜିତିଛି। ସଫଳତମ ତାରକା ଭାବେ ସୋହିଲ ଗୁରୁଙ୍ଗ ସୋଲୋ ଓ ଟେଣ୍ଡି ଇଭେଣ୍ଟ୍‌ରେ ଏକାକୀ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟ ରୌପ୍ୟ ପଦକଟି ଅନନ୍ଦିତ ପାତ୍ର ଟେଣ୍ଡି ଇଭେଣ୍ଟରେ ହାସଲ କରିଛନ୍ତି। ପୁରୁଷ ଗାଣ୍ଡା, ପୁରୁଷ ଓ ମହିଳା ରେଗୁ ଏବଂ ଟେଣ୍ଡି ଇଭେଣ୍ଟ୍‌ର ବ୍ୟକ୍ତିଗତ ବର୍ଗରେ ରୁଦ୍ର ପ୍ରତାପ ଷଡ଼ଙ୍ଗୀ, ରିତୁ ଗିଲ୍ ଦୁଇଟି କାଂସ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଖେଳାଳିମାନଙ୍କୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସେମାନଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପେନ୍‌ଚାକ୍ ସିଲାଟ୍ ଆସୋସିଏସନ୍ ଓଡ଼ିଶାର ସଂପାଦକ ପ୍ରେମ୍ ସିଂହ ଥାପା ରେଫରି ଦାୟିତ୍ୱ ତୁଲାଇ ସମ୍ବର୍ଦ୍ଧିତ ହୋଇଥିଲା। ଏହି ସଫଳତା ଲାଗି କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ ସ୍ୱାଇଁ ଓଏସ୍‌ଡି ଧୀରଜ ପଟ୍ଟନାୟକଙ୍କ ସମେତ ଯୁବ ସମାଜସେବୀ ତଥା ପେନଚାକ୍ ସିଲାଟ୍ ଆସୋସିଏସନ ଖୋର୍ଦ୍ଧାର ସଂପାଦକ ଜିତେନ୍ଦ୍ର କୁମାର ରାଉତ, ପେନ୍‌ଚାକ୍ ସିଲାଟ ଆସୋସିଏସନ୍ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।

**झारखण्ड सरकार**
**खेलकूद एवं युवाकार्य निदेशालय**
**(पर्यटन, कला-संस्कृति, खेलकूद एवं युवाकार्य विभाग)**
गेट नं०-28, बिरसा मुण्डा फुटबॉल स्टेडियम, मोराबादी, राँची-834008
E-mail Id - directorsportsjharkhand@gmail.com

**आवश्यक सूचना**

एतद् द्वारा सूचित किया जाता है कि खेलकूद एवं युवाकार्य निदेशालय, झारखण्ड, राँची द्वारा "Rate Contract For Supply Of Sports & Generic Kits" के निमित्त आमंत्रित निविदा (12/2025-26 दिनांक 22.04.2025) विज्ञापन संख्या - PR No. 352697 (Art, Culture, Sports & Youth Affairs) Dt. 17.05.2025 को अपरिहार्य कारणों से निरस्त किया जाता है।

ह०/-
निदेशक,
खेलकूद एवं युवाकार्य निदेशालय,
झारखण्ड, राँची।

PR.NO.353526 Art Culture Sports and Youth Affairs(25-26):D

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड**
**सर्कुलर रोड, नियर उपायुक्त आवास, देवघर, झारखण्ड (814112)**

**सूचना/शुद्धि पत्र**

इस कार्यालय द्वारा आमंत्रित ई-निविदा प्रसंग संख्या :- NH/Deoghar/ JHR/ F2/03/ 2025-26 [PR No. 353142 Deoghar(25-26).D दिनांक 22.05.2025 को प्रकाशित] को निम्नलिखित संशोधन किया गया है :-

| | | |
|---|---|---|
| 1 | कार्य का नाम | Construction of RCC drain at Km 161.00 to Km 162.00 both side (1600m) of NH-333 for the Sharawani Mela for the year 2025-26. |
| 2 | प्राक्कलित राशि (लाख में) | 150.00 |
| 3 | कार्य समाप्ति की अवधि | 04 माह |
| 4 | बेबसाईट पर निविदा प्रकाशित होने की तिथि एवं समय | 29.05.2025 (04.00 बजे अपराह्न ) |
| 5 | निविदा प्राप्ति की अंतिम तिथि एवं समय | 05.06.2025 (04.30 बजे अपराह्न ) |
| 6 | निविदा खोलने की तिथि एवं समय | 06.06.2025 (05.00 बजे अपराह्न) |

शेष शर्तें यथावत रहेंगी।

ह0/-
कार्यपालक अभियंता
रा0 उ0 पथ प्रमंडल, देवघर

PR 353518 Deoghar (25-26)_D

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड, सर्कुलर रोड, नियर उपायुक्त आवास, देवघर, झारखण्ड (814112)**

**सूचना/शुद्धि पत्र**

इस कार्यालय द्वारा आमंत्रित ई-निविदा प्रसंग संख्या NH/Deoghar/ JHR/F2/06/ 2025-26 [PR No. 353153 Deoghar(25-26).D दिनांक 22.05.2025 को प्रकाशित] को निम्नलिखित संशोधन किया गया है :-

| | | |
|---|---|---|
| 1 | कार्य का नाम | Ordinary Repair in Km 170(P), Km 171(P) & Km 172(P) of NH-114A under NH Division Deoghar for the Sharawani Mela 2025-26. |
| 2 | प्राक्कलित राशि (लाख में) | 164-00 |
| 3 | कार्य समाप्ति की अवधि | 02 माह |
| 4 | बेबसाईट पर निविदा प्रकाशित होने की तिथि एवं समय | 29.05.2025 (04.00 बजे अपराह्न ) |
| 5 | निविदा प्राप्ति की अंतिम तिथि एवं समय | 05.06.2025 (04.30 बजे अपराह्न ) |
| 6 | निविदा खोलने की तिथि एवं समय | 06.06.2025 (05.00 बजे अपराह्न) |

शेष शर्तें यथावत रहेंगी।

ह0/-
कार्यपालक अभियंता
रा0 उ0 पथ प्रमंडल, देवघर

PR 353523 Deoghar(25-26)#D

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड**
**सर्कुलर रोड, नियर उपायुक्त आवास, देवघर, झारखण्ड (814112)**

**शुद्धि पत्र**

इस कार्यालय द्वारा आमंत्रित ई-निविदा प्रसंग संख्या NH/Deoghar/ JHR/F2/07/2025-26 [PR No. 353154 (Deoghar)25-26(D) दिनांक 22.05.2025 को प्रकाशित, को निम्नलिखित संशोधन किया गया है :-

| | | |
|---|---|---|
| 1 | कार्य का नाम | Ordinary Repair in Km 173(P), Km 174(P) & Km 176(P) of NH-114A under NH Division Deoghar for the Sharawani Mela 2025-26. |
| 2 | प्राक्कलित राशि (लाख में) | 170.00 |
| 3 | कार्य समाप्ति की अवधि | 02 माह |
| 4 | बेबसाईट पर निविदा प्रकाशित होने की तिथि एवं समय | 29.05.2025 (04.00 बजे अपराह्न ) |
| 5 | निविदा प्राप्ति की अंतिम तिथि एवं समय | 05.06.2025 (04.30 बजे अपराह्न ) |
| 6 | निविदा खोलने की तिथि एवं समय | 06.06.2025 (05.00 बजे अपराह्न) |

शेष शर्तें यथावत रहेंगी।

ह0/-
कार्यपालक अभियंता
रा0 उ0 पथ प्रमंडल, देवघर

PR 353520 Deoghar (25-26)_D

**Government of Jharkhand**
**Department of Information Technology and e-Governance**
**Jharkhand Mantralaya, Dhurwa, Ranchi-834004**

**Tender Notice**

On behalf of the Government of Jharkhand, the Department of Information Technology & e-Governance invites sealed tender bids (Technical and Commercial) from Service Providers for Secured MPLS Connectivity between Jharkhand State Data Centre (JHSDC),Ranchi and UIDAI Data Centre at Manesar & Bengaluru including Router Management at UIDAI Data Centre.

The Service Provider listed on TRAI website under "Basic Service Provider (https://www.trai.gov.in/basic-service-providers)" and / or "National Long Distance Service Provider (https://trai. gov.in/ national-long-distance-service-providers)" are only eligible to participate in this tender. ru

Total Two(2) Service Providers will be selected on the basis of least quoted price. Each selected Service Provider has to:
- Provide MPLS Connectivity from JHSDC,Ranchi to UIDAI's both Data Centres (Bengaluru & Manesar)
- Manage Routers at each UIDAI Data Centre.
- Routers Provided by DoIT & e-Gov. Government of Jharkhand.

For the procurement process, the bidders shall follow the procedure described on e-Tendering website (https://jharkhand tenders.gov.in). Further details about the e-Tendering procedure & its requirements, refer manual available on e-Tendering website.

The tender document will be available on the e-Tendering website and may be downloaded by the interested bidders.

The summary of tender notice is as follows:

| S. No. | Item | Particulars |
|---|---|---|
| 1 | Tender Reference No. | ASA/MPLS/1/2025-UID/002 |
| 2 | Tender Name | MPLS Connectivity Between Jharkhand State Data Centre, Ranchi and UIDAI Data Centres and Router Management |
| 3 | Bid Security (EMD) | Rupees Twenty Five Thousand Only (Rs.25,000/-) |
| 4 | Availability of Tender Document on Jharkhand e-tendering Portal | 27.05.2025 at 13:00 hrs |
| 5 | Start Date of Bid Submission | 28.05.2025 at 10:00 hrs. |
| 6 | Last date of online Bid Submission | 10.06.2025 at 18:00 hrs. |
| 7 | Date & Time of opening of Technical Bid | 12.06.2025 at 16:00 hrs. |
| 8 | Date & Time of opening of Financial Bid | To be informed later |
| 9 | Phone | 0651 – 2970091 |
| 10 | Email Address | uidcellpmu-doit@jharkhandmail.gov.in |

Sd/-
Joint Secretary to Government

PR.NO.353503 Information Technology (25-26):D

**e-Procurement Cell**
OFFICE OF THE EXECUTIVE ENGINEER,
SPECIAL WORKS DIVISION, BUILDING CONSTRUCTION DEPARTMENT
Ranchi

**CORRIGENDUM**

**e-Procurement Tender Reference No:- BCD/EE, Special Works Div, BCD, Ranchi-05/2025-26 Date:- 16.05.25, PR No-352780 Building (25-26)_D** Construction of Proposed Jharkhand Guest House at Puri Odisha for the year of 2025-2026 कार्य के लिए वेबसाइट पर निविदा प्रकाशन की तिथि, बिड प्राप्ति की अन्तिम तिथि एवं निविदा खोलने की तिथि में कतिपय कारणों सेसंशोधन किया जा रहा है जिसका विवरणी निम्नवत है:-

| क्र0 सं0 | मद | तिथि | संशोधित तिथि |
|---|---|---|---|
| 1 | वेबसाईट में निविदा प्रकाशन की तिथि | 26.05.2025 | 05.06.2025 |
| 2 | बिड प्राप्ति के लिए अन्तिम तिथि/समय | 02.06.2025 | 12.06.2025 |
| 3 | निविदा खोलने की तिथि/समय | **03.06.2025** | **13.06.2025** |

शेष सभी शर्ते यथावत रहेंगी।

Nodal Officer, e-Procurement Cell,
Office of the Executive Engineer,
Special Works Division
Building Construction Department, Ranchi .

PR 353505 Building(25-26)D

**Directorate of Tourism**
**Govt. of Jharkhand**
**Department of Tourism, Art Culture,**
**Sports and Youth Affairs (Tourism Division)**
**MDI Building, 2nd Floor, Dhurwa, Ranchi-834004**
**Ph.:-(0651)2400493, email:dirjharkhandtourism@gmail.com,**
**Web:https://tourism.jharkhand.gov.in**

**RFP No:- 615 /** **Dated :-26/05 /2025**

***Notice Inviting Tender***
***for***
**Selection of an Agency to Conceptualize, Design, and Print of a Coffee Table Book in Multiple Languages for Jharkhand Tourism.**

The Directorate of Tourism (DoT), Govt. of Jharkhand intends to Selection of an Agency to Conceptualize, Design, and Print a Coffee Table Book in Multiple Languages for Jharkhand Tourism. For Jharkhand Tourism Branding and Promotion, invites interested agencies to submit their Bids.

Interested agencies may download the document from **26.05.2025** from the Department of Tourism website:-www.tourism.jharkhand.gov.in/ and submit their Applications. The Bid Due Date is on **17.06.2025 at 11:00 AM**. A Bid opening Conference will be held on **17.06.2025 at 12:00 PM** at the office of Directorate of Tourism (DoT), Govt. of Jharkhand.

A pre-Bid conference will be held on **28.05.2025** on 1**:00** PM at MDI Building, 2nd floor, HEC Campus, Dhurwa, Ranchi-04, Tel Phone: 0651-2400493, e-mail: dirjharkhandtourism@gmail.com.

All subsequent notifications, changes and amendments will be posted only on the website www.tourism.jharkhand.gov.in

DoT reserves the right to cancel this invitation and/or invite fresh Bid with or without amendments to this invitation, without liability or any obligation for such invitation and without assigning any reason.

*Sd/-*
Director,
Tourism

PR 353504 Tourism, Art Culture Sports And Youth Affairs (25-26).D

**GOVERNMENT OF JHARKHAND**
**Agriculture, Animal Husbandry & Co-operative Department**
**(Co-Operative Division)**
**OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI**
**INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI**

**Short e-Tender Notice**

**Tender Notice No:- ICDP/RANCHI/05/2025-26** **DATE:- 26.05.2025**

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 500 MT Capacity Godown in Lamps/Pacs Of Districts Jamtara, Deoghar and Dumka | 15 | 12,07,87,500.00 | 10,000.00 | 12,07,900.00 | 12 Months |
| | (B) | Construction of 500 MT Capacity Godown in Lamps/Pacs Of Districts Gumla, Lohardaga, Simdega & Latehar | 12 | 9,66,30,000.00 | 10,000.00 | 9,66,300.00 | |
| | (C) | Construction of 500 MT Capacity Godown in Lamps/Pacs Of Districts Palamu and Garhwa | 13 | 10,46,82,500.00 | 10,000.00 | 10,46,900.00 | |
| | (D) | Construction of 500 MT Capacity Godown in Pacs of Districts Hazaribagh, Chatra & Koderma. | 14 | 11,27,35,000.00 | 10,000.00 | 11,27,400.00 | |
| | (E) | Construction of 500 MT Capacity Godown in Pacs of District Giridih. | 10 | 80,52,500.00 | 10,000.00 | 8,05,300.00 | |
| 02. | | Date Of Publication of on Website | 04.06.2025 AT 11:00 AM | | | | |
| 03. | | Last Date & Time of Submission of bids | 13.06.2025 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, Pasupalan-Sahkarita Bhawan Singh More, Hesag, Hatia, Ranchi. 834003 | | | | |
| 05. | | Contact No of Procurement Officer | 7250895727, 9431782508 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 04.06.2025 at 11:00 AM to 13.06.2025 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 13.06.2025. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 16.06.2025.
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 353533 Co-opretive(25-26).D



ଆୟୁର୍ବେଦରେ ଏମିତି ଅନେକ ପନିପରିବା ରହିଛି ଯାହା ସ୍ୱାସ୍ଥ୍ୟ ପାଇଁ କୌଣସି ବରଦାନଠାରୁ କମ୍ ନୁହେଁ । ଏହିପରି ଏକ ପରିବା ହେଉଛି ସଜନା । ସଜନା ଗଛରେ ଚେରରୁ ପତ୍ର ପର୍ଯ୍ୟନ୍ତ ଅନେକ ଔଷଧୀୟ ଗୁଣ ଭରି ରହିଛି । ଏହାର ପତ୍ର ଫଳ, ମଞ୍ଜି, ଛାଲ, ମୂଳ ଇତ୍ୟାଦି ସବୁ ବ୍ୟବହୃତ ହୁଏ। ସଜନା ଶାଗରେ ଭିଟାମିନ୍ ଏ, ଭିଟାମିନ୍ ସି, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ଭଲ ପରିମାଣର ପୋଷକ ତତ୍ତ୍ୱ ରହିଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଏବଂ ଅନେକ ରୋଗର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ନିୟମିତ ସଜନା ଶାଗ ଖାଇଲେ ଏଥିରେ ଥିବା କ୍ୟାଲସିୟମ ତତ୍ତ୍ୱ ଅସ୍ଥିକୁ ମଜଭୁତ ରଖିବାରେ ଅନେକାଂଶରେ ସହାୟକ ହୋଇଥାଏ।ଏଥିରେ ଆଉ ଏକ ଉପକାରୀ ଗୁଣ ରହିଛି। ରକ୍ତଚାପକୁ ସନ୍ତୁଳିତ ରଖିବାରେ ଅନେକାଂଶରେ ସାହାଯ୍ୟ କରେ ସଜନା ଶାଗ। ଏହା ଲିଭର ସେଲ୍‌କୁ କେତେକାଂଶରେ ସୁରକ୍ଷିତ ରଖିଥାଏ। ମେଦବହୁଳତା ସମସ୍ୟା ସହ ଜଡ଼ିତ ବ୍ୟକ୍ତିମାନଙ୍କ ପାଇଁ ଏହା ମଧ୍ୟ ଉପକାରୀ।ସଜନା ଶାଗ ଶରୀରର ଚର୍ବି ଅଂଶକୁ କମାଇଥାଏ। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି, ଯାହା କେଶମୂଳକୁ ଦୃଢ଼ ରଖିଥାଏ। ଏହା ମଧ୍ୟ ହଜମ ଶକ୍ତିକୁ ଆହୁରି ଦୃଢ଼ କରିଥାଏ। ନିୟମିତ ସଜନା ଶାଗ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରେ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।

## କଲାମଙ୍କ ଚରିତ୍ରରେ ଅଭିନୟ କରିବେ ଧନୁଷ

ଭାରତର 'ମିସାଇଲ ମ୍ୟାନ୍' ଭାବରେ ଜଣାଶୁଣା ଦେଶର ୧୧ତମ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କଲାମ । ତାଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ ହେବାକୁ ଯାଉଛି । ସାଉଥ୍ ଅଭିନେତା ଧନୁଷ ପରଦାରେ ତାଙ୍କ ଚରିତ୍ରରେ ଅଭିନୟ କରିବେ ବୋଲି ଘୋଷଣା କରାଯାଇଛି । ତେବେ ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଓମ୍ ରାଉତ । ଏହା ପୂର୍ବରୁ ସେ 'ଆଦିପୁରୁଷ' ତିଆରି କରିସାରିଛନ୍ତି । ଡକ୍ଟର ଏପିଜେ ଅବଦୁଲ କଲାମ ହେଉଛନ୍ତି ଜଣେ ବ୍ୟକ୍ତିତ୍ୱ ଯାହାଙ୍କୁ ସମଗ୍ର ଦେଶ ପ୍ରଣାମ କରିଥିଲା । ଭାରତର ୧୧ତମ ରାଷ୍ଟ୍ରପତି ଏବଂ 'ମିସାଇଲ୍ ମ୍ୟାନ୍' ଭାବରେ ସେ ବେଶ୍ ଜଣାଶୁଣା । କଲାମଙ୍କ ପ୍ରେରଣାଦାୟକ ଜୀବନକୁ ପରଦାରେ ଦେଖିବାର ସୁଯୋଗ ମିଳିବ । ନିର୍ଦ୍ଦେଶକ ଓମ୍ ରାଉତ ତାଙ୍କ ଉପରେ ଏକ ବାୟୋପିକ୍ ତିଆରି କରିବାକୁ ଯାଉଛନ୍ତି, ଯେଉଁଥିରେ ସାଉଥ ଷ୍ଟାର ଧନୁଷ ତାଙ୍କ ଚରିତ୍ରରେ ଅଭିନୟ କରିବେ। ସରଳତାର ସହିତ ଜୀବନଯାପନ କରିଥିବା ଏବଂ ନିଃସ୍ୱାର୍ଥପର ଭାବରେ ଦେଶ ସେବା କରିଥିବା ଡାକ୍ତର ଏପିଜେ ଅବଦୁଲ କଲାମ ୨୭ ଜୁଲାଇ ୨୦୧୫ରେ ଏହି ଦୁନିଆକୁ ବିଦାୟ ଦେଇଥିଲେ । ୮୪ ବର୍ଷ ବୟସରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିଲା । 'ଜନତାଙ୍କ ରାଷ୍ଟ୍ରପତି' ମଧ୍ୟ କୁହାଯାଏ । ସେ ଜଣେ ଜଣାଶୁଣା ବୈଜ୍ଞାନିକ ଏବଂ ଇଞ୍ଜିନିୟର ମଧ୍ୟ ଥିଲେ । ପ୍ରତ୍ୟେକ ପିଢ଼ି ତାଙ୍କ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି । ଏବେ ପ୍ରଭାସଙ୍କ ଫିଲ୍ମ 'ଆଦିପୁରୁଷ' ତିଆରି କରିଥିବା ନିର୍ଦ୍ଦେଶକ ଓମ୍ ରାଉତ ଏପିଜେ କଲାମଙ୍କ ବାୟୋପିକ୍ ନିର୍ମାଣ କରିବେ । ଏହା ମେ ମାସ ୨୧ରେ ଘୋଷଣା କରାଯାଇଥିଲା । ଏହି ଫିଲ୍ମଟି 'ଦି କାଶ୍ମୀର ଫାଇଲ୍ସ' ଏବଂ 'ଦି ଦିଲ୍ଲୀ ଫାଇଲ୍ସ'ର ଅଭିଷେକ ଅଗ୍ରୱାଲ, ଭୂଷଣ କୁମାର, କ୍ରିଷନ କୁମାର ଏବଂ ଅନିଲ ସନକର ମିଳିତ ଭାବରେ ନିର୍ମାଣ କରିବେ । ଏହି ଫିଲ୍ମକୁ ସାଇୱିନ୍ କ୍ୱାଡ୍ରାସ୍ ଲେଖିଛନ୍ତି । 'ଆଦିପୁରୁଷ'ର ବଜେଟ୍ ୭୦୦ କୋଟି ଟଙ୍କା ବୋଲି କୁହାଯାଉଥିଲା । ଏହା ସବୁଠାରୁ ମହଙ୍ଗା ଭାରତୀୟ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ଥିଲା । ଏହା ୧୬ ଜୁନ୍ ୨୦୨୩ରେ ଥିଏଟରରେ ମୁକ୍ତିଲାଭ କରିଥିଲା ଏବଂ ବକ୍ସ ଅଫିସରେ ଏକ ବଡ଼ ଫ୍ଲପ୍ ପ୍ରମାଣିତ ହୋଇଥିଲା । ଏହା ୩୯୦ କୋଟି ଟଙ୍କାର ବ୍ୟବସାୟ କରିଥିଲା । ଫିଲ୍ମଟି ଏହାର ଓ୍ୱାରଡ ସମେତ ଅନେକ ଜିନିଷ ପାଇଁ ପ୍ରବଳ ସମାଲୋଚନାର ଶିକାର ହୋଇଥିଲା ।



## ରୁଦ୍ରାକ୍ଷ ପାଣି ପିଇଲେ ଶରୀରକୁ ମିଳେ ଏକାଧିକ ଲାଭ




*ହିନ୍ଦୁ ଧର୍ମରେ ରୁଦ୍ରାକ୍ଷର ଖୁବ୍ ମହତ୍ତ୍ୱ ରହିଛି । ଏହାକୁ ପ୍ରଭୁ ଶିବ ଶଙ୍କରଙ୍କ ଆଶୀର୍ବାଦ ବୋଲି ମଧ୍ୟ କୁହାଯାଏ । ଆଜିକାଲି ଅନେକ ଲୋକ ଗଳାରେ ରୁଦ୍ରାକ୍ଷ ଧାରଣ କରିଥିବା ଦେଖିବାକୁ ମିଳୁଛି । ବିଶେଷ କରି ଭଗବାନ ଶିବଙ୍କ ଭକ୍ତମାନେ ଏହାକୁ ଧାରଣ କରିଥାନ୍ତି । ଏହାର ଧାର୍ମିକ ମହତ୍ତ୍ୱ ସହ ସ୍ୱାସ୍ଥ୍ୟ ପାଇଁ ଏହା କେତେ ଉପକାରୀ ଜାଣନ୍ତୁ । ବିଶେଷ କରି ରୁଦ୍ରାକ୍ଷ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେବା ସହ ଶରୀରରୁ ଅନେକ ରୋଗ ଦୂର ହୋଇଥାଏ । ଜାଣନ୍ତୁ ବିଶେଷଜ୍ଞଙ୍କ ମତରେ ରୁଦ୍ରାକ୍ଷ ପାଣି କେତେ ଉପକାରୀ..*

ବିଶେଷଜ୍ଞଙ୍କ ମତାନୁସାରେ ରୁଦ୍ରାକ୍ଷ ଏକ ଶକ୍ତିଶାଳୀ ପ୍ରାକୃତିକ ବିଜ । ଯାହାକୁ ଆୟୁର୍ବେଦରେ ଶକ୍ତି ପ୍ରଦାନ କରୁଥିବା ଔଷଧ ବୋଲି କୁହାଯାଏ । ରୁଦ୍ରାକ୍ଷ ପାଣି ସେବନ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ବେଶ ଉପକାରୀ । ଏହା ଶରୀରରେ ରକ୍ତ ସଞ୍ଚାଳନ ସଠିକ୍ ? ରଖିଥାଏ । ହୃଦୟକୁ ସୁସ୍ଥ ରଖିଥାଏ । ଏହା ମସ୍ତିଷ୍କକୁ ସୁସ୍ଥ ରଖିଥାଏ । ଶିରା ପ୍ରଶିରାକୁ ସଠିକ୍ ଭାବେ କାର୍ଯ୍ୟ କରିବାରେ ସହାୟକ ହୋଇଥାଏ । ମାନସିକ ଶାନ୍ତି ମିଳିଥାଏ । ଦୁଃଶ୍ଚିନ୍ତା, ଥକ୍କାପଣକୁ କମ୍ କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । ରୁଦ୍ରାକ୍ଷ ପାଣି ପ୍ରାକୃତିକ ଭାବେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ । ମଜଭୁତ କରିଥାଏ । ଶରୀରକୁ ରୋଗରୁ ଲଢିବା ପାଇଁ ଶକ୍ତି ପ୍ରଦାନ କରିଥାଏ ।

ଏହି ପାଣି ପାଇଁ ପ୍ରଥମେ ରାତିରେ ଏକ ପାତ୍ରରେ ସଫା ପାଣି ନିଅନ୍ତୁ । ଏଥିରେ ଗୋଟିଏ କିମ୍ବା ୨ଟି ଅସଲି ରୁଦ୍ରାକ୍ଷ ପକାନ୍ତୁ । ଏହାକୁ ଘୋଡାଇ ରଖି ଦିଅନ୍ତୁ । ସକାଳେ ଖାଲି ପେଟରେ ଏହି ପାଣିକୁ ପିଅନ୍ତୁ। ନିୟମିତ ଏପରି କରିବା ଦ୍ୱାରା ମାନସିକ ଶାନ୍ତି ସହ ଆହୁରି ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ମିଳିଥାଏ ।

## ସବୁଠୁ ଦୁର୍ଗନ୍ଧଯୁକ୍ତ ପକ୍ଷୀ



ହୋଆଟ୍‌ଜିନ୍ ପକ୍ଷୀ ବିଶ୍ୱର ସବୁଠାରୁ ଦୁର୍ଗନ୍ଧଯୁକ୍ତ ପକ୍ଷୀ ଭାବେ ଜଣାଶୁଣା। ଅନ୍ୟ ପକ୍ଷୀମାନଙ୍କଠାରୁ ଏହାର ଅନେକ ଭିନ୍ନତା ରହିଛି। ପୃଥିବୀର ଏକମାତ୍ର ପକ୍ଷୀ ଭାବେ ହୋଆଟ୍‌ଜିନ୍‌ଠାରେ ଗାଈ ଏବଂ ଅନ୍ୟାନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ପରି ସ୍ୱତନ୍ତ୍ର ପାଚନ ତନ୍ତ୍ର ରହିଛି। ଏହି ଅସାଧାରଣ ପାଚନ ପ୍ରଣାଳୀ ଯୋଗୁ ହୋଆଟ୍‌ଜିନ୍ ପକ୍ଷୀକୁ ବିଶ୍ୱର ସବୁଠାରୁ ଦୁର୍ଗନ୍ଧଯୁକ୍ତ ପକ୍ଷୀ ଭାବେ ବିବେଚନା କରାଯାଇଥାଏ। ହୋଆଟ୍‌ଜିନ୍ ପକ୍ଷୀଙ୍କ ଗଳା ପାଖରେ ଏକ ଖାଦ୍ୟ ସଂରକ୍ଷଣ ପାଉଚ୍ ରହିଥାଏ, ଯାହାକୁ କ୍ରପ୍ କୁହାଯାଏ। ଏହି କ୍ରପ୍ ଖୁବ୍ କମ୍ ପରିମାଣର ଖାଦ୍ୟ ସଂରକ୍ଷଣ ପାଇଁ ବ୍ୟବହୃତ ହୋଇଥାଏ। ନିଜର ଅସାଧାରଣ ତଥା ଲମ୍ବା ପାଚନ ପ୍ରକ୍ରିୟା ସମୟରେ ଏହି ପକ୍ଷୀଙ୍କଠାରୁ ମିଥେନ୍ ଗ୍ୟାସ୍ ନିର୍ଗତ ହୋଇଥାଏ, ଯାହାଦ୍ୱାରା ସେମାନଙ୍କ ଶରୀରରୁ ଗୋବର ପରି ଗନ୍ଧ ସୃଷ୍ଟି ହୋଇଥାଏ। ତେଣୁ ଏହି ପକ୍ଷୀମାନଙ୍କୁ 'ଷ୍ଟିଙ୍କ୍‌ବାର୍ଡ'ର ନାମ ମଧ୍ୟ ଦିଆଯାଇଛି। ପକ୍ଷୀଗୁଡ଼ିକୁ ଆମାଜନ ଜଙ୍ଗଲର ବିଭିନ୍ନ କାଦୁଅ ଅଞ୍ଚଳ ଏବଂ ନଦୀଗୁଡ଼ିକରେ ଦେଖିବାକୁ ମିଳିଥାଏ। ହୋଆଟ୍‌ଜିନ୍ ପକ୍ଷୀମାନେ କେବଳ ଗଛପତ୍ର ଖାଇ ବଞ୍ଚିରୁହନ୍ତି। ସେହିପରି ଏହି ପକ୍ଷୀଙ୍କ ଛୁଆମାନେ ନଖଯୁକ୍ତ ଡେଣା ସହିତ ଜନ୍ମ ହୋଇଥାନ୍ତି। ପକ୍ଷୀଙ୍କ ଗଳାର କ୍ରପ୍ ଏତେ ବଡ଼ ହୋଇଥାଏ ଯେ, ଏହି ପକ୍ଷୀଙ୍କ ଉଡ଼ାଣ ମାଂସପେଶୀ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହି ନ ଥାଏ। ଫଳରେ ଏହି ପ୍ରଜାତିର ବୟସ୍କ ପକ୍ଷୀମାନେ କେବଳ ଅଳ୍ପ ସମୟ ପାଇଁ ଉଡ଼ିପାରିଥାନ୍ତି। ସାଧାରଣତଃ ଏହି ପକ୍ଷୀ ଗୋଟିଏ ଗଛରୁ ଅନ୍ୟ ଗଛକୁ ଉଡ଼ି ପାରିଥାନ୍ତି। ସେହିପରି ଏହି ପକ୍ଷୀ ଗୋଟିଏ ଡାଳରୁ ଅନ୍ୟ ଡାଳକୁ ଡେଇଁ ପାରିଥାନ୍ତି। ସେମାନେ ନିଜ ଡେଣାରେ ଥିବା ନଖ ସାହାଯ୍ୟରେ ଡାଳକୁ ଜାବୁଡ଼ି ଧରି ଅନେକ ସମୟ ଧରି ରହିପାରିଥାନ୍ତି। ଏହି ପକ୍ଷୀଙ୍କ ଶରୀରରୁ ଆସୁଥିବା ଗୋବର ପରି ଗନ୍ଧ ସେମାନଙ୍କୁ ଶିକାରୀମାନଙ୍କଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।


## କଳା ଯାଦୁ ଦେଖାଇଲେ ମୋନାଲିସା

ଭୋଜପୁରୀ ସିନେମାର ଲୋକପ୍ରିୟ ଅଭିନେତ୍ରୀ ମୋନାଲିସାଙ୍କର କେବଳ ଭୋଜପୁରୀ ଦର୍ଶକଙ୍କ ମଧ୍ୟରେ ନୁହେଁ ବରଂ ହିନ୍ଦୀ ଦର୍ଶକଙ୍କ ମଧ୍ୟରେ ବହୁ ପ୍ରଶଂସକ ଅଛନ୍ତି। କାରଣ ସେ ଭୋଜପୁରୀ ଫିଲ୍ମ ସହିତ ହିନ୍ଦୀ ଟିଭି ଧାରାବାହିକ ଏବଂ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ମୋନାଲିସା ସମ୍ପ୍ରତି ଦୁବାଇରୁ ଛୁଟି କାଟି ଫେରିଛନ୍ତି ଏବଂ ତାଙ୍କର ନୂତନ ଧାରାବାହିକର ସୁଟିଂରେ ବ୍ୟସ୍ତ ଅଛନ୍ତି। ମୋନାଲିସା କିଛି ଫଟୋ ଏବଂ ଏକ ଭିଡିଓ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି। ଏହି ପୋଷ୍ଟରେ ମୋନାଲିସା ତାଙ୍କର ଆଗାମୀ ଧାରାବାହିକର ନାମ ମଧ୍ୟ ପ୍ରକାଶ କରିଛନ୍ତି। ମୋନାଲିସା ଇନଷ୍ଟାଗ୍ରାମରେ କିଛି ଫଟୋ ସେୟାର କରିଛନ୍ତି। ଯେଉଁଥିରେ ସେ ଲାଲ ଶାଢ଼ି ପିନ୍ଧି, ଲମ୍ବା କଳା କେଶ ଦେଖାଇ, ଶରୀରରେ ପାଉଁଶ ବୋଲି ଥିବାର ଦେଖିବାକୁ ମିଳୁଛି। ଏହି ଫଟୋଗୁଡ଼ିକରେ ମୋନାଲିସା ତାଙ୍କ ମୁହଁ ଦେଖାଇ ନାହାନ୍ତି। ପୋଷ୍ଟର କ୍ୟାପସନରେ ସେ ଲେଖିଛନ୍ତି, 'ଆମି ଜେ ତୋମାର'। ଏହା ସହିତ ସେ 'ଜାଦୁ ତେରୀ ନଜର' ହ୍ୟାସଟ୍ୟାଗ୍ ମଧ୍ୟ ବ୍ୟବହାର କରିଛନ୍ତି। ପ୍ରଶଂସକମାନେ ଏହି ଫଟୋଗୁଡ଼ିକୁ ବହୁତ ପସନ୍ଦ କରୁଛନ୍ତି। ଜଣେ ପ୍ରଶଂସକ ଲେଖିଛନ୍ତି, 'ଡାୟନ ନା ମହା ଡାୟନ' ଅନ୍ୟ ଜଣେ ପ୍ରଶଂସକ ଲେଖିଛନ୍ତି, 'ଶେଷରେ ରାଣୀ ପୁଣି ଥରେ ଡାୟନ ହୋଇ ଆସୁଛନ୍ତି, ଏହା ମଜାଦାର ହେବ। ଯେତେବେଳେ ଅନ୍ୟ ଜଣେ ପ୍ରଶଂସକ ଲେଖିଛନ୍ତି, ମ୍ୟାଡାମ୍, କେଉଁ ଫିଲ୍ମର ସୁଟିଂ ଚାଲିଛି ସେହିପରି, କିଛି ଲୋକ ଏହି ଆଗାମୀ ସୋ' ପାଇଁ ଉତ୍ସାହିତ ଥିବା ବେଳେ ଅନ୍ୟମାନେ ଏହି ସିରିଏଲର ନାମ ଜାଣିବାକୁ ଚାହିଁଛନ୍ତି। ମୋନାଲିସାଙ୍କ ଏହି ଧାରାବାହିକର ଏକ ଝଲକ ଷ୍ଟାର ପ୍ଲସର ଇନଷ୍ଟାଗ୍ରାମ ପୃଷ୍ଠାରେ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ମୋନାଲିସା ଭୋଜପୁରୀ ସିନେମାର ଜଣେ ଲୋକପ୍ରିୟ ଅଭିନେତ୍ରୀ ଏବଂ ନୃତ୍ୟଶିଳ୍ପୀ। ସେ ଖେସାରି ଲାଲ, ପବନ ସିଂହ, ରବି କିଶନ ଏବଂ ନିରହୁଆଙ୍କ ଭଳି ସୁପରଷ୍ଟାରଙ୍କ ସହ କାମ କରିଛନ୍ତି।



## ଶାଢ଼ିକୁ ନେଇ ଚର୍ଚ୍ଚାରେ ଆଲିଆ

୭୮ ତମ କାନ୍ସ ଫିଲ୍ମ ଫେଷ୍ଟିଭାଲର ଶେଷ ଦିନରେ ନିଜ ଲୁକ୍‌କୁ ନେଇ ଚର୍ଚ୍ଚାକୁ ଆସିଛନ୍ତି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ । ରେଡ୍ କାର୍ପେଟରେ ଡେବ୍ୟୁ ଦିନ ଆଲିଆ ତାଙ୍କ ସିଆପରେଲି କ୍ରିମ୍ ଗାଉନକୁ ପିନ୍ଧିବା ପରେ ସେ ଗର୍ଭବତୀ ଥିବା ଭଳି କଥା ଚର୍ଚ୍ଚାକୁ ଆସିଥିଲା । ଏହା ପରେ କାନ୍ସର ଶେଷ ଦିନରେ ସେ ଗୁଚି ବ୍ରାଣ୍ଡର ଗୋଲଡେନ୍ ଶାଢ଼ି ପିନ୍ଧି ସମସ୍ତଙ୍କୁ ଅବାକ୍ କରିଦେଇଛନ୍ତି । ଗୁଚି ଭଳି ଅନ୍ତର୍ଜାତୀୟ ବ୍ରାଣ୍ଡ୍ ଶାଢ଼ି ଡିଜାଇନ କରିବାରେ ଏହା ପ୍ରଥମ ଘଟଣା । ଆଲିଆଙ୍କ ଶାଢ଼ିରେ ବେଶ୍ ମୂଲ୍ୟବାନ ସ୍ୱାରୋଭ୍‌ସ୍କି କ୍ରିଷ୍ଟାଲ ଲାଗିଛି । ପାଖରୁ ଦେଖିଲେ ଏହି କ୍ରିଷ୍ଟାଲ ଦ୍ୱାରା ପୂରା ଶାଢ଼ିରେ ଗୁଚି ବ୍ରାଣ୍ଡର ଲୋଗୋ ବନାଯାଇଥିବା ଦେଖାଯିବ । ପ୍ରସିଦ୍ଧ ସେଲିବ୍ରିଟି ତଥା ସୋନମ କପୁରଙ୍କ ଭଉଣୀ ରିୟା କପୁର ଆଲିଆଙ୍କୁ ଏହି ଷ୍ଟାଇଲ ଦେଇଛନ୍ତି । ଆଲିଆଙ୍କ ପୂର୍ବରୁ ରିୟା କାନ୍ସରେ ଜାହ୍ନବୀ କପୁରଙ୍କୁ ମଧ୍ୟ ଷ୍ଟାଇଲିଶ୍ ଲୁକ୍ ଦେଇଥିଲେ । କାନ୍ସରେ ଆଲିଆ ଡାଏମଣ୍ଡ ଅଳଙ୍କାର, ଖୋଲା କେଶ ଏବଂ ବେଶ୍ କମ୍ ମେକ୍‌ଅପ୍ ସହ ନିଜ ଲୁକ୍‌କୁ ସମ୍ପୂର୍ଣ୍ଣ କରିଥିଲେ । ପ୍ରକାଶଥାଉ କି, ଆଲିଆ ହେଉଛନ୍ତି ଏହି ଇଟାଲିଆନ୍ ଲକଜ୍‌ରୀ ବ୍ରାଣ୍ଡର ଗ୍ଲୋବାଲ ବ୍ରାଣ୍ଡ୍ ଆମ୍ବାସଡର । କାନ୍ସ ରେଡ୍ କାର୍ପେଟରେ ଡେବ୍ୟୁ ଦିନ ଆଲିଆ ଫ୍ରେଞ୍ଚ ଡିଜାଇନରଙ୍କ ଗାଉନ୍ ପିନ୍ଧିଥିଲେ । ଏହାକୁ ମଧ୍ୟ ରିୟା କପୁର ଷ୍ଟାଇଲ ଦେଇଥିଲେ । ରେଡ୍ କାର୍ପେଟରୁ ଆଲିଆଙ୍କ ଫଟୋ ସାମ୍ନାକୁ ଆସିବା ପରେ ସେ ଦ୍ୱିତୀୟ ଥର ଗର୍ଭବତୀ ଥିବା ନେଇ ସୋସିଆଲ ମିଡିଆରେ ଅନେକେ ମତ ଦେଇଥିଲେ । ଆଲିଆଙ୍କୁ ଶେଷଥର ଲାଗି ବସନ ବାଲାଙ୍କ ଫିଲ୍ମ 'ଜିଗ୍‌ରା'ରେ ଦେଖିବାକୁ ମିଳିଥିଲା । ଏବେ ସେ ଯଶ ରାଜ ଫିଲ୍ମସ୍ ବ୍ୟାନରରେ ନିର୍ମାଣ ହେଉଥିବା ଫିଲ୍ମ 'ଆଲ୍‌ଫା'ରେ ନିଜ ରୋଲ୍ ପାଇଁ ପ୍ରସ୍ତୁତି କରୁଛନ୍ତି । ଏଥିରେ ଶିବ ରାୱେଲ ନିର୍ଦ୍ଦେଶନା ଦେଉଛନ୍ତି । ଏଥିସହ ସଞ୍ଜୟ ଲୀଳା ଭନସାଲିଙ୍କ 'ଲଭ୍ ଆଣ୍ଡ୍ ୱାର'ରେ ଆଲିଆଙ୍କୁ ରଣବୀର କପୁର ଏବଂ ଭିକି କୌଶଲଙ୍କ ସହ ଦେଖିବାକୁ ମିଳିବ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଦ୍ରକ, (ଭାସ୍କର ନ୍ୟୁଜ): ରାଷ୍ଟ୍ରୀୟ ଆଇନସେବା ଓ ରାଜ୍ୟ ଆଇନସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ସାଥୀ ଅଭିଯାନ ମାଧ୍ୟମରେ ନିଃସହାୟ ତଥା ଅବହେଳିତ ପିଲାମାନଙ୍କୁ ଚିହ୍ନଟ ଏବଂ ଆଧାର ପଞ୍ଜୀକରଣ, ଆଇନଗତ ସହାୟତା ପ୍ରଦାନ କରିବା ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁ ନିର୍ଦ୍ଦେଶକ୍ରମେ ପୁଣ୍ୟଶ୍ଲୋକ ରଥ, ସଚିବ, ଜିଲ୍ଲା ଆଇନସେବା ପ୍ରାଧୀକରଣ, ଭଦ୍ରକଙ୍କ ତତ୍ତ୍ୱାବଧାନରେ ଏକ ସାଥୀ କମିଟି ଗଠନ କରାଯାଇ ସଦସ୍ୟ ରୂପେ ପ୍ୟାନେଲ ଓକିଲ, ପାରାଲିଗାଲ୍ ସ୍ୱେଚ୍ଛାସେବୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, କିଶୋର ପରିଷଦର ପୋଲିସ୍ ଅଧିକାରୀ, ଶିଶୁ ଯତ୍ନ ପ୍ରତିଷ୍ଠାନର ଅଧୀକ୍ଷକ, ଜିଲ୍ଲାର ୭ଟି ତହସିଲଦାରମାନଙ୍କୁ ନେଇ ଏହି ତାଲିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସାଥୀ ଅଭିଯାନ ପ୍ରକ୍ରିୟାର ମୂଳ ଲକ୍ଷ୍ୟ ରୂପେ ଯେପରି କୌଣସି ପିଲା ଆଇନଗତ ପରିଚୟ ବା କୌଣସିଟି ଶିଶୁ ଯେପରି ବିନା ପରିଚୟରେ ନରହିବେ ସେ ସମ୍ପର୍କରେ ବିଷଦଭାବେ ଆଲୋଚନା କରାଯାଇଥିଲା । ଯଦି କୌଣସ ନିଃସହାୟ ପିଲାର ଆଇନଗତ ସହାୟତା ତଥା ସରକାରୀ ଯୋଜନାରେ ଅର୍ନ୍ତଭୁକ୍ତ କରାଇବା ନିମିତ୍ତ ସହାୟତା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ଭଦ୍ରକର ସହଯୋଗ କରିବାକୁ ମଧ ସମସ୍ତଙ୍କର ସହଯୋଗ ଲୋଡ଼ା ଯାଉଅଛି ।

# ଦୋକାନରୁ ତାଲା ତାଡ଼ି ତାଲା ପକାଇଲେ ଲକ୍ଷ୍ମୀପୁର ବିଧାୟକ

## ସରକାରଙ୍କ ଲାଇସେନ୍ସ ପ୍ରାପ୍ତ ବିଦେଶୀ ଓ ଦେଶୀ ମଦ ବିକ୍ରିକୁ ବିରୋଧ





ବନ୍ଧୁଗାଁ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ସରକାରଙ୍କ ବିଦେଶୀ ଓ ଦେଶୀ ମଦ ବିକ୍ରି ପାଇଁ ଲାଇସେନ୍ସ ପ୍ରାପ୍ତ ଦକାନକୁ ବିରୋଧ କରି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପବିତ୍ର ସାଉନ୍ତା ତାଲା ତାଡି ଦକାନିଙ୍କୁ ବାହାର କରି ନୂଆ ତାଲା ପକାଇ ଦେଇଛନ୍ତି । ସୂଚନା ଅନୁଯାଇ ବିଧାୟକ ପବିତ୍ର ସାଉନ୍ତା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ସରକାରଙ୍କ ଦେଶୀ ଓ ବିଦେଶୀ ମଦ ବିକ୍ରି ବନ୍ଦ କରିବାକୁ ନେଇ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ଅଧିକାରୀଙ୍କୁ ସାକ୍ଷାତ କରି ଲିଖିତଭାବେ ଜଣାଇଥିଲେ । ଆଜିପର୍ଯ୍ୟନ୍ତ ବନ୍ଧୁଗାଁ ବ୍ଲକେର ଥିବା ଦୁଇଟି ଦେଶୀ ଓ ବିଦେଶୀ ମଦ ଦୋକାନକୁ ବନ୍ଦ କରିବାକୁ ଅବକାରୀ ବିଭାଗ ଅଧିକାରୀ ମାନେ ପଦେକ୍ଷପ ନେଇ ନଥିଲେ । ଏଥିପାଇଁ ଆଜି ବନ୍ଧୁଗାଁ ବ୍ଲକର କିଛି କଂଗ୍ରେସ ଦଳର କର୍ମୀଙ୍କୁ ନେଇ ବିଧାୟକ ଦେଶୀ ବିଦେଶୀ ମଦ ବିକ୍ରି ବନ୍ଦ କରିବାକୁ ବେନର ଓ ସ୍ଲୋଗାନ ଦେଇ ମଦ ଦକାନରେ ପହଞ୍ଚିଥିଲେ । ପ୍ରଥମେ ବିଦେଶୀ ମଦ ଦୋକାନରେ ପହଞ୍ଚି ଭିତରେ ପ୍ରବେଶ କରି ବୁଲି ଦେଖିଥିଲେ । ପରେ ଦକାନ ମାଲିକଙ୍କୁ ବାହାର କରି ଦୋକାନରେ ବିଧାୟକ ନିଜେ ନୂଆ ତାଲା ଦେଇ ଆଜିଠାରୁ ମଦ ବିକ୍ରି ବନ୍ଦ ସହିତ ଏଠାରେ ଆସିବାକୁ ହେବ ନାହିଁ କହିଥିଲେ । ଯଦି ପୁନର୍ବାର ଆସିବ ମୁଁ ନିଜେ ବିହାରିମାନଙ୍କୁ ମାଡ ମାରି ବାହାର କରି ଦେବାକୁ ଧମକ ଦେଇଥିଲେ । ପରେ ଦେଶୀ ମଦ ଭାଟିରେ ପହଞ୍ଚି ଚାବି ପଡ଼ିଥିବା ବନ୍ଦ କୋଠରୀ ଗୁଡ଼ିକୁ ଖୋଲିବାକୁ କହିଥିଲେ ବିଧାୟକ । ମାଲିକ ନିଜ ପାଖରେ ଚାବି ନାହିଁ କହିବାରୁ ଶାବଳରେ ତାଲା ଭାଙ୍ଗିବାକୁ ତାଗିଦ କରିଥିଲେ । ପରେ ବିଧାୟକ ପବିତ୍ର ସାଉନ୍ତା ମହୁଲ ବସ୍ତା, ମଦ ପକେଟିଂ ଓ ପଚ ଥିବା କୋଠରୀ ଭିତେରେ ପଶି ଦେଖିଥିଲେ । ବୟସ୍କ ବୃଦ୍ଧଙ୍କୁ ଘର ଭିତରୁ ବାହାରି ଚାଲି ଯିବାକୁ ଜଣାଇଥିଲେ କିନ୍ତୁ ମାଲିକ ବୃଦ୍ଧ ଜଣକ, ମତେ ଏଠାରେ ଫାଶୀ ଦେଇଦିଅ ମୁଁ କେଉଁ ଆଡେ ଯିବିନାହିଁ କହିବାରୁ ବିଧାୟକ ରାଗିଯାଇ ଦୁଇଜଣ କର୍ମୀଙ୍କୁ ତାଙ୍କ ଗାଡ଼ିରେ ବସାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବୃଦ୍ଧ ମାଲିକଙ୍କୁ ହାତ ଧରି ବିଧାୟକଙ୍କ ଗାଡ଼ିରେ ବସାଇଥିଲେ । ଏହି ସମୟରେ ସ୍ଥାନୀୟ ପୋଲିସ ଥାନାରୁ ଏସଆଇ ବିଜୟ ମୁର୍ମୁ ଓ ନାରାୟଣପାଟଣା ଅବକାରୀ ବିଭାଗ ଅଧିକାରୀ ମାଝୀ ଗୌରୀ ପଟ୍ଟନାୟକ ପହଞ୍ଚିବା ପରେ ବିଧାୟକଙ୍କ ଦେଶୀ ବିଦେଶୀ ମଦ ଦୋକାନ ବନ୍ଦ କରିବା ଖବର ଜାଣି ନଥିବା କହିଥିଲେ । ଏହି ଦେଶୀ ବିଦେଶୀ ମଦ ବନ୍ଦ ସମୟରେ ସୀମାନ୍ତ ଅଞ୍ଚଳର ଅନେକ ଦେଶୀ ମଦ ବିକ୍ରି କରୁଥିବା କିଛି ସମଥର୍କ ରହିଥିବା ଦେଖିବାକୁ ମିଳିଛି । ଦେଶୀ ଓ ବିଦେଶୀ ମଦ ବିକ୍ରି ବନ୍ଦ କରିବାକୁ ବିଧାୟକ ଶାନ୍ତି ଶୃଙ୍ଖଳାର ସହିତ ବସି ପ୍ରତିବାଦ କରି ସରକାରଙ୍କ ପାଖରେ ଦାବି କରିବା ଉଚିତ ଥିଲା । କିନ୍ତୁ ଏହି ପ୍ରକାର ରାଜ୍ୟ ସରକାରଙ୍କ ଲାଇସେନ୍ସ ପ୍ରାପ୍ତ ଦେଶୀ ବିଦେଶୀ ମଦ ଦୋକାନରୁ କୋଟିକୋଟି ଟଙ୍କାର ରାଜସ୍ୱ ଆୟ ରାଜ୍ୟ ସରକାର ପାଇଆସୁଛନ୍ତି । ବିହାରି ମାନେ କ'ଣ ଆମ ଦେଶର ନାଗରିକ ନୁହନ୍ତି କି ? ସ୍ଥାନୀୟ ଅଞ୍ଚଳରେ ଏହି ପ୍ରକାର ଭାବରେ ବିଧାୟକଙ୍କ ଦ୍ୱାରା ଦେଶୀ / ବିଦେଶୀ ମଦ ବିକ୍ରିକୁ ବିରୋଧକୁ ନେଇ ବୁଦ୍ଧିଜୀବୀ ମହଲରେ ଅସେନ୍ତାଷ ପ୍ରକାଶ କରୁଥିବା ବେଳେ ସମସ୍ତ ବିହାରି ମଦ ଦୋକାନୀ ବିଧାୟକଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଥିବା ଜାଣିବାକୁ ମିଳିଛି ।

# ଗୋରୁ ବୋଝେଇ ବୋଲେରୋ ଉପରେ ବଜରଙ୍ଗୀ ଦଳର ଚଢାଉ




ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସାନଶାସନ ପଞ୍ଚାୟତ ବଡକଣ୍ଟାପଡା ଗ୍ରାମରେ ବେଆଇନ ଗୋରୁ ଚାଲାଣକାରୀ ବୋଲେରୋ ଉପରେ ସ୍ଥାନୀୟ ବଜରଙ୍ଗୀ ଦଳ ପକ୍ଷରୁ ରବିବାର ବିଳମ୍ବିତ ରାତ୍ରରେ ଚଢାଉ କରାଯାଇଥିବା ଜଣାଯାଇଛି । ଗ୍ରାମର ନାରାୟଣ ପେରେଇ ବିଭିନ୍ନ ଅଞ୍ଚଳରୁ ଗୋରୁ ସଂଗ୍ରହ କରି ବିକ୍ରୟ କରିଆସୁଥିଲେ । ଏହା ଉପରେ ବଜରଙ୍ଗୀ ଦଳ ନଜର ରଖିଥିଲା । ରବିବାର ରାତ୍ର ପ୍ରାୟ ୩ଟା ସମୟରେ ବୋଲେରୋରେ ୫ଟି ଗୋରୁ ବୋଝେଇ କରି ଚାଲାଣ କରାଯାଉଥିବା ସମୟରେ ନାରାୟଣ ପେରେଇଙ୍କ ଘର ସମ୍ମୁଖ ରାସ୍ତା ଉପରେ ବଜରଙ୍ଗୀ ଦଳ ପକ୍ଷରୁ ଚଢାଉ କରାଯାଇଥିଲା । ସମ୍ପୃକ୍ତ ଗୋ କ୍ରୟ କରିବାକୁ ଆସିଥିବା ୨ଟି ବାଇକ ଉପରେ ମଧ ଆକ୍ରମଣ ହୋଇଥିଲା । ସମ୍ପୃକ୍ତ ବୋଲେରୋ ଓ ୨ଟି ଯାକ ବାଇକ କ୍ଷତିଗ୍ରସ୍ତ ହୋଇଥିଲା । ଖବର ପାଇ ମଞ୍ଜୁରୀରୋଡ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁଗୁଡିକୁ ଉଦ୍ଧାର କରିଥିଲା । ମାନସ ବାରିକ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି । ମାତ୍ର ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନଥିବା ଜଣାଯାଇଛି । ଉଦ୍ଧାର ଗୋରୁଗୁଡିକୁ ମଇତାପୁର ଗୋଶାଳାରେ ଛଡାଯାଇଛି ।

# ସୀମା ଲଂଘିଲା ସିଠାଳ ବାଲିଘାଟ

## ସୀମା ବାହାରୁ ବାଲିଚୋରା ଚାଲାଣ



ନିଆଳୀ, (ଭାସ୍କର ନ୍ୟୁଜ): ନିଆଳୀ ତହସିଲ୍ ଅଧିନସ୍ଥ ଦେବୀ କନ୍ଦଳ ଦୀପାଞ୍ଚଳ ସିଠାଳ ପଞ୍ଚାୟତ ସିଠାଳ ବାଲିଘାଟ ସରକାରଙ୍କ ନିୟମକୁ ଖୋଲା ଉଲ୍ଲଂଘନ କରି ଖଣିବିଭାଗର ନିର୍ଦ୍ଦେଶକୁ ବେଖାତିରୀ କରି ନିଜର ସୀମାଠାରୁ ଅନେକଦୂରରେ ବେଆଇନ ଭାବେ ବାଲିଖୋଳି ଚୋରାଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି । ଏମିତିକି ଏହି ବାଲି ଚୋରାଚାଲାଣରେ ମୋଟା ଅର୍ଥ ଖଣି ବିଭାଗ ଅଧିକାରିଙ୍କ ପକେଟକୁ ଯାଉଛି । ଯାହାଫଳରେ ଲକ୍ଷାଧିକ ଟଙ୍କା ରାଜ୍ୟ ରାଜକୋଷର କ୍ଷତି ଘଟୁଛି । ଏଭଳି ସ୍ଥଳେ ସମ୍ପୃକ୍ତ ବାଲିଘାଟ ମାଲିକ ପୋଲତଳୁ ବାଲି ଉଠେଇବା ଛାଡୁନାହିଁ ଯାହାଫଳରେ ନଦୀରେ ବନ୍ୟା ଜଳ ଆସିଲେ ପୋଲ ପ୍ରତି ବିପଦ ସୃଷ୍ଟି ହେବ । ସରକାରଙ୍କ ନିୟମ ଅନୁଯାଇ ପୋଲ ତଳୁ ଚାରିଶହ ମିଟର ଦୂରରୁ ବାଲି ଖୋଳିବା ପାଇଁ ନିୟମ ଥିବାବେଳେ ଏହି ନିୟମକୁ ସମ୍ପୃକ୍ତ ବାଲିଘାଟ ମାଲିକ ଉଲ୍ଲଂଘନ କରୁଛନ୍ତି । ଏମିତିକି ବାଲି ଖୋଳିବା ପାଇଁ ଗଭିରତା ଯେତିକି ସରକାର ନିୟମ ରହିଛି, ତାଠାରୁ ଅଧିକ ଗଭୀର ଖୋଳାଯାଇଥିବା ଅଭିଯୋଗ ହୋଇଛି । ଏସବୁକୁ ଜିଲ୍ଲା ଖଣିବିଭାଗ ପଦକ୍ଷେପ ନନେଲେ ଜିଲ୍ଲାପାଳଙ୍କ ନିକରରେ ଅଭିଯୋଗ ହେବବେଳି ଦୀପାଞ୍ଚଳ ଯୁବଜାଗୃତି ବିକଶିତ ଭାରତମଞ୍ଚର କର୍ମକର୍ତ୍ତା ବିଷ୍ଣୁପ୍ରସାଦ ସେଠି କହିଛନ୍ତି ।

## ଉପାନ୍ତ ଅଞ୍ଚଳରେ ସାବିତ୍ରୀ ବ୍ରତ ପାଳିତ

ରାୟଗଡା, (ଭାସ୍କର ନ୍ୟୁଜ): ଉପାନ୍ତ ଅଞ୍ଚଳ ରାୟଗଡା ଜିଲ୍ଲାରେ ମହା ଆଡମ୍ବର ସହକାରେ ସାବିତ୍ରୀ ବ୍ରତ ପାଳନ କରାଯାଇଛି । ଲକ୍ଷ୍ମୀ ନାରାୟଣଙ୍କ ପ୍ରତିମୂର୍ତ୍ତିକୁ ସୁନ୍ଦରଭାବେ ସଜାଇ ପୂଜା ପାଇଁ ପ୍ରସ୍ତୁତ କରାଯାଇଥିଲା । ମହିଳା ମାନେ ନୂଆ ଶାଢ଼ୀ, ଚୁଡ଼ି ପିନ୍ଧି, ସିନ୍ଦୂର, ଅଳତା ଲଗାଇ ପୂଜା ଆରମ୍ଭ କରିଥିଲେ । କ୍ଷପରେ ବ୍ରତ ଧାରି ମହିଳା ମାନେ ଉପାସ କରି ଆମ୍ବ, ପଣସ, ଲିଚୁ, ଅଙ୍ଗୁର, ତାଳ,



କଦଳୀ ଆଦି ଫଳକୁ ଆଣି ଠାକୁରଙ୍କ ନିକଟରେ ରଖି ସମର୍ପଣ କରିଥିଲେ । ପତ୍ନୀ ନିଜ ସ୍ୱାମୀଙ୍କ ଦୀର୍ଘ ଆୟୁଷ କାମନା କରି ଏହି ପୂଜା କରିବା ପରମ୍ପରା ରହିଛି । ରାୟଗଡ଼ା ସହରର କୋ-ଅପରେଟିଭ କଲୋନୀର ମହିଳାମାନେ ଏହି ପୂଜାରେ ସାମିଲ ହୋଇଥିଲେ ।

## ପୁରୀ ସମୁଦ୍ରରେ ଛାତ୍ର ନିଖୋଜ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ସରସଦା ଗ୍ରାମ ପ୍ରଭାତ ସ୍ୱାଇଁଙ୍କ ପୁତ୍ର ପ୍ରତ୍ୟୁଷ(୧୭) ଗତ ରବିବାର ପୁରୀ ସମୁଦ୍ରରେ ନିଖୋଜ ହୋଇଯାଇଥିବା ଜଣାଯାଇଛି । ଭଦ୍ରକ ମହାବିଦ୍ୟାଳୟରୁ ସଦ୍ୟ +୨ ବିଜ୍ଞାନରେ କୃତିତ୍ୱ ସହ ସଫଳତା ହାସଲ କରିଥିବା ପ୍ରତ୍ୟୁଷ ସମ୍ପର୍କୀୟ ସାଥିମାନଙ୍କ ସହ ପୁରୀ ଶ୍ରୀ ଜଗନ୍ନାଥ ଦର୍ଶନ କରିବାକୁ ଯାଇଥିଲେ । ଦର୍ଶନ ସାରି ସମୁଦ୍ରକୂଳ ହେଟେଲ ତାରା ପ୍ୟାଲେସ ସମ୍ମୁଖରେ ପୂର୍ବାହ୍ନ ସମୟରେ ସମୁଦ୍ରରେ ସାଥି ସ୍ନାନ କରୁଥିବା ବେଳେ ନିଖୋଜ ହୋଇ ଯାଇଥିଲେ । ନିକଟରେ ଥିବା ଲାଇଫ ଗାର୍ଡ ଖୋଜାଖୋଜି କରି ପ୍ରତ୍ୟୁଷକୁ ପାଇ ନଥିଲେ । ସମ୍ପର୍କୀୟ ଭାଇ ମାନସ ରଞ୍ଜନ ମଲ୍ଲିକ ପୁରୀ ବଳିଆପଣ୍ଡା ଥାନାରେ ନିଖୋଜ ଅଭିଯୋଗ କରିଥିଲେ । ଏଥିନେଇ ସମ୍ପୃକ୍ତ ଥାନାରେ ନିଖୋଜ ମାମଲା ରୁଜୁ ହୋଇଛି । ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ପ୍ରତ୍ୟୁଷର ଖୋଜଖବର ମିଳିନଥିବା ଜଣାଯାଇଛି ।

# ଯୌତୁକ ପାଇଁ ମହିଳାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ ଭଉଁରିଆବାଙ୍କ ଗ୍ରାମର ଲକ୍ଷ୍ମୀ ଦାସ ନାମ୍ନୀ ଜଣେ ମହିଳାଙ୍କୁ ଯୌତୁକ ପାଇଁ ତଣ୍ଟି ଚିପି ଜୀବନରୁ ମାରିଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ଲକ୍ଷ୍ମୀଙ୍କ ବାପା ପିରାହାଟ ଥାନାରେ ରବିବାର ଗଙ୍ଗାଧର ମହାକୁଡ଼ ଅଭିଯୋଗ କରିବାପରେ ପୋଲିସ ୧୩୬/୨୫ରେ ମହିଳାଙ୍କ ସ୍ୱାମୀ ଓ ପରିବାର ଲୋକଙ୍କ ନାଁରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି । ଯୌତୁକ ପାଇଁ ସ୍ୱାମୀ ଓ ଶାଶୁଘର ଲୋକେ ଲକ୍ଷ୍ମୀଙ୍କୁ ଆକ୍ରମଣ କରିଥିଲେ । ସେ ଗୁରୁତର ଆହତ ହୋଇ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ ଚାନ୍ଦବାଲି ଥାନା ଅଧୀନ ପ୍ରତାପପୁର ଗ୍ରାମର ଗଙ୍ଗାଧରଙ୍କ ଝିଅ ଲକ୍ଷ୍ମୀ ୧୨ବର୍ଷ ପୂର୍ବେ ବାରସର ପଞ୍ଚାୟତ ଅଧୀନ ଭଉଁରିଆବାଙ୍କ ଗ୍ରାମର ବନମାଳୀ ଦାସଙ୍କ ପୁଅ ବିଚିତ୍ରଙ୍କୁ ବିବାହ କରିଥିଲର । ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା । ତେବେ ବିବାହର ୩ବର୍ଷ ପରେ ଅଧିକ ୫୦ହଜାର ଟଙ୍କା ଯୌତୁକ ଆଣିବାକୁ ଲକ୍ଷ୍ମୀଙ୍କୁ ତାଙ୍କ ଶାଶୁଘର ଲୋକେ କହିଥିଲେ । ମାତ୍ର ଏହା ସମ୍ଭବ ନହେବାରୁ ଲକ୍ଷ୍ମୀଙ୍କୁ ତାଙ୍କ ସ୍ୱାମୀଙ୍କ ସମେତ ଶାଶୁଘର ଲୋକେ ଗାଳିଗୁଲଜ କରିବା ସହ ବିଭିନ୍ନ ପ୍ରକାର ନିର୍ଯାତନା ଦେଉଥିଲେ । ଲକ୍ଷ୍ମୀ ଏ ସମ୍ପର୍କରେ ଫୋନ ଯୋଗେ ବାପାଙ୍କୁ ଜଣାଇବା ପରେ ତାଙ୍କ ବାପା ଆସି ଘଟଣାର ସମାଧାନ କରିଥିଲେ । ମାତ୍ର ଏହି ଘଟଣା ବାରମ୍ବାର ଘଟିବାରୁ ଏବଂ ଲକ୍ଷ୍ମୀଙ୍କୁ ଖାଇବାକୁ ଦିଆନଯାଇ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯିବାରୁ ସେ ଲୁଚିଲୁଚି ବାପଘରକୁ ଚାଲିଯାଉଥିଲେ । ପରେ ତାଙ୍କ ବାପା ଝିଅକୁ ବୁଝାଇ ଶାଶୂଘରେ ଆଣି ଛାଡ଼ି ଯାଉଥିଲେ । ଗତ ୨୪ତାରିଖ ରାତିରେ ଲକ୍ଷ୍ମୀ ଶୋଇଥିବା ବେଳେ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ସ୍ୱାମୀ ଓ ଅନ୍ୟମାନେ ତଣ୍ଟି ଚିପି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ତେବେ ଲକ୍ଷ୍ମୀ କୌଶଳ କ୍ରମେ ସେଠାରୁ ଖସି ଯାଇଥିଲେ । ଖବର ପାଇ ତାଙ୍କ ବାପଘର ଲୋକେ ଗୁରୁତର ଅସୁସ୍ଥ ଲକ୍ଷ୍ମୀଙ୍କୁ ରବିବାର ତିହିଡ଼ି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ଭଦ୍ରକ ଡାକ୍ତରଖାନାଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି । ତେବେ ପୀରହାଟ ଥାନା ଅଧିକାରୀ ଦାୟିତ୍ୱରେ ଥିବା ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହଚାର୍ଯ୍ୟଙ୍କୁ ଏ ସମ୍ପର୍କରେ ପଚାରିବାରୁ ଘଟଣାର ତଦନ୍ତ କରାଯାଉଛି, ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ।

# ସୋମନାଥପୁର ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ଗତ ଏପ୍ରିଲ ୨୨ ତାରିଖରେ ଜମ୍ମୁର ପହଲଗ୍ରାମ ଠାରେ ଆତଙ୍କବାଦୀଙ୍କ ବିଭତ୍ସ କାଣ୍ଡ ଜବାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ କ୍ରମେ ମେ ୭ ତାରିଖରେ 'ଅପରେସନ ସିନ୍ଦୁର' ଆରମ୍ଭ ହୋଇଥିଲା । ସେନାର ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ସୋମବାର ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି । ସୋମନାଥପୁର ସରପଞ୍ଚ ଶ୍ରୀରାମଙ୍କ ପ୍ରତିମାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଏହି ରାଲିର ଶୁଭାରମ୍ଭ କରିଥିଲେ । ଭାରତ ମାତାକି ଜୟ, ବନ୍ଦେ ମାତରମ ଧ୍ୱନିରେ ପଞ୍ଚାୟତର ବଭିନ୍ନ ଗ୍ରାମ ପ୍ରକମ୍ପିତ ହୋଇଥିଲା । ପଞ୍ଚାୟତର ହାତୀଆମ୍ବ, ପିଲା କୁସୁମୀ, ସୋମନାଥପୁର, ଗୋପାଳପୁର, ମହେଶ୍ୱରପୁର, ଆପନମାଳା, ଏମଭି-୩୮, ଏମଭି-୩୬ ଏବଂ ଅନ୍ୟାନ୍ୟ ଗ୍ରାମର ପ୍ରାୟ ଶତାଧିକ ଲୋକେ ଏହି ବାଇକ ରାଲିରେ ଯୋଗ ଦେଇଥିଲେ । ସକାଳ ୯ ଟାରେ ଏହି ବାଇକ ରାଲି ସୋମନାଥପୁର ଗ୍ରାମରେ ଥିବା ମନ୍ଦିରରୁ ବାହାରି ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ତାର୍ଲାକୋଟା ବଜାରରେ ପହଁଞ୍ଚି ଥିଲା । ଜନ ସାଧାରଣଙ୍କ ମନରେ ଅପୂର୍ବ ଉତ୍ସାହ, ଉଦ୍ଦୀପନା ଓ ବିଜୟର ଆନନ୍ଦ ସହ ଦେଶପ୍ରେମ ଦେଖିବାକୁ ମିଳିଥିଲା । ମାତୃଜାତି ପ୍ରତି ଥିବା ଗଭୀର ସମ୍ବେଦନ ତଥା ଦେଶର କନ୍ୟାଙ୍କ ସିନ୍ଦୁରର ସୁରକ୍ଷା ମାଧ୍ୟମରେ ସମସ୍ତ ଦେଶ ବାସୀଙ୍କ ସୁରକ୍ଷା, ଏକତା ଏବଂ ସାର୍ବଭୌମତ୍ୱ ପ୍ରତି ରହିଥିବା ପ୍ରତିବଦ୍ଧତାର ପ୍ରତିମାଣ ଅପରେସନ ସିନ୍ଦୁର । ଅନ୍ୟମାନଙ୍କ ମଧ୍ୟରେ ହାତୀଆମ୍ବ ସ୍କୁଲର ପ୍ରଧାନଶିକ୍ଷକ ଆନନ୍ଦ ମଣ୍ଡଳ, ଶିକ୍ଷକ କୃଷ୍ଣକାନ୍ତ ସର୍ଦାର, ଦୀପକ ହାଲଦାର, ଜଗନ୍ନାଥ ବ୍ୱୋରୀ, ଅରୁଣ ସାହା, ବିଶେଶ୍ୱର ଦାସ, ଲକ୍ଷ୍ମଣ ମୁଦୁଲୀ,ଗଣେଷ ସୀସା, ବନମାଳୀ ଚାଲାଣ, ରବି ମାଝୀଙ୍କ ସମେତ ପଞ୍ଚାୟତର ଗ୍ରାମର ଶତାଧିକ ଗ୍ରାମବାସୀ ଏହି ରାଲିରେ ଭାଗ ନେଇଥିଲେ ।

## 'ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ' କିମ୍ବା ଏହାର ହିନ୍ଦୀ ଅନୁବାଦ 'ଭାରତୀୟ ପ୍ରେସ୍ ପରିଷଦ' ନାମରେ ନିବନ୍ଧନ ଓ ବ୍ୟବହାରକୁ ବାରଣ

ବାରିପଦା, (ଭାସ୍କର ନ୍ୟୁଜ): ପ୍ରେସ କାଉନ୍ସିଲ ଅଫ୍ ଇଣ୍ଡିଆ ହେଉଛି ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଏକ ବୈଧାନିକ ଅଙ୍ଗ, ଯାହାକି ପ୍ରେସ କାଉନ୍ସିଲ୍ ଆକ୍ଟ, ୧୯୭୮ଅନୁଯାୟୀ ଗଠିତ । ଏହାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପ୍ରେସର ସ୍ୱାଧୀନତାକୁ ସୁରକ୍ଷିତ କରିବା ଓ ଭାରତରେ ସମ୍ବାଦପତ୍ର ଓ ସମ୍ବାଦ ସଂସ୍ଥାମାନଙ୍କର ମାନଦଣ୍ଡକୁ ରକ୍ଷା କରିବା । ଏଠାରେ ଉଲ୍ଲେଖ ଯୋଗ୍ୟ କି, ନୂଆଦିଲ୍ଲୀ ସ୍ଥିତ ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ, ଲୋଦି ରୋଡ଼ ଠାରେ ପ୍ରେସ କାଉନସିଲର ସଚିବାଳୟ କାର୍ଯ୍ୟ କରୁଥିବା ବେଳେ ଏହାର କୌଣସି ରାଜ୍ୟ ଶାଖା ନାହିଁ, କିମ୍ବା ଏହି ନାମରେ ନାମିତ କୌଣସି ପ୍ରାଧିକୃତ ଅଙ୍ଗ ଅନ୍ୟ କୌଣସି ସ୍ଥାନରେ କାର୍ଯ୍ୟ କରେନାହିଁ । ମାତ୍ର ସମ୍ପ୍ରତି ଏହି 'ପ୍ରେସ କାଉନ୍ସିଲ୍' ଶବ୍ଦଟି ଅନ୍ୟ ପ୍ରେସ ସଂଗଠନମାନଙ୍କ ଦ୍ୱାରା ବ୍ୟବହୃତ ହେବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି ଯଦ୍ୱାରା ଏହା ଯେ କେବଳ ପ୍ରେସ କାଉନ୍ସିଲ୍ ଅଫ୍ ଇଣ୍ଡିଆର ଅସ୍ତିତ୍ୱ ଓ ପ୍ରତିଷ୍ଠାର ମର୍ଯ୍ୟାଦା ହାନି କରୁଛି ତା ନୁହେଁ, ବରଂ ଏହାର ବୈଶିଷ୍ଟ୍ୟପୂର୍ଣ୍ଣ ନାମ ଓ ଅଦ୍ୱିତୀୟ ଶକ୍ତି ଉପରେ ପ୍ରଭାବ ପକାଉଛି । ବିଧି ମାମଲା ବିଭାଗ ସ୍ପଷ୍ଟ ମତ ଦେଇଛନ୍ତି କି କେନ୍ଦ୍ର ସରକାରଙ୍କର ବିନା ଅନୁମତିରେ ଏହି ଶବ୍ଦକୁ ବ୍ୟବହାର କରିବା ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ, ଯାହାକି ଚିହ୍ନ ଓ ନାମର ଅନୁଚିତ ବ୍ୟବହାର ନିବାରଣ ନିୟମ ୧୯୫୦ ଅନୁସାରେ ଅବୈଧ ଅଟେ । ଏହି ପରିପ୍ରେକ୍ଷୀରେ କୌଣସି ସ୍ଥାନୀୟ ସଂସ୍ଥା କିମ୍ବା ସରକାରୀ ସଂସ୍ଥା/ସଂଗଠନମାନଙ୍କ ପ୍ରତି 'ପ୍ରେସ କାଉନ୍ସିଲ୍' କିମ୍ବା ଏହାର ହିନ୍ଦୀ ଅନୁବାଦ ନାମରେ ନିବନ୍ଧନ ବା ବ୍ୟବହାରକୁ ସର୍ବଦା ବାରଣ କରାଯାଉଛି । ଏହାର ଉଲ୍ଲଂଘନରେ ବିଧି ବ୍ୟବସ୍ଥା ଅନୁଯାୟୀ ଉଲ୍ଲଂଘନକାରୀ ବ୍ୟକ୍ତିବିଶେଷ ବା ଅନୁଷ୍ଠାନ/ସଂସ୍ଥାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି ।

# ରାସ୍ତା ନିର୍ମାଣରେ ଅନିୟମିତା, କାମ ବନ୍ଦ କଲେ ଉତ୍ତ୍ୟକ୍ତ ଗ୍ରାମବାସୀ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ନିର୍ମାଣାଧିନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ବ୍ୟାପକ ଅନିୟମିତା ଓ ଚଞ୍ଚକତା କରାଯାଉଥିବା ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ନିର୍ମାଣ କାର୍ଯ୍ୟକୁ ଅଧାରୁ ବନ୍ଦ କରି ଦେଇଥିବାର ଜଣାଯାଇଛି । ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତେଜନା ପ୍ରକାଶ ପାଇଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ କଟକ-ଚାନ୍ଦବାଲି ପୂର୍ତ୍ତ ବିଭାଗ ରାସ୍ତାର କେନ୍ଦୁପାଟଣା ଗ୍ରାମପଞ୍ଚାୟତ ଖଣ୍ଡଗାଁ-ରସୁଲପୁର ଭାୟା ପାଟପାରୀ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ରାସ୍ତା ନିର୍ମାଣ ନିମନ୍ତେ ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଥିଲା । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇ ଥିଲା । ଠିକାଦାରଙ୍କ ମର୍ଜିରେ ଓ ଅତ୍ୟନ୍ତ ମନ୍ଥର ଗତିରେ ଏହି ରାସ୍ତା ନିର୍ମାଣ କରାଯାଉଥିବାରୁ ରାସ୍ତାର ପୂର୍ଣ୍ଣାଙ୍ଗ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏହି ରାସ୍ତା ନିର୍ମାଣ ଅଟକଳ ଅନୁଯାଇ କରାଯାଉ ନଥିବାର ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ କେନ୍ଦ୍ରାପଡା ଅଞ୍ଚଳର ହୋଇଥିବାରୁ ଠିକାଦାରଙ୍କ ପ୍ରତି ବିଭାଗୀୟ ଯନ୍ତ୍ରୀ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବାର ଅଭିଯୋଗ ହୋଇଛି । ନିମ୍ନମାନର କାର୍ଯ୍ୟ ହେତୁ ସୋମବାର ଫଗୋଳ ଗ୍ରାମ ପଞ୍ଚାୟତ ଜଗନ୍ନାଥପୁର ନିକଟରେ ଉତ୍ତ୍ୟକ୍ତ ଜନତା ଏହି ରାସ୍ତା ନିର୍ମାଣ କାର୍ଯ୍ୟକୁ ଅଧାରୁ ବନ୍ଦ କରିଦେଇଥିବାର ଜଣାଯାଇଛି । ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଉଥିଲା ବେଳେ ମନ୍ଥର ଗତିରେ କାର୍ଯ୍ୟହେତୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଠିକାଦାର ବେପରୁଆ ଭାବେ ରାସ୍ତାର ଦୁଇପାର୍ଶ୍ୱ ଖୋଳିଦେଇଥିଲା ବେଳେ ରାସ୍ତାରେ ଗୋଡି ବିକ୍ଷିପ୍ତ ଭାବରେ ପଡି ରହିଥିବା କାରଣରୁ ବହୁ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି । ତେବେ ଏସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟୀ ପଲେଇଙ୍କୁ ଏକାଧିକବାର କଲ କରିଥିଲେ ମଧ ସେ କଲ ଗ୍ରହଣ ନକରିବା କାରଣରୁ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରି ନାହିଁ । ସେହିପରି ଭାବେ ବିଭାଗୀୟ ଯନ୍ତ୍ରୀ ଉର୍ମୀ ପ୍ରିୟଦର୍ଶୀନିଙ୍କୁ କଲ କରାଯାଇଥିଲେ ମଧ ତାହା ସୁଇଚ୍‌ଅଫ୍ ଥିବା ହେତୁ ମତାମତ ନେବା ସମ୍ଭବପର ହୋଇପାରି ନାହିଁ । ତେବେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ଦୁର୍ନୀତିର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ

କେନ୍ଦୁଝର, (ଭାସ୍କର ନ୍ୟୁଜ): ରବିବାର ସନ୍ଧ୍ୟାରେ ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମିଳନୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ କବି ଡକ୍ଟର ଚିତ୍ତ ରଞ୍ଜନ ମିଶ୍ର ସମ୍ପାଦକୀୟ ସୂଚନା ଦେଇ ତାଙ୍କୁ ଉତ୍କଳୀୟ ବାଙ୍ମୟର ବିରଳ ବିସ୍ମୟ ଭାବରେ ଅଭିହିତ କରିଥିଲେ । କବି ବସନ୍ତ କୁମାର ବାରିକ ମୁଖ୍ୟବକ୍ତା ଭାବରେ ଯୋଗଦେଇ କବିସମ୍ରାଟଙ୍କ କବିତ୍ୱର ଉତ୍କର୍ଷ ପ୍ରତିପାଦନ କରିଥିଲେ । କବି ଦେବାଶିଷ ଚକ୍ରବର୍ତ୍ତୀ ତାଙ୍କର ସଭାପତୀୟ ଅଭିଭାଷଣରେ ଉତ୍କଳୀୟ ବାଙ୍ମୟର ସର୍ବଶ୍ରେଷ୍ଠ ପ୍ରତିଭା ଭାବରେ ଅଭିହିତ କରିଥିଲେ । କବୟିତ୍ରୀ ଲିପିକା ଦାସ ପଟ୍ଟନାୟକଙ୍କ ସଂଯୋଜନାରେ ଶୋଭନା ଜେନା, ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ପ୍ରତାପ କର୍ମକାର ପ୍ରମୁଖ କବିତା ଆବୃତ୍ତି କରିଥିଲେ ।

# ଭାରିଯାନ ଚଳାଚଳ ଯୋଗୁଁ ରାସ୍ତା ପାଲଟିଛି ମରଣଯନ୍ତା



ବଡ଼ଚଣା, (ଭାସ୍କର ନ୍ୟୁଜ): ୫୩ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବଡ଼ଚଣା ବାଲିଚନ୍ଦ୍ରପୁର ଆରଡି ରାସ୍ତାର ବଡ଼ଚଣା ଗଣ୍ଡି ଛକଠାରେ ଦୀର୍ଘ ଦିନ ଧରି ଭାରିଯାନ ଚଳାଚଳ ଯୋଗୁଁ ବଡ଼ବଡ଼ ଖାଲ ମାନ ସୃଷ୍ଟି ହୋଇଛି ଫଳରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି । କଟକ ଓ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ଏହି ରାସ୍ତାଟି ଗମନାଗମନ ପାଇଁ ରାସ୍ତାଟି ମୁଖ୍ୟ ରାସ୍ତା ଅଟେ । ଏହି ରାସ୍ତାଟି ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ବଡ଼ଚଣା ବ୍ଲକ, ଦର୍ପଣ ତହସିଲ, ଧକ୍ଷନମଣ୍ଡଳ ରେଲୱେ ଷ୍ଟେସନ, କୃଷି ବିଜ୍ଞାନ କେନ୍ଦ୍ର, ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ, ବଡ଼ଚଣା ବାଳିକା ମହାବିଦ୍ୟାଳୟ, ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ, ସବରେଜିଷ୍ଟ୍ରାରର କାର୍ଯ୍ୟାଳୟ ସମେତ ୨୦ରୁ ଉର୍ଦ୍ଧ୍ୱ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ଏହି ରାସ୍ତାଟି ଖାଲଢିପରେ ପରିଣତ ହୋଇଛି । ବିଶେଷ କରି ଭକ୍ଷରିଯାନ ଗୁଡ଼ିକ ଚଳାଚଳ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଶ୍ରୀରାଚନ୍ଦ୍ରପୁର ଠାରେ ପ୍ରତିଷ୍ଠିତ ଥିବା ଟୋଲଗେଟ୍‌ର ଟଙ୍କା ଫାଙ୍କିବାକୁ ପାଇଁ ଭରିଯାନ ଗୁଡ଼ିକ ଏହି ରାସ୍ତା ଦେଇ ଯିବା ଆସିବା କରୁଛି ଓ ରାତ୍ରି ସମୟରେ ଚୋରା ମାଙ୍କଡ଼ା, ମୋରମ, ବାଲି, ମାଟି, ଚୋରା ଗୋରୁ ଗାଡ଼ିଗୁଡ଼ିକ ଏହି ରାସ୍ତା ଦେଇ ମଧ ଚଳାଚଳ କରୁଛି । ଫଳରେ ରାସ୍ତାର ଏପରି ଶୋଚନୀୟ ଅବସ୍ଥା ହୋଇଛି । ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ପ୍ରଶାସନିକ ସୁଫଳ ମିଳୁନାହିଁ । ଫଳରେ ଲୋକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବା ସହିତ ଭାରିଯାନ ଚଳାଚଳ ବନ୍ଦ କରିବା ଓ ଚୋରା ଗାଡ଼ିଗୁଡ଼ିକ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦର୍ପଣ ତହସିଲଦାର ଓ ବଡ଼ଚଣା ଥାନାଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଭଣ୍ଡାରିପୋଖରୀ ଅଞ୍ଚଳରେ ସାବିତ୍ରୀ ବ୍ରତ ପାଳିତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ସାବିତ୍ରୀ ବ୍ରତ ସୋମବାର ଦିନ ପାଳିତ ହୋଇଛି । ବ୍ରତଧାରୀମାନେ ବିଭିନ୍ନ ଗ୍ରାମର ଗ୍ରାମଦେବତୀ ଓ ପ୍ରସିଦ୍ଧ ଦେବସ୍ଥଳୀ, ଦେବସ୍ଥାନ ଭାବେ ବିବେଚିତ ବୃକ୍ଷମୂଳେ ବ୍ରତପାଳନ ସହ ପୂଜାର୍ଚ୍ଚନା କରିତ୍ଲେ । ଭୂତିଆ ଗ୍ରାମଦେବତୀ ପୀଠ, ବାହାଦଲପୁର ମା ଚେକୋସାଆନ୍ତାଣି, ଅଗେଇବେହେରା ମନ୍ଦିର, ଜଗନ୍ନାଥପ୍ରସାଦ ମା' ଖଡ୍ଗଧାରିଣୀ ମନ୍ଦିର, ବାରିକପୁର ମା କାଳିତ୍ରାପୀଠ, ଆଖୁଆପଦା ହରପାର୍ବତୀ ମନ୍ଦିର, ବୟାବନାପୁର ମା ବୁଢ଼ିଜାଗୁଲାଇ ପୀଠରେ ପୂଜାର୍ଚ୍ଚନା କରିଥିଲେ । ବିଭିନ୍ନ ସ୍ଥାନରେ ମହିଳାମାନେ ବୃନ୍ଦାବତୀଙ୍କ ନିକଟରେ ଓ ବଟବୃକ୍ଷମୂଳରେ ବ୍ରତ ପାଳନ କରି ପୂଜାର୍ଚ୍ଚନା କରୁଥିବା ପରିଲକ୍ଷିତ ହୋଇଥିଲା । ଶିଳପୁଆକୁ ନୂତନ ବସ୍ତ୍ର ଓ ଅଳଙ୍କାର ଦ୍ୱାରା ସାବିତ୍ରୀ ଦେବୀ ଭାବେ ସଜ୍ଜିତ କରି ସଧବା ନାରୀମାନେ ପୂଜାର୍ଚ୍ଚନା କରିଥିଲେ । ସ୍ୱାମୀ ମାନଙ୍କର ଦୀର୍ଘ ନିରାମୟ ଜୀବନ ମନାସୀ ପତ୍ନୀମାନେ ନୂତନ ଶାଢ଼ି ପରିଧାନ କରି ଶଙ୍ଖା, ସିନ୍ଦୁର, ବ୍ରତ ସହ ନଡିଆ ଆଦି ନାନା ପ୍ରକାରର ଫଳମୂଳ ଭୋଗଲାଗି କରାଯାଇ ଥିଲା ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କେନ୍ଦୁଝର, (ଭାସ୍କର ନ୍ୟୁଜ୍): ନିଖିଳ ଉତ୍କଳ ବନନିଗମ କର୍ମଚାରୀ ସଂଘ କେନ୍ଦୁଝର ଶାଖାର ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଡେଲିକ ସମାଜ ସଭାଗୃହରେ ସଂଘ ସଭାପତି ଦେବେନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୟୁନିଟ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବାବେଳେ କେନ୍ଦ୍ରୀୟ କମିଟି କାର୍ଯ୍ୟକାରୀ ସଭାପତି ସଂଗ୍ରାମ ପଟନାୟକ, କେନ୍ଦ୍ରୀୟ କମିଟି ସାଧାରଣ ସମ୍ପାଦକ ରଙ୍ଗାଧର ନାୟକ, କେନ୍ଦ୍ରୀୟ କମିଟି ଉପସଭାପତି ଅର୍ଜୁନ ସେଠି, ଆଞ୍ଚଳିକ ସମ୍ପାଦକ ଉମାଶଙ୍କର ପାଣିଗ୍ରାହୀ, ଉପଦେଷ୍ଟା ଅକ୍ଷୟ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ରାକେଶ ଜେନା, ଦୀପ୍ତି ରଞ୍ଜନ ସାହୁ ପୂର୍ବତନ କାର୍ଯ୍ୟକାରୀ ସଭାପତି ଭୁବନେଶ୍ୱର ଅଞ୍ଚଳ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ରହି ସଂଘର କାର୍ଯ୍ୟକ୍ରମ ଓ ଉନ୍ନତିକରଣ ସମ୍ପର୍କ ରେ ଉଦବୋଧନ ଦେଇଥିଲେ। ଆଗାମୀ ବର୍ଷ ପାଇଁ ସଂଘର ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନରେ କୃଷ୍ଣଚନ୍ଦ୍ର ମହାପାତ୍ର ସଭାପତି, ଦିବ୍ୟରଞ୍ଜନ ବେହେରା ଉପସଭାପତି, ଦୀପ୍ତି ରଞ୍ଜନ ସାହୁ ସମ୍ପାଦକ, ଜ୍ୟୋତି ପ୍ରକାଶ ଗୁମାନସିଂ ସହ ସମ୍ପାଦକ, ନସୋମା ମୁଣ୍ଡା କୋଷାଧକ୍ଷ,ସୁନୀଲ ନାୟକ ସଂଗଠନ ସମ୍ପାଦକ, ଝରଣା ପରିଡା ସମୀକ୍ଷକ ଭାବେ ନିର୍ବାଚିତ ହୋଇ ଶପଥ ଗ୍ରହଣ କରିଥିଲେ।

# ଅନଗ୍ରସର ଯୁବକଙ୍କୁ ଉଦ୍ଧାର କଲେ ବିଧାୟକ

ବେତନଟୀ, (ଭାସ୍କର ନ୍ୟୁଜ୍): ୨୦୧୭ ସମିହାରେ ଗାଁ ପାଖରେ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିବା ଜନୈକ ମାନସିକ ଅନଗ୍ରସରତା ଯୁବକଙ୍କୁ ୮ବର୍ଷ ପରେ ପୁନର୍ବାର ଫେରାଇ ଆଣି ମା'କୋଳରେ ଦେଲେ ବଡ଼ସାହି ବିଧାୟକ। ଘଟଣାରୁ ପ୍ରକାଶ ବେତନଟୀ ସ୍ଥିତ ମୁକ୍ତାପୁର ପଞ୍ଚାୟତର ଛଚିନାପଦା ଗ୍ରାମର ଶିବଶଙ୍କର ମହାନ୍ତ ଏବଂ ପ୍ରମିଳା ମହାନ୍ତଙ୍କର ଦୁଇପୁଅ ହେଉଛନ୍ତି କ୍ଷେତ୍ରମୋହନ(୩୯) ଓ ଦୀନକୃଷ୍ଣ(୩୨) ସାନପୁଅ ଦୀନକୃଷ୍ଣଙ୍କୁ ଯେତେବେଳେ ବୟସ ୨୨ ପାଖାପାଖି ପହଞ୍ଚିଥିଲା। ସେତେବେଳେ ହଠାତ ତାଙ୍କର ମାନସିକ ଅସନ୍ତୁଳନତା ଦେଖାଦେବା ଆରମ୍ଭ ହୋଇଥିଲା ବୋଲି ବଡଭାଇ କ୍ଷେତ୍ରମୋହନ ସୂଚନା ଦେଇଛନ୍ତି। ମାନସିକ ଅନଗ୍ରସରତା ପାଇଁ ଦୀନକୃଷ୍ଣଙ୍କୁ ଏକୁଟିଆ ବାହାରକୁ ଛଡାଯାଉ ନଥିବା ବେଳେ ସେ କେବଳ ଘର ପାଖ ଫୁଟବଲ ପଡିଆ ନଚେତ ସକାଳବେଳା ଗାଁ ପାଖ ନଈକୁ ଗାଧୋଇବାକୁ ଯାଇଥାନ୍ତି। ସବୁଦିନ ଭଳି ୨୦୧୭ ମସିହା ମେ'ମାସ ୨୮ତାରିଖ ଦିନ ପୂର୍ବାହ୍ନରେ ଦୀନକୃଷ୍ଣ ଗାଁ ନଈକୁ ଗାଧୋଇବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହୋଇଥିଲେ ସୁଦ୍ଧା ଘରଲୋକେ ବିଶେଷ ଧ୍ୟାନ ଦେଇ ନଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଦୀନକୃଷ୍ଣ ଘରକୁ ନଫେରିବାରୁ ପୁରା ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ସମସ୍ତ ସମ୍ପର୍କୀୟ ବେତନଟୀ ବଜାର ଏବଂ ଆଖପାଖ ଗାଁ'ଗଣ୍ଡା ସବୁଠି ଖୋଜାଖୋଜି କରି ନପାଇ ନିରାଶ ହେବାପରେ ଶେଷରେ ୨୦୧୭ ମସିହା ଜୁନମାସ ୨ତାରିଖ ଦିନ ବାପା ଶିବଶଙ୍କର ମହାନ୍ତ ବେତନଟୀ ଥାନାରେ ପୁଅ ଦୀନକୃଷ୍ଣର ନିଖୋଜ ଏତଲା ଦାଏର କରିଥିଲେ। ସେବେଠାରୁ ଦୀନକୃଷ୍ଣଙ୍କର କୌଣସି ଖୋଜଖବର ମିଳିନଥିଲା। ପୁଅ ନିଖୋଜ ହେବାପରେ ମା'ଆଖିରୁ ଲୁହ ଶୁଖୁ ନଥିଲା। ଦିନ ପରେ ଦିନ, ମାସ ପରେ ମାସ ଏବଂ ବର୍ଷ ପରେ ବର୍ଷ ବିତିଚାଲିଥିବା ବେଳେ ଦୀନକୃଷ୍ଣଙ୍କୁ ଫେରିପାଇବାର ଆଶା ମଧ୍ୟ ପରିବାର ଲୋକେ ଏକପ୍ରକାର ଛାଡି ଦେଇଥିଲେ। ତେବେ ହଠାତ ଉତ୍ତରପ୍ରଦେଶର ବରେଲି ସ୍ଥିତ ଶାହାଜାହାନପୁରରେ ରାସ୍ତା ପାର୍ଶ୍ୱସ୍ତ ଅସହାୟ ବ୍ୟକ୍ତି ବିଶେଷକରି ମାନସିକ ଅନଗ୍ରସରଙ୍କ ପାଇଁ କାମ କରୁଥିବା ମନସମର୍ପଣ ପୁନର୍ବାସ ଥଇଥାନ କେନ୍ଦ୍ର ପକ୍ଷରୁ ଦୀନକୃଷ୍ଣଙ୍କର ଏକ ଭିଡିଓ ଏବଂ ଫଟୋ ଜାରି କରାଯାଇଥିଲା। ଉକ୍ତ ଭିଡିଓରେ ଦୀନକୃଷ୍ଣ ଅସ୍ପଷ୍ଟ ଭାଷାରେ ବାପାଙ୍କ ନାମ ଶିବଶଙ୍କର ମହାନ୍ତ ଏବଂ ଭାଇଙ୍କ ନାମ କ୍ଷେତ୍ରମୋହନ ବୋଲି କହିବା ସହିତ ଘର ବେତନଟୀ ବୋଲି କହିଥିଲେ। ଏହାପରେ ମନସମର୍ପଣ ପୁନର୍ବାସ ଥଇଥାନ କେନ୍ଦ୍ର ପକ୍ଷରୁ ଇଣ୍ଟରନେଟରେ ବେତନଟୀ ବିଷୟରେ ତଥ୍ୟ ସଂଗ୍ରହ କରି ଦୀନକୃଷ୍ଣଙ୍କ ଫଟୋ ଓ ଭିଡିଓ ଜାରି କରାଯାଇଥିଲା। ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡାଙ୍କୁ ପ୍ରଥମେ ଏହି ଭିଡିଓ ଦେଖାଇବା ପରେ ସେ ବଡସାହି ବିଧାୟକ ସନାତନ ବିଜୁଳିଙ୍କୁ ଏ ବାବଦରେ ଅବଗତ କରିବା ସହିତ ଦୀନକୃଷ୍ଣଙ୍କ ପରିବାର ସହିତ ଯୋଗାଯୋଗ କରିଥିଲେ। ମାନ୍ୟବର ବିଧାୟକ ବିଜୁଳି ଏନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ସହିତ ଆଲୋଚନା କରିଥିଲେ। ବିଧାୟକ ସନାତନ ବିଜୁଳିଙ୍କ ହସ୍ତକ୍ଷେପକ୍ରମେ ଜିଲ୍ଲାପ୍ରଶାସନର ଆର୍ଥିକ ସହାୟତାରେ ଦୀନକୃଷ୍ଣଙ୍କ ବଡଭାଇ କ୍ଷେତ୍ରମୋହନ ବେତନଟୀ ଥାନା କନଷ୍ଟେବଲ ଅର୍ଜୁନ ବିନ୍ଧାଣିଙ୍କ ସହିତ ଉତ୍ତରପ୍ରଦେଶ ଗସ୍ତ କରିଥିଲେ। ସେଠାରେ ମନସମର୍ପଣ ପୁନର୍ବାସ ଥଇଥାନ କେନ୍ଦ୍ରରେ ଥିବା ଦୀନକୃଷ୍ଣଙ୍କୁ ସାକ୍ଷାତ କରିଥିଲେ। ଆବଶ୍ୟକ କାଗଜପତ୍ର କାମସାରି ସେଠାରୁ କ୍ଷେତ୍ରମୋହନ ଓ ବେତନଟୀ ପୁଲିସ ଦୀନକୃଷ୍ଣଙ୍କୁ ସାଙ୍ଗରେ ନେଇ ରବିବାର ପୈତୃକଗାଁ ଛଚିନାପଦାରେ ପହଞ୍ଚିଥିଲେ। ଦୀର୍ଘ ୮ବର୍ଷ ପରେ ନିଖୋଜ ଥିବା ପୁଅକୁ ପାଇ ଅସହାୟ ମା' ଆଖିରୁ ଝରି ଚାଲିଥିଲା ଆନନ୍ଦର ଅଶ୍ରୁ। ବିଧାୟକ ସନାତନ ବିଜୁଳି, ମଣ୍ଡଳ ସଭାପତି ଜୀବନ ପରିଡା, ଯୁବ ସଂଗଠକ ଚନ୍ଦ୍ରଶେଖର ବେରା,ଯୁବ ନେତା କ୍ଷିତୀଶ ମହାନ୍ତ, ସଞ୍ଜୀବ ଜେନା, କେସବ ନାଥ, ସୈମ୍ୟ ମହାପାତ୍ର, ବୀର କିଶୋର ବିଶ୍ୱାଳ, ଅଜିତ ମହାନ୍ତ ପ୍ରମୁଖ ଶିବଶଙ୍କରଙ୍କ ଘରେ ପହଞ୍ଚିଥିଲେ। ମାନସିକ ଅନଗ୍ରସର ଦୀନକୃଷ୍ଣଙ୍କ ମାନସିକ ଚିକିତ୍ସା ପାଇଁ ବିଶେଷଜ୍ଞଙ୍କ ସହିତ ବିଚାରବିମର୍ଶ କରି ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ମଧ୍ୟ ବିଧାୟକ ପ୍ରତିଶୃତି ଦେଇଛନ୍ତି।

# ବୃଦ୍ଧବୃଦ୍ଧାଙ୍କୁ ପ୍ରଶାସନର ଅଣଦେଖା
# ପରିଣତ ବୟସରେ ମଧ୍ୟ ମିଳୁନି ଭତ୍ତା



ମାଲକାନଗିରି, (ଭାସ୍କର ନ୍ୟୁଜ୍): ବୃଦ୍ଧବୃଦ୍ଧା ମାନେ ଭତ୍ତାରୁ ବଞ୍ଚିତ। ବୟସର ସୀମା ଟପିଲାଣି ହେଲେ ମିଳୁନି ବାର୍ଦ୍ଧକ୍ୟ ଭତ୍ତା। ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ହେଲେଣି ନୟାନ୍ତ। ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ମିଳୁନି ସୁଫଳ। ଭତ୍ତା ପାଇବାର ଆଶା ଆଶାରେ ହିଁ ରହିଯାଇଛି। କେତେଦିନ ଆଉ ଅପେକ୍ଷା କରିବାକୁ ପଡିବ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ। ଖଇରପୁଟ ଅଞ୍ଚଳର ଅଧିକାଂଶ ବୃଦ୍ଧା ବୃଦ୍ଧଙ୍କ ବୟସ ୭୦/୮୦ ରୁ ଉର୍ଦ୍ଧ ହୋଇଯାଇଥିଲେ ମଧ୍ୟ ଆଜିଯାଏଁ ସେମାନଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା। ସେହିପରି ବିଧବା ହୋଇ ୧୫/୨୦ବର୍ଷ ବିତି ଯାଇଥିଲେ ମଧ୍ୟ ସେମାନେ ବିଧବା ଭତ୍ତାରୁ ବଞ୍ଚିତ ରହୁଛନ୍ତି। ଖଇରପୁଟ ବ୍ଲକର ଅଧିକାଂଶ ପଞ୍ଚାୟତ ଦୁର୍ଗମ ଅଞ୍ଚଳ। ରାସ୍ତା ଘାଟର ଅଭାବ ରହିଛି। ସେହି ଅଞ୍ଚଳର ବୃଦ୍ଧବୃଦ୍ଧା ଓ ବିଧବା ମାନେ କେତେ କଷ୍ଟରେ ବ୍ଲକ କାର୍ଯ୍ୟାଳକୁ ଆସୁଛନ୍ତି। କିନ୍ତୁ, ପ୍ରଶାସନର ଦୃଷ୍ଟି ପଡୁନି। ଭତ୍ତା ପାଇବା ଆଶାରେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେଣି ହେଲେ ମିଳୁନି ସୁଫଳ। ଜିଲ୍ଲାପାଳଙ୍କ ଜନଶୁଣାଣୀରେ କେତେ ଥର ଲିଖିତ ଆକାରରେ ଦେଇ ଆସୁଛନ୍ତି ଅଭିଯୋଗ ତଥାପି ହେଉନି ସେମାନଙ୍କର ଭତ୍ତା। ପରିଣତ ବୟସ, ମଶାଣି ଯିବାର ରାସ୍ତା ଖୋଜୁଛି। ଶେଷ ସମୟରେ ମଧ୍ୟ ସରକାରଙ୍କ ପଇସା ଖାଇ ମରିବୁ ବାବୁ ବୋଲି ଛଳଛଳ ଆଖିରେ କ୍ଷୋଭ ପ୍ରକାଶ କରିଛନ୍ତି। କିନ୍ତୁ, ସେମାନଙ୍କ ଆଶା ପୂରଣ ହେବାକୁ ଦେଉନାହାନ୍ତି ଅଧିକାରୀ ବାବୁମାନେ। ପରିଣତ ବୟସରେ ଆଉ କେତେ ଦୌଡ଼ିବୁ ବାବୁ ବଳ ବୟସ ସରି ଆସିଲାଣି। ଭତ୍ତା ପାଇବାର ଆଶା ଧିରେ ଧିରେ ମଉଳି ଗଲାଣି। ବର୍ତ୍ତମାନର ସରକାର ଲୋକଙ୍କ ସରକାର। ଅଳ୍ପଦିନ ଭିତରେ ଲୋକଙ୍କ ପାଇଁ ଅନେକ ଯୋଜନା ପ୍ରସ୍ତୁତି କଲେଣି। ସରକାରଙ୍କ ଯୋଜନା ଲୋକଙ୍କ ପାଖକୁ କିପରି ପହଞ୍ଚିବ ଏବଂ ଲୋକେ ସରକାରଙ୍କ ଯୋଜନାରୁ ଯେପରି ବଞ୍ଚିତ ନହେବେ ତା ଉପରେ ଗୁରୁତ୍ୱ ଦେଉଛନ୍ତି। ବିଗତ ବିଜେଡି ସରକାର ବୃଦ୍ଧାବୃଦ୍ଧଙ୍କୁ ପାଞ୍ଚ ଶହ ଟଙ୍କା ଦେଉଥିଲେ। କିନ୍ତୁ ମୋହନ ସରକାର ପାଞ୍ଚ ଶହ ଟଙ୍କାରୁ ବଢେଇ ହଜାର ଟଙ୍କା କଲେ। ତା ସହିତ ୮୦ବର୍ଷର ବୃଦ୍ଧବୃଦ୍ଧାଙ୍କୁ ୩ ହଜାର ଟଙ୍କା ବୃଦ୍ଧି କଲେ। ବୃଦ୍ଧବୃଦ୍ଧାଙ୍କ ପାଇଁ ଏତେ ଗୁରୁତ୍ୱ ଦେଉଥିବା ବେଳେ କେତେକ ଅସାଧୁ ଅଧିକାରୀଙ୍କ ଅବହେଳା ଯୋଗୁ ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି ନିରୀହ ଗରିବ ଲୋକେ। ଅଧିକାରୀ ବାବୁମାନେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ଏବଂ କାର୍ଯ୍ୟରେ ଅବହେଳା କରୁଥିବା ହେତୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାବୁମାନଙ୍କ ଅବହେଳାର କାର୍ଯ୍ୟ ଯୋଗୁ ଏହାର ପରିଣାମ ଭୋଗୁଛନ୍ତି ସାଧାରଣ ଲୋକେ। ଖଇରପୁଟ ବିଡ଼ିଓଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ, କିନ୍ତୁ ବିଡ଼ିଓ ଛୁଟିରେ ଥିବା ଯୋଗୁଁ ତାଙ୍କ ସହିତ ଯୋଗାଯୋଗ ହୋଇପାରିନି। ସରକାର ଏହାକୁ ଗୁରୁତ୍ୱର ସହ ନେଇ ବଞ୍ଚିତ ରହିଥିବା ବୃଦ୍ଧବୃଦ୍ଧାଙ୍କୁ ଭତ୍ତା କିପରି ମିଳିବ ତା'ର ବ୍ୟବସ୍ଥା କରାଯାଉ ବୋଲି ସରକାରଙ୍କୁ ଅନୁରୋଧ କରିଛନ୍ତି। ତେବେ ସରକାର ଏଥିପ୍ରତି କେତେ ଗୁରୁତ୍ୱ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଆଇବିଏମ୍ ଦ୍ୱାରା ୧୫ଟି ପୁରସ୍କାରରେ ସମ୍ମାନିତ
# ଟାଟା ଷ୍ଟିଲ୍‌ର ଲୌହ, ମାଙ୍ଗାନିଜ ଓ କ୍ରୋମାଇଟ ଖଣି




ଯୋଡା, (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଟାଟା ଷ୍ଟିଲର ଥିବା ଲୌହ ଓ ମାଙ୍ଗାନିଜ ଖଣି ଗୁଡିକୁ ଭୁବନେଶ୍ୱର ଠାରେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ) ତତ୍ତ୍ୱାବଧାନରେ ରବିବାର ଆୟୋଜିତ ୨୬ ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ(ଏମଇଏମସି) ସପ୍ତାହ ୨୦୨୪-୨୫ ପୁରସ୍କାର ବିତରଣ ଉତ୍ସବରେ ୧୫ ଟି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଟାଟା ଷ୍ଟିଲର ଯୋଡ଼ା ପୂର୍ବ ଲୌହ ଖଣିକୁ ବିଭାଗ-ଇ ଅନ୍ତର୍ଗତ ଖଣିଜ ପ୍ରକ୍ରିୟାକରଣ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଏହାବ୍ୟତୀତ ଏହି ଖଣିକୁ ବିଭାଗ-ଇ ଅନ୍ତର୍ଗତ ସାମଗ୍ରିକ ପ୍ରଦର୍ଶନ ପାଇଁ ଦ୍ୱିତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ବିଭାଗରେ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣିକୁ ପରିବେଶ ପର୍ଯ୍ୟବେକ୍ଷଣ ପାଇଁ ଦ୍ୱିତୀୟ ପୁରସ୍କାର ତଥା କାଟାମାଟି ଲୌହ ଖଣିକୁ ଖଣିଜ ସଂରକ୍ଷଣ ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ବିଭିନ୍ନ ଖଣିର ଅଧିକାରୀ ମାନେ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଆଇବିଏମ୍ ଚିଫ୍ କଣ୍ଟ୍ରୋଲର ଜେନେରାଲ ପିୟୁଷ ନାରାୟଣ ଶର୍ମାଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି, ବିଭାଗ-ଇ ଅନ୍ତର୍ଗତ, ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ନୀଳାଚଳ ଖଣିକୁ ପରିବେଶ ପର୍ଯ୍ୟବେକ୍ଷଣ ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଅନୁରୂପ ଭାବେ, ବିଭାଗ-ଉ ଅନ୍ତର୍ଗତ ସୁକିନ୍ଦା କ୍ରୋମାଇଟ ଖଣି, ପୁନଃଉଦ୍ଧାର ଏବଂ ସ୍ଥାପନ ପାଇଁ ତୃତୀୟ ପୁରସ୍କାର ଗ୍ରହଣ କରିଛି। ସେହି ବିଭାଗରେ ପଶ୍ଚିମ ଯୋଡା ଖଣି ସ୍ଥାୟୀ ଉନ୍ନତିକରଣ ପାଇଁ ପ୍ରଥମ ପୁରସ୍କାର ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଓ ସର୍ବାଙ୍ଗୀନ ପ୍ରଦର୍ଶନରେ ଦ୍ୱିତୀୟ ପୁରସ୍କାର ପାଇଛି। ସାରୁଆବିଲ ଖଣିକୁ ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ଖଣି ସୁରକ୍ଷା କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି। ସେହିପରି ଭାବରେ ବିଭାଗ-ଘରେ ଗୁରୁଡା ତିରିଙ୍ଗପାହାଡ଼, ବାମେବାରି, କମର୍ଦା ଖଣି ସବୁକୁ ଖଣି କାର୍ଯ୍ୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇବିଏମ୍ ଚିଫ୍ କଣ୍ଟ୍ରୋଲର ଅଫ୍ ମାଇନ୍ସ ପଙ୍କଜ କୂଳଶ୍ରେଷ୍ଠ, ଆଇବିଏମ୍ କଣ୍ଟ୍ରୋଲର ଅଫ୍ ମାଇନ୍ସ ପୁଖରାଜ ନେନିଭଓଲ, ଫେକର ସିଇଓ ପଙ୍କଜ ଶର୍ମା, ଏଫ୍ ଏ ଏମ୍ ଡି ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତୀଜା, ଟାଟା ଷ୍ଟିଲ ଯୋଡ଼ା ଚିଫ ରାଜେଶ କୁମାର, ନୂଆମୁଣ୍ଡି ଖଣି ଚିଫ ଡି ବିଜୟନ୍ଦ୍ର, ପ୍ଲାନିଂ ଚିଫ ଅବନିଶ କୁମାର, ଏଫ୍ ଏ ଏମ୍ ଡି ଚିଫ ଶମ୍ଭୁ ନାଥ ଝା, ନୀଳାଚଳ ଇସ୍ପାତ ଖଣି ଚିଫ ରାହୁଲ କିଶୋର, ଖଣ୍ଡବନ୍ଧ ଖଣି ଚିଫ ଜି ଭି ସତ୍ୟ ନାରାୟଣ, ସମସ୍ତ ଖଣିର ଅପରେସନ୍ସ ବିଭାଗ ହେଡ୍, କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ରାଜ୍ୟର ବିଭିନ୍ନ ଖଣିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ ସମଗ୍ର ବିଶ୍ୱରେ ଏହାର କାର୍ଯ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀ ଖନନ ପାଇଁ ପ୍ରତିବଦ୍ଧ ରହିଛି। ଏହାସହିତ କମ୍ପାନୀ ଉଚ୍ଚମାନର ଅନ୍ତର୍ଜାତୀୟ ମାନକ ବଜାୟ ରଖିବା ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ରମ୍ୟାଟେରିଆଲର ଗୁଣବତ୍ତା ଓ ସଂରକ୍ଷଣକୁ ସୁନିଶ୍ଚିତ କରୁଛି।

# ମନରେଗା କାର୍ଯ୍ୟର ତଦନ୍ତ ପାଇଁ ଆସିବେ ୩ ଜଣିଆ ଟିମ୍

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ମନରେଗା ଯୋଜନାରେ ହୋଇଥିବା ବିଭିନ୍ନ କାମ କାର୍ଯ୍ୟର ତଦନ୍ତ ପାଇଁ ଆସିବେ ୩ଜଣିଆ ଟିମ୍। ଏ ନେଇ ପଂଚାୟତରାଜ ଏବଂ ପାନୀୟଜଳ ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ କେନ୍ଦୁଝର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ଚିଠି କରି ଅବଗତ କରାଇଛନ୍ତି। ଏହି ଟିମ ଅଧିକ୍ଷଣ ଯନ୍ତ୍ରୀ ଇଂ ସୁବାଷ ଚନ୍ଦ୍ର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଦୀପ କୁମାର ଦାସ, କମ୍ପ୍ୟୁଟର ପ୍ରୋଗ୍ରାମର ସତ୍ୟରଞ୍ଜନ ଲେଙ୍କା ସଦସ୍ୟ ଭାବେ ତଦନ୍ତ କରିବେ। ଏହି ତଦନ୍ତ ୨୮ ମେ'ରୁ ୩୦ ମେ' ପର୍ଯ୍ୟନ୍ତ ଚାଲିବ ବୋଲି ଚିଠିରେ ଅବଗତ କରାଯାଇଛି। ୨୮ତାରିଖ ଦିନ କେନ୍ଦୁଝରରେ ଏହି ଟିମ ପହଁଚିବା ପରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ସହ ଆଲୋଚନା କରିବେ। ୨୯ ଏବଂ ୩୦ ତାରିଖରେ ଏହି ଟିମ୍ ତେଲକୋଇ ବ୍ଲକ ଯାଇ ଅଭିଯୋଗ ହୋଇଥିବା ବିଭିନ୍ନ କାର୍ଯ୍ୟର ସରଜମିନ ତଦନ୍ତ କରିବେ। ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରୀ, ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଏବଂ ଇଂ ସନ୍ତୋଷ କୁମାର ସାହୁଙ୍କ ଅଭିଯୋଗ କ୍ରମେ ଏହି ତଦନ୍ତ ଟିମ ଆସୁଛନ୍ତି ବୋଲି ଜଣାପଡିଛି। ତଦନ୍ତ ବେଳେ ଅଭିଯୋଗକାରୀ ମାନେ ଉପସ୍ଥିତ ରହିବା ପାଇଁ ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ତେଲକୋଇ ବ୍ଲକରେ ଗତ କିଛି ବର୍ଷ ମଧ୍ୟରେ ମନରେଗା କାମରେ ବ୍ୟାପକ ଦୁର୍ନୀତି ଏବଂ ଅନୀୟମିତତା ହୋଇଥିବା ନେଇ ଅଭିଯୋଗ ହୋଇ ଆସୁଥିଲା।

# ଅପାରଗ ଯନ୍ତ୍ରୀଙ୍କୁ କୋଟିକୋଟି ଟଙ୍କାର କାର୍ଯ୍ୟଭାର

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ଜଳସମ୍ପଦ ବିଭାଗ ଏବେ ଯନ୍ତ୍ରୀ ମାନଙ୍କ ଲୋଲୁପ ଦୃଷ୍ଟିରେ ରହିଛି। ଅପାରଗ ଯନ୍ତ୍ରୀଙ୍କୁ କୋଟି କୋଟି ଟଙ୍କାର କାର୍ଯ୍ୟଭାର ଦେଇ ବିଭାଗ ଏବେ ଅପନିନ୍ଦା ମୁଣ୍ଡାଇବାକୁ ବସିଛି। ଗୋପ ଜଳସମ୍ପଦ ବିଭାଗ ତରଫରୁ ଷୋଳପୁର ଠାରୁ ମଦରଙ୍ଗ ନଦୀ ବନ୍ଧ ରାସ୍ତା ନଦୀ ଭିତରକୁ ଧସିଯିବାରୁ ତାହାକୁ ସୁରକ୍ଷା ଦେବାକୁ ୧.୫୬ ଲକ୍ଷ ବ୍ୟୟରେ ଟଫୱାଲ୍ କାର୍ଯ୍ୟ ଚାଲିଛି। ଯେଉଁଥିରେ ବ୍ୟାପକ ଅନିୟମିତାକୁ ନେଇ ଖବର ପ୍ରକାଶ ପାଇବା ପରେ ତତ୍କାଳିନ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇ ଓ ସହକାରୀ ଅଧିକ୍ଷଣ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ଘଟଣାସ୍ଥଳକୁ ଯାଇ ଦୁର୍ନୀତି ହୋଇଥିବାର ଅନୁଭବ କରିବା ସହିତ ଦାୟିତ୍ୱରେ ଥିବା ଯନ୍ତ୍ରୀ ମହେଶ୍ୱର ବେହେରାଙ୍କୁ ତୁରନ୍ତ ଉକ୍ତ କାର୍ଯ୍ୟରୁ ବିଦା କରି ବିଭାଗର ଅନ୍ୟତମ ଯନ୍ତ୍ରୀ ସଞ୍ଜୀବ ସାହୁଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଯାହାକୁ ନେଇ ଆମ ଆଦମୀ ପାର୍ଟି ଉକ୍ତ ଅପାରଗ ଓ ଲାଞ୍ଚୁଆ ଯନ୍ତ୍ରୀଙ୍କ ବିରୋଧରେ ପୁରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲା । ଯଦ୍ଦ୍ୱାରା ଏବେ ଭିଜିଲାନ୍ସ ନଜର ରେ ଉକ୍ତ ଯନ୍ତ୍ରୀ ଜଣକ ଅଛନ୍ତି । ମାତ୍ର ବିଭାଗ ତରଫରୁ ଏବେ ବି କୋଟିକୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଉକ୍ତ ଅପାରଗ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଚାଲିଛି । ସଦ୍ୟ ଘଟଣାକ୍ରମେ ୮କୋଟି ଟଙ୍କା ବିନିମୟରେ ଗୋପ ବାଇପାସ୍ ରାସ୍ତା ଗୋପ କେନାଲ ଉପରେ ଚାଲିଛି ଯାହାର ଦାୟିତ୍ୱରେ ଅଛନ୍ତି ଯନ୍ତ୍ରୀ ବିବାଦିତ ଯନ୍ତ୍ରୀ ମହେଶ୍ୱର ବେହେରା। ଏବଂ ଉକ୍ତ ଠିକାଦାର ଜଣକ କେନାଲ ଶର୍ଯ୍ୟାକୁ ୫ଫୁଟ ଖୋଳି ଉକ୍ତ କେନାଲ ମାଟିରେ ରାସ୍ତା ସମ୍ପ୍ରସାରିତ କରିଛି ଯେଉଁଥିପାଇଁ ଉକ୍ତ ସ୍ଥାନରେ କେନାଲ ସଙ୍କୁଚିତ ହୋଇଛି। ଆଗାମୀ ଦିନରେ କେନାଲ ପାଣି ପ୍ରବାହିତ ହେବା ସମୟରେ ନିଶ୍ଚିତ ଭାବେ ବାଧା ସୃଷ୍ଟି ହେବ ଯାହା ତଳମୁଣ୍ଡରେ ପାଣି ପହଞ୍ଚିବା ନେଇ ସଂଶୟ ସୃଷ୍ଟି ହୋଇଛି। ମାତ୍ର ବିଭାଗ ତରଫରୁ ସମ୍ପୃକ୍ତ ଠିକାଦାର ବିରୋଧରେ ଏତଲା ଦେବା ବଦଳରେ ତାକୁ ଚାପି ଦିଆଯାଇଛି। ଏହି କାର୍ଯ୍ୟରେ ମଧ୍ୟ ଉକ୍ତ ଅପାରଗ ଯନ୍ତ୍ରୀ ଜଣକ ଦାୟିତ୍ୱରେ ଅଛନ୍ତି। ଏହାକୁ କେହି ଦେଖିବାକୁ ନାହିଁ କିମ୍ବା କହିବାକୁ ନାହିଁ। ଜଳସମ୍ପଦ ବିଭାଗର ଖର୍ଚ୍ଚ ଏବେ ଚାଷୀମାନଙ୍କ ବଦଳରେ କେବଳ ଯନ୍ତ୍ରୀ ଓ ଠିକାଦାରଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି। ଗୋପ ଜଳସମ୍ପଦ ବିଭାଗକୁ ଲୁଟିବା ପାଇଁଏକ ରୀତିମତ ଷଡଯନ୍ତ୍ର ଚାଲିଛି। ଯେଉଁଥିରେ ସାମିଲ ଅଛନ୍ତି ନିମାପଡା ସବଡିଭିଜନ୍‌ର ଅଧିକ୍ଷଣ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ । ଗୋଟିଏ କିମ୍ବା ଦୁଇଟି ଘଟଣା ନୁହେଁ ସମସ୍ତ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଯୋଗୁଁ କୁଶଭଦ୍ରା ନଦୀ ବନ୍ଧ ସମେତ ଗୋପରୁ ଦୁଇପାର୍ଶ୍ୱରେ ଯାଇଥିବା ମୁଖ୍ୟ କେନାଲ ଏବେ ଏମାନଙ୍କ ନିମନ୍ତେ ଲେଉଟିଆ କିଆରି ପାଲଟିଛି। ଏପରି ଅଭିଯୋଗ ହେବା ପରେ ନିମାପଡା ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ପୋଠାଲଙ୍କ ପ୍ରତିକ୍ରିୟା ନେବାରେ ସେ କହିଛନ୍ତି ଯେ ମୁଁ ଏକ ସପ୍ତାହ ହେବ ନିମାପଡାରେ ଯୋଗଦାନ କରିଛି। ଉକ୍ତ ସ୍ଥାନକୁ ଯାଇନାହିଁ। ନିଶ୍ଚିତ ଭାବେ ସେଠାକୁ ଯିବି ଏବଂ ସ୍ଥିତି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବି। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯେ କ'ଣ ପାଇଁ ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଥିବା ଉକ୍ତ ଯନ୍ତ୍ରୀଙ୍କୁ କୋଟି କୋଟି ଟଙ୍କାର କାର୍ଯ୍ୟ ଦେଇ ବିଭାଗ ନିଜେ ବିବାଦକୁ ଠେଲିହେଉଛି। କେନାଲ ଶର୍ଯ୍ୟା ଖୋଳିବାର ଏକ ମାସ ବିତି ଯାଇଥିଲେ ସୁଦ୍ଧା ଅଧିକ୍ଷଣ ଯନ୍ତ୍ରୀ କାହା ଚାପରେ ଚେପା ହୋଇ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ କିମ୍ବା ଉକ୍ତ କେନାଲର ଖୋଳାଯାଇଥିବା ସ୍ଥାନକୁ ପୋତାଗଲା ନାହିଁ ତାହା ଏବେ ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ଖୋଳା ଯାଇଥିବା କେନାଲ ଏବଂ ଉକ୍ତ ମାଟିକୁ ବ୍ୟବହାର କରାଯାଇ ନିର୍ମାଣାଧିନ ଥିବା ରାସ୍ତାଟି ଏକ ମାତ୍ର ଛୋଟ ବର୍ଷାରେ ପୁନଃ କେନାଲ ଭିତରକୁ ଚାଲିଯିବ ଏବଂ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବ। ଯଦ୍ଦ୍ୱାରା ପୁନଃ କାର୍ଯ୍ୟ କରିବାକୁ ଅର୍ଥ ଆସିବ ଏବଂ ତାହାର ଭରପୁର ଫାଇଦା ଉଠାଇବେ ଏହି ଯନ୍ତ୍ରୀ ଓ ଠିକାଦାର ମାନେ। ଗୋପ ଜଳସମ୍ପଦ ବିଭାଗର ଗତ ଦୁଇ ବର୍ଷର ଯଦି କାର୍ଯ୍ୟକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯାଆନ୍ତା ତେବେ ସେଥିରେ ତିନିରୁ ଚାରିଜଣ ଯନ୍ତ୍ରୀ ବନ୍ଧା ହୋଇ ଭିତରକୁ ଚାଲିଯାଆନ୍ତେ ବୋଲି ଅଭିଯୋଗ କରିଛନ୍ତି ଗୋପ ବ୍ଲକ ଦୁର୍ନୀତି ନିବାରଣ ମଂଚର ଆବାହକ ଗଙ୍ଗାଧର ପାଇକରାୟ। ତୁରନ୍ତ ଉକ୍ତ କାର୍ଯ୍ୟ ଗୁଡିକର ଭିଜିଲାନ୍ସ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି।

# ଦୁଇଟି ମନ୍ଦିରରୁ ଚୋରି

ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ଥାନା ଅଧିନସ୍ଥ ବିନିଶପୁର ପଞ୍ଚାୟତ କାଞ୍ଜିଆପାଟଣା ପଡା ଗ୍ରାମରେ ଗତକାଲି ୨୫ତାରିଖ ରାତିରେ ଉକ୍ତ ଗ୍ରାମର ଥିବା ଜଗନ୍ନାଥ ମନ୍ଦିର ଓ ତାରିଣୀ ମନ୍ଦିରରୁ କେହି ଦୁର୍ବୃତ୍ତ ବିଭିନ୍ନ ପୂଜା ସାମଗ୍ରୀ ସହ ଦାନବବାକ୍ସ ଚୋରିକରି ନେଇଥିବା ନିଆଳି ଥାନାରେ ଅଭିଯୋଗ ହେଉଛି। ତାରିଣୀ ମନ୍ଦିରର ଘଣ୍ଟଘଣ୍ଟି ଜଗନ୍ନାଥ ମନ୍ଦିରର ଘଣ୍ଟ, ଦାନବାକ୍ସ ଓ ଗୀତା ବ୍ୟାସ ଭଳି ସାମଗ୍ରୀ ଚୋରୀ ହୋଇଥିବା ସକାଳୁ ପୂଜକ ଦେଖିବାକୁ ପାଇଥିଲେ। କାଞ୍ଜିଆପାଟଣା ଗ୍ରାମବାସୀ ନିଆଳି ଥାନାରେ ଅଭିଯୋଗ କରିବା ପରେ ନିଆଳିଥାନା ପୋଲିସ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି।

# କମାଲ କା କ୍ୟାମ୍ପ ମାଧ୍ୟମରେ ଶିକ୍ଷା ସ୍ତରରେ ପିଲାଙ୍କ ଦକ୍ଷତା ବୃଦ୍ଧି



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଓଡିଶା ଶ୍ରମଜୀବି ମଞ୍ଚ,ମହିଳା ଶ୍ରମଜୀବି ମଞ୍ଚ ଓଡିଶା ଓ ଆତ୍ମଶକ୍ତି ଟ୍ରଷ୍ଟ ଓ ଏହାର ୧୭ ଗୋଟି ଜିଲ୍ଲାର ସଦସ୍ୟ ସଂଗଠନ ମିଶି ପ୍ରାଥମିକ ସ୍ତରରେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଶ୍ରେଣୀର ପିଲାମାନଙ୍କ ପାଇଁ ଏକ ଗ୍ରୀଷ୍ମ କାଳୀନ ଶିବିର କମାଲ କା କ୍ୟାମ୍ପ ଆରମ୍ଭ କରିଛି। ବର୍ତ୍ତମାନ ଗ୍ରୀଷ୍ମ କାଳୀନ ଛୁଟି ପାଇଁ ବିଦ୍ୟାଳୟ ବନ୍ଦ ରହିଥିବାରୁ ପିଲାମାନେ ବିଦ୍ୟାଳୟକୁ ନ ଯାଇ ଖେଳକୁଦ କରି ପାଠ୍ୟପୁସ୍ତକ ଠାରୁ ଦୂରରେ ରହିଛନ୍ତି। ଏହାକୁ ଆଖିଆଗରେ ରଖି ପ୍ରତି ଗ୍ରାମ ମାନଙ୍କରେ ଏହି ଶିବିର ଆରମ୍ଭ କରାଯାଉଛି। ଏହି ଶିବିରର ମୁଖ୍ୟ ଉଦେଶ୍ୟ ହେଉଛି ଯେ ପିଲାମାନଙ୍କ ଶ୍ରେଣୀର ସ୍ତର ଅନୁଯାୟୀ ପଠନ, ଲିଖନ ଓ ମୌଳିକ ଗଣିତ ଦକ୍ଷତାକୁ ମଜବୁତ କରିବା ସହିତ ଏବେବି ଅନେକ ପିଲା ନିଜ ଶ୍ରେଣୀର ପାଠ୍ୟକ୍ରମ ସ୍ତର ପର୍ଯ୍ୟନ୍ତ ପହଂଚିବାରେ ସକ୍ଷମ ନାହାନ୍ତି ଯଦ୍ଦ୍ୱାରା ପାଠ ଶିଖିବା, ଲେଖିବା, ଚିହ୍ନିବା ଓ ପଢିବାରେ ପିଲାମାନଙ୍କ ଭିତରେ ତାରତମ୍ୟ ଦେଖାଦେଉଛି କାରଣ ଚତୁର୍ଥ ଶ୍ରେଣୀ ପିଲାଟିଏ ତାର ପୂର୍ବ ଶ୍ରେଣୀ ଅର୍ଥାତ ତୃତୀୟ ଶ୍ରେଣୀ ପାଠ ପଢିବା ପାଇଁ ସକ୍ଷମ ନୁହେଁ। ଏହି ଶିକ୍ଷାର ବ୍ୟବଧାନକୁ ଦୂର କରିବା ପାଇଁ ସଂଗଠନ ତରଫରୁ ଶିବିରର ଆୟୋଜନ କରାଯାଉଛି। ଏଣୁ ମାଲକାନଗିରି ଜିଲ୍ଲା ମହିଳା ଶ୍ରମଜୀବୀ, ଶ୍ରମଜୀବି ସଂଗଠନ ପ୍ରୟାସରେ ଜିଲ୍ଲାର ୭ ଗୋଟି ବ୍ଲକରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଗ୍ରାମମାନଙ୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ କରାଯାଉଛି। ଏଥି ସହିତ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମି ଦିଆଯାଇ ସେମାନଙ୍କର ପଞ୍ଜିକରଣ କରିବା ସହିତ ମ୍ୟାପିଂ, ପ୍ରୋଫାଇଲ ମଧ୍ୟ କରାଯାଉଛି। ଏହି ଶିବିରଗୁଡିକ ୬ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ପ୍ରତେକ ସପ୍ତାହରେ ଅଲଗା ଅଲଗା ପାଠ୍ୟ କ୍ରମ ରହିଛି, ଯେମିତି କିଛି ଅକ୍ଷର ଚିହ୍ନିବା, ବାକ୍ୟଗଠନ କରିବା ଓ ପଢିବା, ଗାଣିତିକ ଦକ୍ଷତା ମଧ୍ୟରେ ନମ୍ବର ଚିହ୍ନା, ମିଶାଣ ଓ ଫେଡ଼ାଣ କରିବା, ନାଚ ଗୀତ, ଗଳ୍ପ ମଧ୍ୟ ରହିଛି। ବିଦ୍ୟାଳୟ ଖୋଲିବା ପରେ ପିଲାମାନଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କରିବା ସହିତ ଶିକ୍ଷାର ଗୁଣାତ୍ମକ ବୃଦ୍ଧି ମଧ୍ୟ ହୋଇପାରିବ ବୋଲି ସଂଗଠନ ର କର୍ମକର୍ତ୍ତା ବଟକୃଷ୍ଣ ସାହୁ ପ୍ରକାଶ କରିଥିଲେ। ଏହି ଶିବିର ପରିଚାଳନା ଓ ତାଲିମ ପାଇଁ ରାମ ବଡ଼ନାୟକ, ମଦନ ହନ୍ତାଳ, ତ୍ରିନାଥ ବଡ଼ନାୟକ, ଚିତ୍ତରଞ୍ଜନ ସାହୁ, ମୁକୁନ୍ଦ ମାଡକାମୀ, ଗୋବର୍ଧନ ପାଙ୍ଗି, ରାମପଦ ପ୍ରଧାନ, ଶ୍ରୀନୁ ସେଲବମ, ଜିତେନ୍ଦ୍ର ଖିଲ ଓ ସଂଗଠନ ପକ୍ଷରୁ ସଭାପତି ରାଜେନ୍ଦ୍ର କବାସୀ, ଏରା ପଡିଆମୀ,ସୀତାରାମ ଦୁରୁଆ, ହାତୀରାମ ଗଡ଼ଙ୍ଗୀ, ଦୈମତି ବାର୍ଷେ, ଗଣପତି ଖିଲ, ଡମ୍ବରୁ ଧର ନାୟକ, ଭାଗିରଥି ପାଟନିଆ, ରେଲି ଖିଲ ପ୍ରମୁଖ ସହଯୋଗ କରିଥିଲେ।

# ଆଦର୍ଶ ଶିକ୍ଷକ ସମ୍ବର୍ଦ୍ଧିତ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକର ଆଦର୍ଶ ଶିକ୍ଷକ ତଥା ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କୁ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ବୁଗୁଡା ଗଞ୍ଜାମ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ରହ୍ମପୁର ସ୍ଥିତ ଶଶିଭୁଷଣ ରଥ ସରକାରୀ ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବପାଳନ, ଆବାହନୀ ସଙ୍ଗୀତ ଲୋକାର୍ପଣ ଏବଂ କବିତାପାଠ ଉତ୍ସବ ପାଳନ ଅବସରରେ ଶ୍ରୀ ମହାପାତ୍ରଙ୍କୁ ତାଙ୍କର ନିରନ୍ତର ସାରସ୍ୱତ ସାଧନା ପାଇଁ ସମ୍ବର୍ଦ୍ଧନା ସ୍ୱରୂପ ଉତ୍ତରୀୟ, ପୁଷ୍ପଗୁଚ୍ଛ, ଟ୍ରଫି, ମାନପତ୍ର, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଫଟୋଚିତ୍ର, ପୁସ୍ତକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି।

# ରାଜ୍ୟ ସ୍ତରୀୟ ହକି ଅମ୍ପାୟାର୍ସ ଲେଭେଲ-୧ ପରୀକ୍ଷାରେ
# ପାରାଦୀପର ୭ ଜଣ ଛାତ୍ରଛାତ୍ରୀଙ୍କ ସଫଳତା



ପାରାଦୀପ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଓ ଓଡ଼ିଶା ନାଭାଲ ଟାଟା ହକି ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ହକି ଅମ୍ପାୟାରସ ଲେଭେଲ-୧ କୋର୍ସ ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପାରାଦ୍ୱୀପର ୭ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ୨୪ ମଇ ଠାରୁ ୨୬ ମଇ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ତଥା ଓଡିଶା ନାଭାଲ ଟାଟା ହକି ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ ହକି ଲେଭେଲ-୧ ଅମ୍ପାୟରିଂ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ହେଲେ ଆୟୁଷ କୁମାର , ସତ୍ୟ ସୁବ୍ରତ ଜେନା, ବିନୟ କୁମାର ଖିଲାର, ସମ୍ବିତ ବିଶ୍ୱଭୂଷଣ, କୁମାରୀ ଚିନ୍ମୟୀ ପ୍ରଧାନ, କୁମାରୀ ସୁହାନି ରାଉତ, କୁମାରୀ ସଂଚିତା ସ୍ୱାଇଁଏହି ୭ ଜଣ ହକି ଖେଳାଳି ପିପିଏଲ, ପାରାଦ୍ୱୀପର ଟାଟା ହକି ଗ୍ରାସ ରୁଟ କେନ୍ଦ୍ରର ଖେଳାଳି ତଥା ପିପିଏଲ ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଅଟନ୍ତି। ଏମାନଙ୍କ ସଫଳତା ପାଇଁ ଜିଲ୍ଲାର କ୍ରୀଡ଼ା ଅଧିକାରିଣୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଡିଏଭି ପିପିଏଲ ପାରାଦ୍ୱୀପ ର ଅଧକ୍ଷ ସଂଜୀବ କୁମାର ସାହୁ ତଥା ଡିଏଭି ପିପିଏଲର କ୍ରୀଡା ଶିକ୍ଷକ ତଥା ସେଣ୍ଟର୍ ସଂଯୋଜକ ଶାଶ୍ୱତ କୁମାର ଭାରତୀୟ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



# ଆମ କଳାହାଣ୍ଡି



ପୃଷ୍ଠା-୧୧
Page-11
ମଙ୍ଗଳବାର, ୨୭ ମଇ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


## ପାଣି ପାଇଁ ରାସ୍ତାରୋକ

## ୧୫ଦିନରେ ସମାଧାନ ପ୍ରତିଶ୍ରୁତି

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଦଶପୁର ଗାଁରେ ଗତ ଗୁରୁବାର ଦିନ ପାଣି ପାଇଁ ରାଜ ରାସ୍ତାକୁ ଓହ୍ଲାଇଥିଲେ ଶତାଧିକ ମହିଳା। ପାନୀୟ ଜଳ ଯୋଗାଣ ଦାବିରେ ବୃନ୍ଦାବାହାଲରୁ ଜାରିଙ୍ଗକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଦଶପୁର ଠାରେ ରାସ୍ତାରେ ଗରା, ମାଠିଆ, ବାଲଟି ରଖି ରାସ୍ତା ରୋକ କରିଥିଲେ। ଦିର୍ଘ ୬ଘଣ୍ଟା ଧରି ରାସ୍ତାରୋକ ହୋଇଥିଲା ହେଲେ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିଲେ। ଯାହା ଫଳରେ ଗ୍ରାମବାସୀ ମାନେ ନିରାଶ ହୋଇପଡ଼ିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ସୋମବାର ଦିନ ଦଶପୁର ଗାଁରେ ପହଞ୍ଚିଛନ୍ତି। ଦଶପୁର ଠାରେ ପହଞ୍ଚିବା ପରେ କିଭଳି ସମସ୍ୟାର ସମାଧାନ କରାଯାଇପାରିବ ସେ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ମେଗା ପାନୀୟ ଜଳ ଯୋଗାଣ ତରଫରୁ ପାଇପ ବିଛା ଯାଇଛି କିନ୍ତୁ ବିଭିନ୍ନ ସ୍ଥାନରେ ତ୍ରୁଟି ସବୁ ରହିଯାଇଛି। ଯାହା ଫଳରେ ପାଣି ବୁନ୍ଦାଏ ପାଇଁ ଲୋକେ ନାହିଁ ନଥିବା



ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ବିଭାଗୀୟ ଅଧିକାରୀ ଓ ମେଗା ପ୍ରୋଜେକ୍ଟର ଅଧିକାରୀ ମାନଙ୍କୁ ଘଟଣାସ୍ଥଳକୁ ଡାକି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭିନ୍ନ ତ୍ରୁଟି ପୂର୍ଣ୍ଣ କାର୍ଯ୍ୟ ପାଇଁ ମେଗା ପ୍ରୋଜେକ୍ଟର ଅଧିକାରୀଙ୍କୁ ବ୍ଲକ ଅଧକ୍ଷ ତାଗିଦ ମଧ୍ୟ କରିଥିଲେ। ଅନ୍ୟପଟେ ୧୫ଦିନ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି ବ୍ଲକ ଅଧକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗସ୍ତ ସମୟରେ ଦଶପୁର ସରପଞ୍ଚ ରଞ୍ଜନ ସାହୁ, ସମିତିସଭ୍ୟ ଦୁର୍ଗେଶ୍ୱର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରୂପମା ନାଏକ, ଦୁବର୍ଣ୍ଣ ସାହୁ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବାଷ ପଣ୍ଡା, ମେଗା ପ୍ରୋଜେକ୍ଟର ଅଧିକାରୀ ସମେତ ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷଙ୍କ ଏଭଳି କାର୍ଯ୍ୟକୁ ନେଇ ଗ୍ରାମବାସୀ ଆଶାବାଦୀ ଥିବା ବେଳେ ବ୍ଲକ ଅଧକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନିର୍ଯାତନା ସହି ପାରିଲେନି ଦାଦନ

# ଶ୍ରମ ବିଭାଗ ଦ୍ୱାରା ୨୪ ଦାଦନ ଉଦ୍ଧାର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କ୍ରମଶଃ ଅସହ୍ୟ ହୋଇ ପଡୁଛି ଦାଦନ ଶ୍ରମିକଙ୍କ ଦୁଃଖ। କଳାହାଣ୍ଡି ତଥା ପଶ୍ଚିମ ଓଡ଼ିଶାରୁ ପ୍ରତିଦିନ ଟ୍ରେନ୍ ଯୋଗେ ଶହଶହ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଯାଇ ହଇରାଣ ହରକତ ହେବା, ଅତ୍ୟାଚାରିତ ହେବା ଏମିତି କି ଶବ ହୋଇ ଗାଆଁକୁ ଫେରିବାର ବହୁ ଦୁଃଖଦ ନଜିର ରହିଛି। ଶ୍ରମ ଆଇନ, ଶ୍ରମ ପ୍ରଶାସନ ଓ ପୋଲିସ ପ୍ରଶାସନର ବହୁ ଉଦ୍ୟମ ସତ୍ତ୍ୱେ ଏ ଯନ୍ତ୍ରଣାର ଅନ୍ତ ହେଉନାହିଁ। ଏବେ ସରକାର ବଦଳିଛି ଓ ହାତପାଆନ୍ତାରେ କାମ ମିଳିବାର ପ୍ରତିଶ୍ରୁତି ମଧ୍ୟ ମିଳିଛି। ହେଲେ ସରୁନାହିଁ ଦାଦନ ଶ୍ରମିକଙ୍କ କରୁଣ ଦାଦନ ଯାତ୍ରାର କରୁଣ କାହାଣୀ। ଏବେ ପୁଣି କଳାହାଣ୍ଡି ଜିଲ୍ଲା ଶ୍ରମ ବିଭାଗ ଅଧିକାରୀଙ୍କ ଦ୍ୱାରା କେସିଙ୍ଗା ରେଳ ଷ୍ଟେସନରୁ ରବିବାର ସନ୍ଧ୍ୟାରେ ଉଦ୍ଧାର ହୋଇଛନ୍ତି ୨୪ଜଣ ଦାଦନ ଶ୍ରମିକ। ପରିବାର ଗୁଜୁରାଣ ପାଇଁ କେତେ ଆଶା ରଖି ଦାଦନ ଶ୍ରମିକମାନେ ବାହାର ରାଜ୍ୟକୁ ଯାଇଥାନ୍ତି। କିନ୍ତୁ ପରିବାର ପ୍ରତିପୋଷଣ ଆଶା ରଖି ଦଲାଲ କବଜାରେ ପଡ଼ି ଅଗ୍ରୀମ ବାବଦକୁ



ମୋଟା ଅଙ୍କର ଟଙ୍କା ଶ୍ରମିକମାନେ ଦଲାଲଙ୍କ ଠାରୁ ନେଇ ଯାଇଥାଆନ୍ତି। କରଜ ଶୁଝିବା ପାଇଁ ଦଲାଲ ହାଇଦ୍ରାବାଦ, ଚେନ୍ନାଇ, ମୁମ୍ବାଇ ଇତ୍ୟାଦି ବାହାର ରାଜ୍ୟକୁ ଶ୍ରମିକମାନଙ୍କୁ ନେଇଥାଏ। କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକରୁ ହଜାର ହଜାର ସଂଖ୍ୟାରେ ଦାଦନ ଶ୍ରମିକମାନେ ଦାଦନ ଖଟିବାକୁ ସପରିବାର ସହିତ ବିଭିନ୍ନ ରାଜ୍ୟକୁ ଯାଇଥାଆନ୍ତି। ସେହିଭଳି ବଲାଙ୍ଗୀର ଓ କଳାହାଣ୍ଡି ଜିଲାରୁ ମଧ୍ୟ ଦୈନିକ ଟ୍ରେନ୍ ଯୋଗେ ବାହାର ରାଜ୍ୟକୁ ଯାଉଛନ୍ତି ଶତାଧିକ ଶ୍ରମିକ। କିଛି ଦିନ ଭଲରେ କାମ କରିବା ପରେ ଦାଦନ ଶ୍ରମିକଙ୍କୁ ମାଲିକ ଓ ଦଲାଲମାନେ ବିଭିନ୍ନ ନିର୍ଯାତନା ଦେଇ ଏମିତିକି ମାଡ଼ମାରି କାମ କରାଇଥାନ୍ତି। କିଏ ଯଦି ଏହି ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରେ ବେଳେବେଳେ ତାଙ୍କର ଜୀବନ ମଧ୍ୟ ଚାଲିଯିବାର ନଜିର ରହିଛି। ଶ୍ରମିକଙ୍କ କାମର ଉଚିତ ମୂଲ୍ୟ ନ ମିଳିବାରୁ ଏବେ ମଧ୍ୟ ବାହାର ରାଜ୍ୟରେ ଜିଲ୍ଲାର ହଜାର ହଜାର ସଂଖ୍ୟାରେ ଦାଦନ ଶ୍ରମିକମାନେ ଅନ୍ୟ ରାଜ୍ୟରେ କାମ କରୁଛନ୍ତି। ସେହିଭଳି ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦରେ କେସିଙ୍ଗା, ଜୁନାଗଡ଼ ଓ ମ. ରାମପୁର ବ୍ଲକର ୨୪ ଜଣ ଶ୍ରମିକଙ୍କୁ ବହୁ ନିର୍ଯାତନା ଦେବା ସହ ମାଡ଼ ମାରି ହଇରାଣ ହରକତ କରି ଖାଇବା ପିଇବା ପାଇଁ ଠିକ୍ ଭାବେ ଦିଆଯାଉ ନ ଥିଲା। ଶ୍ରମିକମାନେ ବହୁ କଷ୍ଟ ଅନୁଭବ କଲା ପରେ ପରିବାର ଲୋକଙ୍କୁ ଏହି ସବୁ ଦୁଃଖ ଯନ୍ତ୍ରଣା ବିଷୟରେ ଜଣାଇଲା ପରେ ପରିବାର ବର୍ଗ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲା ଶ୍ରମବିଭାଗ ସେଠାକାର ଜିଲ୍ଲା ପ୍ରଶାସନଙ୍କ ସହ ଯୋଗାଯୋଗ କରି ୨୪ ଜଣ ଦାଦନ ଶ୍ରମିକଙ୍କୁ ଫେରାଇ ଦେବା ପାଇଁ ଚିଠି ଲେଖିଥିଲେ। ଏରନାକୁଲମ୍ ଏକ୍ସପ୍ରେସରେ ୨୪ ଜଣ ଦାଦନ ଶ୍ରମିକ କେସିଙ୍ଗା ରେଳ ଷ୍ଟେସନଠାରେ ରବିବାର ସନ୍ଧ୍ୟାରେ ପହଞ୍ଚିବା ପରେ ଜିଲ୍ଲା ଶ୍ରମ ଅଧିକାରୀ ଜିତାମ ମାଝୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ସମସ୍ତଙ୍କ ନାମ ଗ୍ରାମ ଠିକଣା ସଂଗ୍ରହ କରିଥିଲେ। ଦାଦନ ଶ୍ରମିକଙ୍କୁ ଜଳପାନର ବ୍ୟବସ୍ଥା କରି ନିଜନିଜ ଗ୍ରାମକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଏହି ଉଦ୍ଧାର କାର୍ଯ୍ୟକ୍ରମରେ ଶ୍ରମବାହିନୀ ସଭାପତି ଝସକେତନ ବାଗ, ବିଏସ୍ସିଏସ୍ଡବ୍ଲ୍ୟୁ ୟୁନିଅନର ସୂର୍ଯ୍ୟନାରାୟଣ ପଟ୍ଟନାୟକ ଓ ରେଳବାଇ ପୋଲିସ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଭଲିବଲ ଟୁର୍ଣ୍ଣାମେଣ୍ଟ୍‌ରେ ରିଷିଡା ଚାମ୍ପିୟନ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଯୁବ ସଙ୍ଗଠନ ପକ୍ଷରୁ ଏକ ଦିବସୀୟ ଜୁନିୟର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୁବସମାଜ ସେବୀ ତଥା ସମ୍ବାଦଦାତା ସୁଶାନ୍ତ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରମୋଦ ସାହୁ ସଲିମ ଶେଖର ରଣା ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚଟି ବେଳଖଣ୍ଡି ପଲସାପଡା ଓ ରିଷିଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏଥିରେ ରିଷିଡ଼ା ଚମ୍ପିୟାନ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନାରେ ସଭାପତି ପପୁନ ରଣା ସଂପାଦକ କିରଣ ବେହେରା ରେଫରି ବଣ୍ଟି ସେଠ, ବବୁଲୁ ସାହୁ, ଡିଲୁ ବେହେରା, ମୁକେଶ ରଣା, ସ୍କୋରର ଭାବେ ତନମୟ ରଣା, ଆୟୁଷ କେଡିଆ ଦାୟିତ୍ୱ ନେଇଥିଲେ। ମୁଖ୍ୟ ସହଯୋଗରେ ରଂଜନ ନାଏକ, ରାଜେଶ ଗଡ଼ତିଆ ଲିପୁ ସେଠ, ଡିଟୁ ନାଏକ, ଜିତୁରଣା, ଏଥିରେ କଳାହାଣ୍ଡି ଜିଲାର କେସିଙ୍ଗା ବ୍ଲକ ଓ କର୍ଲାମୁଣ୍ଡା ବ୍ଲକର ୮ଟି ଜୁନିୟର ଦଳ ଅଂଶ ଗ୍ରହଣ କରିଥିଲେ। ରିଷିଡା ଯୁବ ସଂଗଠନର ସମସ୍ତ କର୍ମକର୍ତ୍ତା ଓ ଗ୍ରାମର ପୁରାତନ ଖେଳାଳୀ ଆୟୋଜନରେ ସହଯୋଗ କରିଥିଲେ।

## ତୈଳିକ ବୈଶ୍ୟ ସମାଜର ନୂତନ ଗ୍ରାମ୍ୟ କମିଟି ଗଠିତ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ, କଳାହାଣ୍ଡି, ଯୋରାଡବରା ଅଧିନରେ ଥିବା କେସିଙ୍ଗା, କର୍ଲାମୁଣ୍ଡା, ମ.ରାମପୁର ଓ ନର୍ଲା ବ୍ଲକ ଅଞ୍ଚଳର ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ନୂତନ ଗ୍ରାମ୍ୟ କମିଟି ଗୁଡିକ ଗଠନ କରାଯାଉଛି। ସମାଜର ଉପ ବିଧି ପ୍ରକାରେ ଜିଲ୍ଲା ପର୍ଯ୍ୟବେକ୍ଷକ ମାନଙ୍କ ଉପସ୍ଥିତିରେ ଗ୍ରାମ୍ୟ କମିଟି ଗଠନ କାର୍ଯ୍ୟକ୍ରମ ମାନ କରାଯାଉଛି। ନୂତନ ଗ୍ରାମ୍ୟ କମିଟି ଗଠନ କରିବା ପୂର୍ବରୁ ପ୍ରଥମେ ସମାଜ ସଂସ୍କାର ସମ୍ପର୍କିତ ଆଲୋଚନା କରାଯାଇ ସମାଜର ନୀତି ନିୟମ ଗୁଡିକ କିପରି କଡାକଡି ପାଳନ ହୋଇପାରିବ ସେ ଉପରେ ନିର୍ଦ୍ଧାରଣ କରାଯାଇଛି। ଗ୍ରାମ୍ୟ କମିଟି ଗଠନରେ ସମାଜ ପାଇଁ କାମ କରିବାକୁ ଆଗ୍ରହୀ ଯୁବକ ଓ ମହିଳା ମାନଙ୍କୁ ସାମିଲ୍ କରିବା ଉପରେ ଗୁରୁତ୍ୱ ଦିଆଯାଇ ୫ ଜଣ ଲେଖାଏଁ ମହିଳା ଓ ଯୁବକଙ୍କୁ ଗ୍ରାମ୍ୟ କମିଟିରେ ନିଆଯାଇଛି। ସେହିପରି ସମୟ ଦେଇପାରୁଥିବା ଉପଯୁକ୍ତ ସମାଜସେବୀଙ୍କୁ ଗ୍ରାମ୍ୟ କମିଟିର ସୁପାରିଶ ରେ ବିଭିନ୍ନ କମିଟି ପାଇଁ ଉଚ୍ଚ ସ୍ତରୀୟ କମିଟି ସଭ୍ୟ ଭାବେ ରଖିବା ପାଇଁ ଜିଲ୍ଲା କମିଟି କୁ ପଠାଯାଇଛି। ଯାହାକି କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଓ ବଗାଡ ମଣ୍ଡଳର ପ୍ରାୟ ଅଧିକାଂଶ ଗ୍ରାମରେ ସମାଜର ନୀତି ନିୟମ ଅନୁସାରେ ନୂତନ ଗ୍ରାମ୍ୟ କମିଟି ଅତିଆଗ୍ରହ ସହିତ ଗଠନ ହୋଇଥିବା ଜଣାପଡ଼ିଛି ଓ ୪ଟି ବ୍ଲକର ୧୦୨ଗ୍ରାମରେ ଗ୍ରାମ କମିଟି ଶେଷ ପର୍ଯ୍ୟାୟରେ ପହଁଚିଛି। ସେହିପରି ମଣ୍ଡଳ କମିଟି ଗଠନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। କୁର୍ଲୁପଡ଼ା ଓ ନୂଆପଡ଼ା ନୂତନ ଗ୍ରାମ୍ୟ କମିଟି ଗଠନ ବୈଠକରେ ଜିଲ୍ଲା ସଭାପତି ନୀଳମଣି ସାହୁ ଓ ସମ୍ପାଦକ ନବୀନ କିଶୋର ସାହୁ, ସମାଜର ମାନ୍ୟଗଣ୍ୟ ମୁରଲୀଧର ସାହୁ, ହିରାମଣୀ ସାହୁ, ପବିତ୍ର ସାହୁଙ୍କ ସମେତ ବାଲସି ମଣ୍ଡଳର ମନୋହର ସାହୁ, ଅଶ୍ୱିନୀ ସାହୁ, ଫକିର ସାହୁ, ବିରଞ୍ଚି ସାହୁ, କିଶନ ସାହୁ, ବଗାଡ ମଣ୍ଡଳର ସୁଲପାଣି ସାହୁ, ଯୁବରାଜ ସାହୁ, ଗଣମାଧ୍ୟମ ପ୍ରତିନିଧି ଶିବପ୍ରସାଦ ସାହୁ, ନର୍ଲା ବ୍ଲକ ରୁପ୍ରା ମଣ୍ଡଳର ହୃଷୀକେଶ ସାହୁ, ମୁରଲୀଧର ସାହୁ ପ୍ରମୁଖଙ୍କ ସମେତ ସମାଜର ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

## ବୁଢାରଜା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍:ବେହେରା ଚାମ୍ପିୟନ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ ବ୍ଲକ ନନ୍ଦଗାଁ ବୁଢା ରାଜା କ୍ରିକେଟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିବା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଫାଇନାଲ ଖେଳ ବେହେରା ଓ ସର୍ଗଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବେହେରା ବିଜୟୀ ହୋଇ ଚଳିତବର୍ଷର ଚମ୍ପିୟାନ ବିବେଚିତ ହୋଇଛି। ବେହେରା ଦଳ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ମୋଟ ୧୦୮ରନ ସଂଗ୍ରହ କରିଥିଲା। ଏହାର ପିଛା କରି ସର୍ଗଗୁଡା ଦଳ ୧୨ଓଭରରେ ସମସ୍ତ ଖେଳାଳି ଆଉଟ ହୋଇ କେବଳ ୬୦ ରନ କରିବାରେ ସକ୍ଷମ ହୋଇଥିଲା। ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ସମାଜ ସେବୀ ଭବାନୀ ଶଙ୍କର ବଣୁଆ ଯୋଗ ଦେଇ ବିଜୟୀ ଦଳକୁ ଚମ୍ପିୟାନ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ଖେଳ ପରିଚାଳନା କେଶବ ଦୁର୍ଗା ଓ ଗିରିଧାରୀ ହଂସ କରିଥିବା ବେଳେ ଧାରାବାହିକ ଦାୟିତ୍ୱ ମୀନକେତନ ବାଗ ତୁଲାଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଭୁବନେଶ୍ୱର ଶବର ସମାଜ ସେବୀ ସଞ୍ଜୟ ପଟେଲ ଯୋଗ ଦେଇଥିବା ବେଳେ କମିଟିର ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ।

## ଯୁବ ସମାଜସେବୀଙ୍କ ବିୟୋଗରେ ଶୋକସଭା

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : ଲାଞ୍ଜିଗଡ ବ୍ଲକର ଜଣେ ଦକ୍ଷ ସଂଗଠକ, ସମାଜସେବୀ, ଯୁବନେତା, ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେସନ, ଦଳିତ ଆଦିବାସୀ ମହାସଂଘ, ଲାଞ୍ଜିଗଡ ବ୍ଲକ ଶାଖାର ଉପସଭାପତି ମହେନ୍ଦ୍ର କରୁଆଙ୍କ ଦୁଃଖଦ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ପତ୍ରାପଡାସ୍ଥିତ ବାସଭବନରେ ଶୋଇଥିବାବେଳେ ଅଚେତ ହୋଇପଡ଼ିଥିଲେ ପରେ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ପତ୍ରାପଡା ଗାଁ ଲୋକାରଣ୍ୟ ହୋଇ ଉଠିଥିବାବେଳେ ସମସ୍ତେ ତାଙ୍କ ଗୁଣକୁ ବାଖ୍ୟାନି ଶୋକ ପ୍ରକାଶ କରିଥିଲା। ସେହିପରି ତାଙ୍କ ଶବାଧାରରେ ଲାଞ୍ଜିଗଡ ବ୍ଲକ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ଥିଲେ। ତାଙ୍କ ବିୟୋଗରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ବିଧାୟକ ଶିବାଜୀ ମାଝୀ, ବଳଭଦ୍ର ମାଝୀ, ବ୍ଲକ ଅଧକ୍ଷା କମଳା ପାତ୍ର ସମେତ ଆହୁରି ଅନେକ ପ୍ରମୁଖ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ସଡକ ପରିବହନ ନିଗମରେ ଅବ୍ୟବସ୍ଥା

# ଗନ୍ତବ୍ୟସ୍ଥଳକୁ ନ ଯାଇ ଅଟକିଛି ଦୂରଗାମୀ ବସ୍, ଯାତ୍ରୀ ହନ୍ତସନ୍ତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ସଡ଼କ ପରିବହନ ନିଗମ ଘୋର ଅବ୍ୟବସ୍ଥା ଦେଇ ଗତି କରୁଥିବା ଅଭିଯୋଗ ହେଉଛି। ଭୁବନେଶ୍ୱର ଭାୟା ଟିଟିଲାଗଡ଼, ଭବାନୀପାଟଣା ଦେଇ ଥୁଆମୂଳ ରାମପୁର ଯାଉଥିବା ବସ, ଥୁଆମୂଳ ରାମପୁର ନ ଯାଇ ଭବାନୀପାଟଣାରେ ରହିଯାଉଥିବା ଜଣାପଡିଛି। ଏଣୁ ଥୁଆମୂଳ ରାମପୁରରୁ ସିଧାସଳଖ ରାଜଧାନୀ ଭୁବନେଶ୍ୱର ଯିବାଆସିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳର ଥୁଆମୂଳ ରାମପୁରବାସୀ ସିଧାସଳଖ ରାଜଧାନୀ ଭୁବନେଶ୍ୱରକୁ ଯାଇ ନିଜ କାର୍ଯ୍ୟ ହାସଲ କରି ପୁଣି ନିଜ ଅଞ୍ଚଳକୁ ସୁବିଧାରେ ପହଞ୍ଚି ପାରିବା ପାଇଁ ଏହି ବସର ବ୍ୟବସ୍ଥା କରାଯାଇଥିଲା। ହେଲେ ବସଟି ଥୁଆମୂଳ ରାମପୁର ନ ଯାଇ ଭବାନୀପାଟଣା ଠାରେ ରହିଯିବା ଫଳରେ ଏହି ଅଞ୍ଚଳର ଲୋକଙ୍କ ପାଇଁ ଘୋର ଅସୁବିଧା ହେଉଛି। ପୁଣି ଅଭିଯୋଗ ହେଉଛି ବସଟି ଟିଟିଲାଗଡ ସହର ଦେଇ ଯାଉଥିବାରୁ ଭିଡ଼ ଯୋଗୁଁ ସମୟର ଅଭାବ ରହୁଛି। ଟିଟିଲାଗଡ଼ ସହର



ଭିତରକୁ ନ ଯାଇ ଯଦି ବାଇପାସରେ ଏହା ଯାଆନ୍ତା ତାହେଲେ ଥୁଆମୂଳ ରାମପୁରରେ ଠିକ୍ ସମୟରେ ପହଞ୍ଚି ପାରନ୍ତା। ଯେଉଁ ଥୁଆମୂଳ ରାମପୁରବାସୀଙ୍କ ନିମନ୍ତେ ଏହି ବସର ବ୍ୟବସ୍ଥା କରାଯାଇଛି ସେହି ଅଞ୍ଚଳର ସାଧାରଣ ଲୋକେ ଏହି ସେବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟ ଏକ ଅଭାବନୀୟ ଘଟଣା ହେଲା ଭବାନୀପାଟଣାରୁ ବିଶାଖାପାଟଣାକୁ ଯେଉଁ ୩ଟି ହାଇଟେକ୍ ବସ ଯାତାୟତ କରୁଛି, ସେହି ବସ୍ ଗୁଡିକ ଭବାନୀପାଟଣା ବସ୍‌ଷ୍ଟାଣ୍ଡରୁ ଛାଡିବାକୁ ଥିବା ନିର୍ଦ୍ଦିଷ୍ଟ ସମୟର ୧ ଘଣ୍ଟା ପରେ ଛାଡୁଥିବାର ଦେଖିବାକୁ ମିଳୁଛି। ସଂଧ୍ୟା ୫ ଘଣ୍ଟାରେ ଭବାନୀପାଟଣାରୁ ଛାଡ଼ିବାକୁ ଥିବା ଭବାନୀପାଟଣା- ବିଶାଖାପାଟଣା ବସ୍ ସଂଧ୍ୟା ୫ ଘଣ୍ଟା ବଦଳରେ ୬ ଘଣ୍ଟାରେ ଗନ୍ତବ୍ୟ ସ୍ଥଳରୁ ବାହାରୁଛି ବୋଲି ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଭବାନୀପାଟଣାରୁ ଭାୟା ଭଞ୍ଜନଗର ଦେଇ କଟକ ଯାଉଥିବା ହାଇଟେକ୍ ବସ୍ ମଧ୍ୟ ସନ୍ଧ୍ୟା ୬ ଘଣ୍ଟାରେ ଭବାନୀପାଟଣାରୁ ବାହାରିବାର ନିର୍ଦ୍ଦିଷ୍ଟ ସମୟ ଥିଲେ ବି ପ୍ରାୟ ପ୍ରତିଦିନ ସଂଧ୍ୟା ୭ ଘଣ୍ଟାରେ ଛାଡୁଥିବା ଅଭିଯୋଗ ହେଉଛି। ଏହି ବିଳମ୍ବ ଯୋଗୁଁ ବିଭିନ୍ନ ସ୍ଥାନରେ ଥିବା ଯାତ୍ରୀ ଏହି ବସ୍‌ରେ ଚଢିବାର ଥିଲେ ବି ଅନ୍ୟ ବେସରକାରୀ ବସରେ ପଳେଇ ଯାଇଥାନ୍ତି। ଫଳରେ ସରକାରୀ ରାଜସ୍ୱ କ୍ଷତି ହେଉଛି। ଦୂରଦୂରାନ୍ତକୁ ଯାତାୟତ କରୁଥିବା ବସ ଗୁଡିକର ସଠିକ ମରାମତି କରାଯାଉ ନଥିବାରୁ ରାସ୍ତାରେ ବସଟି ଖରାପ ହେଉଥିବା ପୁଣି ଯାତ୍ରୀ ହଇରାଣ ହରକତ ହେଉଛନ୍ତି। ମେଣ୍ଟେନାନ୍ସ ଅଭାବରୁ ଯାତ୍ରୀ ବସୁଥିବା ସିଟ ଗୁଡିକର ଅବସ୍ଥା ନ କହିଲେ ଭଲ। ସଡ଼କ ପରିବହନ ନିଗମରେ ସ୍କ୍ୱାର୍ଡ ଟିମ୍ ପାଇଁ ସରକାରୀ ଭାବେ ଭ୍ରାମ୍ୟମାଣ ବୁଲେରୋ ଗାଡିର ବ୍ୟବସ୍ଥା କରାଯାଇଛି ମାତ୍ର ଏହି ଗାଡି ବ୍ୟବହାର ନ କରି ଅନ୍ୟ ଏକ ଗାଡି ବ୍ୟବହାର କରି ପ୍ରତିଦିନ ସରକାରୀ ତହବିଲରୁ ତେଲ ଖର୍ଚ୍ଚ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲ୍ଲା ପରିବହନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ବସ ମେଣ୍ଟେନାନ୍ସ ହେଉ ନଥିବା ଅଭିଯୋଗକୁ ଅସ୍ୱୀକାର କରିଥିଲେ। ରାଜଧାନୀରୁ ଥୁଆମୂଳ ରାମପୁର ଆସୁଥିବା ସରକାରୀ ବସ୍ ଭବାନୀପାଟଣାରେ ହୋଇଥିବା ଅଭିଯୋଗକୁ ଅସ୍ୱୀକାର କରି କହିଥିଲେ ଯେ- ସବୁଦିନ ଭବାନୀପାଟଣାରେ ବସ୍ ରହେ ନାହିଁ। ବେଳେବେଳେ ଗାଡ଼ିର ଅସୁବିଧା ଯୋଗୁଁ ଏଭଳି ସମସ୍ୟା ଉପୁଜିଥିବ ବୋଲି ସେ ପ୍ରକାଶ କରିଥିଲେ।

## ସ୍ନାତକ ଇତିହାସରେ ଦୀପାରାଣୀ ଟପ୍ପର

କୋକସରା, (ଭାସ୍କର ନ୍ୟୁଜ୍ ) : ଯୁକ୍ତ ୩ ଷଷ୍ଠ ସେମିଷ୍ଟର ତଥା ଫାଇନାଲ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ତେବେ ଇତିହାସ ବିଭାଗରେ କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ଲଡୁଗାଁ ପଞ୍ଚାୟତ ଆଏଁଲି ଗ୍ରାମର ସୁଧାଂଶୁ ନାଗ ଓ ଜ୍ୟୋସ୍ନା ନାଗଙ୍କ ଝିଅ ଦୀପାରାଣୀ ନାଗ



୮.୪୫ ପ୍ରତିଶତ ରଖି ମା’ ମାଣିକେଶ୍ୱରୀ ୟୁନିଭରସିଟି, କଳାହାଣ୍ଡି ଟପ୍ପର ହୋଇଛନ୍ତି। ଦୀପାରାଣୀଙ୍କ ଏହି ସଫଳତା ପରେ ତାଙ୍କ ପିତାମାତା ଖୁସିବ୍ୟକ୍ତ କରିଛନ୍ତି। ଏହି ଖବର ପରେ ନିଜ ଗାଁ, କଲେଜ କର୍ତ୍ତୃପକ୍ଷ, କୋକସରା ଅଞ୍ଚଳବାସୀ ସମେତ ବିଭିନ୍ନ ମହଲରୁ ତା’ଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବୋଡ଼େନ ଆଞ୍ଚଳିକ ଯାଦବ ସମିତି ପୁର୍ନଗଠିତ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଇଁଲାଯୋର ମହାଭାରତ ପଡ଼ିଆରେ ରବିବାର ଦିନ ବୋଡ଼େନ ଆଞ୍ଚଳିକ ଯାଦବ ସମିତିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପୂର୍ବତନ ଜିଲ୍ଲା ସଭାପତି ଡମ୍ବରୁ ଧର ଲହଜଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ଲକ ସଭାପତି ଶଙ୍କର ପ୍ରସାଦ ଯୁଆଡ, ଜିଲ୍ଲା ଯୁବ ଉପସଭାପତି ଡାକେଶ୍ୱର ଲହଜଳ,ଏନ୍‌ଏସି ସଭାପତି ଅନିରୁଦ୍ଧ ଲହଜଳ, ବଡ଼ଘୁମେର ଆଞ୍ଚଳିକ ସଭାପତି ନିରାକାର ଗୋପାଳ, ସନ୍ଧି କୂଳେର ଆଞ୍ଚଳିକ ସଭାପତି ନରୋତ୍ତମ ବାଗ, ଖଇରପଦର ଆଞ୍ଚଳିକ ସଭାପତି ଶଶୀଧର ନାଗ, ବେହେରା ଆଞ୍ଚଳିକ ସଭାପତି ଗୌର ବାଗ, ସମ୍ପାଦକ ଭକ୍ତ ଭୋଇ, ପିପଲା ଆଞ୍ଚଳିକ ସଭାପତି କାର୍ତ୍ତିକ ଛତ୍ରିଆ, ବଡ ବସୁଲ ଆଞ୍ଚଳିକ ସମ୍ପାଦକ ଚୌବନ କଟା, ଯୁବ ସଭାପତି ଲବଣି ରାଉତ, ଯାଦବ ପୂଜକ ତୁଳସିରାମ ଯୁଆଡଙ୍କ ଉପସ୍ଥିତରେ ନୂତନ ବୋଡ଼େନ ଆଞ୍ଚଳିକ ଯାଦବ ସମିତି ଗଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ଗୌରାଙ୍ଗ ଭଇସାଲଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବେ ନିମାଇଁ ଗୋପାଳ, ଉପସଭାପତି ବରୁଣ ଭଇସାଲ, ସହସମ୍ପାଦକ ସୌମ୍ୟ ରଞ୍ଜନ ଖଡ଼ିକାର, କୋଷାଧକ୍ଷ ଚକ୍ରଧର ଭଇସାଲଙ୍କୁ ମନୋନୀତ କରାଯାଇଛି। ସେହିଭଳି ଯୁବ ସଭାପତି ଭାବରେ ବଦ୍ରୀନାଥ ଗୋପାଳ, ଯୁବ ସମ୍ପାଦକ ବୃଷବ ହେର୍ଣ୍ଣା, ମହିଳା ସଭାନେତ୍ରୀ ମଞ୍ଜୁଲତା ଭଇସାଲ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଯାଦବ ସମାଜର କୁସଂସ୍କାର ଦୂର କରି ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ରୀତିନୀତିରେ ପରିବର୍ତ୍ତନ ଆଣି ସୁନ୍ଦର ଓ ସ୍ୱଚ୍ଛ ସମାଜ ଗଠନ ପାଇଁ ସମସ୍ତ କର୍ମକର୍ତ୍ତା ପ୍ରତିବଦ୍ଧ ଥିବା ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ଆଞ୍ଚଳିକ ସଭାପତି ଭବାନୀ ଖଡ଼ିକାର, ଗୋପବନ୍ଧୁ ଭଇସାଲ, କେତୁରାମ ଭଇସାଲ, ଏକାଦଶୀ ଗୋପାଳ, କଂସ ଭଇସାଲ ସହଯୋଗ କରିଥିଲେ। ସେଭଳି ବୃଷବ ହେର୍ଣ୍ଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବୋଡ଼େନ, ଅଇଁଲାଯୋର, ଦାବିରିପଦାର, ରଙ୍ଗାବାହଲ ଗ୍ରାମର ଯାଦବ କର୍ମକର୍ତ୍ତା ସହଯୋଗ କରିଥିଲେ।

## ରାଶିଫଳ

ମଙ୍ଗଳବାର, ୨୭ ମଇ ୨୦୨୫



**ମେଷ:** ନୂତନ ବ୍ୟବସାୟ ସଂପ୍ରସାରଣ ଯୋଜନା ଗଠନ ହୋଇପାରେ। ଲାଭ ପ୍ରାପ୍ତ ହେବ ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ। କୌଣସି କାରବାରରୁ ଦୂରେଇ ରୁହନ୍ତୁ। କଠିନ ପରିଶ୍ରମ ଏବଂ ପ୍ରୟାସ ଦ୍ୱାରା ସମସ୍ତ କାର୍ଯ୍ୟରେ ସଫଳତା ପାଇବେ।




**ବୃଷ:** ବ୍ୟବସାୟରେ କଣ୍ଟିଜେଣ୍ଟ୍ ଲାଭ ହେଉଛି। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ସ୍ଥାନାନ୍ତର ସହିତ ଆୟ ମଧ୍ୟ ବୃଦ୍ଧି ପାଇପାରେ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। କିଛି ନୂଆ କରିବାକୁ ଇଚ୍ଛା ମଧ୍ୟ ରହିବ।




**ମିଥୁନ:** ପରିଶ୍ରମ କରିବା ଅପେକ୍ଷା କର୍ମ କ୍ଷେତ୍ରର ଯୋଜନା ଅଧିକ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଅଧିକାରୀମାନଙ୍କର ସହାୟତା ପାଇବେ। ପୁରୁଣା ଋଣରୁ ମୁକ୍ତି ମିଳିପାରେ। ପରିବାର, ବନ୍ଧୁ ଏବଂ ସମ୍ପର୍କୀୟମାନେ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ। ରିଅଲ୍ ଇଷ୍ଟେଟ୍ ପ୍ରସଙ୍ଗରେ ଜଡିତ ନହେବା ଆବଶ୍ୟକ।




**କର୍କଟ:** ଚାକିରି କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଆପଣଙ୍କର ପ୍ରୟାସ କାର୍ଯ୍ୟରେ ସଫଳତା ଆଣିବ, ମାନସିକ ଏବଂ ଶାରୀରିକ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ, ନଚେତ୍ ଆପଣ ଏକ ବିବାଦରେ ପଡ଼ିପାରନ୍ତି।



**ସିଂହ:** ବ୍ୟବସାୟ ଭଲ ହେବ ଏବଂ ଆର୍ଥିକ ଲାଭ ପାଇବ। କଣ୍ଟିଜେନ୍ସି ସୁବିଧା ଏବଂ ଚାକିରି ପଦୋନ୍ନତି ଗଠନ ହେବ । କାର୍ଯ୍ୟ ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ତଥାପି, ସେଠାରେ ଅଧିକ କାର୍ଯ୍ୟ ଭାର ରହିବ, ଯାହା ଥକ୍କାପଣର କାରଣ ହୋଇପାରେ। ଉଭୟ ପରିବାର ଏବଂ କାର୍ଯ୍ୟାଳୟର ପରିବେଶ ସୁଖଦ ହେବ।



**କନ୍ୟା:** କାର୍ଯ୍ୟରେ ସଫଳତା ହେତୁ ମନ ଖୁସି ହେବ ଏବଂ ବାସ୍ତୁ ଭୋଗର ଧାରା ବଢିବ। ରିଅଲ୍ ଇଷ୍ଟେଟ୍ ଏବଂ ପୁଂଜି ବିନିଯୋଗ ପାଇଁ ଏକ ଯୋଜନା ହୋଇପାରେ। ଯେ କୈଣସି ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିନ୍ତି।




**ତୁଳା:** କାର୍ଯ୍ୟ କ୍ଷେତ୍ରରେ ଛୋଟ ସମସ୍ୟା ଆସିପାରେ, କିନ୍ତୁ କଠିନ ପରିଶ୍ରମ କାର୍ଯ୍ୟରେ ସଫଳତା ଆଣିବ। ପରିବାର ଏବଂ ସାଙ୍ଗମାନଙ୍କୁ ମଧ୍ୟ ସମର୍ଥନ କରାଯିବ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ବିପଦ ଗ୍ରହଣ କଲେ କ୍ଷତି ହୋଇପାରେ।



**ବିଛା:** ଆଜି ଏକ ସାଧାରଣ ଦିନ ହେବ। ବ୍ୟବସାୟ ଭଲ କରିବ ଏବଂ ଆର୍ଥିକ ପରିସ୍ଥିତି ଦୃଢ ହେବ। ହଠାତ୍ ଲାଭର ଯୋଗ ମଧ୍ୟ କରାଯାଉଛି। ଚାକିରିରେ ସ୍ଥାନାନ୍ତର କିମ୍ବା ପଦୋନ୍ନତି ହେବାର ସମ୍ଭାବନା ରହିବ। ବିବାହିତ ଜୀବନ ମଧ୍ୟ ସୁଖଦ ହେବ। କ୍ରୋଧକୁ ନିୟନ୍ତ୍ରଣ କର, ଅନ୍ୟମାନେ ଏକ ବିବାଦରେ ପଡ଼ିପାରନ୍ତି। ଆପଣଙ୍କ ସ୍ୱାସ୍ଥ୍ୟ ବିଷୟରେ ମଧ୍ୟ ସାବଧାନ ରୁହନ୍ତୁ।



**ଧନୁ:** ବେକାରମାନଙ୍କ ପାଇଁ ଦିନଟି ଭଲ। ପରିଶ୍ରମ କର। କ୍ୟାରିଅରରେ ଆଗକୁ ବଢିବାର ସୁଯୋଗ ଆସିପାରେ। ଆତ୍ମବିଶ୍ୱାସ ବିପଦପୂର୍ଣ୍ଣ କାର୍ଯ୍ୟରେ ସଫଳତା ଆଣିପାରେ। ଟଙ୍କା ଏବଂ ବ୍ୟବସାୟିକ ବିଷୟଗୁଡ଼ିକର ଯତ୍ନ ନେବାକୁ ପଡ଼ିବ। ସାମାଜିକ କାର୍ଯ୍ୟର ଧାରା ବୃଦ୍ଧି ପାଇବ। ପାରିବାରିକ ସମ୍ପର୍କ ଉନ୍ନତି ହୋଇପାରେ। ଟଙ୍କା ଖର୍ଚ୍ଚ ଅଧିକ ହେବ।



**ମକର:** କାର୍ଯ୍ୟଟି ଭଲରେ ଯିବ ଏବଂ ଲାଭର ରାଶି ମଧ୍ୟ ସେଠାରେ ରହିବ, କିନ୍ତୁ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଅତ୍ୟଧିକ କାର୍ଯ୍ୟ ହେତୁ ଆପଣ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ, ନଚେତ୍ ବିବାଦ ହେବ। ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ପରିବାରର ପରିବେଶ ଭଲ ରହିବ।



**କୁମ୍ଭ:** ବ୍ୟବସାୟରେ ଅର୍ଥନୈତିକ ଲାଭର ରାଶି ଦିଆଯାଉଛି। ପରିବାର ଏହି କ୍ଷେତ୍ରରେ ପୂର୍ଣ୍ଣ ସମର୍ଥନ ପାଇବେ। କର୍ମକ୍ଷେତ୍ରରେ ଚିନ୍ତିତ ହେବେ। ପ୍ରଗତିର ରାସ୍ତା ଖୋଲିବ। ପୁରୁଣା ସାଙ୍ଗମାନେ ମଧ୍ୟ ସମର୍ଥନ କରିବେ। ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଆବଶ୍ୟକ। ବ୍ୟବସାୟକୁ ବିସ୍ତାର କରିବା ପାଇଁ ନୂତନ କାର୍ଯ୍ୟ ଆରମ୍ଭ କରିପାରିବ।



**ମୀନ:** କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଛୋଟ ଅସୁବିଧା ଆସିପାରେ, କିନ୍ତୁ ତୁମର ଉଦ୍ୟମ ସହିତ, କାର୍ଯ୍ୟରେ ସଫଳତା ଆସିବ। କ୍ରୋଧର ନିୟନ୍ତ୍ରଣ ରଖନ୍ତୁ ଏବଂ ମାନସିକ ସ୍ତରରେ ବିଭ୍ରାନ୍ତି ଦୂର କରି ରୁହନ୍ତୁ। ପରିବାରର ପରିବେଶ ଭଲ ରହିବ, କିନ୍ତୁ ବକ୍ତବ୍ୟରେ କାହାକୁ ଆଘାତ କର ନାହିଁ, ଏହାର ଯତ୍ନ ନିଅ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯